ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୨/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 22/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 326 | ମୂଲ୍ୟ₹୭/-




LALCHND
Odisha's Most Trusted Jeweller
ଶୁଭ
ଦୀପାବଳୀ ଅଫର
୨୨ କ୍ୟାରେଟ୍ ହଲ୍‌ମାର୍କ୍ ଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାର ଗଢ଼ା ମଜୁରୀ ଫ୍ଲାଟ୍
₹୧୭୫/ଗ୍ରାମ୍* ₹୫୭୫/ଗ୍ରାମ୍*
₹୮୭୫/ଗ୍ରାମ୍*
ଫ୍ଲାଟ୍ ୨୫% ରିହାତି*
ମାନ୍ୟତାପ୍ରାପ୍ତ ହୀରା ଉପରେ
ଫ୍ଲାଟ୍ ୫୦% ରିହାତି*
ହଲ୍‌ମାର୍କ୍ ଯୁକ୍ତ ରୁପା ଗଢ଼ାମଜୁରୀ ଉପରେ
ମାଗଣା
ସୁନା ଓ ରୂପା ମୁଦ୍ରା*
ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଉପଲବ୍ଧ
ବାଇବ୍ୟାକ୍ ଗ୍ୟାରେଣ୍ଟି ସହ
ସର୍ବନିମ୍ନ ଗଢ଼ା ମଜୁରୀ ନିଶ୍ଚିତ
TOL MOL KE "BOL"
ଓଜନ ଅନୁମାନ କରନ୍ତୁ ଓ ସୁନା ଜିତନ୍ତୁ
5% EXTRA CASHBACK# SBI card
#Min. Trxn.: ₹30,000; Max. Cashback: ₹2,500 per credit card account. Validity: 19 Oct - 24 Oct 2022. T&C Apply.
ଲାଲ୍‌ଚାନ୍ଦ୍ ପୂର୍ବଭାରତର ଅଗ୍ରଣୀ ଜୁଏଲର୍ସ ହେବା ପଛରେ ୫ଟି ପ୍ରମୁଖ କାରଣ - ଅଳଙ୍କାର ଡିଜାଇନ୍‌ର ବିଶାଳ ରେଞ୍ଜ, ବିଶୁଦ୍ଧ ୨୨ କ୍ୟାରେଟ୍ ହଲ୍‌ମାର୍କ୍‌ଯୁକ୍ତ ଅଳଙ୍କାର, ବିଶ୍ୱସ୍ତରୀୟ ଗ୍ରାହକ ସେବା, ବୃହତ ସୋରୁମ୍, ନ୍ୟୁନତମ ଗଢ଼ାମୂଲ୍ୟ
ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଓଡ଼ିଶାର ଏକମାତ୍ର ଅଳଙ୍କାର ପ୍ରତିଷ୍ଠାନ ଭାବେ ଲାଲ୍‌ଚାନ୍ଦ୍ ଜୁଏଲର୍ସଙ୍କୁ ଦେଶ ବିଦେଶରୁ ମିଳିଛି ଶତାଧିକ ପୁରସ୍କାର ଓ ସମ୍ମାନ
Hallmark
YOUR TRUST OUR COMMITMENT
/Lalchnd JewellersPvtLtd
/Lalchnd Jewellers
ଆମର ସମସ୍ତ ସୋରୁମ୍ ଶନିବାର ଓ ରବିବାର ପାଇଁ ସକାଳ ୮ଟାରୁ ଖୋଲାଯିବ
BHUBANESWAR
NANDANKANAN ROAD, RAGHUNATHPUR
CONTACT: 0674-2469149/150/251
BHUBANESWAR
STATION SQUARE, UNIT 3
CONTACT: 0674-2534016/17/18
BERHAMPUR
SIDHI VINAYAK TOWERS, DHARMANAGAR
CONTACT: 0680-2229401/02/04
CUTTACK
CANTONMENT ROAD
CONTACT: 0671-2302505/3505/4505

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୨/୨୦୨୨ Bhubaneswar, Saturday, October 22/2022 | ପୃଷ୍ଠା-୧



## ଗୀତାରେ ମଧ୍ୟ ରହିଛି ଜିହାଦ

ଜିହାଦ ଚିନ୍ତାଧାରା ଭଗବତ ଗୀତା ଏବଂ ଖ୍ରୀଷ୍ଟିଆନ୍ ଧର୍ମରେ ରହିଥିବା ମନ୍ତବ୍ୟ ଦେଇ ବରିଷ୍ଠ କଂଗ୍ରେସ ନେତା ଶିବରାଜ ପାଟିଲ ବିବାଦ ଘେରକୁ ଆସିଛନ୍ତି।

୦୩

୦୫

## ଇମ୍ରାନ୍‌ଙ୍କୁ ୫ ବର୍ଷ ପାର୍ଲାମେଣ୍ଟ ମନା

ପାକିସ୍ତାନ ନିର୍ବାଚନ କମିଶନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ତୋଶାଖାନା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରି ପାର୍ଲାମେଣ୍ଟରୁ ୫ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିଛନ୍ତି।



# ୨୦ କୋଟି ଦେଲେନି, ୧୦୦ କୋଟି ଦେବେ

### ଏଲ୍ ଆଣ୍ଡ୍ ଟି ବକେୟା ମାମଲା

### କ୍ୟାବିନେଟ୍ ମଞ୍ଜୁରୀ ଦେଲା

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଅଧିକାରୀମାନଙ୍କର ବେପରୁଆ ମନୋଭାବ ଏବଂ ତ୍ରୁଟି ଯୋଗୁ ରାଜ୍ୟ ସରକାର ଏଲ୍‌ଆଣ୍ଡଟି କମ୍ପାନୀକୁ ୨୦ କୋଟି ବଦଳରେ ରାଜକୋଷରୁ ୧୦୦.୦୬ କୋଟି ଟଙ୍କା ଗଣିବେ। ଶୁକ୍ରବାର ରାଜ୍ୟ କ୍ୟାବିନେଟ ଏହାକୁ ମଞ୍ଜୁରୀ ଦେଇଛି। ୨୦୦୨ରେ ଏଲ୍‌ଆଣ୍ଡଟିର ୨୦କୋଟି ଟଙ୍କା ବକେୟା ରାଶିକୁ ନ ଦେଇ ପକାଇ ରଖିବା ଓ ଏହି ମାମଲାକୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଲଢ଼ି ହାରିବା ପରେ ସରକାରଙ୍କ ଚେତା ପଶି ନ ଥିଲା। ଗତ ଜୁଲାଇରେ କର୍ମସିଆଲ କୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଏଲ୍‌ଆଣ୍ଡଟି ନିଜ ଦଖଲକୁ ନେଇଥିଲା। ଆଉ ସେହି ଭୁଲ ପାଇଁ ରାଜ୍ୟବାସୀଙ୍କ କଷ୍ଟଲବ୍ଧ ଟିକସ ଅର୍ଥରୁ ୧୦୦କୋଟି ଟଙ୍କାର ତଣ୍ଡ ଏକ ଘରୋଇ କମ୍ପାନୀକୁ ଦେବାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ୨୦ବର୍ଷ ମଧ୍ୟରେ ଉକ୍ତ ମାମଲାରେ ତ୍ରୁଟି କାହାର ଥିଲା, ତା'ର ଖୋଳତାଡ଼ ହେଲାନି କିମ୍ବା କାହାରିକୁ ସରକାରୀ ଭାବେ ଦାୟୀ କରାଯାଇ ନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ସହାୟତାରେ ଏଲ୍‌ଆଣ୍ଡଟି କମ୍ପାନୀ ୧୯୯୭ ମସିହାରେ ୧୬୩ କିମି ବିଶିଷ୍ଟ ସମ୍ବଲପୁର-ରାଉରକେଲା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରିଥିଲା। ତେବେ ରାଜ୍ୟ ସରକାର ଚୁକ୍ତିନାମା ଖିଲାପ କରି ୨୦କୋଟି ଟଙ୍କା ବିଲ୍ ନ ଦେବାରୁ ଏଲ୍‌ଆଣ୍ଡଟି କମ୍ପାନୀ ସେତେବେଳେ ଆର୍ବିଟ୍ରେଶନ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୦୨ ଜାନୁୟାରୀ ୧୭ରେ ଟ୍ରିବ୍ୟୁନାଲ ନିର୍ଦ୍ଦେଶନାମା ଜାରି କରି କମ୍ପାନୀକୁ ତା'ର ବକେୟାକୁ ୧୮% ସୁଧ ସହ ଦେବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ବିଫଳ ହୋଇଥିଲେ। ବକେୟା ଅର୍ଥ ନ ଦେବାରୁ ସିଭିଲ କୋର୍ଟ(କର୍ମସିଆଲ)ଙ୍କ ନିର୍ଦ୍ଦେଶରେ ଏଲ୍‌ଆଣ୍ଡଟି କମ୍ପାନୀ ୨୦୨୨ ଜୁଲାଇରେ ☞ପୃଷ୍ଠା-୬

# ଓଡ଼ିଆଙ୍କ ଦାନ୍ତ ନାହିଁ

**ଓଡ଼ିଶାର ଜିଲାସ୍ତରୀୟ ସରକାରୀ ଡାକ୍ତରଖାନାକୁ ଛାଡ଼ିଦେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)ରେ ଅଛନ୍ତି ମାତ୍ର ୧୨ଜଣ ଦନ୍ତ ଚିକିତ୍ସକ। ବର୍ତ୍ତମାନ ସ୍ଥିତିରେ ମୁଖଗହ୍ୱର କର୍କଟ ରୋଗଠାରୁ ଆରମ୍ଭ କରି ଦନ୍ତଜନିତ ବ୍ୟାଧି ଦିନକୁ ଦିନ ବଢ଼ିବାରେ ଲାଗିଛି। ତମାଖୁ ସେବନ ମୁଖଗହ୍ୱର କର୍କଟ ରୋଗର ପ୍ରମୁଖ କାରଣ ପାଲଟିଛି। କିନ୍ତୁ ଦାନ୍ତ ଡାକ୍ତରଙ୍କ ଅଭାବ ଯୋଗୁ ପ୍ରାଥମିକ ଅବସ୍ଥାରେ ଲୋକେ ଆବଶ୍ୟକ ସେବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ସ୍ତରରେ ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ନେଇ ଯେଉଁଭଳି ଅବହେଳା ପ୍ରଦର୍ଶନ କରାଯାଉଛି, ମନେହେଉଛି ସତେ ଯେମିତି ଓଡ଼ିଆଙ୍କ ଦାନ୍ତ ନାହିଁ।**




ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅଗ୍ରଗତି କରୁଥିବା କୁହାଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିନ୍ତୁ ପଛୁଆ ରହିଯାଇଥିବା ଦେଖାଯାଇଛି। ଏଠାରେ ଦନ୍ତ ଚିକିତ୍ସା ସ୍ଥିତିକୁ ଦେଖିଲେ ବାସ୍ତବତା ବାରିହୋଇପଡୁଛି। ରାଜ୍ୟରେ ବଢ଼ିଚାଲିଛି ଦାନ୍ତ ରୋଗୀଙ୍କ ସଂଖ୍ୟା। ହେଲେ ରୋଗୀଙ୍କ ତୁଳନାରେ ନାହାନ୍ତି ପର୍ଯ୍ୟାପ୍ତ ଡାକ୍ତର। ଦାନ୍ତ, ମାଢ଼ି, ପାଟିଜନିତ ସମସ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଏହାର ନିରାକରଣ ପାଇଁ ଗୁରୁତ୍ୱ ଦିଆଯାଉନାହିଁ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି, ବୟସ୍କ, ମହିଳାଙ୍କ ଦାନ୍ତ ଅବସ୍ଥା ଗମ୍ଭୀର ସ୍ଥିତିକୁ ଗଲାଣି। ଏହା ଭିତରେ ଦାନ୍ତ ନଷ୍ଟ, ମାଢ଼ି ପଚିବା, କମ୍ ବୟସରେ ଦାନ୍ତ ହରାଇବା, ଛୋଟ ପିଲାଙ୍କ ମଧ୍ୟରେ ଅଧିକ ମାତ୍ରାରେ ପୋକଖିଆ ଦାନ୍ତ ଭଳି ରୋଗର ମାତ୍ରା ଅଧିକ ରହୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ତଥ୍ୟାନୁସାରେ, ପ୍ରତି ୭,୫୦୦ ଲୋକଙ୍କ ପାଇଁ ଜଣେ ଦାନ୍ତ ଡାକ୍ତର ରହିବା କଥା। ହେଲେ ଓଡ଼ିଶାରେ ୧,୧୬,୦୦୦ଜଣଙ୍କ ଲାଗି ଜଣେ ଦାନ୍ତ ଡାକ୍ତର ଅଛନ୍ତି। ଏ ପର୍ଯ୍ୟନ୍ତ ରାଜ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ଦନ୍ତ ଚିକିତ୍ସକ ସରକାରୀ ପଞ୍ଜୀକୃତ ହୋଇସାରିଥିଲେ ମଧ୍ୟ ତାହାର ଦଶମାଂଶ ବି ସ୍ଥାୟୀ ନିଯୁକ୍ତି ପାଇନାହାନ୍ତି। ଓଡ଼ିଶାରେ ପାଖାପାଖି ୩୬ଶହ ଦାନ୍ତ ଡାକ୍ତର ଥିବା ବେଳେ ଏମାନଙ୍କ ମଧ୍ୟରୁ ବାହାରୁ ପ୍ରାୟ ୪୦୦ଜଣ ଆସି ପ୍ରାକ୍ଟିସ କରୁଛନ୍ତି। ସେପଟେ ପ୍ରତିବର୍ଷ ରାଜ୍ୟର ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ୩୫୦ ଡେଣ୍ଟିଷ୍ଟ ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ କୌଣସି ନିଯୁକ୍ତି ନାହିଁ। ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହେଲାଣି। ଗତବର୍ଷ ନଭେମ୍ବର ୧୫ରେ ରାଜ୍ୟରେ ୧୪୬ ଡେଣ୍ଟାଲ ସର୍ଜନଙ୍କୁ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ନିଯୁକ୍ତି ସମ୍ପର୍କିତ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ସରକାରଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଉ ନ ଥିବାରୁ ଅନେକ ଯୋଗ୍ୟ ଦାନ୍ତ ଡାକ୍ତର ଚିକିତ୍ସା କରିବାକୁ ଚାହୁଁଥିଲେ ମଧ୍ୟ ସେବା ଯୋଗାଇ ପାରୁନାହାନ୍ତି। ଗ୍ରାମାଞ୍ଚଳରେ ୯୦% ଦନ୍ତ ଓ ମୁଖଗହ୍ୱର ରୋଗୀ ରହିଛନ୍ତି। ହେଲେ ତା' ତୁଳନାରେ ପ୍ରାଥମିକ ଚିକିତ୍ସା ପାଇଁ ମାତ୍ର ୧୦% ଡାକ୍ତର ରହିଛନ୍ତି। ରାଜ୍ୟରେ ୧,୩୭୫ ପିଏଚ୍‌ସି ରହିଥିବା ବେଳେ ଏଠାରେ ମାତ୍ର ୧୨ଜଣ ଦାନ୍ତ ଡାକ୍ତର ରହିଛନ୍ତି, ଯାହାକି ନ ଥିବା ସହ ସମାନ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୁଖଗହ୍ୱର କର୍କଟରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ଷଷ୍ଠ ସ୍ଥାନରେ ରହିଛି। ଓଡ଼ିଶା ଡେଣ୍ଟାଲ ସର୍ଜନସ ଆଣ୍ଡ ଷ୍ଟୁଡେଣ୍ଟ ଆକ୍ସନ କମିଟିର ସୂଚନାନୁସାରେ, ଓଡ଼ିଶାରେ ତମାଖୁ ସେବନକାରୀଙ୍କ ହାର ୪୨.୯% ଥିବାବେଳେ ଗ୍ରାମାଞ୍ଚଳରେ ଏହା ୪୯% ରହିଛି। ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ୫୦% ମହିଳା ଏବଂ ୪୯.୭% ପୁରୁଷ ଥାର୍ଡ ଷ୍ଟେଜ୍ ବା ତୃତୀୟସ୍ତରରେ ଡାକ୍ତରଙ୍କ ପରାମର୍ଶ ଲୋଡୁଛନ୍ତି। ସେତେବେଳକୁ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇଯାଇଥାଏ। କିଏ ମୃତ୍ୟୁମୁଖକୁ ଚାଲିଯାନ୍ତି ତ' ଆଉ କାହାର ମାଢ଼ି ଓ ଜିଭର ଅସ୍ତ୍ରୋପଚାର ଆବଶ୍ୟକ ପଡ଼େ। ଫଳରେ ରୋଗୀଟି ସାରା ଜୀବନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଏ। ତେଣୁ ପ୍ରାଥମିକ ସ୍ତରରେ ଦାନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଠିକ୍ ☞ପୃଷ୍ଠା-୬

### ଆଜିର ସମ୍ପାଦକୀୟ

ତଥାପି ବିଫଳ

### ଆଜିର ମନ୍ତବ୍ୟ

"ଆତଙ୍କବାଦ ହେଉଛି ମାନବାଧିକାରର ସବୁଠୁ ବଡ଼ ଉଲ୍ଲଂଘନ। ଅନ୍‌ଲାଇନ ମୌଳବାଦ ଜରିଆରେ ଆତଙ୍କବାଦୀ ଚିନ୍ତାଧାରାର ସୀମାପାର ପ୍ରଚାରକୁ ରାଜନୈତିକ ସମସ୍ୟା ବିବେଚନା କରାଯାଇପାରିବ ନାହିଁ।

-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ







# ୧୨୫ ନୂଆ ଓଏଏସ୍ ପଦବୀ

### ୬ ପ୍ରସ୍ତାବକୁ କ୍ୟାବିନେଟ ମୋହର

- ପ୍ରତି ଜିଲା ପାଇଁ ୨ ଡେପୁଟି କଲେକ୍ଟର
- ପାଣି ପଞ୍ଚାୟତରେ ସାମିଲ ହେବେ ମହିଳା
- ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ପାଇଁ କେବଳ ଲିଖିତ ପରୀକ୍ଷା

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଗ୍ରୁପ୍-ଏ ଜୁନିୟର ବ୍ରାଞ୍ଚରେ ୧୨୫ ନୂତନ ପଦବୀକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ କ୍ୟାଡର ସଂଖ୍ୟା ୧୧୮୮ରୁ ୧୩୧୩କୁ ବୃଦ୍ଧି ହୋଇଛି। ପ୍ରତ୍ୟେକ ଜିଲା ପାଇଁ ୨ଟି ଲେଖାଏ ଡେପୁଟି କଲେକ୍ଟର ପଦବୀ ସୃଷ୍ଟି କରାଯାଇଥିବାବେଳେ କଟକ ରାଜସ୍ୱ ପର୍ଷଦ ପାଇଁ ୪ ଅନୁସଚିବ, ପ୍ରତ୍ୟେକ ଉପଜିଲାପାଳ କାର୍ଯ୍ୟାଳୟରେ ଗୋଟିଏ ଲେଖାଏ ଡେପୁଟି କଲେକ୍ଟର ହିସାବରେ ୫୮ ଏବଂ ଭୁବନେଶ୍ୱର, ପାରାଦୀପ ଏବଂ ରାଉରକେଲା ପାଇଁ ଡେପୁଟି କଲେକ୍ଟର, ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ପାଇଁ ୩ଟି ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୬ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ପାଣିପଞ୍ଚାୟତଗୁଡ଼ିକରେ ମହିଳାମାନଙ୍କୁ ସାମିଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ପାଣି ପଞ୍ଚାୟତ ଅଧିନିୟମ-୨୦୦୨ର ସଂଶୋଧନ କରାଯାଇଛି। ଏହି ସଂଶୋଧନ ପରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ପାଣିପଞ୍ଚାୟତରେ ମିଶାଇ ଦିଆଯାଇଛି। ଏହାର ହିତାଧିକାରୀଙ୍କ ସ୍ତ୍ରୀ ମଧ୍ୟ ପାଣିପଞ୍ଚାୟତରେ ସାମିଲ ହେବେ। ଚକ କମିଟି ଓ ପାଣି ପଞ୍ଚାୟତର ଅବଧି ୩ ବର୍ଷରୁ ୫ବର୍ଷକୁ ବୃଦ୍ଧି କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଓଡ଼ିଶା ପ୍ରାଣୀ ଚିକିତ୍ସା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ସଂଶୋଧିତ ନିୟମାବଳୀ-୨୦୨୨କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସଂଶୋଧିତ ନିୟମାବଳୀ ଅନୁଯାୟୀ ପ୍ରାଣୀ ଚିକିତ୍ସକମାନଙ୍କର ନିଯୁକ୍ତି, ମେଡିକାଲ ଅଫିସର, ହୋମିଓପ୍ୟାଥିକ ମେଡିକାଲ ଅଫିସର ଏବଂ ଆୟୁର୍ବେଦିକ ମେଡିକାଲ ଅଫିସରଙ୍କ ନିଯୁକ୍ତି ପ୍ରକ୍ରିୟା ଭଳି ଏଣିକି ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ନିଯୁକ୍ତି ପାଇଁ ସାକ୍ଷାତ୍‌କାର ହଟାଇ ଓପିଏସ୍‌ସି ମାଧ୍ୟମରେ କେବଳ ଲିଖିତ ପରୀକ୍ଷା କରାଯିବ।

ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ବିଚାର ବିଭାଗୀୟ ଅଫିସରଙ୍କୁ ବେତନ କମିଶନଙ୍କ ସୁପାରିସ ଅନୁସାରେ ଦରମା ମିଳିବ। ଏଥିଲାଗି ରାଜ୍ୟ ସରକାର ପ୍ରତିବର୍ଷ ୯୩କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବେ।




# ନିଜେ ଧରା ଦେଲା ଚୋର

### ମାଡ଼ ଭୟରେ ପୋଲିସ ସହାୟତା ନେଲେ

ଢାକା,୨୧।୧୦

ପୋଲିସର କର୍ତ୍ତବ୍ୟ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା। କୌଣସି ଝମେଲା କିମ୍ବା ଗଣ୍ଡଗୋଳରେ ଫସିଥିବା ବ୍ୟକ୍ତି ପ୍ରଥମେ ପୋଲିସର ସହାୟତା ହିଁ ଲୋଡ଼ିଥାନ୍ତି। ଏ ପ୍ରକାର ବ୍ୟବସ୍ଥାର ଫାଇଦା ଉଠାଇବା ଜଣେ ଚୋରଙ୍କ ପ୍ରତି ମହଙ୍ଗା ପଡ଼ିଛି। ଚୋର ଜଣଙ୍କ ଚତୁରତାକୁ ନେଇ ବାଂଲାଦେଶ ଢାକାସ୍ଥିତ ବାରିସାଲରୁ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ୟାସିନ୍ ଖାନ୍ ନାମକ ଜଣେ ବ୍ୟକ୍ତି ବୁଧବାର ଭୋରବେଳା ବାରିସାଲ ବଜାରରେ ଥିବା ଗୋଟିଏ ସଉଦା ଦୋକାନ ସଟର ଭାଙ୍ଗି ଚୋରି କରିଥିଲେ।



ଦୋକାନରୁ ଦାମୀ ସଉଦା ଆଇଟମ୍ ସବୁ ଚୋରି କରୁ କରୁ ସକାଳ ହୋଇଯାଇଥିବା ୪୦ ବର୍ଷୀୟ ୟାସିନ୍ ଜାଣିବାକୁ ପାଇଥିଲେ।

ଦୋକାନ ଭିତରୁ ଛପି ବାହାରକୁ ଦେଖିଲାବେଳକୁ ବଜାରରେ ଧୀରେ ଧୀରେ ଭିଡ଼ ଜମିବା ଆରମ୍ଭ ହେଉଥିଲା। ବ୍ୟାଗ୍ ଭର୍ତ୍ତି ସାମଗ୍ରୀ ଧରି ଦୋକାନରୁ ବାହାରିବା ମାତ୍ରେ ଲୋକେ ତାଙ୍କୁ ଘେରିଯିବେ ଓ ମାଡ଼ ବର୍ଷଣ କରିବେ ବୋଲି ଆଶଙ୍କା କରି ଉପସ୍ଥିତ ବୁଦ୍ଧି ଖଟାଇଥିଲେ। ୟାସିନ ତୁରନ୍ତ ପୋଲିସ ହେଲ୍ପଲାଇନ୍ ନମ୍ବରକୁ ଫୋନ୍ କରି ଘଟଣା ସମ୍ପର୍କରେ କହିଲେ। ସୂଚନା ପାଇବା ମାତ୍ରେ ପୋଲିସ ଟିମ୍ ଉକ୍ତ ଦୋକାନରେ ପହଞ୍ଚି ୟାସିନ୍‌ଙ୍କୁ ନିଜ କଷ୍ଟଡିକୁ ନେଇଥିବା ସ୍ଥାନୀୟ ଥାନାଧିକାରୀ ଅସଦ ଜମାନ କହିଛନ୍ତି। ତେବେ ନିଜ ଚାକିରିକାଳ ଭିତରେ ଏଭଳି ଅଜବ ଘଟଣା ସମ୍ପର୍କରେ ସେ ଶୁଣି ନଥିବା କିମ୍ବା ଏଭଳି କେବେ ଘଟି ନ ଥିବା ସେ କହିଛନ୍ତି। ଗୋଟିଏ ବଡ଼ ବ୍ୟାଗ୍‌ରେ ବହୁ ଦାମୀ ସାମଗ୍ରୀ ୟାସିନ୍ ଭର୍ତ୍ତି କରିଥିବାବେଳେ ତାକୁ ନେବାରେ ଅସମର୍ଥ ହୋଇଥିବା ସଉଦା ଦୋକାନ ମାଲିକ ଝୋଣ୍ଟୁ ମିଆ କହିଛନ୍ତି। ୟାସିନ୍ ପୋଲିସ ଆଗରେ ସବୁ ସତ କଥା ମାନିଯିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ବାରିସାଲ ମାର୍କେଟ୍‌ରେ ଥିବା ଆଉ କିଛି ଦୋକାନରୁ ଚୋରି କରିବା ଉଦ୍ଦେଶ୍ୟ ୟାସିନଙ୍କର ଥିଲା ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।


GUPTA DISTRIBUTORS
GD Symbol of Trust
Since 1972
Dhanteras & Diwali
CELEBRATION OFFER
Wish to All Customers
A Happy Diwali
UPTO 50% OFF
ELECTRONICS | MOBILE | LAPTOP | HOME APPLIANCES | FURNITURE
QUALITY PRODUCT
BEST PRICE
Win Gold Coin
# On selected products/brand.
& Get Silver Coin
## On purchase of product worth 25000 and above
0% EASY SPOT FINANCE
Assured Free Gifts* with every purchase
COMPANY OFFERS
CASH BACK UPTO 25%*
Win UPTO ₹1 LAKH DAILY
On Godrej Products
GET UPTO 3 years EXTENDED WARRANTY on all products*
MEGA EXCHANGE OFFER
Save Upto ₹10000*
Kelvinator
FREE
worth ₹1,999*
MRP-85490/-
SPL PRICE : ₹ 57990*
10% BANK CASHBACK*
QLED TV SAMSUNG 55"
MRP-1,21,900/-
SPL PRICE : ₹ 86990*
QLED TV 55"
MRP-69999/-
SPL PRICE : ₹ 54990*
QLED TV Haier 55"
FREE
MRP-115990/-
SPL PRICE : ₹ 59990*
Sound Bar worth 9990
OLED TV LG 55"
LG OLED
MRP-1,39,990/-
SPL PRICE : ₹ 99990*
2 Years Warranty BPL 32"
SPL PRICE : ₹ 9990*
CASH BACK* ₹ 1000
LED TV
PRICE STARTS ₹ 7990*
PRICE Starts from : ₹ 37990*
PRICE Starts from : ₹ 20990*
PRICE Starts from : ₹ 14990*
PRICE Starts from : ₹ 8990*
PRICE Starts from : ₹ 12990*
PRICE Starts from : ₹ 29990*
Upto 10% BANK CASHBACK*
1 EMI FREE
BOSCH
up to 15% CASHBACK* on selected model
1.5T 3* PRICE Starts from : ₹ 29990*
1.5T 5* PRICE Starts from : ₹ 35990*
Model | Price Starts from
Solo | ₹ 6990*
Grill | ₹ 9490*
Conv. | ₹ 10990*
PRICE Starts from : ₹ 12990*
PRICE Starts from : ₹ 3990*
PRICE Starts from : ₹ 5990*
Upto 10% BANK CASHBACK*
INDIAN PRODUCT FOR EVERY INDIAN
UPTO 40% OFF
+ 10% DISCOUNT
ON EXCHANGE OF OLD FURNITURE
FOR FURNITURE ENQUIRY :
Call / Whatsapp : 7008989330
Furniture Available at :
Patrapada-Bhubaneswar
CDA-Cuttack | Puri
Jagatsinghpur | Paradeep
Nayagarh | Kalapathar
Balugaon | Jajpur Town
Chandikhole | Athagarh
WIDECARE SECURE YOUR PRODUCT WITH EXTENDED WARRANTY
BAJAJ FINSERV
ADDITIONAL CASH BACK UPTO ₹10500
FOR BAJAJ EMI CARD HOLDERS
HDB FINANCIAL SERVICES
CASHBACK UPTO ₹10000
IDFC FIRST Bank
GIFT VOUCHERS UPTO ₹2,00,000
HDFC BANK
CASHBACK UPTO 22.5%
UP TO 7.5% EXTRA CASHBACK*
SBI card
*Min. Trxn.: ₹15,000; Max. Cashback: ₹2,500 per credit card account.
Validity: 28 Sept - 03 Nov 2022. T&C Apply.
Odisha's Most Trusted Electronics, Home Appliances ,Digital Products & Home Furniture Dealer Since 1972
GUPTA DISTRIBUTORS
No.1 Retail Chain Stores
BHUBANESWAR- PATRAPADA : Near ICICI Bank, Patrapada Bus Stop, Mob. : 7008989313 , BARAMUNDA : Main Road, Front of Kali Mandir, Mob: 7008989309, PATIA : KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road) : Mob: 7008989301, SAHEED NAGAR : Beside PNB Bank, Mob-8144920830, SAMANTARAPUR : Near Sanjeevani Medicare Hospital, Mob : 9692316302, CUTTACK-DOLMUNDAI : Mob: 2424932/7008989303, BUXI BAZAR : Mob : 7008989304, CDA : Near Judicial Academy (Utkal Hyundai), Mob: 7008989312, PURI : Medical Chhack, Grand Road, Mob: 7008989310, JATNI : Near Axis Bank, Mob: 2492932/7008989305, NIMAPADA : Near Dolabedi Chhaka, Mob:7008989307, BALUGAON : Main Road, Near Digantika Hotel, Mob:7008989308, KHORDHA : Main Road, Palla Chhaka, Mob: 7008989311, NAYAGARH : Khandapada Road, Mob:7008989306, BHADRAK : Main Road, Chappulia, Mob: 7008989314, JAGATSINGHPUR : Gandhi Chhak,Main Bus Stand, Mob: 7008989317, JAJPUR TOWN : N C College Road, Boula Mula Chhack, Mob: 8144920820, KALAPATHAR : Near Dhabaleswar Temple, Mob: 7008989315, PARADEEP : Dochaaki, Udaybata, Mob: 7008989316, BARIPADA : Near Roxy Cinema Hall, Mob: 7008989347, ANGUL : NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE : Jena Premium, National Highway, Near Railway Overbridge, Mob : 9692316301, ATHAGARH : Birakishorpur, Near (Chandabali Chhak), Mob :9692316303, GUPTA WHOLESALE OUTLET - HANSPAL : Puri Canal Road, Near Hanuman Mandir, Mob: 7735455009.
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply

# ଗୀତାରେ ମଧ୍ୟ ରହିଛି ଜିହାଦ

■ ଶିବରାଜ ପାଟିଲଙ୍କ ମନ୍ତବ୍ୟକୁ ନେଇ ବିବାଦ
■ ନିଜକୁ ଦୂରେଇ ରଖିଲା କଂଗ୍ରେସ

ନୂଆଦିଲ୍ଲୀ,୨୧।୧୦


ଶିବରାଜ ପାଟିଲ

ଜିହାଦ ଚିନ୍ତାଧାରା କେବଳ ଇସ୍‌ଲାମ ଧର୍ମରେ ନାହିଁ, ଭଗବତ ଗୀତା ଏବଂ ଖ୍ରୀଷ୍ଟିଆନ୍ ଧର୍ମରେ ମଧ୍ୟ ଏହା ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଛନ୍ତି। ତାଙ୍କ ମନ୍ତବ୍ୟକୁ ନେଇ ଭାଜପା କଂଗ୍ରେସକୁ ସମାଲୋଚନା କରିଛି। କଂଗ୍ରେସ ଭୋଟ ବ୍ୟାଙ୍କ ରାଜନୀତି କରୁଥିବା ଭାଜପା କହିଛି। ଅନ୍ୟ ପକ୍ଷରେ ପାଟିଲଙ୍କ ମନ୍ତବ୍ୟରୁ କଂଗ୍ରେସ ନିଜକୁ ଦୂରେଇ ରଖିଛି।

ଗୁରୁବାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୋହସିନା କିଦ୍‌ୱାଇଙ୍କ ଆତ୍ମଜୀବନୀ ଉନ୍ମୋଚନ ଅବସରରେ ଉଦ୍‌ବୋଧନ ଦେଇ ପାଟିଲ କହିଥିଲେ, ଇସ୍‌ଲାମ ଧର୍ମରେ ଜିହାଦକୁ ନେଇ ବହୁ ବିତର୍କ ହେଉଛି। ଏଭଳି ଚିନ୍ତାଧାରା ଭଲ ଉଦ୍ଦେଶ୍ୟରେ ଓ ଭଲ କାର୍ଯ୍ୟ ପାଇଁ ରହିଥିବାବେଳେ ଏହାକୁ ଲୋକେ ଠିକ୍ ଭାବରେ ବୁଝିପାରୁ ନ ଥିବାରୁ ବଳପ୍ରୟୋଗ ବୋଲି କହୁଛନ୍ତି। କେବଳ କୋରାନରେ ଜିହାଦ ନାହିଁ, ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜିହାଦ ପାଇଁ କହିଛନ୍ତି। ଖ୍ରୀଷ୍ଟିଆନରେ ମଧ୍ୟ ଜିହାଦ ରହିଥିବା ପାଟିଲ ଦାବି କରିଛନ୍ତି। ବହୁ ବୁଝାଇବା ପରେ ମଧ୍ୟ ଯଦି ଲୋକେ ନ ବୁଝି ଅସ୍ତ୍ର ନେଇ ଆସନ୍ତି, ତେବେ ତୁମେ ପଳାଇଯାଇପାରିବ ନାହିଁ। ଏହାକୁ ଜିହାଦ କିମ୍ବା ଭୁଲ୍ କୁହାଯାଇପାରିବ ନାହିଁ ବୋଲି ୮୭ ବର୍ଷୀୟ କଂଗ୍ରେସ ନେତା କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ କଂଗ୍ରେସର ବିକୃତ ଓ ଘୃଣିତ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ଭାଜପା ଏମ୍‌ପି ସୁଧାଂଶୁ ତ୍ରିବେଦୀ କହିଛନ୍ତି। ସେମାନଙ୍କ ମନ ଭୋଟବ୍ୟାଙ୍କ ଅଳିଆ ଭରି ରହିଥିବା ଭାଜପା ନେତା କହିଛନ୍ତି। ପାଟିଲଙ୍କ ମନ୍ତବ୍ୟ ଉପରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ସୋନିଆ ଗାନ୍ଧୀ ସ୍ପଷ୍ଟୀକରଣ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

## ଅନିଲ ଦେଶମୁଖଙ୍କ ଜାମିନ ଆବେଦନ ଖାରଜ

**ମୁମ୍ବାଇ,୨୧।୧୦:** ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଓ ତାଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ପାଲାଣ୍ଡେଙ୍କ ଜାମିନ ଆବେଦନକୁ ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଖାରଜ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାରେ ଦେଶମୁଖଙ୍କୁ ୨୦୨୧ ନଭେମ୍ବର ୨ରେ ଗିରଫ କରିବା ପରେ ସେ ଜେଲରେ ରହିଥିଲେ। ଜାମିନରେ ବାହାରିବା ପରେ ସିବିଆଇ ତାଙ୍କୁ ଚଳିତ ବର୍ଷ ଏପ୍ରିଲ ୬ରେ ଗିରଫ କରିଥିଲା। ୭୩ ବର୍ଷୀୟ ଦେଶମୁଖ ଗୃହମନ୍ତ୍ରୀ ଥିବାବେଳେ ପ୍ରତି ମାସରେ ମୁମ୍ବାଇର ବାର୍ ମାଲିକମାନଙ୍କଠାରୁ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରିବାକୁ ତତ୍କାଳୀନ ପୋଲିସ ଅଫିସର ସଚିନ ୱାଜେଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ହୋଇଥିଲା।

## ଧାମନଗର ନିର୍ବାଚନମଣ୍ଡଳୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆ ନ ଯାଉ: ଭାଜପା


ଭାଜପା ପକ୍ଷରୁ ଶୁକ୍ରବାର ଭଦ୍ରକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଧାମନଗର,୨୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଓ ତିହିଡ଼ି ବ୍ଲକରେ କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା କାର୍ଯ୍ୟରୁ ବିରତ ରଖିବା ପାଇଁ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବି କରିଛି। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି ଯେ, ଉପନିର୍ବାଚନ ପାଇଁ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଅଞ୍ଚଳରେ ନିଯୁକ୍ତ କୌଣସି ଅଧିକାରୀଙ୍କୁ ପୋଲିଂ ଅଫିସର କିମ୍ବା ସେକ୍ଟର ଅଫିସର କାର୍ଯ୍ୟରେ ନିଯୁକ୍ତି ଦିଆ ନ ଯାଉ। ପୋଷ୍ଟାଲ ବାଲଟ ଗ୍ରହଣ ସମୟରେ ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ ପୂର୍ବକ କାର୍ଯ୍ୟ ପାଇଁ ଦଳ ଦାବି କରି ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ମତଦାନ କ୍ଷେତ୍ରରେ ବାହାର ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତି ଦିଆଯାଉ। ନିର୍ବାଚନ ପରିଚାଳନା କ୍ଷେତ୍ରରେ ପକ୍ଷପାତିତା ଆଶଙ୍କା ଥିବା ତଥା ସରକାରୀ ଦଳ ଚାପ ଦୃଷ୍ଟିରୁ ପୋଲିଂ ଏବଂ ସେକ୍ଟର ଅଫିସରଙ୍କ ନିଯୁକ୍ତି ବ୍ଲକ ବାହାର ଅଞ୍ଚଳରୁ କରାଯିବାକୁ ଭାଜପା ଦାବି କରିଛି। ଭାଜପା ଉପସଭାନେତ୍ରୀ ଅନିତା ପ୍ରିୟଦର୍ଶିନୀ, ରାଜ୍ୟ ମୁଖପାତ୍ର ସତ୍ୟନାରାୟଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଅନିଲ ବିଶ୍ୱାଳ, ମନୋଜ ମହାପାତ୍ର, ମିଡିଆ ସେଲ୍‌ର ସୁଜିତ ଦାସ, ରଶ୍ମିରଞ୍ଜନ କାନୁନଗୋ, ବୈକୁଣ୍ଠ ନାଥ ସାହୁ, ମହିଳା ମୋର୍ଚ୍ଚାର କସ୍ତୁରୀ ମିଶ୍ର, ସୁଚରିତା ଜେନାମଣି ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ହାତ ଧରି ଏକାଠି ଚାଲିଲେ ମନ୍ତ୍ରୀ, ବିରୋଧୀ ଦଳ ନେତା

**ସରକାରୀ କାର୍ଯ୍ୟକ୍ରମରେ ପରିଆରା ଲଢ଼େଇ**

ସମ୍ବଲପୁର,୨୧।୧୦(ବ୍ୟୁରୋ)


ସମ୍ବଲପୁର ଫ୍ଲାଏଓଭର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଓ ବିରୋଧୀ ଦଳ ନେତା।

ସମ୍ବଲପୁର ସହରର ବହୁଚର୍ଚ୍ଚିତ ଫ୍ଲାଏଓଭର ବ୍ରିଜ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ହେଲେ ତିନିଦିନ ପୂର୍ବରୁ ଉଦ୍‌ଘାଟନ ଖବର ପ୍ରକାଶ ପରେ ସହରରେ ଅସନ୍ତୋଷ ଲାଗିରହିଥିଲା। ଶେଷରେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ପ୍ରଶାସନ ମନାଇବାରେ ସଫଳ ହୋଇଥିଲା। ତେବେ ଉଦ୍‌ଘାଟନୀ ସମାରୋହରେ ଭାଜପା ଓ ବିଜେଡି ପରିଆରା ଜାହିର ପାଇଁ ଲଢ଼େଇ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କ ସହ ବିଜେଡି ଜିଲା ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାଶ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ଯୁବ କର୍ମୀ ପହଞ୍ଚିଥିଲେ। ସେହିପରି ବିରୋଧୀ ଦଳ ନେତା ମିଶ୍ରଙ୍କ ସମେତ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସମେତ ଭାଜପାର ମହିଳା ଓ ଯୁବ କର୍ମକର୍ତ୍ତା ପହଞ୍ଚି ଯାଇଥିଲେ। ବିରୋଧୀ ଦଳ ନେତା ମିଶ୍ର ଫିତା କାଟି ଉଦ୍‌ଘାଟନ କରିବା ପରେ ସେ ଓ ମନ୍ତ୍ରୀ ମଲ୍ଲିକ ଦୁହେଁ ହାତ ଧରାଧରି ହୋଇ ଫ୍ଲାଏଓଭର ବ୍ରିଜ ଉପରେ ଚାଲିଥିଲେ। ଏହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି।





Azadi Ka Amrit Mahotsav
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)**
**କାର୍ଡଧାରକ ମାନଙ୍କୁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରେ**

କାର୍ଡଧାରକ ମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଆଖିରେ ରଖି ଆରବିଆଇ ନିର୍ଦ୍ଦେଶ ଦେଇଛନ୍ତି ଯେ 1 ଅକ୍ଟୋବର 2022 ଠାରୁ କାର୍ଡ ନେଟୱାର୍କ ଏବଂ କାର୍ଡ ପ୍ରଦାନକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା କାର୍ଡ ଡାଟା ଯଥା କାର୍ଡ ନମ୍ବର, କାର୍ଡର ସମାପ୍ତି ତାରିଖ ଇତ୍ୟାଦି (କାର୍ଡ-ଅନ୍-ଫାଇଲ କିମ୍ବା CoF) ଷ୍ଟୋର କରିପାରିବେ ନାହିଁ । ତା ସହ କାର୍ଡଧାରକଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ, ଏହା ସୁନିଶ୍ଚିତ କରିବା ପାଇଁ ଆରବିଆଇ CoF ଟୋକନାଇଜେସନ ଆରମ୍ଭ କରିଛନ୍ତି । ଟୋକନାଇଜେସନ ଏଥିପାଇଁ କରାଯାଇଛି ଯା'ଦ୍ୱାରା କାର୍ଡଧାରକଙ୍କୁ ପ୍ରତ୍ୟେକ ଟ୍ରାଞ୍ଜାକସନ ପାଇଁ ପ୍ରତିଥର କାର୍ଡର ବିବରଣୀ ଯେମିତି ଭରିବାକୁ ନ ପଡ଼େ । ତତ୍ ସହିତ ମର୍ଚାଣ୍ଟ, କାର୍ଡର ବିବରଣୀ ଷ୍ଟୋର କିମ୍ବା ତାକୁ ବ୍ୟବହାର କରି ପାରିବେ ନାହିଁ, ଫଳସ୍ୱରୂପ କାର୍ଡର ବିବରଣୀ ହଜିବାର ସମ୍ଭାବନା କିମ୍ବା ତା ସହ ସଂପୃକ୍ତ ଦୁରୁପଯୋଗର ସମ୍ଭାବ୍ୟ କ୍ଷତିକୁ ଏଡ଼ାଇ ହେବ । ଟୋକନର ବ୍ୟବହାର କାର୍ଡ ଟ୍ରାଞ୍ଜାକସନର ସୁରକ୍ଷା ଏବଂ ସୁବିଧାକୁ ବଢ଼େଇଥାଏ ତଥା ଏହା କାର୍ଡଧାରକ ମାନଙ୍କ ହିତରେ ଉଦ୍ଦିଷ୍ଟ ।

**ଟୋକନାଇଜେସନ କ'ଣ କିମ୍ବା କାର୍ଡ-ଅନ୍-ଫାଇଲ (CoF) ଟୋକନାଇଜେସନ କ'ଣ ?**

1. ଟୋକନାଇଜେସନ (କିମ୍ବା କାର୍ଡ-ଅନ୍-ଫାଇଲ CoF ଟୋକନାଇଜେସନ) ଯେ କୌଣସି ସମୟରେ ନିଜ ସୁବିଧା ଅନୁସାରେ କରିହେବ ।
2. ଟୋକନାଇଜେସନ ହେଉଛି ଡେବିଟ କିମ୍ବା କ୍ରେଡିଟ କାର୍ଡର ବିବରଣୀକୁ ଏକ ସ୍ୱତନ୍ତ୍ର ବିକଳ୍ପ କୋଡ, ଯାହାକୁ "ଟୋକନ" କୁହାଯାଏ, ସହ ବଦଳେଇବାର ପ୍ରକ୍ରିୟା ।
3. ଟୋକନାଇଜେସନ କେବଳ ଅନ-ଲାଇନ/ଇ-କମର୍ସ ଟ୍ରାଞ୍ଜାକସନ ପାଇଁ ବିହିତ, ଏବଂ ଏହା ଆମନା-ସାମନା କିମ୍ବା ପଏଣ୍ଟ ଅଫ ସେଲ (PoS) ଟ୍ରାଞ୍ଜାକସନ ପାଇଁ ନୁହେଁ ।
4. ଟୋକନାଇଜେସନ ପ୍ରତ୍ୟେକ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟ ପାଖରେ ତଥା ପ୍ରତ୍ୟେକ କାର୍ଡ ପାଇଁ କେବଳ ଗୋଟିଏ ଥର କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟ କାର୍ଡ ଏବଂ ନିର୍ଦ୍ଦିଷ୍ଟ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟଙ୍କ ପାଇଁ ପ୍ରତ୍ୟେକ ଟୋକନ ଅଲଗା ହୋଇଥାଏ । କାର୍ଡଧାରକ ଅଗଣିତ ଅନ-ଲାଇନ/ଇ-କମର୍ସ ମର୍ଚାଣ୍ଟ ପାଖରେ କାର୍ଡକୁ ଟୋକନାଇଜ କରିପାରିବେ ।
5. ଏକ ଟୋକନକୁ ସେଇ ମର୍ଚାଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ମର୍ଚାଣ୍ଟଙ୍କ ପାଖରେ ପେମେଣ୍ଟ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ, ଯାହା ପାଇଁ ସେଇ ଟୋକନ୍‌କୁ ବନା ଯାଇଛି ।
6. ଥରେ ଟୋକନ ବନିଗଲା ପରେ କାର୍ଡଧାରକଙ୍କୁ ଭବିଷ୍ୟତରେ ଟ୍ରାଞ୍ଜାକସନ ପାଇଁ ଟୋକନର ବିବରଣୀ ଭରିବା କିମ୍ବା ମନେ ରଖିବାର ଆବଶ୍ୟକତା ନାହିଁ । ଟୋକନାଇଜ ହୋଇଥିବା କାର୍ଡକୁ ଚିହ୍ନିବା ପାଇଁ, ଚେକ-ଆଉଟ ପ୍ରକ୍ରିୟା ସମୟରେ କାର୍ଡର ଶେଷ ଚାରି ଅଙ୍କକୁ ଡିସପ୍ଲେ /ପ୍ରଦର୍ଶନ କରାଯିବ ।
7. କାର୍ଡଧାରକ ନିଜର ଇଛାନୁଯାୟୀ ନିଜର ଟୋକନ୍‌ର ରେଜିଷ୍ଟ୍ରେସନ ସମାପ୍ତ କରିପାରିବେ ।

**ଏକ କାର୍ଡକୁ କିପରି ଟୋକନାଇଜ୍ କରିହେବ?**

1. ଟୋକନାଇଜେସନ ବିକଳ୍ପ ଚୟନ କରିବା ପାଇଁ କାର୍ଡଧାରକଙ୍କୁ ମର୍ଚାଣ୍ଟ ୱେବସାଇଟ /ଆପ୍ଲିକେସନ ରେ ୱାନ-ଟାଇମ ରେଜିଷ୍ଟ୍ରେସନ କରିବାକୁ ହେବ ।
2. ରେଜିଷ୍ଟର କରିବା ପାଇଁ କାର୍ଡଧାରକଙ୍କୁ ନିଜର କାର୍ଡର ବିବରଣୀ ଭରିବାକୁ ହେବ ତଥା ସମ୍ମତି ପ୍ରଦାନ କରିବାକୁ ପଡ଼ିବ । କାର୍ଡ ପ୍ରଦାନକାରୀ ପ୍ରାମାଣିକରଣର ଏକ ଅତିରିକ୍ତ କାରକ ଯଥା OTP ମାଧ୍ୟମରେ ଏହି ସମ୍ମତିକୁ ବୈଧତା ପ୍ରଦାନ କରିବେ ।

**କାର୍ଡଧାରକ ମାନଙ୍କୁ ଏକ ସୁରକ୍ଷିତ, ନିରାପଦ, ବାଧାହୀନ ଏବଂ ସୁବିଧାଜନକ ଅଭିଜ୍ଞତା ପାଇବା ପାଇଁ ନିଜର କାର୍ଡକୁ ଟୋକନାଇଜ୍ କରିବା ପାଇଁ ପ୍ରୋତ୍ସାହିତ କରା ଯାଉଅଛି ।**

*ଏହି ଉପଦେଶ ଆରବିଆଇ ଦ୍ୱାରା କେବଳ ସୂଚନା ଏବଂ ସାଧାରଣ ମାର୍ଗଦର୍ଶନ ପାଇଁ ଜାରି କରା ଯାଇଅଛି । କୌଣସି ସ୍ପଷ୍ଟୀକରଣ କିମ୍ବା ବାଖ୍ୟା ନିମନ୍ତେ, ଆରବିଆଇ ଦ୍ୱାରା ଜାରି ସର୍କୁଲାର ତଥା ବିଜ୍ଞପ୍ତିର ସାହାଯ୍ୟ ନିଆଯାଇ ପାରିବ ।*




"ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। -ଶ୍ରୀମା



# ତଥାପି ବିଫଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରମୁଖ ଶାସନ ସଚିବମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସେଣ୍ଟ୍ରାଲ ଡେପୁଟେଶନ (କେନ୍ଦ୍ରୀୟ ପ୍ରତିନିଯୁକ୍ତି) ପାଇଁ ଅଧିକ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ ( ଭାରତୀୟ ବନ ସେବା) ଅଧିକାରୀ ଯୋଗାଇଦେବା ସକାଶେ କହିଥିଲେ, ଯାହା କିଛି ମାସ ହେବ ଏକ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଛି। ୨୦୨୪ ପାଖେଇ ଆସୁଥିବାରୁ, ମୋଦି ସରକାର ଶାସନରେ ରହିଥିବା ଅନ୍ତର ଶୀଘ୍ର ସମାଧାନ କରିବାକୁ ଚାହୁଁଛନ୍ତି। ଏବେ କେନ୍ଦ୍ରରେ କାମ କରିବା ଲାଗି ଅନିଚ୍ଛା ପ୍ରକାଶ କରୁଥିବା ବାବୁମାନଙ୍କୁ ଏଭଳି ମନୋଭାବ ଦୂର କରିବା ଲାଗି ସିଂ ବୁଝାଇବାକୁ ଚେଷ୍ଟା କରୁଛନ୍ତି। କେନ୍ଦ୍ର ସରକାର ଆଇଏଏସ୍ ଅଧିକାରୀମାନଙ୍କ ଅଭାବର ସମ୍ମୁଖୀନ ହୋଇ ଆସୁଛନ୍ତି ଏବଂ ଏହି ସଙ୍କଟ ଟାଳିବା ଲାଗି ସରକାର ୨୦୨୧ରେ ନିୟମଗୁଡ଼ିକୁ ବଦଳାଇ ଦେଇଥିଲେ। କେନ୍ଦ୍ରରେ ଏକ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ନୁହେଁ ବୋଲି ଉକ୍ତ ପରିବର୍ତ୍ତିତ ନିୟମରେ କୁହାଯାଇଥିଲା। କିନ୍ତୁ ସ୍ପଷ୍ଟତଃ ନିୟମରେ ପରିବର୍ତ୍ତନ କରି କିମ୍ବା ବାବୁମାନଙ୍କୁ ଯେତେ ବୁଝାଇ ପ୍ରଲୋଭନ ଦେଖାଇଲେ ମଧ୍ୟ ତାହା କାମ କରି ନାହିଁ। ଏପରି କି ଭାଜପା ଶାସିତ ରାଜ୍ୟଗୁଡ଼ିକରୁ ବାବୁମାନେ ମଧ୍ୟ ଦିଲ୍ଲୀରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି। ତେବେ ଏହି ସମୟରେ କେନ୍ଦ୍ର ୧,୪୭୨ ଆଇଏଏସ୍ ଅଧିକାରୀ ଏବଂ ୮୬୪ ଆଇପିଏସ୍ ଅଧିକାରୀଙ୍କ ଅଭାବକୁ ସାମ୍ନା କରୁଛି। କେନ୍ଦ୍ରୀୟ ନିଯୁକ୍ତି କେବଳ କ୍ୟାରିୟରରେ ନୂଆ ଭୂମିକା, ଅତିରିକ୍ତ ସୁବିଧା ସୁଯୋଗ ଲାଗି ଉଦ୍ଦିଷ୍ଟ ବୋଲି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ବାବୁମାନଙ୍କ ମଧ୍ୟରେ ରହିଥିବା ଧାରଣ ଦୂର କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସିଂ ବିଫଳ ହୋଇଛନ୍ତି। ଯେ ପର୍ଯ୍ୟନ୍ତ କେନ୍ଦ୍ର ଏହି ସମସ୍ୟା ସମାଧାନ ନ କରିଛି ସେ ଯାଏ ପ୍ରତିନିଯୁକ୍ତି କ୍ଷେତ୍ରରେ ନିରାଶ ହେବାକୁ ପଡୁଥିବା ଏବଂ ତଜ୍ଜନିତ ଦୁଃଖ ଭୋଗୁଥିବ।

### ମୁହଁରୁ ଚିହ୍ନଟ

ଆନ୍ଧ୍ରପ୍ରଦେଶ ସରକାର ଫିଙ୍ଗରପ୍ରିଣ୍ଟ (ଅଙ୍ଗୁଳି ଛାପ) ସ୍କାନିଂ ବଦଳରେ ଅଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନୂଆ ଫେସିଆଲ ରେକଗ୍ନାଇଜେଶନ ବା ମୁଖ ଚିହ୍ନଟ ପଦ୍ଧତି ଆପଣାଇଛି । ସରକାର ମୁଖ୍ୟତଃ ରାଜ୍ୟର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ଉପସ୍ଥାନ ନିଶ୍ଚିତ କରିବା ଲାଗି ଏହି ପଦ୍ଧତିକୁ ବାଧ୍ୟତାମୂଳକ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ସଚିବ, ପ୍ରମୁଖ ଶାସନ ସଚିବ, ସ୍ୱତନ୍ତ୍ର ମୁଖ୍ୟ ସଚିବ ର୍ୟାଙ୍କର ଆଇଏଏସ୍ ଅଧିକାରୀମାନଙ୍କ ଉପସ୍ଥାନ ଚିହ୍ନିତ କରିବାକୁ ଜଗନମୋହନ ରେଡ୍ଡୀ ସରକାର ଏହି ନୂଆ ମାନକ ସଞ୍ଚାଳନ ପଦ୍ଧତି ନିର୍ଦ୍ଧାରଣ କରିଛନ୍ତି। କୁହାଯାଇପାରେ ଯେ, କେତେକ ରାଜ୍ୟରେ ଫିଙ୍ଗରପ୍ରିଣ୍ଟ ସ୍କାନିଂ ପ୍ରଚଳିତ ଥିବାବେଳେ ଦେଶରେ ବରିଷ୍ଠ ବାବୁମାନଙ୍କ ପାଇଁ ଏହା ସର୍ବପ୍ରଥମ ବ୍ୟବସ୍ଥା। ପ୍ରତିଦିନ ଏହି ନିର୍ଦ୍ଦିଷ୍ଟ ବାବୁମାନଙ୍କ ଉପସ୍ଥାନର ସଙ୍କେତକୁ ଟ୍ୟାଗ୍ କରିବା ପାଇଁ ସରକାର ମୁଖ ଚିହ୍ନଟ ପଦ୍ଧତିର ଏକ ମୋବାଇଲ ଆପ୍ଲିକେଶନ ଆଣିଛନ୍ତି । ବର୍ତ୍ତମାନ ଏହି ପଦ୍ଧତି କେବଳ ସଚିବାଳୟରେ ଲାଗୁ କରାଯାଇଛି ଓ ଖୁବ୍ ଶୀଘ୍ର ଅନ୍ୟ ଆଇଏଏସ୍ ଅଧିକାରୀମାନଙ୍କ ପାଇଁ ଏହା ଆରମ୍ଭ କରାଯିବ। ସୂତ୍ରରୁ ପ୍ରକାଶ ଯେ, ଉକ୍ତ ପଦ୍ଧତି ବର୍ଷକରୁ ଅଧିକ ହେବ କାର୍ଯ୍ୟ କରୁଛି। ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ସମୀର ଶର୍ମା ବି ଲଗାତର ନିର୍ଦ୍ଦେଶ ଜାରି କରି ଆସୁଛନ୍ତି। ସବୁ ବିଭାଗର ସ୍ୱତନ୍ତ୍ର ମୁଖ୍ୟ ସଚିବ, ପ୍ରମୁଖ ଶାସନ ସଚିବ ଏବଂ ସଚିବମାନଙ୍କୁ ମଧ୍ୟ ଶୃଙ୍ଖଳିତ ଭାବେ ଏହାକୁ ପ୍ରଭାବୀ ଢଙ୍ଗରେ ପାଳନ କରିବାକୁ କହି ଆସୁଛନ୍ତି। ତେବେ ବରିଷ୍ଠ ବାବୁମାନେ ଅସହଜ କଣ୍ଢୁଚନ୍ତି କି,ଚାହୁଁ ନ ଥିବା ପଦ୍ଧତିରେ ଜଡ଼ିତ ହୋଇଛନ୍ତି କି ?

### ପରଦା ପଛର ବାବୁ

ଔପଚାରିକ ଦୃଷ୍ଟିରୁ ବାଧ୍ୟବାଧକତା ନ ଥିଲେ ବି ସବୁ ନିଷ୍ପତ୍ତିକୁ ନିୟନ୍ତ୍ରଣ କରିବାରେ ନରେନ୍ଦ୍ର ମୋଦିଙ୍କ ପିଏମ୍ଓ କେନ୍ଦ୍ରବିନ୍ଦୁ ପାଲଟୁଛି। ପ୍ରଧାନମନ୍ତ୍ରୀ ଲଗାତର ଏତେସବୁ ନିଷ୍ପତ୍ତି କିଭଳି ପର୍ଯ୍ୟବେକ୍ଷଣ କରିବାକୁ ସକ୍ଷମ ହେଉଛନ୍ତି , ତାହା ଯେଉଁମାନେ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କୁ ସମ୍ଭବତଃ ପିଏମ୍ଓ ଉପରୁ ନିମ୍ନ ସ୍ତର ଯାଏ ସଂରଚନାକୁ ଦେଖିବାକୁ ହେବ। ଅନେକ ହାଇ ପ୍ରୋଫାଇଲ ନାମ ଯେଉଁମାନେ ମୋଦିଙ୍କ ପ୍ରଥମ ପାଳିରେ ସକ୍ରିୟ ହୋଇ କାମ କରିଥିଲେ ସେମାନେ ପିଏମ୍ଓ ଛାଡ଼ି ଦେବା ପରେ ଏବେ ମୋଦିଙ୍କ ବାଛିଥିବା ଅନେକ ବାବୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକର ନେତୃତ୍ୱ ନେଉଛନ୍ତି। ଏହି ଟପ୍ ଗ୍ରୁପ୍‌ରେ ରହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ.ମିଶ୍ର। ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବା ସମୟରୁ ସେ ମୋଦିଙ୍କ ସହିତ ଲଗାତର ଜଡ଼ିତ ରହିବା ପରେ ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବି ତାଙ୍କ ସହ ରହିଛନ୍ତି। ମିଶ୍ରଙ୍କ ସହିତ ଦୁଇ ବରିଷ୍ଠ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅମିତ ଖାରେ ଏବଂ ତରୁଣ କପୁର ମଧ୍ୟ ପିଏମ୍ଓରେ ରହିଛନ୍ତି। ସେମାନଙ୍କ ସହ ୪ଜଣ ଅତିରିକ୍ତ ସଚିବ, ୩ ଯୁଗ୍ମ ସଚିବ, ୨ ବ୍ୟକ୍ତିଗତ ସଚିବ, ୧୦ ନିର୍ଦ୍ଦେଶକ ଓ ସ୍ପେଶାଲ ଡ୍ୟୁଟିରେ ୪ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଏସମସ୍ତଙ୍କୁ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଏବଂ ଆଇଆର୍ଏସ ସର୍ଭିସରୁ ଅଣାଯାଇଛି। ଗତବର୍ଷରୁ ଜଣେ ମହିଳା ଅଧିକାରୀ ପୁଣ୍ୟ ସଲୀଳ ଶ୍ରୀବାସ୍ତବ ପିଏମ୍ଓରେ ସାମିଲ ହୋଇ ସାମାଜିକ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଦେଖିବା ସହ ମୋଦିଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଘୋଷଣା ଦାୟିତ୍ୱରେ ରହିଛନ୍ତି। ପିଏମ୍ଓର ଏହି ଟିମ୍ ଉପରେ ସରକାର ବିଭିନ୍ନ ନୀତିକୁ କାର୍ଯ୍ୟକାରୀ କରିବା ଲାଗି ମୋଦି ଭରସା କରୁଛନ୍ତି। ଏହି ଲୋ ପ୍ରୋଫାଇଲ ବାବୁମାନେ ପରଦା ପଛରେ ରହି ସବୁକିଛି ନିୟନ୍ତ୍ରଣ କରୁଛନ୍ତି।

Email: dilipcherian@gmail.com

# ପ୍ରକୃତି କୋଳରୁ ମଣିଷ ମେଳ



ବ୍ରଜମୋହନ ମିଶ୍ର

ଅଶାନ୍ତିରୁ ପ୍ରଶାନ୍ତି ଲାଭ କରିବାକୁ ଯୁଗେ ଯୁଗେ ମଣିଷ ଜମ୍ବାଳ ଓ ଜଞ୍ଜାଳମୟ ସଂସାର ଛାଡ଼ି ପ୍ରକୃତିର ବିସ୍ତୀର୍ଣ୍ଣ ଏବଂ ବିଭୋର କୋଳକୁ ଲୋଡ଼ିଛି।ବିଶେଷତଃ କବି ଓ ଦାର୍ଶନିକମାନେ ଏଇ ପରାଶକ୍ତିର ସାଯୁଜ୍ୟ ପାଇଁ ଖୁବ୍ ଆକୁତି ପୋଷଣ କରିଛନ୍ତି।ପାହାଡ଼ପର୍ବତ, ନଦନଦୀ, ଘଞ୍ଚ ଅରଣ୍ୟାନୀର ଆଶ୍ଳେଷରେ ସେହି ମହୀୟାନମାନେ କେବଳ ପ୍ରଶାନ୍ତି ଲାଭ କରି ନାହାନ୍ତି ଅଧିକନ୍ତୁ ଅଗ୍ନିସ୍ନାନ କରି ଶୁଦ୍ଧ ଓ ସଂବୁଧ ପାଲଟି ଯାଇଛନ୍ତି।ପ୍ରକୃତିର ସ୍ନେହସିକ୍ତ ଜନନୀ ସାନ୍ନିଧ୍ୟ ସେମାନଙ୍କୁ ବିମୋହିତ କରିଛି ଆପଣାର ଦୃଶ୍ୟମାନ ପରିବ୍ୟାପ୍ତିରେ।ସେହିପରି ସେମାନଙ୍କ ଅନ୍ତର୍ଲୋକରେ ଏକ ଅପାର୍ଥିବ ଉଦ୍ଭାସନ ଆଣିଛି ମଧ୍ୟ।ସେମାନଙ୍କ ପରି ପ୍ରକୃତି ସହ ଏକାତ୍ମ ହୋଇପାରି ନାହାନ୍ତି ମାମୁଲି ଜୀବନ ବଞ୍ଚୁଥିବା ସଂସାରୀମାନେ। କାରଣ ସେମାନେ ବିଶ୍ୱାସ କରନ୍ତି ନାହିଁ, କି ଥରେ ବି ଭାବନ୍ତି ନାହିଁ ଯେ ଆମ୍ବ ଗଛର ବଉଳରେ ସେଇ ରହସ୍ୟମୟ ସଭା କେତେ କଥା କହିଥାନ୍ତି କି କୁଳୁକୁଳୁ କରି ବହିଯାଉଥିବା ଝରଣାର ସଙ୍ଗୀତରେ କି ମନ୍ତ୍ର ଉଚ୍ଚାରିତ ହେଉଥାଏ।ଏଇ ସଂସାରୀମାନେ ହୁଏତ କଦବା ପ୍ରକୃତି କୋଳକୁ କୌଣସି ନା କୌଣସି ପ୍ରୟୋଜନୀୟ କାର୍ଯ୍ୟ ଉପଲକ୍ଷେ ଯାଆନ୍ତି ହେଲେ ସେହି କାର୍ଯ୍ୟଘେନା ପ୍ରୀତି ସେମାନଙ୍କୁ ପ୍ରକୃତିର ମର୍ମ ସହ ଏକାତ୍ମ କରି ପାରେନାହିଁ।ସେମାନେ ଆକାଂକ୍ଷା ନେଇ ପ୍ରକୃତି ପାଖକୁ ଯାଆନ୍ତି ଆଉ ଆକାଂକ୍ଷା ପୂରଣ ହେଲା ପରେ ପ୍ରକୃତି ସହ ସମ୍ପର୍କ ରଖନ୍ତି ନାହିଁ।ସେମାନଙ୍କର ଏତାଦୃଶ ସାମୟିକ ପୁଣି ପ୍ରୟୋଜନୀୟ ପ୍ରକୃତିପ୍ରବଣତାକୁ ପ୍ରକୃତିପ୍ରୀତି କୁହାଯାଇପାରିବ ନାହିଁ। ଅଧିକନ୍ତୁ ସେମାନେ ପ୍ରକୃତି ଦ୍ୱାରା ବାହ୍ୟିକ ରୂପେ ଉପକୃତ ହେଲେ ସୁଦ୍ଧା ପ୍ରକୃତି ଦ୍ୱାରା ସେମାନଙ୍କ ଅନ୍ତର୍ଲୋକ ବିସ୍ତାରିତ ଓ ବିକଶିତ ହୁଏନାହିଁ।

ଅନ୍ୟ ଦିଗରେ ପ୍ରକୃତି କୋଳରେ ଆପଣାର ଜୀବନକୁ ବିତେଇ ଦେଇଥାନ୍ତି ମୁନି ଋଷିମାନେ। କେଉଁ ଏକ ଅଦ୍ଭୁତ ଦର୍ଶନରେ ଉଦ୍‌ବୁଦ୍ଧ ହୋଇ ଏ ବ୍ୟତିକ୍ରମୀ ସରାଗଣ ସଂସାର ବିମୁଖ ହୋଇଥାନ୍ତି।ସେମାନଙ୍କ ଦୃଷ୍ଟିରେ ସଂସାରରେ ରହିଲେ ପାପ ତାପ ଲାଗିବ, ତେଣୁ ଜୀବନ ଅବଶ୍ୟ ନଷ୍ଟଭ୍ରଷ୍ଟ ହୋଇଯିବ।ସଂସାରର ସଙ୍ଗ ଅର୍ଥ ଅସ୍ତ ସଙ୍ଗ ଏବଂ ଅସର ସଙ୍ଗ ହେବା ଅର୍ଥ ଭଗବାନଙ୍କୁ ଲାଭ କରିବାର ସକଳ ପଟୁ ବନ୍ଦ କରିଦେବା।ଆଉ ଟିକିଏ ଫିଟେଇ କହିଲେ ଏପରି ହେବ ଯେ ସେମାନେ ଖୁବ୍ ଗଭୀର ଭାବେ ବିଶ୍ୱାସ କରନ୍ତି ସଂସାରର ସାନ୍ନିଧ୍ୟ ସେମାନଙ୍କୁ ସେମାନଙ୍କ ଲକ୍ଷ୍ୟରୁ ଅର୍ଥାତ ଭଗବାନଙ୍କୁ ଲାଭ ବା ମୋକ୍ଷପ୍ରାପ୍ତିରୁ ଓହରାଇ ଆଣେ।ଭଗବାନଙ୍କୁ ଲାଭ କରିବା ପରି ସର୍ବୋଚ୍ଚ ଲକ୍ଷ୍ୟ ପୂରଣ କରିବାକୁ ହେଲେ ଏଠୁ (ସଂସାରରୁ) ଖସି ଯାଇ ସେଠି (ପ୍ରକୃତିକୋଳ) ନୀରବରେ, ନିଃସଙ୍ଗ ଜୀବନ ଯାପନପୂର୍ବକ ତପସ୍ୟା କରିବା ସର୍ବାଦୌ ପ୍ରୟୋଜନ। ସେଥିସକାଶେ ଆମ ଦେଶରେ ଗଙ୍ଗାତଟ,



ବଂଶୀବଟ ଏବଂ ହିମାଳୟ ମଠରେ (ପ୍ରକୃତିକୋଳରେ) ସାଧୁମହାତ୍ମାମାନେ ଆଶ୍ରମ ସ୍ଥାପନ କରି ଭଜନ, କୀର୍ତ୍ତନ, ଧ୍ୟାନ ଧାରଣାରେ ବ୍ୟାପ୍ତ ରହି ଆସିଛନ୍ତି।ସେମାନଙ୍କୁ ଆଶ୍ରା କରି ଅବା ସେମାନଙ୍କ କୃପାଧନ୍ୟ ହୋଇ ଏ ଦୁସ୍ତର ସଂସାର ସାଗର ପାର ହେବା ପାଇଁ ଆମ ଲୋକେ ସେମାନଙ୍କର ଭକ୍ତ ପାଲଟିଛନ୍ତି।ଏମାନଙ୍କ ମଧ୍ୟରୁ କେହି କେହି ସେହି ସୁଜନମାନଙ୍କ ସହ ସେମାନଙ୍କ ଆଶ୍ରମରେ ସବୁଦିନ ରହିଯାଉଛନ୍ତି।ଆଉ କେହି କେହି ଆପଣାର ସାମର୍ଥ୍ୟ ଅନୁଯାୟୀ ବର୍ଷକୁ ଥରେ ଅଧେ ସେହି ମହାତ୍ମାମାନଙ୍କ ଦର୍ଶନ କରିବାକୁ ଆଗୁସାର ହୋଇଛନ୍ତି।ପ୍ରକୃତିକୋଳରେ ଆଶ୍ରମ କି ମଠ ସ୍ଥାପନ କରିଥିବା ମହାତ୍ମାମାନେ ଭକ୍ତମାନଙ୍କର ମନସ୍କାମନା ପୂରଣ ପାଇଁ ଆଶ୍ରମରେ ପ୍ରବଚନ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ କରିଥାନ୍ତି।ସପ୍ତାହେ କି ଦିସପ୍ତାହ ଏ କର୍ମକାଣ୍ଡ ଚାଲେ।ତାପରେ ସାଧୁମାନଙ୍କ ଆଶୀର୍ବାଦ ଲାଭକରି ଭକ୍ତମାନେ ସଂସାରକୁ ଫେରନ୍ତି।ଏହା ଭିତରେ ସେମାନଙ୍କର କ'ଣ ଘଟିଥାଏ, ତାହା ସେମାନେ ହିଁ କେବଳ ଜାଣିଥିବେ।ହେଲେ ଦେଖାଯାଏ ସେଇ ବାପୁଡ଼ାମାନେ ଏତେ ଦିନଧରି ସତ୍ସଙ୍ଗ କଲାବେଳେ ଯେପରି ଆଶ୍ରମ ପ୍ରତି ଉଦ୍‌ବୁଦ୍ଧ ହୋଇଥାନ୍ତି, ଯେଉଁ ପ୍ରକୃତି କୋଳରେ ଆଶ୍ରମଟି ଗଢ଼ି ଉଠିଥାଏ ସେପରି ତାହା ସହ ସେମାନଙ୍କର ଏକାଗ୍ରତା ଆସି ନ ଥାଏ (ଏପରିକି ତାହା ପ୍ରତି ନଜର ବି ନ ଥାଏ), ସତ୍‌ସଙ୍ଗରେ ଅବଗାହନ କରି ବି ତଥାପି ଅଶୁଦ୍ଧ, ଅପରିବର୍ତ୍ତିତ ରହିଥାନ୍ତି।ସେମାନେ ସତେଯେପରି ମୁଁ ସେଇ ଦରପୋଡ଼ା କାଠ ହୋଇ ଭାରି ଅମହତ ଦିଶୁଥାନ୍ତି। ହଁ, ପ୍ରକୃତିର ମନଲୋଭା ବିଭାବ ଓ ବିଭବରେ ସମ୍ପୃକ୍ତ ହୋଇ ଆଶ୍ରମଟି ମାନ କରିଥିବା ସାଧୁମାନେ ଦିନରାତି ଈଶ୍ୱରଚେତା ହୋଇ ଈଶ୍ୱରମୁଖୀ ହୋଇଥାନ୍ତି।କେବେ କେମିତି ଭକ୍ତମାନଙ୍କ ଭଜନାରେ ବିଗଳିତ ହୋଇ ସଂସାରକୁ ଆସି ସେମାନଙ୍କ ଦିବ୍ୟ ପ୍ରବଚନ ଦ୍ୱାରା ସଂସାରୀମାନଙ୍କୁ ବି ବିମୋହିତ କରିଥାନ୍ତି।ତାପରେ ପୁଣି ପ୍ରକୃତି କୋଳରେ ଥିବା ସେମାନଙ୍କ ମଠ, ଆଶ୍ରମକୁ ଫେରିଥାନ୍ତି।ସଂସାରରେ ଅଧିକ ସମୟ ରହି, ଦୁଃଖକଷ୍ଟରେ ହାଉଳୁମାଉଳୁ ହେଉଥିବା ଆର୍ଷ ମଣିଷର ସାଥୀ ହେବାକୁ ଏଇ ଆଶ୍ରମବାସୀମାନଙ୍କୁ ଆଦୌ ଭଲ ଲାଗେନା।ଏହାଦ୍ୱାରା ସେମାନେ ସଂସାର ପ୍ରତି ଆସକ୍ତ ହେବା ବୁଝନ୍ତି ଏବଂ ଆସକ୍ତିରୁ ଊର୍ଦ୍ଧ୍ୱକୁ ଯିବା ତ ସନ୍ନ୍ୟାସର ଅନ୍ୟତମ ଲକ୍ଷ୍ୟ ଓ ଲକ୍ଷଣ।ତା'ର ଅର୍ଥ ସନ୍ନ୍ୟାସୀ ଅନାସକ୍ତ ହେବ, ସଂସାର କଥାରେ ମୁଣ୍ଡ ପୂରାଇବ ନାହିଁ।ସଂସାର ଭାସି ଯାଉଥିଲେ ବି ସେ ଈଶ୍ୱର ଲାଭ ନିମିତ୍ତ ଅବଶ୍ୟ ପଦ୍ମାସନରେ ବସି ମାଳି ଗଡ଼ାଇବ।ୟୁକ୍ରେନ ଯୁଦ୍ଧ, ଲିବନ-ଭୂମିକମ୍ପ, ପାକିସ୍ତାନର ପ୍ରଳୟଙ୍କରୀ ବନ୍ୟା, ଚିଲିକା ନୌଦୁର୍ଘଟଣାରେ ବହୁଜୀବନ କି ଦୀର୍ଘଦିନ ଧରି ଅନାହାରରେ ପ୍ରପୀଡ଼ିତ କାଶୀପୁରର ହତଭାଗାମାନଙ୍କର ମୃତ୍ୟୁ କିମ୍ବା ନିର୍ଭୟାର ବଳାତ୍କାର ପରି ଦୁର୍ଘଟଣାଗୁଡ଼ିକରେ ସେ ମୁଣ୍ଡ ଖେଳାଇବ ନାହିଁ।ମୁଣ୍ଡ ଖେଳାଇବାମାନେ ତ ଆସକ୍ତ ହୋଇଯିବା ପରା!

ସଂସାର ଭାସିଗଲେ ବି ଭଗବାନଙ୍କୁ ପାଇବା ଲକ୍ଷ୍ୟରେ ଏଇ ବିମୂଢ଼ାତ୍ମାମାନେ ସଜୋର ଲାଗି ପଡ଼ିଥାନ୍ତି।ଆଖି ବନ୍ଦ କରି ଜପ କରୁଥିବା ଏମାନଙ୍କର ଅନ୍ତରଚକ୍ଷୁ ଏତେ ମୁଦ୍ରିତ ହୋଇଥାଏ ଯେ ଏମାନେ ସତ୍ୟର ବିଶ୍ୱରୂପ ଦର୍ଶନ କରିବାରେ ଅସମର୍ଥ ହୋଇଥାନ୍ତି।ପ୍ରକୃତିକୋଳର ପବିତ୍ରତା ସହ ଦୀର୍ଘଦିନ ସମ୍ପର୍କ ସ୍ଥାପନ କଲା ପରେ ବି ଏଇ ଆଧ୍ୟାତ୍ମିକ ବିସ୍ଥାପିତମାନେ ସତରେ ସଂସାର ସଉଦା ଅବା ସଂସାରରେ ଜୀବନ ସଉଦା କରିବାରେ ଶୋଚନୀୟ ବିଫଳ ହୋଇଥାନ୍ତି।

ଏଇକାଟର ଉପନିଷଦୀୟ 'ଆତ୍ମହନୋ ଜନାଃ'ଙ୍କୁ ଆମେ ତଥାପି ଭର୍ତ୍ସନା କରିବା ନାହିଁ କି ସେମାନଙ୍କ ବାଟକୁ ବି ଆପଣେଇ ନେବା ବି ନାହିଁ।ଆମେ ପ୍ରକୃତି କୋଳକୁ ଯିବା, ଅବଶ୍ୟ ଯିବା ତା'ର ଷୋଳଅଣା ହାଇଯିବା।ପ୍ରକୃତିର ଚିରନ୍ତନ ଆଧ୍ୟାତ୍ମିକ ଆହ୍ୱାନଟିକୁ ନିଶ୍ଚିତ ଶୁଣିବା।ତା'ର ଶୁଭ ସଂହତି ଓ ସଙ୍ଗତି ଦ୍ୱାରା ଉଦ୍‌ବୁଦ୍ଧ ହେବା।କେବଳ ଆପଣାର ଅଶାନ୍ତି ଦୂର କରିବାକୁ ତା' କୋଳ ଲୋଡ଼ିବା ନାହିଁ।ତା'କୋଳରେ ଥିବାବେଳେ ଅବା ତା'ର ସସଙ୍ଗ ଲାଭବେଳେ ସଂସାରର ଅଶାନ୍ତି କଥା ଭାବିବା ଏବଂ ତା'ର ନିରାକରଣ ପାଇଁ ଅବଶ୍ୟ ତାଠାରୁ ଶକ୍ତି ସଂଗ୍ରହ କରିବା।ସେ ଶକ୍ତି ସଂଗ୍ରହର ଅର୍ଥ ହେଉଛି ତା' ପରି ଅନାବିଳ ଭାବରେ ସମଗ୍ରର କଲ୍ୟାଣ ପାଇଁ ସବୁମତେ ଆପଣାକୁ ଖୋଲିଦେବା।ସେଥିରେ ଲେଶ୍‌ମାତ୍ର ସ୍ୱାର୍ଥ ରହିବ ନାହିଁ।ନଦୀମାନେ ଯେପରି ଆପଣାର ଜଳ ଆପେ ପିଅନ୍ତି ନାହିଁ, ବୃକ୍ଷମାନେ ଯେପରି ଆପଣା ଫଳମାନ ନିଜେ ଖାଆନ୍ତି ନାହିଁ ସେହିପରି ଆମେ ଆପଣାର ଜୀବନକୁ ନିଜ ସେରକ ମାଣକ ପୂରେଇବାରେ ଅପବ୍ୟୟ କରିବା ନାହିଁ।ପ୍ରକୃତି କୋଳରୁ ଏଇ ଦୃଷ୍ଟି ଓ ଦର୍ଶନ ଲାଭ କରି ଆମେ ଯୋଗମୟ ଜୀବନ ଯାପନ କରି ପରମା ପ୍ରେମାସ୍ପଦା ପ୍ରକୃତି ମା'ର ଯଥାର୍ଥ ସନ୍ତକ ଭାବେ ଉଦାତ୍ତ କଣ୍ଠରେ ଗାଇ ଉଠିବା : ବୈରାଗୀ ସାଧନେ ମୁକ୍ତି, ସେ ଆମାର ନୟ।ଅସଂଖ୍ୟା ବନ୍ଧନ -ମାଝେ ମହାନନ୍ଦମୟ।ଲଭିବ ମୁକ୍ତିର ସ୍ୱାଦ ......।

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଇଂଲିଶ ବିଭାଗ, ପୁରୁଷୋତ୍ତମ ବିହାର, ଭଦ୍ରକ।**
**ମୋ : ୮୦ ୧୮୦୮୭୮୩୧**

# ଅସ୍ପଷ୍ଟ ଉଚ୍ଚାରଣର ପ୍ରଭାବ



ନାରାୟଣ ଚନ୍ଦ୍ର ବିଶ୍ୱାଳ

୧୯୯୮ରୁ ପ୍ରତିବର୍ଷ ଅକ୍ଟୋବର ୨୨ରେ ପାଳନ କରାଯାଉଛି ଅନ୍ତର୍ଜାତୀୟ ଅସ୍ପଷ୍ଟ ଉଚ୍ଚାରଣ ସଚେତନତା ଦିବସ (ଇଣ୍ଟରନ୍ୟାଶନାଲ ଷ୍ଟଟରିଂ ଆୱେରନେସ ଡେ)। ବିଶ୍ୱର ମୋଟ ଜନସଂଖ୍ୟାର ଏକ ପ୍ରତିଶତ ଖନା : ସ୍ପଷ୍ଟ କହିପାରନ୍ତି ନାହିଁ। ଅର୍ଥାତ୍ କହିଲାବେଳେ ଉଚ୍ଚାରଣ ଠିକ୍ ଥିଲେ ବି ଅଟକି ଅଟକି କହନ୍ତି। ସେମାନଙ୍କ ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ। ୟୁରୋପିଆନ ଲିଗ୍ ଅଫ୍ ଷ୍ଟଟରିଂ ଆସୋସିଏଶନ୍ସ, ଇଣ୍ଟରନ୍ୟାଶନାଲ ଷ୍ଟଟରିଂ ଆସୋସିଏଶନ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଉଛି। ୨-୫ ବର୍ଷ ମଧ୍ୟରେ ପ୍ରାୟ ୫ ପ୍ରତିଶତ ଶିଶୁ ଖନାନ୍ତି। ଏହାଛଡ଼ା କୁହାଯାଇପାରେ ଯେ ଭାଷା ଶିକ୍ଷାର ଖନା ଦୋଷ ହେଉଛି ଏକ ମାଇଲଖୁଣ୍ଟ। ଛୋଟରୁ ବଡ଼ ଆମେ ସମସ୍ତେ ଯେ କୌଣସି ନୂଆ ଭାଷା ଶିଖିଲେ, ସେହି ଭାଷାରେ ଅନର୍ଗଳ କହିଲାବେଳକୁ ଆରମ୍ଭରେ ପାଟି ଲାଗିବ ଏବଂ ପରେ ସେଥିରେ ସୁଧାର ଆସି ସାଧାରଣ ହୋଇଯିବ। ଉଦାହରଣ ସ୍ୱରୂପ ଆମେ ଯଦି ଚାଇନିଜ୍ ଶିଖିବା ତାହାହେଲେ ସ୍ପଷ୍ଟ ଭାବରେ ଚାଇନିଜ ଭାଷା କହିଲା ବେଳକୁ ଆରମ୍ଭରେ ପାଟିଲାଗି ପରେ ମାସେ ଦୁଇ ମାସ ଭିତରେ ସୁଧାର ଆସିଯିବ। ତେଣୁ ନୂଆ ଭାଷା ଶିଖୁଥିବା କୋମଳମତି ଶିଶୁ ପକ୍ଷରେ ମଧ୍ୟ ଏହା ପ୍ରଯୁଜ୍ୟ। ସାଧାରଣତଃ ଦେଖାଯାଏ ଶିଶୁଟିଏ ଅଢ଼େଇରୁ ତିନିବର୍ଷ ବେଳକୁ ତା'ର ମାତୃଭାଷାରେ ଅନର୍ଗଳ କହିବା ଆରମ୍ଭ କରେ। ଠିକ୍ ସେହି ସମୟକୁ ତା'ର ପାଟି ଲାଗିବା ଆରମ୍ଭ ହୁଏ। ଯାହା ଶତପ୍ରତିଶତ ଶିଶୁଙ୍କ ପକ୍ଷେ ପ୍ରଯୁଜ୍ୟ। ମାତ୍ର ୯୫ଭାଗ ଶିଶୁଙ୍କ କ୍ଷେତ୍ରରେ ଏହା ଏକ ମାସ ଭିତରେ ସ୍ୱାଭାବିକ ହୋଇଯାଇଥାଏ। ବାକି ପାଞ୍ଚ ପ୍ରତିଶତ ଶିଶୁ ବିଭିନ୍ନ କାରଣରୁ ଏହି ଅଭ୍ୟାସଟିକୁ ଛାଡ଼ି ପାରନ୍ତି ନାହିଁ। ଏଥିରେ ଠିକ୍ ସମୟରେ ସୁଧାର ଅଣା ନ ଗଲେ ତାହା ଆଜୀବନ ରହିଯାଏ। ଏହାଦ୍ୱାରା ପିଲାଟି ତା'ର ଶିକ୍ଷା କ୍ଷେତ୍ରରେ, ବୃତ୍ତିଗତ କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହୋଇଥାଏ, ଯାହା ସାଧାରଣ ଲୋକଙ୍କୁ ଜଣା ନ ପଡ଼ିପାରେ।

ସମାଜରେ ଡାକ୍ତର, ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ଅଭିନେତା, ଅଭିନେତ୍ରୀ, ଉଣା ଅଧିକେ ସବୁବର୍ଗ ଏଥିରେ ପ୍ରଭାବିତ ହୋଇଥାନ୍ତି। କୁହାଯାଏ ଝିଅଙ୍କ ତୁଳନାରେ ପୁଅ ଖନା ହେବାର ଆଶଙ୍କା ଅଧିକ। ଏହାର ରେସିଓ ହେଉଛି ୨:୩। ଉଦାହରଣ ସ୍ୱରୂପ ବ୍ରିଟେନର ରାଜା ଷଷ୍ଠ ଜର୍ଜ ଆଜୀବନ ଖନା ଥିଲେ। ବ୍ରିଟେନ୍‌ର ମହାନ୍ ରାଜନେତା ୱିନ୍‌ଷ୍ଟନ୍ ଚର୍ଚ୍ଚିଲ, ଇଂଲିଶ ଲେଖକ ଲୁଇସ୍ କାରୋଲ, ଗଲ୍‌ଫ ଖେଳାଳି ଟାଇଗର ଉଡ୍‌ସ, ହଲିଉଡ୍ କଳାକାର ବ୍ରୁସ୍ ୱିଲିସ, ଜୁଲିଆ ରବର୍ଟ, ମେରିଲିନ୍ ମନ୍‌ରୋ ପ୍ରମୁଖ ଶୈଶବରେ ଖନା ଥିଲେ। ଆମ ଭାରତରେ ବଲିଉଡ କଳାକାର ହ୍ରିତିକ୍ ରୋଶନ ମଧ୍ୟ ଏଥିରେ ଆକ୍ରାନ୍ତ।

**ଅନ୍ତର୍ଜାତୀୟ ଅସ୍ପଷ୍ଟ ଉଚ୍ଚାରଣ ସଚେତନତା ଦିବସ**



କୁହାଯାଏ ଏହା ସାଧାରଣତଃ ବୁଦ୍ଧିମାନ ପିଲାଙ୍କର ରୋଗ। ମନୋବିଜ୍ଞାନୀଙ୍କ ମତରେ ସାଧାରଣତଃ ନ୍ୟୁରୋଟିକ୍ ପର୍ସନାଲିଟିଯୁକ୍ତ ପିଲାମାନେ ବା ବ୍ୟକ୍ତିମାନେ ଏଥିରେ ସାଧାରଣତଃ ଆକ୍ରାନ୍ତ ହୋଇଥାନ୍ତି। କାରଣ ସେମାନେ ସାଧାରଣତଃ ପ୍ରଫେକ୍ସନିଷ୍ଟ ବା ସବୁ ଜିନିଷକୁ ଠିକ୍ ଭାବରେ କରିକି ଦେଖାଇବା ପାଇଁ ଚେଷ୍ଟା କରନ୍ତି। କଥା କହିବାବେଳେ ମଧ୍ୟ ତାହା ପ୍ରୟୋଗ କରନ୍ତି, ଯାହାଦ୍ୱାରା ସେମାନେ ଏକ ଚକ୍ରବ୍ୟୂହରେ ଫସି ଯାଆନ୍ତି। ସାଧାରଣତଃ ଏହି ରୋଗ ଦୁଇ ପ୍ରକାର। ପ୍ରଥମଟି ହେଲା ତିନିରୁ ଛଅ ବର୍ଷ ଭିତରେ, ଯାହାକୁ ଖନା ଦୋଷ ନ କହି ନର୍ମାଲ ନନ୍‌ଫ୍ଲୁଏନ୍ସି କୁହାଯାଏ। ନର୍ମାଲ ନନ୍‌ଫ୍ଲୁଏନ୍ସି ଅଥବା ଡେଭଲପ୍‌ମେଣ୍ଟାଲ ଖନା ଦୋଷ କୁହାଯାଏ। ଛଅ ବର୍ଷ ପରେ ସାତ ବର୍ଷରୁ ଅଧିକ ବୟସର ପିଲାଙ୍କ ସମସ୍ୟାକୁ ଖନା ଦୋଷ କୁହାଯାଏ। ତୀବ୍ରତା ଦୃଷ୍ଟିରୁ ଏହା ଦୁଇ ପ୍ରକାର। ଯଥା ପ୍ରାଇମେରୀ ଓ ସେକେଣ୍ଡାରୀ ଖନା ଦୋଷ। ପ୍ରାଇମେରୀ ସ୍ତରରେ ଖାଲି ପାଟି ଲାଗୁଥିବାବେଳେ ସେକେଣ୍ଡାରୀ ସ୍ତରରେ କହିବାବେଳେ ଆଖି ମିଟିକା ମାରିବା, ନାକ ଟେକିବା, ହାତ ଛାଡ଼ିବା, ମୁହଁ ମୋଡ଼ିବା, ବେକ ଭାଙ୍ଗିବା ଭଳି ଅଙ୍ଗଭଙ୍ଗୀ ଅଜଣାତରେ ପ୍ରକାଶ କରିଥାନ୍ତି। ଏହାଛଡ଼ା ଜ୍ଞାତସାର ଦୃଷ୍ଟିରୁ ଏହା ଦୁଇ ପ୍ରକାର। ପ୍ରଥମଟିରେ ଖନା ଦୋଷ ବାହାରକୁ ପ୍ରକଟ ହୁଏନାହିଁ। ଅର୍ଥାତ୍ ପିଲାକୁ ଛାଡ଼ିଦେଲେ ତାହାର ନିକଟ ସମ୍ପର୍କୀୟ ମଧ୍ୟ ଖନାଦୋଷର ସମ୍ୟକ ସୂଚନା ପାଇ ନ ଥାନ୍ତି। ଦ୍ୱିତୀୟଟିରେ ଖନା ଦୋଷ ବାହାରକୁ ପ୍ରକଟ ହୋଇଥାଏ।

ପ୍ରାୟ ୯୫ ଭାଗ ଶିଶୁ କ୍ରମ ବିକାଶଗତ (ଡେଭଲପ୍‌ମେଣ୍ଟାଲ) ଖନା ଦୋଷର ଶିକାର ହୋଇଥାନ୍ତି। ଏହାର କାରଣ ସାଧାରଣତଃ ମାଆ-ବାପା ବୋଲି କୁହାଯାଏ। ବାକ୍‌ଶ୍ରବଣ ବିଶେଷଜ୍ଞଙ୍କ ମତରେ ଶିଶୁର ଖନା ଦୋଷ ତା' ପାଟିରୁ ସୃଷ୍ଟି ନ ହୋଇ ବାପ-ମାଆଙ୍କ କାନରୁ ସୃଷ୍ଟି ହୋଇଥାଏ। ଏହାର ଅର୍ଥ ଶିଶୁର ସାଧାରଣ ପାଟି ଲାଗିବା ଶୁଣି ଏହା ଏକ ବଡ଼ ବିକାର ବୋଲି ଭାବି ଅଭିଭାବକମାନେ ଶିଶୁଙ୍କୁ ଏତେ ତାଗିଦା କରନ୍ତି ଯେ ଚାଲାକ ଶିଶୁଟି ଏକ ଚକ୍ରବ୍ୟୂହରେ ଫସି ଯାଏ। ବେଳେ ବେଳେ ଅଭିଭାବକମାନେ ଏ ବାବଦରେ ଶିଶୁକୁ ଦଣ୍ଡ ଦେଇଥାନ୍ତି। ଶିଶୁଟି ନିଜକୁ ସୁଧାରିବା ଭିତରେ ଅଧିକରୁ ଅଧିକ ଖନେଇବା ଆରମ୍ଭ କରେ।

୯୫ ପ୍ରତିଶତ ପିଲାଙ୍କୁ ଅଭିଭାବକ ଚାହିଁଲେ ଶିଶୁ ସମୟରୁ ସୁଧାର ଆଣିପାରିବେ। ସେଥିପାଇଁ ପ୍ରଥମେ ତିନି ବର୍ଷର ଶିଶୁକୁ ଏ ସମସ୍ୟା ସମ୍ବନ୍ଧରେ ତାଗିଦା କରିବେ ନାହିଁ। ଶିଶୁକୁ ତର ତର ନ ହୋଇ ଧୀରେ ଧୀରେ କହିବା ପାଇଁ ପ୍ରୋତ୍ସାହିତ କରିବେ। ଛଅ ବର୍ଷ ଭିତରେ ଯଦି ସୁଧାର ନ ଆସେ ତେବେ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କର ପରାମର୍ଶ ନିଅନ୍ତୁ। ସାଙ୍ଗସାଥୀ ବା ଅନ୍ୟ କାହାର ଖନା ଦୋଷ ଥିଲେ ତାଙ୍କୁ ଅନୁକରଣ କରିବାକୁ ବାରଣ କରିବେ। ପିଲାର ବାତ ଦୋଷ ଥିଲେ ବା ସ୍ନାୟୁଗତ ଦୋଷ ଥିଲେ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ।

**ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ, ମୋ :୯୪୩୮୨୭୬୭୬୦**

## ଏଇ ଭାରତରେ

ସେବା ଆଗରେ ଧନସମ୍ପତ୍ତି ତୁଚ୍ଛ, ଯାହା ପ୍ରମାଣ କରିଛନ୍ତି କେରଳ କୋଚ୍ଚାୟାମର କରୁସେରିଲ ଏନ୍ ଥନକ୍ଆମ୍ମା । ତାଙ୍କୁ ଏବେ ବୟସ ୮୯। ଥନକ୍ଆମ୍ମା ଥାମ୍ପଲାକଡର ଏନଏସ୍ଏସ୍ ଅପର ପ୍ରାଇମେରୀ ସ୍କୁଲରେ ହିନ୍ଦୀ ଶିକ୍ଷୟିତ୍ରୀ ଥିଲେ। ଅବସର ନେବା ପରେ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ଏବେ ତାଙ୍କ ପୁରୁଣା ପୈତୃକ ଗୃହକୁ ବୟସ୍କ ମହିଳାମାନଙ୍କ ସେବା ଲାଗି ଛାଡ଼ି ଦେଇଛନ୍ତି। ଏହି ସେବା ଗୃହର ନାମ ରଖିଛନ୍ତି ମାନଭୋଦ୍ୟା ପାକଲ୍‌ଭେଦୁ। ୨୦୧୭ରେ ଏହାକୁ ପଞ୍ଜୀକରଣ କରି ସେବା କାର୍ଯ୍ୟ ଆରମ୍ଭ କରିଥିଲେ। ମୋଟରେ ଏବେ ତାଙ୍କ ପାଖରେ ୩୦ ଜଣ ବୟସ୍କା ମହିଳା ରହୁଛନ୍ତି। ସମସ୍ତଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ। ତାଙ୍କ ଘରେ କିଛି ମହିଳା କର୍ମଚାରୀ ମହମବତୀ, ଧୂପକାଠି, କାଗଜ ବ୍ୟାଗ, ଡିଟରଜେଣ୍ଟ ଆଦି ପ୍ରସ୍ତୁତ କରୁଛନ୍ତି ଓ ଏହି ବୟସ୍କା ମହିଳାମାନେ ସେଗୁଡ଼ିକୁ ପ୍ୟାକିଂ କରୁଛନ୍ତି। ସେମାନଙ୍କୁ ସହଯୋଗ କରିବାରେ ଦୁଇ ଜଣ ଯୁବତୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଏହି କାର୍ଯ୍ୟରେ ଥନକ୍ଆମ୍ମା ପେନ୍‌ସନ ଅର୍ଥ ଖର୍ଚ୍ଚ କରିବା ସହ ତାଙ୍କ ସନ୍ତାନମାନେ ବି ଆର୍ଥିକ ସହଯୋଗ କରୁଛନ୍ତି। ସେ ଏହି ଗୃହରେ ଏକ କମ୍ପ୍ୟୁଟର ସେଣ୍ଟର ଖୋଲି ମାଗଣାରେ ଶିକ୍ଷା ଦେଉଛନ୍ତି ଓ ଏହି କାର୍ଯ୍ୟରେ ଦୁଇଜଣ ଇନ୍‌ଷ୍ଟ୍ରକଟରଙ୍କୁ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୭

- କଲ୍ୟାଣସିଂ ସରକାର ଉପରୁ ବି.ଏସ୍.ପି. ତାହାର ସମର୍ଥନ ପ୍ରତ୍ୟାହାର କରିନେବା ଯୋଗୁ ଉପୁଜିଥିବା ରାଜନୈତିକ ପରିସ୍ଥିତିରେ ଅବସାନ ପାଇଁ କେନ୍ଦ୍ରର ସୁପାରିଶ କ୍ରମେ ଉତ୍ତର ପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରି।
- ସେଣ୍ଟ୍ରାଲ ବମ୍ବେର ଦାଦାର ଷ୍ଟେଶନଠାରେ ରେଳବାଇର ଏକ ଦୁଇ ମହଲା ବିଲ୍ଡିଂ ଭୁଶୁଡ଼ି ପଡ଼ିବା ଫଳରେ ୪ ମହିଳାଙ୍କ ସମେତ ୧୦ ମୃତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 4 | | | | | | 8 |
| | | | | 7 | | | | |
| | | 9 | | | 1 | | | |
| | | 8 | | | | | 3 | 4 |
| | 1 | | 2 | | | 8 | | 9 |
| 3 | | | | 8 | | | | 7 |
| 9 | | 1 | | | | | | |
| | | 3 | 4 | 6 | 7 | | 2 | |
| | 4 | | | 2 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 8 | 7 | 1 | 5 | 2 | 4 | 3 |
| 4 | 2 | 7 | 3 | 6 | 9 | 1 | 8 | 5 |
| 5 | 1 | 3 | 4 | 8 | 2 | 7 | 6 | 9 |
| 3 | 5 | 1 | 6 | 2 | 8 | 4 | 9 | 7 |
| 8 | 6 | 4 | 9 | 3 | 7 | 5 | 2 | 1 |
| 9 | 7 | 2 | 1 | 5 | 4 | 8 | 3 | 6 |
| 2 | 3 | 6 | 5 | 4 | 1 | 9 | 7 | 8 |
| 1 | 4 | 9 | 8 | 7 | 3 | 6 | 5 | 2 |
| 7 | 8 | 5 | 2 | 9 | 6 | 3 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୁଷିଆ ପୁନର୍ବାର ବିଭାଜିତ ହେବା ଆଶଙ୍କା

ମହାଶୟ,

ରୁଷିଆର ସମ୍ମାନର ପ୍ରତୀକ ବହନ କରୁଥିବା କ୍ରିମିୟା ବ୍ରିଜ୍ ଉପରେ ଆକ୍ରମଣ ରୁଷିଆ ପ୍ରତି ଏକ ଆନ୍ତର୍ଜାତିକ ଲଜ୍ଜା। ଏହାସହ ଆହୁରି ଭୟଙ୍କର ଆକ୍ରମଣ କରାଯିବାର ବାର୍ତ୍ତା ପ୍ରଦାନ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି। ଏଥିପ୍ରତି ସଚେତନ ନ ହେଲେ ରୁଷିଆ ପୁନର୍ବାର ବିଭାଜିତ ହେବାରେ ଆଶଙ୍କା ରହିଛି। ରୁଷିଆର ଯୁଦ୍ଧାସ୍ତ୍ରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ବିଶ୍ୱ ବଜାରରେ ରପ୍ତାନି ମଧ୍ୟ ହ୍ରାସପାଇବ ବୋଲି ଆଶଙ୍କା କରାଯାଇପାରେ। ବିଶେଷଜ୍ଞଙ୍କ ଅନୁସାରେ ରୁଷିଆ ନିଜର ସାମରିକ ବାହିନୀକୁ ସଙ୍ଗଠିତ କରିବା ସହ ଗୋଇନ୍ଦା ସଂସ୍ଥାଦ୍ୱାରା ୟୁକ୍ରେନ୍‌ର ସାମରିକ କାର୍ଯ୍ୟକଳାପ ଉପରେ ନଜର ରଖିବା ଉଚିତ ଥିଲା। ବ୍ରିଟେନ, ଆମେରିକା ଓ ନାଟୋ ପଠାଉଥିବା ଅସ୍ତ୍ରଶସ୍ତ୍ରକୁ ନିଜର ରାଡାର୍ ସିଷ୍ଟମ ଦ୍ୱାରା ସନ୍ଧାନ କରିବା ଅନିବାର୍ଯ୍ୟ ଥିଲା। ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପ୍ରଥମରୁ ୟୁକ୍ରେନ୍‌ର ଚାରୋଟି ରାଜ୍ୟକୁ ତା'ସହ ବିଲୟ କରିବା ପରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଣଦେଖା କରି ଦୁର୍ବଳତାର ପରିଚୟ ଦେଇଛି । ଆମେରିକା ଯେଉଁ ଦେଶକୁ ଆକ୍ରମଣ କରେ ସେ ଯୁଦ୍ଧ କରୁଥିବା ସମୟରେ ସବୁ ଅନୀତିକୁ ନୀତି ରୂପେ ଗ୍ରହଣ କରି ସୁନ୍ଦରଭାବେ ନିଜେ କରୁଥିବା ଆକ୍ରମଣର ଯଥାର୍ଥତାକୁ ପ୍ରତିପାଦନ କରିଥାଏ। ରୁଷିଆ ସେହିପରି ଆକ୍ରମଣାତ୍ମକ ନିର୍ଣ୍ଣୟ ନେଇପାରୁ ନ ଥିବା କାରଣରୁ ନିଜର କ୍ଷତିକୁ ନିଜେ ଆମନ୍ତ୍ରଣ କରିଛି।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ।
-(ପ୍ରାଚୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୨୨,୧୦,୬୨୮ | ୬୫,୮୦,୩୪୯ | ୬୧,୧୦,୦୦,୦୯୭ |
| ଭାରତ | ୪,୪୬,୩୮,୬୩୬ | ୫,୨୮,୯୫୩ | ୪,୪୦,୮୪,୬୪୬ |
| ଓଡ଼ିଶା | ୧୩,୩୫,୭୫୧ | ୯୨୦୨(+୫୩) | ୧୩,୨୬,୦୩୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଆଞ୍ଚଳିକ ବୈଷମ୍ୟ ଦୂର ପାଇଁ କାର୍ଯ୍ୟ କରୁଛୁ: ମୁଖ୍ୟମନ୍ତ୍ରୀ

## ପଶ୍ଚିମ ଓଡ଼ିଶାରେ ୯ ପ୍ରକଳ୍ପ ଲୋକାର୍ପିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପଶ୍ଚିମ ଓଡ଼ିଶା ପାଇଁ ୯ଟି ପ୍ରକଳ୍ପର ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପଶ୍ଚିମ ଓଡ଼ିଶା ପାଇଁ ୧୪.୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏଥିସହ ୩୩.୬୮ କୋଟି ଟଙ୍କାରେ ପ୍ରସ୍ତାବିତ ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍କୁଲ, କଲ୍ୟାଣ ମଣ୍ଡପ, ସ୍ପୋର୍ଟସ କମ୍ପ୍ଲେକ୍ସ, କୋମନାରେ ମିଲେଟ୍ ପ୍ରକ୍ରିୟାକରଣ ପ୍ରକଳ୍ପ ଲୋକାର୍ପିତ ହୋଇଥିବାବେଳେ ଇକୋ ଟୁରିଜମ୍, ଇକୋ ପାର୍କ, ଷ୍ଟାଡିୟମ, ହସ୍ତତନ୍ତ ମଲ୍ ଆଦିର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ଏକ ସ୍ୱତନ୍ତ୍ର ଲୋଗୋ ଓ ପ୍ରୋଜେକ୍ଟ ମନିଟରିଂ ଡ୍ୟାସ୍‌ବୋର୍ଡ ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଆଞ୍ଚଳିକ ବୈଷମ୍ୟ ଦୂର କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାକୁ ଗୁରୁତ୍ୱ ଦେଉଛନ୍ତି। ୨୦୦୦ ମସିହାରୁ ଅଦ୍ୟାବଧି ପ୍ରାୟ ୪୦ ହଜାର ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ପରିଷଦର ବାର୍ଷିକ ଅନୁଦାନକୁ ୧୦୦ କୋଟିରୁ ୨୦୦ କୋଟିକୁ ବୃଦ୍ଧି କରାଯାଇଛି। ଭିତ୍ତିଭୂମି, କୃଷି, ଜଳସେଚନ, ଶିଳ୍ପ, ପର୍ଯ୍ୟଟନ, ହସ୍ତତନ୍ତର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇଛି। ହରିଶଙ୍କର, ନୃସିଂହନାଥ, ମା’ ସମଲେଇ କ୍ଷେତ୍ରର ବିକାଶ କାମ ଚାଲିଛି। ଆଗାମୀ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭରେ ଶିଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରାଯିବ। ପଶ୍ଚିମ ଓଡ଼ିଶାରେ ବିକାଶ ରଥକୁ ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ପଶ୍ଚିମ ଓଡ଼ିଶାର ଏମ୍‌ପି, ବିଧାୟକମାନେ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ଅଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଇମ୍ରାନ୍ ପାର୍ଲାମେଣ୍ଟରୁ ୫ ବର୍ଷ ବାସନ୍ଦ

ଇସଲାମାବାଦ,୨୧।୧୦



ଇମ୍ରାନ୍ ଖାନ୍

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଆଉ ଏକ ବଡ଼ ଝଟକା। ତୋଶାଖାନା ଦୁର୍ନୀତି ମାମଲାରେ ଦେଶର ନିର୍ବାଚନ କମିଶନ ଶୁକ୍ରବାର ତାଙ୍କୁ କୌଣସି ସରକାରୀ ପଦପଦବୀରେ ରହିବାରୁ ୫ ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କରିଛନ୍ତି। ଫଳରେ ପାକିସ୍ତାନ ତେହେରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସଦସ୍ୟ ହୋଇପାରିବେ ନାହିଁ। ପାକିସ୍ତାନ ନିର୍ବାଚନ କମିଶନର(ଇସିପି) ସିକନ୍ଦର ସୁଲତାନ ରଜାଙ୍କ ଅଧ୍ୟକ୍ଷତାରେ ୫ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ନେତୃତ୍ୱାଧୀନ ଶାସକ ମେଣ୍ଟ ଗତ ଅଗଷ୍ଟରେ ୭୦ ବର୍ଷୀୟ ଇମ୍ରାନ୍‌ଙ୍କ ବିରୋଧରେ ଇସିପିଙ୍କ ଦ୍ୱାରସ୍ଥ ହୋଇଥିଲା। ଇମ୍ରାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ବିଦେଶୀ ନେତାମାନଙ୍କଠାରୁ ପାଇଥିବା ଉପହାରଗୁଡ଼ିକୁ ବିକ୍ରି କରିଦେଇଥିବା ଶାସକ ମେଣ୍ଟ ଅଭିଯୋଗ ଆଣିଥିଲା। ୨୦୧୮ ଅଗଷ୍ଟରୁ ୨୦୨୧ ଡିସେମ୍ବର ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ମିଳିଥିବା ୧୧୨ ବହୁମୂଲ୍ୟ ସାମଗ୍ରୀରୁ ୫୨ଟିକୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶରା ବିବି ନେଇଯାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୮୦୦୨୦୦ ଟଙ୍କା ହୋଇଥିବାବେଳେ ସେବାବଦକୁ ଏହି ଦମ୍ପତି ଟଙ୍କାଟିଏ ମଧ୍ୟ ପଇଠ କରି ନ ଥିବା ଅଭିଯୋଗ ହୋଇଥିଲା। ଇସିପି ଏହି ମାମଲାର ଶୁଣାଣି ଶେଷକରି ଗତ ସେପ୍ଟେମ୍ବର ୧୯ରେ ରାୟ ସଂରକ୍ଷିତ ରଖିଥିଲେ। ଏହି ଦୁର୍ନୀତି ଅଭିଯୋଗ ପ୍ରମାଣିତ ହୋଇଥିବାରୁ ଇମ୍ରାନ୍‌ଙ୍କୁ ନ୍ୟାଶନାଲ ଆସେମ୍ବ୍ଲିରୁ ୫ ବର୍ଷ ପାଇଁ ବାସନ୍ଦ କରାଯାଇଥିବା ପିଇସି କହିଛନ୍ତି।


**ପୂର୍ବ ତଟ ରେଳପଥ**

**ଚୁକ୍ତି ଭିତ୍ତିରେ ଆୟୁର୍ବେଦିକ ପରାମର୍ଶଦାତାଙ୍କ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ସୂଚନା ସଂ.: ECoR/Pers/Wel/Ayurvedic Cons./Engagement ତାରିଖ : 19.10.2022

ପୂର୍ବ ତଟ ରେଳପଥର କେନ୍ଦ୍ରୀୟ କର୍ମଚାରୀ ସୁବିଧା ପାଣ୍ଠି (CSBF) ତତ୍ତ୍ୱାବଧାନରେ ମୁଖ୍ୟାଳୟ/ଭୁବନେଶ୍ୱରଠାରେ ଚୁକ୍ତି ଭିତ୍ତିରେ ଆୟୁର୍ବେଦିକ ପରାମର୍ଶଦାତାଙ୍କ ନିଯୁକ୍ତି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନର ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପଦବୀ : ଆୟୁର୍ବେଦିକ ପରାମର୍ଶଦାତା (Consultant)

"ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ ଏବଂ ତାରିଖ : ରିପୋର୍ଟିଙ୍ଗ୍ ସମୟ ତା.11.11.2022ରିଖ (ଶୁକ୍ରବାର) ପୂର୍ବାହ୍ନ 09:30 ଘଟିକା ଠାରୁ 11:00 ଘଟିକା ପର୍ଯ୍ୟନ୍ତ ଉଦୟଗିରି ବୈଠକ ହଲ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017 ରେ।

ପଞ୍ଜୀକରଣ ଔପଚାରିକତା ପୂର୍ବାହ୍ନ 11:00 ଘଟିକାରେ ସମ୍ପୂର୍ଣ୍ଣ ହେବ ଏବଂ 11:00 ଘଟିକା ପରେ ପ୍ରାର୍ଥୀମାନଙ୍କୁ ପଞ୍ଜୀକରଣ କିମ୍ବା ୱାକ୍-ଇନ୍-ଇଣ୍ଟରଭ୍ୟୁ ପାଇଁ ଅନୁମତି ଦିଆଯିବ ନାହିଁ।

ଅନ୍ୟାନ୍ୟ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର, ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ପାରିଶ୍ରମିକ, ଆବଶ୍ୟକ ନଥିପତ୍ର, କାର୍ଯ୍ୟ ସମୟ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ➲ Recruitment Info ➲ Walk-in-Interview ପରିଦର୍ଶନ କରନ୍ତୁ।

ଦ୍ରଷ୍ଟବ୍ୟ : ଏହି ନିଯୁକ୍ତି CSBF ଦ୍ୱାରା ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ହୋଇଥିବାରୁ ସରକାରଙ୍କ ଏକ ନିୟମିତ ସିଭିଲ୍ ପଦବୀ ସନ୍ଦର୍ଭରେ ଏହାକୁ ବିବେଚନା କରାଯିବ ନାହିଁ। ତେଣୁ ପ୍ରଚଳିତ ନିୟମାନୁସାରେ ରେଳବାଇ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କୌଣସି ପ୍ରକାର ବିଶେଷ ଅଧିକାର/ସୁବିଧା ପାଇବା ପାଇଁ ସେମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।

PR-630/N/22-23 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ/ଭୁବନେଶ୍ୱର



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**
**ଆଞ୍ଚଳିକ କାର୍ଯ୍ୟାଳୟ, ବରଗଡ଼ : ଖଜୁରଟିକ୍ରା, ବରଗଡ଼ (ଓଡ଼ିଶା)**
**ସୁନା ନିଲାମ ବିଜ୍ଞପ୍ତି**

ଏହି ନୋଟିସ ଦ୍ୱାରା ନିମ୍ନଲିଖିତ ସ୍ୱର୍ଣ୍ଣଋଣଗ୍ରହୀତା, ସେମାନଙ୍କର ଆଇନ ସମ୍ମତ ଉତ୍ତରାଧିକାରୀ, ସ୍ୱର୍ଣ୍ଣ ବ୍ୟବସାୟୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଋଣ ଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ଆସନ୍ତା ତା. ୨୧.୧୧.୨୦୨୨ରିଖ. ସୋମବାର ସୁଦ୍ଧା ସେମାନଙ୍କର ସମସ୍ତ ବକେୟା ଋଣ(ଋଣ ଖାତାରେ ପୈଠ ହେବା ପର୍ଯ୍ୟନ୍ତ ସମୂଳସୁଧ ଓ ଆନୁସଙ୍ଗିକ ଖର୍ଚ୍ଚ) ପରିଶୋଧ ନକରନ୍ତି, ତାହାହେଲେ ଆସନ୍ତା ତା. ୨୨.୧୧.୨୦୨୨ ରିଖ ଦିବା ୧୧ ଘଣ୍ଟା ସମୟଠାରୁ ବ୍ୟାଙ୍କ ଗୃହ ମଧ୍ୟରେ ସେମାନେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ପ୍ରକାଶ୍ୟ ନିଲାମ କରାଯିବ। ଋଣ ଗ୍ରହୀତାମାନଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ। ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏଥିପାଇଁ ଟ. ୫୦୦୦/-(ପାଞ୍ଚ ହଜାର ଟଙ୍କା ମାତ୍ର) ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା ରଖିବେ। ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଅକ୍ଷମ ହୁଅନ୍ତି, ତାହେଲେ ତାଙ୍କର ଅମାନତ ଜମା ଟଙ୍କା ବ୍ୟାଜ୍ୟାପ୍ତି କରାଯିବ। ନିଲାମ ଡାକିଥିବା ମୂଲ୍ୟ ଯଦି ଉପଯୁକ୍ତ ବିବେଚିତ ନହୁଏ, ତାହାହେଲେ କୌଣସି କାରଣ ନଦର୍ଶାଇ ସେହି ନିଲାମକୁ ନାକଚ କରିବାର କ୍ଷମତା ବ୍ୟାଙ୍କର ରହିଛି। ପ୍ରକାଶ ଥାଉକି, ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଧାର୍ଯ୍ୟ ନିଲାମ ତାରିଖକୁ ରଦ୍ଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ।

| କ୍ର. ନଂ. | ଶାଖା | ଋଣ ଖାତା ନଂ. | ଋଣ ଗ୍ରହୀତାଙ୍କ ନାମ ଓ ଠିକଣା | ସୁନାର ଓଜନ(ଗ୍ରା) |
|---|---|---|---|---|
| ୧. | ବରପାଲି | ୧୨୦୨୧୦୧୧୪୬୫ | ସରତ କୁମାର ଦାଶ, ଗ୍ରାମ- ବରପାଲି, ପୋ. ବରପାଲି, ଜିଲ୍ଲା- ବରଗଡ଼ | ୪.୪୯୦ |
| ୨. | ମାଣ୍ଡୋସିଲ | ୮୪୦୨୫୪୧୨୦୫୮ | ରୋହିତ ବିଶ୍ୱାଲ, ଗ୍ରାମ- ମାଣ୍ଡୋସିଲ, ପୋ. ମାଣ୍ଡୋସିଲ, ଜିଲ୍ଲା- ବରଗଡ଼ | ୪୫.୪୭୦ |
| ୩. | ସୋନପୁର | ୮୪୦୩୭୩୧୦୨୧୧ | କୁଞ୍ଜବିହାରୀ ପ୍ରଧାନ, ଗ୍ରାମ- ସିଙ୍ଘାରୀ, ପୋ. କଲାପଥର, ଜିଲ୍ଲା- ସୁବର୍ଣ୍ଣପୁର | ୭.୦୪୦ |
| ୪. | ସୋନପୁର | ୮୪୦୪୦୭୪୩୪୬୫ | କୁଞ୍ଜବିହାରୀ ପ୍ରଧାନ, ଗ୍ରାମ- ସିଙ୍ଘାରୀ, ପୋ. କଲାପଥର, ଜିଲ୍ଲା- ସୁବର୍ଣ୍ଣପୁର | ୧୮.୫୯୦ |
| ୫. | ସୋନପୁର | ୮୪୦୩୩୬୬୯୯୪୪ | କୁଞ୍ଜବିହାରୀ ପ୍ରଧାନ, ଗ୍ରାମ- ସିଙ୍ଘାରୀ, ପୋ. କଲାପଥର, ଜିଲ୍ଲା- ସୁବର୍ଣ୍ଣପୁର | ୫.୧୧୦ |
| ୬. | ସୋନପୁର | ୮୪୦୩୦୫୦୧୭୦୦ | କୁଞ୍ଜବିହାରୀ ପ୍ରଧାନ, ଗ୍ରାମ- ସିଙ୍ଘାରୀ, ପୋ. କଲାପଥର, ଜିଲ୍ଲା- ସୁବର୍ଣ୍ଣପୁର | ୨୩.୫୦୦ |
| ୭. | ସୋନପୁର | ୮୪୦୩୭୭୭୨୫୫୦ | ରାମଶଙ୍କର ବାଗ, ଗ୍ରାମ- ଘୋଡ଼ାଘାଟପଡ଼ା, ସୁବର୍ଣ୍ଣପୁର, ଜିଲ୍ଲା- ସୁବର୍ଣ୍ଣପୁର | ୧୫.୪୪୦ |

ସ୍ଥାନ : ବରଗଡ଼, ତାରିଖ :୨୧.୧୦.୨୦୨୨ ଆଞ୍ଚଳିକ ପ୍ରବନ୍ଧକ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ



**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ 25.10.2022 କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) BUILDING NO.354,PURBANCHAL,KALIKAPUR,OPPOSITE OF SBI, CALCUTTA - 700078. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

Loan Nos: BHUBANESWAR (BUU) – 1946874, 1944421, 1924875, 1945597

For more details, please contact : Mr. UMAKANTA BAG - 9937043634

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*


# ଓସିଏ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ପ୍ରଣବ ପ୍ରକାଶ ଦାସ



ଓଡ଼ିଶା କ୍ରିକେଟ୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତା।

କଟକ ଅଫିସ, ୨୧।୧୦

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ୨୮ତାରିଖରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନେଇ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାର ଏଥିପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ତେବେ ଓସିଏ ସଭାପତି ସହ ସମସ୍ତ ପଦ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରଣବ ପ୍ରକାଶ ପ୍ରଥମ ଥର ପାଇଁ ସଭାପତି ହୋଇଥିବାବେଳେ ସମ୍ପାଦକ ପଦ ବଜାୟ ରଖିଛନ୍ତି ସଞ୍ଜୟ ବେହେରା। ପୂର୍ବରୁ ସଭାପତି ଥିବା ପଙ୍କଜ ଲୋଚନ ମହାନ୍ତି ଉପସଭାପତି ହୋଇଛନ୍ତି। ବିକାଶ ପ୍ରଧାନ କୋଷାଧ୍ୟକ୍ଷ ପଦ ବଜାୟ ରଖିଛନ୍ତି ଏବଂ ସହସମ୍ପାଦକ ପ୍ରଭାତ ଭୋଳ ଓ ଆପେକ୍ସ କାଉନସିଲ ସଦସ୍ୟ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୨୮ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ଅକ୍ଟୋବର ୧୪ରେ ଓଡ଼ିଶା କ୍ରିକେଟ ଆସୋସିଏଶନ ନିର୍ବାଚନ ନେଇ ପୁରୀରେ ଅନୁଷ୍ଠିତ ବୈଠକରେ ଯାଜପୁରର ବିଧାୟକ ତଥା ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓଡ଼ିଶା କ୍ରିକେଟ ଆସୋସିଏଶନର ସଭାପତି ପଦ ପାଇଁ ସର୍ବସମ୍ମତ ପ୍ରାର୍ଥୀ ହୋଇଥିଲେ। ପ୍ରଣବଙ୍କୁ ଓସିଏ ସଭାପତି କରିବାକୁ ବିଭିନ୍ନ ଜିଲ୍ଲା କ୍ରିକେଟ ଆସୋସିଏଶନର ସଦସ୍ୟମାନେ ମତ ଜଣାଇଥିଲେ। ନିର୍ବାଚନ ପାଇଁ ୨୧ରେ ନାମାଙ୍କନ ଦାଖଲ, ୨୨ରେ ଯାଞ୍ଚ ଓ ଅଭିଯୋଗ ଗ୍ରହଣ କରାଯିବା ସହିତ ନାମ ପ୍ରକାଶ ଏବଂ ୨୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ୨୮ତାରିଖରେ ନିର୍ବାଚନ ହେବାର ଥିଲା। ମାତ୍ର ସମସ୍ତ ପଦ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ଆଉ ନିର୍ବାଚନ ହେବ ନାହିଁ।


**ESAF SMALL FINANCE BANK**
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

DATE OF AUCTION : 26-10-2022 TIME : 10 AM TO 4 PM
AUCTION VENUE : THROUGH E-AUCTION
AUCTION ADDRESS : https://gold.matexnet.org/

To register as bidder for the e-Auction with terms and conditions, and full details of e-Auction please visit the above site

BRANCHES & LOAN ACCOUNT NUMBERS
BHUBANESHWAR: 63210001336015, 1339620

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur
Date: 22-10-2022
Sd/-
Authorized Signatory



**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ମୃତ ଋଣଗ୍ରହୀତାଙ୍କ ଆଇନ୍‌ଗତ ଉତ୍ତରାଧିକାରୀଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା। ତାହା ମଧ୍ୟରୁ ଏକ ନୋଟିସ୍ ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ବାଲୁଗାଁ ଶାଖା/ ଋଣଗ୍ରହୀତା/ମୃତ ଋଣଗ୍ରହୀତାଙ୍କ ଆଇନ୍‌ଗତ ଉତ୍ତରାଧିକାରୀଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୪୦୧୧୬୯୫୩୮୮୫ (ଗୃହ ଋଣ) ଋଣଗ୍ରହୀତା: ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନ, ପିତା: ୰ ଖଲି ପ୍ରଧାନ, ମୃତ ଋଣଗ୍ରହୀତା: ଜଗନ୍ନାଥ ପ୍ରଧାନ, ଉଭୟଙ୍କ ଠିକଣା- ସା: ଘୁମୁସରପଦର, ପୋ: ଘିଅଖଲା, ଥାନା: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୩୦ / ଜଗନ୍ନାଥ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀମାନେ (୰ ଋଣଗ୍ରହୀତା) : ୧) ଶ୍ରୀମତୀ କାବୁଲି ପ୍ରଧାନ, ସ୍ୱାମୀ: ୰ ଜଗନ୍ନାଥ ପ୍ରଧାନ, ୨) ଶ୍ରୀ ସଞ୍ଜିବ କୁମାର ପ୍ରଧାନ, ପିତା: ୰ ଜଗନ୍ନାଥ ପ୍ରଧାନ, ୩) ଶ୍ରୀ ରଞ୍ଜିବ କୁମାର ପ୍ରଧାନ, ପିତା: ୰ ଜଗନ୍ନାଥ ପ୍ରଧାନ, ୪) ଶ୍ରୀ ବସନ୍ତ କୁମାର ପ୍ରଧାନ, ପିତା: ୰ ଜଗନ୍ନାଥ ପ୍ରଧାନ, ସମସ୍ତଙ୍କ ଠିକଣା-ସା: ଘୁମୁସରପଦର, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ୰ ଜଗନ୍ନାଥ ପ୍ରଧାନ ଏବଂ ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନଙ୍କ ନାମରେ ଥିବା ଘରବାରୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସିଙ୍ଘେଶ୍ୱର, ଘୁମୁସରପଦର, ବାଲୁଗାଁ, ଖାତା ନଂ.: ୨୭୬/୨୬୫, ପ୍ଲଟ୍ ନଂ.: ୩୨୯, କ୍ଷେତ୍ର: ଏକର୦.୨୩୯ ଡ଼ିସିମିଲି, ସମୁଦାୟ କ୍ଷେତ୍ର ଏକର୦.୨୩୯ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ହରିହର ମିଶ୍ରଙ୍କ ଜମି ଏବଂ ଅନ୍ୟମାନେ, ଉତ୍ତର: ଶ୍ରୀ ମାଲିକେଶ୍ୱର ଦେବଙ୍କ ଜମି, ପୂର୍ବ: ରୋଡ଼, ପଶ୍ଚିମ: ଶ୍ରୀ ରାଧାକାନ୍ତ ଦେବଙ୍କ ଜମି | ୨୫.୦୭.୨୦୨୨ / ୨୪.୦୭.୨୦୨୨ | ୨୪.୦୭.୨୦୨୨ସୁଦ୍ଧା ଟ.୩୦,୩୪,୧୨୩/- + ସେବାବଦ ସୁଧ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତା/ ମୃତ ଋଣଗ୍ରହୀତାଙ୍କ ଆଇନ୍‌ଗତ ଉତ୍ତରାଧିକାରୀମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୧.୧୦.୨୦୨୨ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**ଦ.ପୂ. ରେଳପଥ - ଟେଣ୍ଡର**

**କାର୍ଯ୍ୟ ଟେଣ୍ଡର ପାଇଁ ଇ-ଟେଣ୍ଡରିଂ**

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖରେ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୦୮-ଜିଆର୍‌ସି-ସିଭ-ସି-ଏକ୍ସ୍ୟୁ-୩୨-୨୦୨୨, ସମାପ୍ତି ତାରିଖ: ୧୫।୧୧।୨୦୨୨, କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଖଡ଼୍ଗପୁର-ଭଦ୍ରକ ସେକ୍ସନରେ ବାଲେଶ୍ୱର-ନୀଳଗିରି ରୋଡ୍ ଷ୍ଟେଶନ ମଧ୍ୟରେ କିମି: ୨୩୨/୫-୭୦ରେ ବିଦ୍ୟମାନ ଏଲ୍.ସି. ନଂ.୮୦ ବଦଳରେ ୧x୪୮.୦ ମିଟରର ବାଓ ଷ୍ଟ୍ରିଙ୍ଗ୍ ଗିର୍ଡର ସ୍ପାନ୍ ସହିତ କିମି: ୨୩୨/୫-୭୦ରେ ରୋଡ୍ ଓଭର ବ୍ରିଜ୍ ନଂ. ୨୬୮/ଏ ନିର୍ମାଣ ସଂକ୍ରାନ୍ତୀୟ ବଳକା କାର୍ଯ୍ୟର ନିର୍ବାହ । ଆନୁମାନିକ ମୂଲ୍ୟ: ₹୬.୧୯ କୋଟି । ବିଡ୍ ଅମାନତ: ₹୪,୫୯,୫୦୦ ଏବଂ ସମାପ୍ତି ଅବଧି: ୦୯ ମାସ । ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୫୬-ଜିଆର୍‌ସି-ସିଭ-ସି-II-୫୯-୨୦୨୨, ସମାପ୍ତି ତାରିଖ: ୧୪।୧୧।୨୦୨୨, କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦ.ପୂ. ରେଳପଥର ଡେପୁଟି ସିଭ/ସିଓଏନ/ଆଦ୍ରାର (i) ଡାଙ୍ଗୁଆପୋଷି-କାରୋଲି ୩ୟ ଲାଇନ୍ (୪୪.୧୦ କିମି), (ii))ଗହ୍ଲାରିଆ-ଚାଣ୍ଡିଲ ୩ୟ ଲାଇନ୍ (୨୫.୫୦ କିମି), (iii) ଆଦିତ୍ୟପୁର-ରାଜଖରସୁଆଁ ୪ର୍ଥ ଲାଇନ୍ (୩୭ କିମି), (iv) ବରବେନ୍ଦ୍ରା-ଡମରୁଘୁଟୁ ଡବଲିଂ ଏବଂ ଡମରୁଘୁଟୁ-ବୋକାରୋ ଷ୍ଟିଲ୍ ସିଟି ୩ୟ ଲାଇନ୍ (୩୦ କିମି), (v) ରାଜଖରସୁଆଁ-ଡାଙ୍ଗୁଆପୋଷି ୪ର୍ଥ ଲାଇନ୍ (୭୫ କିମି), (vi) ଗହ୍ଲାରିଆ-ଚାଣ୍ଡିଲ ୪ର୍ଥ ଲାଇନ୍ (୨୫.୫୦ କିମି), (vii) ସିନି-କାନ୍ଦ୍ରା ୩ୟ ଲାଇନ୍ ଓ ୪ର୍ଥ ଲାଇନ୍ (୨୭.୨ କିମି), (viii) ଡାଙ୍ଗୁଆପୋଷି-କାରୋଲି ୪ର୍ଥ ଲାଇନ୍ (୪୪.୯୦ କିମି), (ix) ପଦହାରଠାରେ ନୂଆମୁଣ୍ଡି-ଜାମକୁଣ୍ଡିଆ ମଧ୍ୟରେ ବାଇପାସ୍ ଲାଇନ୍ (୫ କିମି) ଏବଂ (x) ବଡ଼ବିଲ-ବଲାଣି ଖାଦାନ ଡବଲିଂ (୩ କିମି) ମଧ୍ୟରେ ବୃହାନ୍ତ ଅବସ୍ଥାନ ସର୍ବେକ୍ଷଣ, ମୃତ୍ତିକା ତଦନ୍ତ କାର୍ଯ୍ୟ, ୟାର୍ଡ ଯୋଜନା ପ୍ରସ୍ତୁତି, ସ୍ଲୋପ୍ ସ୍ଥିରତା ବିଶ୍ଳେଷଣ ଏବଂ ବିଭିନ୍ନ ସବିଶେଷ ଡିଜାଇନ୍ ତଥା ଡ୍ରଇଂ ଦାଖଲ ଭଳି ପ୍ରାଥମିକ କାର୍ଯ୍ୟଗୁଡ଼ିକ ପାଇଁ କାର୍ଯ୍ୟ ନିର୍ବାହ ସଂକ୍ରାନ୍ତରେ ସବିଶେଷ ପ୍ରକଳ୍ପ ରିପୋର୍ଟ ଏବଂ ସବିଶେଷ ଡିଜାଇନ୍ କନ୍‌ସଲ୍‌ଟାନ୍ସି ନିମନ୍ତେ ପରାମର୍ଶ ସେବା । ଆନୁମାନିକ ମୂଲ୍ୟ: ₹୪.୯୭ କୋଟି । ବିଡ୍ ଅମାନତ: ₹୩,୯୮,୭୦୦ ଏବଂ ସମାପ୍ତି ଅବଧି: ୦୬ ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ ।

(PR-715) ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏକ୍ସ୍ୟୁ/ଗାର୍ଡେନ୍ ରିଚ୍


# ଶୁକପାଇକା ନଦୀ ପୁନରୁଦ୍ଧାର ପାଇଁ ୫୦ କୋଟି

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

କଟକ ଜିଲ୍ଲା ଅନ୍ତର୍ଗତ ମହାନଦୀ ଡେଲ୍‌ଟାର ଶୁକପାଇକା ନଦୀର ପୁନରୁଦ୍ଧାର ହେବ। ବିଲୁପ୍ତ ସ୍ଥିତିକୁ ଆସିଯାଇଥିବା ଏହି ନଦୀରେ ପୁଣି ପ୍ରବାହିତ ହେବ ଛଳଛଳ ଜଳଧାରା। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କିତ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିଲାଗି ପ୍ରାୟ ୪୯.୬୭ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ନଦୀର ଉଭୟ ପାର୍ଶ୍ୱରେ ଥିବା ଗ୍ରାମୀଣ ରାସ୍ତାଗୁଡ଼ିକୁ ସଂଯୋଗ କରିବା ନିମନ୍ତେ ନଈ ଉପରେ ୪ଟି ପୋଲ ନିର୍ମାଣ କରାଯିବ। ସମୁଦାୟ ପ୍ରକଳ୍ପକୁ ୧୮ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇ କହିଛନ୍ତି, ମହାନଦୀର ଦକ୍ଷିଣ ପାର୍ଶ୍ୱସ୍ଥିତ ଆୟତପୁର ଗ୍ରାମ ନିକଟରୁ ଶୁକପାଇକା ଏକ ପ୍ରାକୃତିକ ନାଳ ଭାବେ ଉତ୍ପତ୍ତି ଲାଭ କରିଛି। କଟକ ସଦର, ନିଶ୍ଚିନ୍ତକୋଇଲି ଏବଂ ରଘୁନାଥପୁର ବ୍ଲକର ପ୍ରାୟ ୨୧ ପଞ୍ଚାୟତ ଦେଇ ୩୦.୪୫ କି.ମି. ଅତିକ୍ରମ କରିବା ପରେ ଏହି ନଦୀ ତାରପୁର ନିକଟସ୍ଥ ବଙ୍କାଲଠାରେ ମହାନଦୀରେ ମିଶିଛି। ୧୯୫୦ର ପ୍ରଳୟଙ୍କରୀ ବନ୍ୟା ପରେ ଜଳ ନିୟନ୍ତ୍ରଣ ଲାଗି ଏହାର ପ୍ରବେଶ ପାର୍ଶ୍ୱ ବନ୍ଦ କରାଯାଇଥିଲା। ଏହି ପ୍ରାକୃତିକ ନାଳର ପୁନରୁଦ୍ଧାର ହେଲେ ଅଧିକ ଜଳସେଚନ ସୁଯୋଗ ସୃଷ୍ଟି ହେବ। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତିଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୁନର୍ବିନ୍ୟାସ ପରେ ବର୍ଷତମାମ ଯେପରି ନଦୀରେ ଯଥେଷ୍ଟ ପାଣି ରହିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଜଳ ସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
बैंक ऑफ महाराष्ट्र Bank of Maharashtra भारत सरकार का उद्यम एक परिवार एक बैंक
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in
Azadi Ka Amrit Mahotsav

**ଦଖଲ ନୋଟିସ୍** [ନିୟମ ୮ (୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ ।

ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଭୁବନେଶ୍ୱର ଶାଖା / ୧)ଋଣଗ୍ରହୀତା: ମେସର୍ସ ଜେ.ଡି.ଆସୋସିଏଟ୍ସ, ପଞ୍ଜିକୃତ ଠିକଣା: ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ବରମୁଣ୍ଡା, ଡ଼େଲଟା ସ୍କୋୟାର , ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ପାଇକରାୟ, ସ୍ୱାମୀ: ଶ୍ରୀ ଜ୍ୟୋତି ରଞ୍ଜନ ପାଇକରାୟ / ଗ୍ୟାରେଣ୍ଟିଦାତା: ଶ୍ରୀ ଜ୍ୟୋତି ରଞ୍ଜନ ପାଇକରାୟ, ପିତା: ଗୋପାଳ ଚରଣ ପାଇକରାୟ, ଉଭୟଙ୍କ ଠିକଣା: ସା: ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ବରମୁଣ୍ଡା, ଡ଼େଲଟା ସ୍କୋୟାର , ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, ୨)ଋଣଗ୍ରହୀତା: ମେସର୍ସ ଜ୍ୟୋତି ସପ୍ଲାୟର୍ସ, ଠିକଣା: ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ବରମୁଣ୍ଡା, ଡ଼େଲଟା ସ୍କୋୟାର , ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, ସ୍ୱତ୍ୱାଧିକାରୀ: ଶ୍ରୀ ଜ୍ୟୋତି ରଞ୍ଜନ ପାଇକରାୟ, ପିତା: ଗୋପାଳ ଚରଣ ପାଇକରାୟ, ସା: ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ବରମୁଣ୍ଡା, ଡ଼େଲଟା ସ୍କୋୟାର , ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସସ୍ମିତା ପାଇକରାୟ, ସ୍ୱାମୀ: ଶ୍ରୀ ଜ୍ୟୋତି ରଞ୍ଜନ ପାଇକରାୟ, ସା: ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ବରମୁଣ୍ଡା, ଡ଼େଲଟା ସ୍କୋୟାର , ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩ | ଶ୍ରୀ ଜ୍ୟୋତି ରଞ୍ଜନ ପାଇକରାୟଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୮୫, ପ୍ଲଟ୍ ନଂ.: ୧୭୦୨ ଏବଂ ୧୭୦୩, ଘରବାରୀ, କ୍ଷେତ୍ର: ଏକର୦.୦୫୫ ଡ଼ିସିମିଲି ଏବଂ ଏକର୦.୦୫୦ ଡ଼ିସିମିଲି, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୬୧୩ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ.: ଏଲପି-୩୬୭ ସହିତ ସେଥିରେ ନିର୍ମିତ ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ସର୍ବମୋଟ କ୍ଷେତ୍ର: ୧୬୧୩ ବର୍ଗଫୁଟ (କାର୍ପେଟ) ଯାହା ୧୬୧୩ ବର୍ଗଫୁଟ (ବିଲ୍ଟ ଅପ୍), ୨ଟି ମହଲାରେ ଥିବା ୬ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବାବାଜୀ ଚନ୍ଦ୍ର ସାହୁଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଶ୍ରୀ ବାବାଜୀ ଚନ୍ଦ୍ର ସାହୁଙ୍କ ପ୍ଲଟ୍, ଦକ୍ଷିଣ: ସରକାରୀ ଜମି | ୧)୦୪.୦୭.୨୦୨୨ ସୁଦ୍ଧା ଟ.୬୧,୪୧,୩୧୦.୬୦ ୨)୧୦.୦୬.୨୦୨୨ ସୁଦ୍ଧା ଟ.୫୪,୬୩,୯୩୫.୬୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୧.୦୮.୨୦୨୨ / ୧୭.୧୦.୨୦୨୨ |
| କଟକ ଶାଖା / ଋଣଗ୍ରହୀତା: ମେସର୍ସ ରାଧାକ୍ରିଷ୍ଣ, ସ୍ୱତ୍ୱାଧିକାରୀ: ଶ୍ରୀ ବାସୁଦେବ ପାଳ, ପିତା: ଶ୍ରୀ ଉମା ବଲ୍ଲଭ ପାଳ, ସା: ହୋଲ୍ଡିଂ ନଂ.: ୪୪ ଏ ୨, ସିଆରଆରଆଇ ନିକଟ, କେଶପୁର, ବିଦ୍ୟାଧରପୁର, କଟକ-୭୫୩୦୦୬ | ଶ୍ରୀ ବାସୁଦେବ ପାଳ, ପିତା: ଶ୍ରୀ ଉମା ବଲ୍ଲଭ ପାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଗୃହ ଯାହାର ମୌଜା: କଣ୍ଡିଲୋ, ଖାତା ନଂ.: ୩୮୬/୧-ଡ୍ରିଂ, ଅନୁରୂପ ଖାତା ନଂ.: ୩୭୭, ପ୍ଲଟ୍ ନଂ.: ୨୨୦, ପରିମିତ କ୍ଷେତ୍ର: ଏକର୦.୧୬୦ ଡ଼ିସିମିଲି ସହିତ ସେଥିରେ ନିର୍ମିତ ହେବାକୁ ଥିବା / ନିର୍ମିତ ହୋଇଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ସର୍ବମୋଟ କ୍ଷେତ୍ର: ୬୭୭୦ ବର୍ଗଫୁଟ (କାର୍ପେଟ), ୪୪୧୭ ବର୍ଗଫୁଟ (ବିଲ୍ଟ ଅପ୍), ସର୍ବମୋଟ ୫ଟି ରୁମ୍ (କୋଠରୀ) ଏବଂ ତଳ ମହଲାରେ ଥିବା ଅନ୍ୟ ସପିଙ୍ଗ୍ କମ୍ପ୍ଲେକ୍ସ ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକଚର | ୦୨.୦୮.୨୦୨୨ ସୁଦ୍ଧା ଟ.୩,୮୪,୮୭,୬୬୭.୦୫ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୨.୦୮.୨୦୨୨ / ୨୧.୧୦.୨୦୨୨ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୨.୧୦.୨୦୨୨ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର


# ଆର୍‌ଟିଓ କାର୍ଯ୍ୟାଳୟ ବାହାରୁ ୮ ଦଲାଲ ଗିରଫ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଭୁବନେଶ୍ୱର ଆର୍‌ଟିଓ-୧ କାର୍ଯ୍ୟାଳୟରେ ଡ୍ରାଇଭିଂ ଲାଇସେନ୍ସ, ଗାଡିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ ଆଦି କରାଇଦେବା ନାଁରେ ଟଙ୍କା ଠକୁଥିବା ୭ଜଣ ଦଲାଲଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ପଳାଶୁଣୀ ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସତୀଶ କୁମାର ନାୟକ ଓ ଶହୀଦ ନଗର ଅଞ୍ଚଳରେ ରହୁଥିବା ଭାଗ୍ୟବ୍ରତ ପାଢୀ ଓରଫ ଲୁଲୁ, କଟକ ଜିଲ୍ଲାର ପ୍ରକାଶ କୁମାର ବେହେରା, ସୁକାନ୍ତ ବାରିକ ଓ ପ୍ରଭାତ କୁମାର ସାହୁ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳର ନିଶା କର ନାୟକ ଏବଂ ଗଞ୍ଜାମର ଦେବେନ୍ଦ୍ର କୁମାର ଗୌଡ ଓରଫ ପିଙ୍କୁ। ଏନେଇ ପୋଲିସ ମାମଲା (ନଂ. ୪୯୭/୨୨) ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତମାନେ ଆର୍‌ଟିଓ ଅଫିସ୍‌ରେ ଡେରା ପକାଇ ନିଜକୁ ଆର୍‌ଟିଓ କର୍ମଚାରୀ ପରିଚୟ ଦେଇ ଶୀଘ୍ର କାମ କରାଇଦେବାକୁ କହି ଲୋକଙ୍କଠାରୁ ଟଙ୍କା ଲୁଟୁଥିଲେ। ଶହୀଦନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ, ପି.ଓ.ପି.ଡି ଏବଂ ଟିମ୍-୬୦ର ଏକ ମିଳିତ ଟିମ୍ ଆର୍‌ଟିଓ-୧ ଅଫିସ ବାହାରେ ସାଦା ପୋଷାକରେ ରହି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ କାବୁ କରିଥିଲେ। ତଦନ୍ତବେଳେ ଅଭିଯୁକ୍ତମାନେ ଆର୍‌ଟିଓ ଅଫିସ ବାହାରେ ବୁଲିଥାନ୍ତି ଓ ସେଠାକୁ ଆସୁଥିବା ଲୋକଙ୍କୁ ନାନା ବିଭ୍ରାନ୍ତ କରି ଭୁଲ୍ ତଥ୍ୟ ଦେଇ ଫସାଇବା ପରେ ଟଙ୍କା ଠକି ନେଉଥିଲେ। ବହୁ ଲୋକ ଟଙ୍କା ଦେଉଥିଲେ ମଧ୍ୟ କାମ ହେଉ ନ ଥିଲା। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37/ET/SBP/ENGG/2022-23, ତା.19.10.2022ରିଖ

(1)ଇ-ଟେଣ୍ଡର ସଂ.29-eT-DENC-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର-ବରଗଡ଼ ରୋଡ୍ ସେକ୍ସନରେ ଦେବାହଲ-ବରଗଡ଼ ରୋଡ୍ ମଧ୍ୟରେ କି.ମି.599/4 ସ୍ଥିତ JT-43 ଏବଂ ଗୋଡ଼ଭଗା-ଅତାବିରା ମଧ୍ୟରେ କି.ମି.583/0-1 ସ୍ଥିତ JT-34 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 7,83,36,759.75, EMD(ଟଙ୍କାରେ): 5,41,700/-।

(2)ଇ-ଟେଣ୍ଡର ସଂ.30-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବରଗଡ଼ ରୋଡ୍ ଷ୍ଟେସନର ସଫ୍ଟ (Soft) ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,32,09,470.34, EMD(ଟଙ୍କାରେ): 2,66,100/-।
କାର୍ଯ୍ୟ ଶେଷ ହେବା ଅବଧି: 10 (ଦଶ)ମାସ (କ୍ରମ ସଂ.1 ପାଇଁ) ଏବଂ 04 (ଚାରି)ମାସ (କ୍ରମ ସଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.11.2022ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ)/ ସମ୍ବଲପୁର
PR-629/N/22-23



See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/22-23/E-Tender/102,ତା.19.10.2022ରିଖ

(1) ଟେଣ୍ଡର ସଂ.etender-CENT-KUR-281-2022,ତା.14.10.2022ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ୟାର୍ଡଗୁଡ଼ିକ ଠାରେ ନୂଆ ଥ୍ରୁ ୱେବ୍ ସୁଇଚ୍‌ଗୁଡ଼ିକ ଦ୍ୱାରା କ୍ଷତିଗ୍ରସ୍ତ କର୍ଭ ସୁଇଚ୍‌ଗୁଡ଼ିକର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 149.73 ଲକ୍ଷ, EMD (ଟଙ୍କାରେ): 2,24,900/-।

(2) ଟେଣ୍ଡର ସଂ.etender-CENT-KUR-284-2022,ତା.14.10.2022ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ଗୁରୁଡ଼ିଝାଟିଆ ଠାରୁ ହିନ୍ଦୋଳ ରୋଡ୍ ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 145.45 ଲକ୍ଷ, EMD (ଟଙ୍କାରେ): 2,22,700/-।

(3) ଟେଣ୍ଡର ସଂ.etender-CENT-KUR-283-2022,ତା.14.10.2022ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଢେଙ୍କାନାଳ ପରିସୀମା ଅଧୀନସ୍ଥ ଅନୁଗୁଳ-ତାଳଚେର-ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ପ୍ରସ୍ତାବିତ ବିବିଧ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 244.28 ଲକ୍ଷ, EMD (ଟଙ୍କାରେ): 2,72,200/-।
ଶେଷ ହେବା ଅବଧି: 10(ଦଶ)ମାସ(ସମସ୍ତ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.11.2022 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-628/N/22-23

## ନାବାଳିକା ବଳାତ୍କାର ମାମଲା : ଅଭିଯୁକ୍ତଙ୍କୁ ୨୫ ବର୍ଷ ଜେଲ

ଫୁଲବାଣୀ ଅଫିସ,୨୧।୧୦: ଫୁଲବାଣୀ ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସଞ୍ଜିତ କୁମାର ବେହେରା ଶୁକ୍ରବାର ୫ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୮ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଦେଢ଼ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ସରକାରଙ୍କ ନିୟମ ଅନୁସାରେ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କହିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ନିହେଶ୍ୱର ପ୍ରଧାନ(୪୦) ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଅ ଗାଁ ଗଲେ କୋଶେ,
ଛ' ଗାଁ ଗଲେ କୋଶେ ।**

ପରିଶ୍ରମ ଅଳ୍ପ ହେଉ ଅବା ବହୁତ, ଆୟ ଯେତିକି ସେତିକି। ପରିଶ୍ରମ ଅନୁସାରେ ଆୟରେ ସେଭଳି ଆଖିଦୃଶିଆ ଉନ୍ନତି ଘଟୁ ନ ଥିବା ବା ସେତେ ଅଧିକ ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈ ପହଁରଇ ମୀନ;
ଦଦରା ଡଙ୍ଗାରେ କେ ଦେଲା ଚିହ୍ନ;
ବାପ ଘରେ ଗଲା ଦିନ।**

ବିବାହ ବନ୍ଧନରେ ଆବଦ୍ଧ ହୋଇ ଝିଅଟି ଯେବେ ଘରର ଏରୁଣ୍ଡି ବନ୍ଧ ଡେଇଁ ଆଉ କାହା ଘରର କୁଳବଧୂ ହୋଇଯାଏ, ସେତେବେଳେ ସେ ତା'ର ସବୁ ଇଚ୍ଛା ଓ ସ୍ୱପ୍ନକୁ ପଛରେ ପକାଇ ସ୍ୱାମୀ ଓ ଶାଶୁଘର ଲୋକଙ୍କ ପାଇଁ ଜୀବନକୁ ସମର୍ପିତ କରିଦିଏ। ତେବେ ପରିସ୍ଥିତିରେ ପଡି ଶାଶୁଘରେ ଚଳି ନ ପାରିଲେ ସେ ବାପଘରକୁ ଫେରିଆସିବାକୁ ବାଧ୍ୟ ହୁଏ। ଫଳରେ ବାପଘରେ ବୋଝ ସଦୃଶ ହୋଇଯାଏ। ଶାଶୁଘରର ଅସହାୟତା ଯୋଗୁ ବାପଘରେ ଦିନ କାଟୁଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗୋପାଳପୁର ଇସ୍ପାତ ପ୍ରକଳ୍ପ: ମାଲିକ ଫେରି ପାଇବେ ଜମି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଗଞ୍ଜାମ କାଳିପଲ୍ଲୀ ମୌଜାରେ ୨୦୬ ଏକର ଜମି ମାଲିକମାନଙ୍କୁ ଫେରାଯିବ। ଟାଟା ଷ୍ଟିଲ୍ କମ୍ପାନୀ ପକ୍ଷରୁ ଗୋପାଳପୁରଠାରେ ଏକ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୨୦ ବର୍ଷ ତଳେ ଜମି ଅଧିଗ୍ରହଣ ହୋଇଥିଲା। ଏବେ ଏହାକୁ ଫେରାଇ ଦିଆଯିବ। ତେବେ ଜମି ମାଲିକମାନେ ନେଇଥିବା କ୍ଷତିପୂରଣ ରାଶି ଫେରାଇବେ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

## ୨୦ କୋଟି ଦେଲେନି, ....

ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ 'ନିର୍ମାଣ ସୌଧ'ରେ ଥିବା ସରକାରୀ ସମ୍ପତ୍ତିକୁ ଜବତ କରିଥିଲା। ଏହାକୁ ନେଇ ସେତେବେଳେ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହେବା ସହ ରାଜ୍ୟ ସରକାରଙ୍କ ପାଇଁ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଲ୍ଆଣ୍ଡଟି କମ୍ପାନୀକୁ ତା'ର ବକେୟା ମୂଳଧନ ଉପରେ ୧୮% ସୁଧ ହାରରେ ମୋଟ ୧୦୦କୋଟି ୬ଲକ୍ଷ ୪୨ହଜାର ୪୬୬ଟଙ୍କା ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ ଶୁକ୍ରବାର ନିଷ୍ପତ୍ତି ନେଇଛି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ୨୦ ଜଣ ବିଡିଓ, ତହସିଲଦାର, ଡେପୁଟି କଲେକ୍ଟରଙ୍କୁ ଅଦଳବଦଳ କରାଯାଇଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୌଦ୍ଧ ଡେପୁଟି କଲେକ୍ଟର ବିଜୟ ପ୍ରଧାନଙ୍କୁ ଖଜୁରିପଡା ତହସିଲଦାର ଭାବେ ବଦଳି କରାଯାଇଥିବା ବେଳେ ଖଜୁରିପଡା ତହସିଲଦାର ସ୍ୱପ୍ନିତା ନାୟକଙ୍କୁ ବୌଦ୍ଧ ଡେପୁଟି କଲେକ୍ଟର, ବୈପାରୀଗୁଡ଼ା ତହସିଲଦାର କୈଳାସ ତ୍ରିପାଠୀଙ୍କୁ ଗୁମା, ପରଜଙ୍ଗ ତହସିଲଦାର ଖଗେଶ୍ୱର ପାତ୍ରଙ୍କୁ ଗଣିଆ ବିଡିଓ, ଗଣିଆ ବିଡିଓ ଶିରିଆଲ ଶୁଭ୍ର ପଟେଲଙ୍କୁ ପରଜଙ୍ଗ ତହସିଲଦାର, କେ. ନୂଆଗାଁ ତହସିଲଦାର ଲକ୍ଷ୍ମୀଧର ରାଉତଙ୍କୁ ଢେଙ୍କାନାଳ ଡେପୁଟି କଲେକ୍ଟର, ବାଣୀ ନିବେଦିତା ସ୍ୱାଇଁଙ୍କୁ ଓଡପଡା ତହସିଲଦାର ଭାବେ ବଦଳି କରାଯାଇଛି। ସେହିପରି ଢେଙ୍କାନାଳ ଆସିଷ୍ଟାଣ୍ଟ କଲେକ୍ଟର ହରିହର ପଞ୍ଚୁଆତିଙ୍କୁ ଢେଙ୍କାନାଳ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଥିବା ବେଳେ ବ୍ରହ୍ମପୁର ସବ୍‌କଲେକ୍ଟର ବିନୋଦ କୁମାର ବେହେରାଙ୍କୁ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର, ରାଇରଙ୍ଗପୁର ତହସିଲଦାର ମିହିର ରଞ୍ଜନ ବେହେରାଙ୍କୁ ଜଳେଶ୍ୱର ତହସିଲଦାର ଭାବେ ବଦଳି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆଙ୍କ ଦାନ୍ତ ....

ସମୟରେ ରୋଗ ଚିହ୍ନଟ ହୋଇପାରନ୍ତା ଏବଂ ମୁଖଗହ୍ୱର କର୍କଟ ଭଳି ମାରାତ୍ମକ ରୋଗରୁ ମୁକ୍ତି ମିଳିପାରନ୍ତା। ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଲକ୍ଷାଧିକ ଲୋକ ଉପକୃତ ହେଉଥିଲେ ମଧ୍ୟ ଏଥିରେ ଦନ୍ତ ବିଭାଗର ଦାନ୍ତ ଉପୁଡ଼ିବା ଛଡ଼ା ରୁଟ୍ କେନାଲ ଚିକିତ୍ସା, ଦାନ୍ତ ଓ ମାଢ଼ି ସଫା କରିବା, ନୂଆ ଦାନ୍ତ ଲଗାଇବା, ଅସଜଡ଼ା ଦାନ୍ତ ଓ ମାଢ଼ିର ଚିକିତ୍ସା ଉପଲବ୍ଧ ନାହିଁ। ଫଳରେ ଏହି କାର୍ଡଧାରୀମାନେ ଦନ୍ତ ଚିକିତ୍ସାରୁ ଦୂରେଇ ରହୁଛନ୍ତି ଏବଂ ଆଗକୁ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପିଏଚ୍‌ସିଗୁଡ଼ିକରେ ଦାନ୍ତ ଡାକ୍ତର ନିଯୁକ୍ତି ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଏହି ରୋଗର ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।

ଏ ସମ୍ପର୍କରେ ଓଡ଼ିଶା ଡେଣ୍ଟାଲ ସର୍ଜନ୍‌ସ ଆଣ୍ଡ ଷ୍ଟୁଡେଣ୍ଟ ଆକ୍ସନ କମିଟିର ରାଜ୍ୟ ସଂଯୋଜକ ଡା. ପ୍ରିୟବ୍ରତ ପଣ୍ଡା କହିଛନ୍ତି, ଏହି ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଭାଗକୁ ଆମେ ବାରମ୍ବାର ଜଣାଇଲୁଣି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ଥିବା ୧,୩୭୫ ପିଏଚ୍‌ସିରେ ମାତ୍ର ୧୨ଜଣ ଦାନ୍ତ ଡାକ୍ତର ରହିଛନ୍ତି। ଯେଉଁମାନେ କି ସ୍ଥାୟୀ ନୁହନ୍ତି। ପିଏଚ୍‌ସିରେ ଦନ୍ତ ଚିକିତ୍ସକ ନିଯୁକ୍ତି ନ ହେବା ଏକ ଗୁରୁତର ଅବହେଳା। କାରଣ ଗ୍ରାମାଞ୍ଚଳରେ ଲୋକେ ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ତେଣୁ ପ୍ରତିବର୍ଷ ନିୟମିତ ଭାବେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷା ଦ୍ୱାରା ସମସ୍ତ ପ୍ରାଥମିକ ଚିକିତ୍ସାଳୟରେ ଦାନ୍ତ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ପୂର୍ବରୁ ଯେଉଁ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ତା'ର ପରୀକ୍ଷାଗୁଡ଼ିକ ମଧ୍ୟ ଯଥାଶୀଘ୍ର ପରିଚାଳନା କରାଯାଉ ବୋଲି ଡା. ପଣ୍ଡା କହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ବିଳାସକାରକ ଶୁକ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ଅଭିଳାଷ ପୂରଣ ହେବା ସହ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ବିବାଦୀୟ କଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବୃଷ**
ତୃତୀୟାଧିପ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ନିକଟରୁ ଯାହା ପାଉଛନ୍ତି ତାହାକୁ ଆଦରର ସହ ଗ୍ରହଣ କରିବା ଭଲ। ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଘଟିବ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
କେନ୍ଦ୍ରାଧିପ ଦୋଷଯୁକ୍ତ ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ରଜନିତ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ ।

**କର୍କଟ**
ଏକାଧିକ ଗ୍ରହ ଚତୁର୍ଥସ୍ଥ ହେତୁ ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିବ। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଉପୁଜିବ। ପୁନର୍ବସୁ ନକ୍ଷତ୍ର ଆର୍ଥିକ ଦୃଷ୍ଟିକୋଣରୁ ଉପକୃତ ହେବେ।

**ସିଂହ**
ଧନାଧିପ ଧନସ୍ଥ ଯୋଗୁ ଆର୍ଥିକ ସ୍ଥିତି ବଦଳି ଯିବାରୁ ମନ ହାଲୁକା ହୋଇଯିବ । ପର କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା**
ରାଶିରେ ବୁଧଙ୍କ ଶୁଭ ପ୍ରଭାବରୁ ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଚିତ୍ରା ନକ୍ଷତ୍ର ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକି ଆଣିବେ। ବହୁତ ଦିନରୁ ଇଚ୍ଛା ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା**
ସ୍ୱଗୃହୀ ବଳବାନ ଶୁକ୍ରଙ୍କ ସଂଯୋଗ ହେତୁ ଆଜି ସବୁ ଦିଗରୁ ଯେମିତି ଚାହୁଁଛନ୍ତି ସେମିତି ପାଇପାରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂର ଯାତ୍ରା କରିବାକୁ ପଡ଼ିପାରେ।

**ବିଛା**
ଅଷ୍ଟମସ୍ଥ ରାଶ୍ୟାଧିପତି ହେତୁ ଫାଇଦା ହାସଲ ସକାଶେ ସର୍ବଦା ଚେଷ୍ଟିତ ରହିବା ହିଁ ସମସ୍ୟାର କାରଣ ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ମିଳିପାରେ । ସାଙ୍ଗଠନିକ କାର୍ଯ୍ୟ, ସଭା ସମିତି, ରାଜନୀତିରେ ପ୍ରଶଂସିତ ହେବେ।

**ଧନୁ**
କେନ୍ଦ୍ରସ୍ଥ ବକ୍ରୀ ବୃହସ୍ପତି କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ବନ୍ଧୀୟ ଅଯଥା ଚିନ୍ତା କରିପାରନ୍ତି। ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବେ।

**ମକର**
ଅଷ୍ଟମସ୍ଥ ଚନ୍ଦ୍ର ପ୍ରଭାବରେ ଆପଣଙ୍କ ପ୍ରିୟ ବ୍ୟକ୍ତିଟି ଅଯଥା ବାକ୍ୟାଳାପ କରି ବିବାଦ ବୃଦ୍ଧି କରିପାରନ୍ତି। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ। ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିପାରନ୍ତି।

**କୁମ୍ଭ**
ଆଜି ଚନ୍ଦ୍ରଙ୍କ ପାପ ପ୍ରଭାବରୁ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ**
ଆପଣଙ୍କୁ ଆଜି ପ୍ରତ୍ୟେକ କ୍ଷେତ୍ରରୁ ନିରାଶ ହେବାକୁ ପଡ଼ିବ। ଅବଶ୍ୟ ଉତ୍ତରଭାଦ୍ରବ ନକ୍ଷତ୍ର ପାଇଁ ଲକ୍ଷ୍ୟ ପୂରଣ ହୋଇପାରିବ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ ।

ଆଜି ଅକ୍ଟୋବର ୨୨ ତାରିଖ, କାର୍ତ୍ତିକ କୃଷ୍ଣପକ୍ଷର ଗୋବତ୍ସା ଦ୍ୱାଦଶୀ, ଶନିବାର, ରାଶି ନକ୍ଷତ୍ର, ଦିବା ଘ.୦୧।୪୯ ଗତେ ଉତ୍ତରା ଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୧୮ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ. ୧୦/୦୫ ମଧ୍ୟେ ରାହୁକାଳ।


# classifieds

**Everyday**
**0674-2580101, 2549302**




## SALE

3acres land emergency sale Rs.175/- per sqft. infront of Trahiachyuta Ashram, Balakati 18km from Bhubaneswar Railway station. Contact: 9438288800. D-73354

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

**Dream House For Sale, Ample Open Area, Excellent Ventilation, Fully Furnished 3BHK 1441 SqFt, Netaji Subhash Enclave, Near Sainiiki School. 70324 17465.** D-1822

Luxurious 4BHK Duplex Balianta syphon. Land-1400 and Construction- 2200- 85Lakh. 9938219397, 9861022055. D-1820

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290. D-74136

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

Two houses 1210sqft. with Land 990sqft. each at Vaishnav Enclave in Jaydev Vihar for sale. For details Contact:9437024647, 9098913483. D-1812

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

## PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74140

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Rent available at Cuttack road, Bomikhal rent for: 1) Bank, 2) Office, 3) Showroom, 4) Restaurant. Mobile No.-8847867731, 9040096909.** D-1813

3 Bed Room Apartment available for immediate rent ( 3rd floor ) at Vivekananda Marg. Contact : 94394 63523. D-1764

**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987




Newly open Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-73988

Newly opened full body massage center by expert therapist. 7381172169. D-73653

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly open Spa positively health benefit with expert. Contact: 7749976301. D-73882

**Full body massage by smart/expert therapist @999 only. 9078484455.** D-73652

"Contact for only professional massage & Steam Bath, Bhubaneswar -9861550765.". D-1787


## LEGAL NOTICE

In the Court of Additional Commissioner.
Settlement and Consolidation Office, Sambalpur
Revision Petition No. 93/2020

Sukamani Chamar ...Petitioner
Vrs.
Anandmati Patel & 7 others .... Opposite Parties

Petition U/o 5 Rule 20 C.P.C.

To,
1. Anandamati Patel, wife of late Premlal Patel, resident of Dunguripali, P.O.: Jagdalpur, Tahasil : Jharbandh, District : Bargarh.
2. Puran Agharia son of late Khiglu Agharia, Resident of Dunguripali, P.O.: Jagdalpur, Tahasil : Jharbandh, District : Bargarh
3. Saheba Patel, Grandson of late Anandi Agharia Resident of Dunguripali, P.O.: Jagdalpur, Tahasil : Jharbandh, District : Bargarh.
4. Mahendramani Deep son of late Gopal Deep and Grandson of late Paramananda Deep.
5. Dalamani Deep son of Mayadhar Deep
6. Bhojaraj Deep son of Mayadhar Deep
Sl. No. 4 to 6 R/o Dunguripali, P.O.: Jagdalpur, Tahasil : Jharbandh, District : Bargarh.
7. Kousalya Deep is dead leaving behind Opposite Party No. 5 and 6.

Whereas the petitioner Sukamani Chamar has instituted the above revision petition against you all for recording the scheduled land mentioned below. You are hereby summoned to appear in this case in person or by pleader duly instructed and able to answer all material question relating to the above R.P. case. The 15 day November 2022 at 10.00 a.m.

Take notice that in default of your appearance on the day before mentioned to the above R.P. Case will be heard and determined in your absence.

Schedule "A" Land

Land is situated at mouza Dunguripali, PS.- Jagdalpur, Tahasil Jharbandh, District: Bargarh (a) Corresponding to M.S. Khata No. 31, Plot No. 896(P) AC. 1.15 dec, Purchased through Regd. Sale deed No. 5227 dt. 21.02.1992 executed by Saheba Patel son of Chandramani Patel of Mouza Dunguripali. (b) M.S. Khata No. 31, out of Plot No. 912 Ac 0.42 dec, 914(P) Ac. 0.100 dec. Plot No. 915(P) Ac. 0.310 dec. Plot No. 916(P) Ac. 0.100 dec. Plot No. 917(P) Ac. 0.290 dec. Plot No. 918 (P) Ac. 0.140 dec. total six plots and area Ac. 1.360 dec. executed by Anandmati Patel, wife of Paramanand Patel through Regd. Sale Deed No. 528 dt. 21.02.1992, P.S.: Jagdalpur, Tahasil : Jharbandh, District : Bargarh.

Given under by hand and the seal of this Court of this 12 day of October 2022.

Sd./- Addl. Commissioner Settlement & Consolidation Officer, Sambalpur
D-1827

In the Court of Additional Commissioner.
Settlement and Consolidation Office, Sambalpur
Revision Petition No. 90/2020

Kumar Beriiha ....Petitioner
Vrs.
Bishnu Sahu & 5 others ...Opposite Parties
Petition U/o 5 Rule 20 C.P.C.

To,
Sl. No. :- 2. Dilip Sahu son of Laikhan Sahu (Father) and Srimati Sahu (Mother).
3. Nirakar Sahu, son of late Purandar Sahu, and grandson of Laikhan Sahu (Grandfather) and Srimati Sahu (Grandmother).
4 Trilochan Sahu, son of Laikhan Sahu (Father) and Srimati Sahu (Mother).
Sl. No. 2 to 4 resident of At/PO Dava, Tahasil / P.S Jharbandh, District: Bargarh

Schedule Land

Land is situated at mouza Dava, PS. Jagdalpur, Tahasil Jharbandh, District: Bargarh. H. S Khata No. 14, Plot No. 401 Area Ac. 1.900 dec. Corresponding to M.S. Khata No. 91. Plot No. 129 (P) Ac. 1.90 dec. On the 15 day November 2022 at 10.00 A.M.

Take notice that in default of your appearance on the day before mentioned to the above R.P. Case will be heard and determined in your absence.

Schedule Land

Land is situated at mouza Dava, PS.- Jagdalpur. Tahasil Jharbandh, District: Bargarh. H. S Khata No. 14, Plot No. 401 Area Ac. 1.900 dec. Corresponding to M.S. Khata No. 91. Plot No. 129 (P) Ac. 1.90 dec.

Given under my hand and the seal of the Court of this day 12 of October 2022.

Sd./- Addl. Commissioner, Settlement & Consolidation Officer, Sambalpur
D-1826

# ମଲାଲୋକ ମୁହଁରେ ମରିବାର କାହାଣୀ

'ଦ ସେଭେନ୍ ମୁନ୍ସ ଅଫ୍ ମାଲି ଆଲ୍‌ମିଡା' ଏକ ନିଆରା ଉପନ୍ୟାସ, ଯାହାର ଭିତ୍ତି ହେଉଛି ୧୯୮୯ରେ ଶ୍ରୀଲଙ୍କାରେ ଦେଖାଦେଇଥିବା ଭୟାନକ ଗୃହଯୁଦ୍ଧ। ଉପନ୍ୟାସର ନାୟକ ବା କଥକ ଶ୍ରୀଲଙ୍କାର ତିନି ଦଶନ୍ଧି ବ୍ୟାପୀ ଗୃହଯୁଦ୍ଧରେ ହତ୍ୟାର ଶିକାର ହୋଇଥିବା ଜଣେ ବ୍ୟକ୍ତିବିଶେଷ। ଉପନ୍ୟାସଟି ଏକାଧାରରେ ରହସ୍ୟଧର୍ମୀ, ରାଜନୈତିକ ବ୍ୟଙ୍ଗ ଓ ଏକ ପ୍ରେମ କାହାଣୀ। ଉପନ୍ୟାସର ନାୟକ ମାଲି ଆଲ୍‌ମିଡା ବୃତ୍ତିରେ ଜଣେ ଯୁଦ୍ଧ-ଫଟୋଗ୍ରାଫର୍, ଜୁଆଡ଼ି ଓ ଲମ୍ପଟ। ସାତଦିନ ଲାଗିଛି ତାକୁ ତା' ହତ୍ୟାର ରହସ୍ୟ ଉନ୍ମୋଚନ ପାଇଁ। ଦୁଇଜଣ ଅତି ବିଶ୍ୱସ୍ତ ବନ୍ଧୁଙ୍କୁ ସେ ଏକ ଫଟୋଗଦା ନିକଟକୁ ନେଇଯାଇଛି, ଯେଉଁ ଫଟୋଗୁଡ଼ିକ ଭିତରେ ଲୁଚିରହିଛି ଶ୍ରୀଲଙ୍କା ଗୃହଯୁଦ୍ଧର ଭୀତିପ୍ରଦ ଅତୀତ। କରୁଣାତିଲକଙ୍କ ପ୍ରଥମ ଉପନ୍ୟାସ 'ଚାଇନାମ୍ୟାନ୍' (ଯାହା ଜଣେ ନିରୁଦ୍ଦିଷ୍ଟ କ୍ରିକେଟ୍ ଖେଳାଳିଙ୍କୁ ନେଇ ଗତିଶୀଳ ଓ ବହିଟି ସର୍ବୋତ୍ତମ କ୍ରିକେଟ୍ ପୁସ୍ତକ ଭାବେ ସର୍ବକାଳୀନ ମାନ୍ୟତାପ୍ରାପ୍ତ)।

ବୁକର୍ ପୁରସ୍କାର ଗ୍ରହଣ ପରେ କରୁଣାତିଲକ କହିଛନ୍ତି: ''ଶ୍ରୀଲଙ୍କାର ଗୃହଯୁଦ୍ଧରେ ନିହିତ ପ୍ରକୃତ ସତ୍ୟ କେବଳ ଯୁଦ୍ଧରେ ନିହତ ବ୍ୟକ୍ତିମାନେ ହିଁ ଯଥାର୍ଥ ଭାବେ କହିପାରିବେ। କାହାଣୀ ଯାହାର, ମୁଁ କାହିଁକି ସେମାନଙ୍କ ମୁହଁରେ ତାହା ନ କୁହାଇବି? ମାଲିର ହତ୍ୟାକାରୀ କିଏ? ପାଞ୍ଚ ଜଣ ଆସନ୍ତି ସନ୍ଦେହର ବଳୟକୁ, ଯେଉଁମାନେ ତାକୁ ମାରିବାକୁ ଚାହୁଁଥିଲେ। ଘଟଣାର ପ୍ରେମ ଦିଗଟିକୁ ମଧ୍ୟ ମୁଁ ନିରେଖି ଦେଖିଛି। ବହିଟିକୁ ରାଜନୈତିକ ବ୍ୟଙ୍ଗ କୁହାଯିବ କି ନା ଏ ବିଷୟରେ ମୁଁ ନିଶ୍ଚିତ ନୁହେଁ। ଯାହା ସତ୍ୟ, କେବଳ ତାହାର ହିଁ ମୁଁ ଅବତାରଣା କରିଛି।''

୨୦୧୯ରେ ଭାରତରେ ପ୍ରକାଶ ପାଇଥିଲା 'ସେଭେନ୍ ମୁନ୍ସ', ଯାହାର ଶୀର୍ଷକ ଥିଲା 'ମଲାଲୋକ ସହ କଥାଭାଷା'। କିନ୍ତୁ ଏହା ଆନ୍ତର୍ଜାତିକ ପାଠକଙ୍କ ଅବବୋଧ ପାଇଁ ଜଟିଳ ଥିଲା। ତେଣୁ ତା'ର ସମ୍ପାଦନା ପାଇଁ କରୁଣାତିଲକ ତାଙ୍କର ସମ୍ପାଦକ ବନ୍ଧୁ ନାତାନିଆ ଜାନ୍‌ଜଙ୍କ ସାହାଯ୍ୟ ନେଇଥିଲେ। ନାତାନିଆ ଓ ତାଙ୍କ ସ୍ୱାମୀ ବହିଟି ପଢ଼ି କହିଥିଲେ- ''ଚମତ୍କାର ଲେଖା, କିନ୍ତୁ ଏହାର ଆରମ୍ଭ, ମଝି ଓ ଶେଷ ଅଂଶ ବଦଳାଇବାକୁ ହେବ।'' ଏସବୁ ହେଲା ପରେ ବହିଟି ପ୍ରକାଶ ପାଇଥିଲା ଲଣ୍ଡନରୁ। କରୁଣାତିଲକ, ଯାହାଙ୍କର ପ୍ରଥମ ବହିଟି ନିଜ ଖର୍ଚ୍ଚରେ ପ୍ରକାଶ ପାଇଥିଲା ଓ ଦ୍ୱିତୀୟ ବହିଟିର ବିକ୍ରି ଖୁବ୍ କାଠିକର ଥିଲା, ସେହି ଲେଖକ ଇଂଲିଶ୍-ଭାଷୀ-ଜଗତର ଖୁବ୍ ଗୁରୁତ୍ୱପୂର୍ଣ୍ଣ ସାରସ୍ୱତ ପୁରସ୍କାର ପାଇବା ଏକ ଗପ ପରି ଲାଗେ। କରୁଣାତିଲକ କହିଛନ୍ତି: ''ଆମେ ଯେଉଁମାନେ ଶ୍ରୀଲଙ୍କାରେ ଥାଇ ଲେଖୁ, ଆମ ପାଇଁ ଆମ ଦେଶରେ ବହି ପ୍ରକାଶ ପାଇବା ସ୍ୱାଭାବିକ। ଅତିବେଶୀରେ ଯଦି ଭାରତ, ପାକିସ୍ତାନ ବା ବାଂଲାଦେଶରେ ଆମ ବହି ପ୍ରକାଶ ପାଇଲା, ତେବେ ଢେର୍। ଶ୍ରୀଲଙ୍କାର ଯେଉଁ ଲେଖକମାନେ ବିଶ୍ୱ-ପଠିତ, ସେମାନେ ଟରୋଣ୍ଟୋ ବା ଲଣ୍ଡନରେ ରହନ୍ତି। କିନ୍ତୁ ମୋ' ଭଳି କଲମ୍ବୋରେ ରହି ବିଶ୍ୱ-ପାଠକୀୟତା ଅର୍ଜନ କରିବା କ୍ୱଚିତ୍ ଲେଖକଙ୍କ ଭାଗ୍ୟରେ ଜୁଟେ। 'ସେଭେନ୍ ମୁନ୍ସ'ର ବୁକର୍ ପ୍ରାପ୍ତି ଏହି ଧାରଣାକୁ ହୁଏତ ବଦଳାଇ ଦେଇପାରେ।

କରୁଣାତିଲକ ୧୯୮୩ର ବିଦ୍ରୋହ ଓ ୧୯୮୯ର ଗୃହଯୁଦ୍ଧ ବିଭୀଷିକାକୁ ମନେପକାଇ କହିଛନ୍ତି: ''ବିଳମ୍ବିତ ଅଶୀ ଦଶକରେ କଲମ୍ବୋର ଏକ ମଧ୍ୟବିତ୍ତ ପରିବାରରେ ମୁଁ ମୋର କୈଶୋର ଅତିବାହିତ କରୁଥିବାବେଳେ ଖୁବ୍ ନିକଟରୁ ଦେଖିଛି ମୋ' ଦେଶର ଏଇ ଦୁର୍ଭାଗ୍ୟକୁ। କର୍ଫ୍ୟୁ ଜାରି ଓ ସ୍କୁଲ ବନ୍ଦ ଆଦି ଘଟଣା। ମୋ' ମାଆ କିପରି ମାଳମାଳ ଶବ ପଡ଼ିଥିବା ଓ ଟାୟାର ଜଳୁଥିବା ରାସ୍ତାରୁ ବାଟଭାଙ୍ଗି ଅନ୍ୟ ଦିଗ ଦେଇ ମୋତେ ନେଇ ଯାଉଥିଲା, ତାହା ଆଜି ବି ମୋର ଜଳଜଳ ମନେଅଛି। ଶ୍ରୀଲଙ୍କାର ଗୃହଯୁଦ୍ଧକୁ ଅଙ୍ଗେ ନିଭେଇଥିବା ଲୋକେ ଯେତେବେଳେ ସେ କଥାକୁ ଆଉ ମୁହଁରେ ଧରନ୍ତି ନାହିଁ, ତେବେ ସେଇ ସବୁ ଘଟଣାକୁ ଜଣେ ମଲାଲୋକ ମୁହଁରେ କୁହାଇବାକୁ ମୁଁ ଉଚିତ ମଣିଲି।''

କରୁଣାତିଲକ ବୃତ୍ତିରେ ଜଣେ ବିଜ୍ଞାପନର ପାଣ୍ଡୁଲିପି ଲେଖକ, ଯାହା ଉପନ୍ୟାସ ଲେଖିବାରେ ତାଙ୍କୁ ସାହାଯ୍ୟ କରିଛି। ସେ ଭୋର୍ ୪ଟାରୁ ୭ଟା ଭିତରେ ଲେଖନ୍ତି, ଯେଉଁ ସମୟରେ କେହି ତାଙ୍କୁ ବାଧାଦେବାର ସମ୍ଭାବନା ନ ଥାଏ। ସାମାଜିକ ମାଧ୍ୟମଗୁଡ଼ିକ ସେତେବେଳେ ନୀରବ, ପିଲାମାନେ ନିଦରେ। ତାରୁଣ୍ୟରେ ତାଙ୍କର ଇଚ୍ଛା ଥିଲା ଜଣେ ରକ୍ ଷ୍ଟାର ହେବାକୁ। କିଏ ନ ଚାହେଁ! ସବୁ ଲେଖକ ଚାହାନ୍ତି ଲୋକପ୍ରିୟତାରେ ଜଣେ ଜଣେ ରକ୍ ଷ୍ଟାର ହୋଇ ଉଠିବାକୁ। ଗୀଟାର୍ ବଜାଇବା ବେଳେ ମୁଁ ମୋ' ନଖରେ କଳାରଙ୍ଗ ଲଗାଇଥାଏ, ଯାହାକୁ ମୋ' ସ୍ତ୍ରୀ ପସନ୍ଦ କରନ୍ତି ନାହିଁ ଓ କହନ୍ତି- 'ମେଲ୍ ପଲିସ୍'। ବୁକର୍‌ର ଦୀର୍ଘ ତାଲିକାରେ ଥିବା ଅନ୍ୟ ଲେଖକଙ୍କ ବହି ମୁଁ ପଢ଼ିବାକୁ ଚାହେଁ। କିନ୍ତୁ ଏହା ସମ୍ଭବ ହେଉନାହିଁ। କାରଣ ଶ୍ରୀଲଙ୍କା ଏବେ ଏପରି ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଛି, ଯହିଁରେ ପ୍ରାଥମିକ ତାଲିକାରେ ବହି ନାହିଁ।

ବୁକର୍ ପୁରସ୍କାର-୨୦୨୨ ବିଚାରକମଣ୍ଡଳୀର ଅଧ୍ୟକ୍ଷ ନେଲ୍ ମ୍ୟାକ୍‌ଗ୍ରେଗର ପୁରସ୍କୃତ ବହିଟି ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହିଛନ୍ତି: ''ଏ ବହି ହେଉଛି ଏକ ଆଧିଭୌତିକ ରୋମାଞ୍ଚ (Metaphysical Thriller), ଜୀବନପରର କାହାଣୀ, ଯାହା କେବଳ ପିଢ଼ି ପିଢ଼ି ମଧ୍ୟରେ ଥିବା ବନ୍ଧନକୁ ଭାଙ୍ଗିଦିଏ ନାହିଁ, ଭାଙ୍ଗିଦିଏ ଜୀବନ ଓ ମୃତ୍ୟୁ, ଦେହ ଓ ଆତ୍ମା, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭିତରେ ଥିବା ପାର୍ଥକ୍ୟକୁ। ମୋଟାମୋଟି ଭାବେ ଏହା ଏକ ଗୂଢ଼ ଦାର୍ଶନିକ ଦଲିଲ, ଯାହା ପାଠକଙ୍କୁ ଶ୍ରୀଲଙ୍କାର ବିଭୀଷିକାମୟ ଗୃହଯୁଦ୍ଧର ଅଭ୍ୟନ୍ତରକୁ ଘେନିଯାଏ। ସେଠାରେ ପହଞ୍ଚି ପାଠକ ପୁଣି ଆବିଷ୍କାର କରେ ଜୀବନର ସୌକୁମାର୍ଯ୍ୟ ଓ ସୌନ୍ଦର୍ଯ୍ୟ, ପ୍ରେମ ଓ ଆନୁଗତ୍ୟ ଏବଂ ଏପରି ଏକ ଆଦର୍ଶ, ଯାହା ସବୁ ମଣିଷର କାମ୍ୟ।''

**ପ୍ରସ୍ତୁତି: ଡକ୍ଟର ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

**ବୁକର୍ ପୁରସ୍କୃତ ପୁସ୍ତକ ସହ ଲେଖକ ଶେହାନ୍ କରୁଣାତିଲକ**




ଦେଶେବିଦେଶେ

ଶେହାନ୍ କରୁଣାତିଲକଙ୍କ ଜନ୍ମ ୧୯୭୫ରେ, ଶ୍ରୀଲଙ୍କାର ଗାଲେରେ। ବୟସ ୪୭ ବର୍ଷ। ସୃଷ୍ଟି ଖୁବ୍ ବେଶୀ ନୁହେଁ, ଯହିଁରେ ଅନ୍ତର୍ଭୁକ୍ତ ତାଙ୍କର ଉପନ୍ୟାସ 'ଚାଇନାମ୍ୟାନ୍' (୨୦୧୦) ଓ 'ଦ ସେଭେନ୍ ମୁନ୍ସ ଅଫ୍ ମାଲି ଆଲ୍‌ମିଡା' (୨୦୨୨)। 'ଚାଇନାମ୍ୟାନ' ପାଇଁ ୨୦୦୮ରେ ଗ୍ରାଟିଏନ୍ ପ୍ରାଇଜ୍, ୨୦୧୨ରେ କମନ୍‌ୱେଲ୍‌ଥ ବୁକ୍ ପ୍ରାଇଜ୍ ଓ ଦକ୍ଷିଣ ଏସୀୟ ସାହିତ୍ୟ ପାଇଁ ଉଦ୍ଦିଷ୍ଟ ଡିଏସ୍‌ସି ପ୍ରାଇଜ୍‌ରେ ସେ ସମ୍ମାନିତ। 'ଦ ସେଭେନ୍ ମୁନ୍ସ ଅଫ୍ ମାଲି ଆଲ୍‌ମିଡା' ପାଇଁ ତାଙ୍କୁ ଚଳିତ ୨୦୨୨ ବର୍ଷ ପାଇଁ ବୁକ୍‌ର ପ୍ରାଇଜ୍ ମିଳିଛି। ଏଥିସହିତ 'ଦ ପେଣ୍ଟର୍', 'ଡେଭିଲ୍ ଡ୍ୟାନ୍ସ' ଓ 'ସର୍ଟ ଇଟ୍‌ସ' ଆଦି ପୁସ୍ତକ ମଧ୍ୟ ଅନ୍ୟ ମର୍ଯ୍ୟାଦାଜନକ ପୁରସ୍କାର ପାଇଁ ୨୦୦୦ରୁ ୨୦୧୯ ମଧ୍ୟରେ ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଛି। କରୁଣାତିଲକଙ୍କ ସାହିତ୍ୟକୃତି, ସାରସ୍ୱତ ଜୀବନ, ବିଶେଷକରି ବୁକ୍‌ର୍ ପୁରସ୍କାରପ୍ରାପ୍ତ ଉପନ୍ୟାସ 'ଦ ସେଭେନ୍ ମୁନ୍ସ ଅଫ୍ ମାଲି ଆଲ୍‌ମିଡା' ସମ୍ପର୍କରେ ଏହି କ୍ଷୁଦ୍ର ଆଲେଖ୍ୟଟି ଧରିତ୍ରୀ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...।

---

## କବିତା

### ଆଲୁଅ

**ଅମିୟ ରଞ୍ଜନ ମହାପାତ୍ର**

ଥରେଥରେ ଲାଗେ ଅନ୍ଧାରରେ ଅରୁନ୍ଧତୀ
ଆଲୁଅର ଅନ୍ତାକ୍ଷରୀ!
ଯୋଉଠି ଶେଷ ସେଇଠୁ ଆରମ୍ଭ
ଜୀବନର ମଲାଙ୍ଗ ଡାଳରେ
କଅଁଳୁଥିବା ପତ୍ରର କୁଆଁରୀ କାରିଗରି...!

ମୂର୍ତ୍ତି ଓ ପୂଜକ ମଝିରେ
ଅଭିଶାପ ବେଶରେ ବସିଥାଏ ଯୋଉ ଅସୁର,
ଠିକ୍ ତା'ରି ପାଖରେ ହିଁ ଜଳୁଥାଏ ଗୋଟେ ଦୀପ।
ଯୋଉଠି ସଗର ବଂଶର ପାଉଁଶ, ସେଇଠି ବୋଧେ
ତପ-ମୁଦ୍ରାରେ ବସିଥାଏ କେହି ଭଗୀରଥ।

ତମସାଜୀବୀମାନଙ୍କର ତ
କାଳେକାଳେ କ୍ଷୀଣ ଆଲୁଅକୁ ବି ଡର!
ଆପାଦମସ୍ତକ ମନ୍ତ୍ର ପିନ୍ଧିଥିବା ପୂଜକ ବି ଜାଣେ
ଅନ୍ଧାରକୁ ହତ୍ୟା କରିବା ପାଇଁ
କେତେ ଜରୁରୀ ଧାରେ ଆଲୁଅର ହତିଆର!

ପାହାଡ଼ରୁ ପଥର ଖସିବା
ଜମା ନୁହେଁ ଅସାଧାରଣ
ହେଲେ, ଜୀବନ ଓ ମୃତ୍ୟୁ ମଝିରେ
ଗୋଟେ ନହକା ଡାଳ
ଆଶୀର୍ବାଦ ପରି ଠିଆହେବା
ଅଲୌକିକ ନୁହେଁ ତ ଆଉ କ'ଣ?

ନିଃଶ୍ୱାସ ନିଃସଙ୍ଗ ହୋଇଯିବାବେଳେ
ଥରେ ଅନ୍ଧାରକୁ ଦେଖ ଥରେ ଅରୁନ୍ଧତୀକୁ ଦେଖ...
ଯୋଉଠି ପବନ ପାଇଁ ବି ବାଟ ବନ୍ଦ୍
ସେଠି ବି ହୁଏତ ତଥାପି କବାଟ ମଝିରେ ଫାଙ୍କ...!

ମୋ: ୯୪୩୭୦୨୭୫୭୦

### ଶୂନ୍ୟ ଉପତ୍ୟକା

**ମହେଶ୍ୱର ନାୟକ**

ମଧ୍ୟରାତ୍ର ଅବକାଶେ
ସ୍ୱପ୍ନିଳ ଇଲାକା
ଚଉଦିଗେ ଜ୍ୟୋତ୍ସ୍ନାର ଜୁଆର
ନୀଳ ପର୍ବତର ଶୋଭା
ଓ ଫେନିଳ ସାଗରେ ମୁକ୍ତା ମାଳମାଳ।

ଗଗନେ ନକ୍ଷତ୍ରପୁଞ୍ଜ
ମନ୍ଦ ମନ୍ଦ ପବନ ପୁଲକ
ରୂପସୀର ମଧୁର ସାନ୍ନିଧ୍ୟ।
ନିଦ୍ରାବସାନ ପରେ
ରହିଯାଏ ସପନ ଅଧୁରା
ବିରାଜିତ ଶୂନ୍ୟ ଉପତ୍ୟକା।

ମୋ: ୯୮୫୩୬୬୬୫୭୮

---

## କାଳକାଳକୁ

**''ପଢୁପଢୁ ଶବ୍ଦଙ୍କ ପ୍ରତି ମୋର ଶ୍ରଦ୍ଧା ବଢ଼ିଲା। ମନେହେଲା, ଯେମିତି ଶବ୍ଦଙ୍କ ସହ ଓ ଶବ୍ଦଙ୍କ ଭିତରେ ମୁଁ ବଞ୍ଚିବି। ମୁଁ ଶବ୍ଦର ଲେଖକ ହିଁ ହେବି, ଆଉ କିଛି ନୁହେଁ।''**

**- ଡିଲାନ୍ ଥୋମାସ୍**



**ଡିଲାନ୍ ଥୋମାସ୍‌ଙ୍କ** ଜନ୍ମ ୨୭ ଅକ୍ଟୋବର ୧୯୧୪ରେ, ଇଂଲଣ୍ଡରେ ଓ ପରଲୋକ ୯ ନଭେମ୍ବର ୧୯୫୩ରେ, ନ୍ୟୁୟର୍କରେ। ତାଙ୍କ ପୂରା ନାମ ଡିଲାନ୍ ମାର୍ଲାଇସ୍ ଥୋମାସ୍। 'Do not go gentle into that good night' ଓ 'And death shall have no dominion' ତାଙ୍କର ଦୁଇଟି ପ୍ରସିଦ୍ଧ କବିତା। ସେ ଏକାଧାରରେ କବି ଓ ଗଦ୍ୟକାର। ଶବ୍ଦର ଉପଯୋଗରେ ସେ ଧୁରୀଣ ଅନ୍ତରୀଣ ଗୀତିମୟତା ଓ ତାଜା ଚିତ୍ରକଳ୍ପର ବ୍ୟବହାର ଯୋଗୁଁ ତାଙ୍କ କବିତା ପାଠକଙ୍କୁ ଆବିଷ୍ଟ କରେ। ମାତ୍ର ୩୯ ବର୍ଷର ଆୟୁଷ୍କାଳରେ ସେ ଲେଖିଯାଇଥିବା କବିତାଗୁଡ଼ିକ ଥିଲା ଖୁବ୍ ପ୍ରଭାବଶାଳୀ ଓ ସେଇଥିପାଇଁ ମହାନ୍ ଆଧୁନିକ କବିମାନଙ୍କ ମଧ୍ୟରେ ସେ ଜଣେ ବୋଲି ଗଣାଯାଉଥିଲେ। ସେ କହନ୍ତି: ''ଯିଏ ବିଶ୍ରାମ ଖୋଜେ, କ୍ଲାନ୍ତ ହୁଏ; ତାକୁ ହିଁ ବିଶ୍ରାମ ମିଳେ, ଯିଏ କାମ କରେ।''

---

## ଅଦିନ ବର୍ଷା

**ପ୍ରଭଞ୍ଜନ ଦାଶ**

ଲଘୁଗଳ୍ପ

ପ୍ରାତଃ ଭ୍ରମଣ ସାରି ଫେରିବା ବେଳକୁ ହଠାତ୍ କଳାହାଣ୍ଡିଆ ମେଘଟା ଘୋଟି ଆସିଲା। ରାସ୍ତା ଘାଟ ସବୁକିଛି ଅନ୍ଧାର ଦେଖାଗଲା। ପ୍ରକୃତିର ଏ କି ପରିବର୍ତ୍ତନ! ମୁଁ ବିସ୍ମିତ ହେବା ସହ ନିଜକୁ ରକ୍ଷା କରିବା ପାଇଁ ତରବର ହୋଇ ଦୌଡ଼ିଗଲି ପାଖ ଦୋକାନର ପିଣ୍ଡି ନିକଟକୁ। ମୋ' ଅପେକ୍ଷାର ମାତ୍ର କେଇକ୍ଷଣ ପରେ ପିଲାଟି ସାଇକେଲରେ କିଛି ଖବରକାଗଜ ଧରି ଦ୍ରୁତ ବେଗରେ ଛୁଟି ଆସିଲା ମୋ' ଆଡ଼କୁ। ତରବର ହୋଇ ନିଜ ପକେଟରେ ଥିବା ଜରିଟି କାଢ଼ି ଖୁବ୍ ସନ୍ତର୍ପଣରେ ବାନ୍ଧି ଦେଲା ପେପର୍ ସବୁକୁ। ନୀରବଦ୍ରଷ୍ଟା ସାଜି ଏସବୁ ଦେଖିବା ପରେ ସ୍ୱତଃ ମୁଁ ପଚାରି ଦେଲି, 'ତୁମର କାହିଁ ରେନିକୋଟ୍ ଅବା ଛତା?' କରୁଣ ଚାହାଣିରେ ସେ କହିଲା, ''ବାବୁ, ବର୍ଷାରେ ଭିଜିବା ମୋ' ପାଇଁ ଏକ ନିତିଦିନିଆ କଥା। ମୁଁ ଭିଜିଗଲେ ଚଳିବ, ହେଲେ ପେପର୍ ଭିଜିଗଲେ ମୁଁ କି ମୋ' ଘର ଚଳି ପାରିବନି।'' ଏସବୁ ଭିତରେ ବାହାରେ ବର୍ଷା ଖୁବ୍ ଜୋରରେ ଆରମ୍ଭ ହୋଇସାରିଥିଲା। ସେ ବାହାରିବା ବେଳେ ବାଧା ଦେଇ ମୁଁ ପୁଣି କହିଲି, 'ଟିକେ ଅପେକ୍ଷା କର ବର୍ଷା ଛାଡ଼ିଯାଉ ଯିବ।'

ବିନମ୍ରତାର ସହ ସେ କହିଲା, ''ନାଇଁ ଆଜ୍ଞା। ଏ ଅଦିନିଆ ବର୍ଷା। ସହଜେ ଛାଡ଼ିବନି। ସେପଟେ ପେପର୍ ଲେଟ୍ ହେଲେ ବାବୁ ରାଗିବେ।'' ଚାହୁଁଚାହୁଁ ଜୁଡୁବୁଡୁ ଓଦା ହୋଇ ବର୍ଷାର ପ୍ରଖରତା ଭିତରେ ସେ କ୍ଷିପ୍ର ବେଗରେ ଚାଲିଗଲା ଖୁବ୍ ଦୂରକୁ। ପରନ୍ତୁ ମୋ' ପାଖରେ ଛାଡ଼ି ଯାଇଥିଲା ତା'ର ନିଷ୍ଠା, ଦାୟିତ୍ୱ, କର୍ମପରାୟଣତା ଟିକକ।

ମୋ: ୭୩୨୬୯୫୯୯୯୫

---

## ପୁସ୍ତକ ପରିଚୟ

## ପୂଜା ପତ୍ରିକା: ୨୦୨୨

### ଗୋପବନ୍ଧୁଙ୍କ ସତ୍ୟବାଦୀ



**ସଂପାଦକ:** ନିରଞ୍ଜନ ରଥ
ଏ/୪ ଡିମାଇ ସାଇଜ୍, ପୃ: ୩୫୨, **ମୂଲ୍ୟ:** ଟ.୧୩୦/-

ଏହି ପତ୍ରିକାଟି କୁଳୀନତାସମ୍ପନ୍ନ 'ସମାଜ' ଖବରକାଗଜ ପକ୍ଷରୁ ପ୍ରକାଶ ପାଇଆସୁଛି। ଆଲୋଚ୍ୟ ପୂଜାସଂଖ୍ୟାରେ ପ୍ରବନ୍ଧ, ପ୍ରତିଭା ପରିଚର୍ଯ୍ୟା, କବିତା, ବିଶ୍ୱ ସାହିତ୍ୟ, ପ୍ରାଚୀନ କବିଙ୍କ ରଚନାରୁ, ଗଳ୍ପ, ଅନୁବାଦ ଗଳ୍ପ, ନାଟକ, ପୁରୁଣା ସତ୍ୟବାଦୀ ପୃଷ୍ଠାରୁ, କାଳଜୟୀ ସାହିତ୍ୟ, ରମ୍ୟ ରଚନା, ବିଶେଷ ଆଲେଖ୍ୟ, କଳା ଓ ଭାସ୍କର୍ଯ୍ୟ, ଧାରାବାହିକ ଉପନ୍ୟାସ, ଆପଣଙ୍କ ଚିଠିପତ୍ର, ଚିକିତାରା, ବ୍ୟଙ୍ଗ ବିଚାର, ସ୍ମୃତିରେ ଓ ଶେଷପୃଷ୍ଠା ଆଦି ବିଭାଗ ସ୍ଥାନିତ ହୋଇଛି ଏବଂ ବହୁ ପ୍ରତିଷ୍ଠିତ ତଥା ତରୁଣ ଲେଖିକାଲେଖକମାନେ ସେମାନଙ୍କ ନିର୍ବାଚିତ ଲେଖାଗୁଡ଼ିକୁ ଏଥିରେ ସ୍ଥାନିତ କରି ପତ୍ରିକାଟିକୁ ଗୁଣାତ୍ମକ ଭାବେ ସମୃଦ୍ଧ କରିଛନ୍ତି। 'ଚେତନାର ଉସ୍ତ ସାରସ୍ୱତୀୟା' ଶୀର୍ଷକ ସମ୍ପାଦକୀୟରେ ନିରଞ୍ଜନ ରଥ ନୀଳକଣ୍ଠଙ୍କ 'ରାମଚଣ୍ଡୀରେ ରାତି ଓ ସକାଳ' କବିତାର ଦରଦୀ ବ୍ୟାଖ୍ୟା କରିଛନ୍ତି ଓ ଯଶପ୍ରାର୍ଥୀ ଲେଖକଙ୍କ ପୁରସ୍କାର ପ୍ରବଣତାକୁ ନାପସନ୍ଦ କରିଛନ୍ତି। କାନନ ଦାଶ ଲେଖିଛନ୍ତି ପତ୍ରିକାର ଶେଷପୃଷ୍ଠା, ଯହିଁରେ ସେ ନଗର ଓ ଗ୍ରାମ୍ୟ ଜୀବନର ପାରସ୍ପରିକତା ଭିତରେ ଦୁଇ ଜୀବନର ବିରୋଧାଭାସକୁ ଦେଖିଛନ୍ତି।

### ଲେଖାଲେଖି



**ସଂପାଦକ:** ପ୍ରଦୀପ କୁମାର ବେହୁରା
ଏ/୪ ଡିମାଇ ସାଇଜ୍, ପୃ: ୧୪୪, **ମୂଲ୍ୟ:** ଟ.୫୫/-

ସମ୍ପାଦକୀୟର ଶୀର୍ଷକ ରହିଛି ''ମାଆଙ୍କୁ ମା' ସଦ୍‌ବୁଦ୍ଧି ଦିଅନ୍ତୁ''। ଏଥିରେ ସେ ଆତ୍ମକେନ୍ଦ୍ରିକ ଲେଖିକାଲେଖକମାନଙ୍କୁ କଟାକ୍ଷ କରିଛନ୍ତି। ଫିଚର, ଅବିସ୍ମରଣୀୟ ଚିଠି, ସ୍ମରଣୀୟ ଗଳ୍ପ, ଉପନ୍ୟାସିକା, ସ୍ମରଣୀୟ କବିତା, ଅନୁବାଦ ଗଳ୍ପ ଓ ସାକ୍ଷାତ୍‌କାର ଆଦି ସ୍ଥାନିତ ହୋଇଛି ପତ୍ରିକାରେ। କବିତାରେ ଅଛନ୍ତି ହୃଷୀକେଶ ମଲ୍ଲିକ, ଭଗବାନ ଜୟସିଂହ, ଅମରେନ୍ଦ୍ର ଖଟୁଆ, ଅପର୍ଣ୍ଣା ମହାନ୍ତି, ସଦାଶିବ ଦାଶ, ପ୍ରବାସିନୀ ମହାକୁଡ଼ ଓ ରକ୍ଷକ ନାୟକ ପ୍ରମୁଖ ଲବ୍ଧପ୍ରତିଷ୍ଠ କବୟିତ୍ରୀ ଓ କବି। ବିଜୟ କେତନ ପଟ୍ଟନାୟକ ଲେଖିଛନ୍ତି ଭ୍ରମଣ କାହାଣୀ। ସାତଟି ବହିର ସମୀକ୍ଷା କରିଛନ୍ତି ଇପ୍‌ସିତା ଷଡ଼ଙ୍ଗୀ।

### ବନଫୁଲ



**ସଂପାଦକ:** ରତ୍ନାକର ନାୟକ
ଏ/୪ ଡିମାଇ ସାଇଜ୍, ପୃ:୧୫୨, **ମୂଲ୍ୟ:** ଟ.୧୩୦/-

କେନ୍ଦ୍ରାପଡ଼ା ରାଜନଗରରୁ ପ୍ରକାଶ ପାଉଥିବା 'ବନଫୁଲ'ର ମହାଶାରଦୀୟ ବିଶେଷାଙ୍କ-୨୦୨୨ରେ ୬ଟି ପ୍ରତିବେଶୀ ଗଳ୍ପ, ୫ଟି ପ୍ରବନ୍ଧ, ୬୪ଟି କବିତା, ୭ଟି ଗୀତି-କବିତା ଓ ୨୧ଟି ଗପ ସ୍ଥାନିତ ହୋଇଛି। ଗଳ୍ପରେ ଅଛନ୍ତି ଆର୍ଯ୍ୟ ଯଜ୍ଞଦତ୍ତ, ନିତ୍ୟାନନ୍ଦ ପଣ୍ଡା, ଅନିଲ କୁମାର ପାଢ଼ୀ, ପ୍ରତାପ ବିଶ୍ୱାଳ ଓ କବିତାରେ ଅଛନ୍ତି କୁମାର ହସନ୍, ସୌଭାଗ୍ୟବନ୍ତ ମହାରଣା, ଶ୍ରୀହରି ଧଳ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଅଙ୍ଗୁରବାଳା ପରିଡ଼ା ଏବଂ ଗୀତି-କବିତାରେ ଧନଞ୍ଜୟ ସ୍ୱାଇଁ ଓ ମନୋଜ ପଟ୍ଟନାୟକ ପ୍ରମୁଖ। ପ୍ରଚ୍ଛଦରେ ରହିଛି କଳାଦୃଷ୍ଟିର ସ୍ୱାତନ୍ତ୍ର୍ୟ।

### ଗଙ୍ଗଶିଉଳି



**ସଂପାଦକ:** ମନୋରଂଜନ ମହାନ୍ତି
ଏ/୪ ଡିମାଇ ସାଇଜ୍, ପୃ: ୧୮୪, **ମୂଲ୍ୟ:** ଟ.୧୧୦/-

'ଧର୍ମଶାଳା ସାହିତ୍ୟ ସମାଜ'ର ମୁଖପତ୍ର 'ଗଙ୍ଗଶିଉଳି'ର ଶାରଦୀୟ ସଂଖ୍ୟାର ସମ୍ପାଦକୀୟ ଲେଖିଛନ୍ତି ମୁଖ୍ୟ ସମ୍ପାଦକ ଡ. ଜଗନ୍ନାଥ ଜେନା; ଯହିଁରେ ସେ ଲେଖକମାନଙ୍କୁ ସମାଜ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ନଟବର ଶତପଥୀ, ଡ. ସଂଘମିତ୍ରା ମିଶ୍ର, ଡ. ରାଜକିଶୋର ପାଢ଼ୀ ଓ ମନୋରଂଜନ ମହାନ୍ତି ପ୍ରମୁଖ ପ୍ରବନ୍ଧ ଲେଖିଛନ୍ତି। କବିତା ଲେଖିଛନ୍ତି ହୃଷୀକେଶ ମଲ୍ଲିକ, ଗିରିବାଳା ମହାନ୍ତି, ପିନାକୀ ମିଶ୍ର, ତୁହିନାଂଶୁ ରଥ ଓ ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ। ଭୀମପୃଷ୍ଟିଙ୍କ ଗଳ୍ପ ସହିତ ରହିଛି ସୁରେନ୍ଦ୍ର ମହାନ୍ତିଙ୍କ ଚର୍ଚ୍ଚିତ ଗଳ୍ପ 'ଅମ୍ବାପଲ୍ଲୀ'।

### ପଲକ



**ସଂପାଦକ:** ଶଶିକାନ୍ତ ଦାସ
ଏ/୪ ଡିମାଇ ସାଇଜ୍, ପୃ:୨୭୬, **ମୂଲ୍ୟ:** ଟ.୧୬୦/-

ସମ୍ପାଦକୀୟରେ ଶଶିକାନ୍ତ ଲେଖିଛନ୍ତି: ''ସାରସ୍ୱତ ସାଧକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧିପାଉଛି। ପତ୍ରପତ୍ରିକା ସଂଖ୍ୟା ବଢ଼ିଚାଲିଛି। କିନ୍ତୁ × × ସମାଜକୁ ପରିବର୍ତ୍ତନ କଲାଭଳି ଲେଖା କ୍ରମଶଃ ହ୍ରାସପାଉଛି, ଯେମିତି ଲୋକସଂଖ୍ୟା ବଢୁଛି, ମଣିଷ ସଂଖ୍ୟା କମୁଛି।'' ପ୍ରବନ୍ଧ, ଗଳ୍ପ, କବିତା ତିନୋଟି ପର୍ଯ୍ୟାୟରେ ସ୍ଥାନିତ ହୋଇଛି। ରମ୍ୟ ରଚନା, ଗୀତି-କବିତା, ଭ୍ରମଣ କାହାଣୀ, ଫିଚର୍ ଆଦିରେ ବହୁ ପ୍ରତିଷ୍ଠିତ ଓ ନବୀନ ଲେଖିକାଲେଖକ ରହିଛନ୍ତି। କବିତାରେ ଫନୀ ମହାନ୍ତି, ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ହରିଶ୍ଚନ୍ଦ୍ର ବେହେରା, ରଞ୍ଜନ ଦାଶ; ଗଳ୍ପରେ ବିଷ୍ଣୁ ସାହୁ, ଭୂପେନ୍ ମହାପାତ୍ର, ରବି ପଣ୍ଡା, ନିବାରଣ ଜେନା ଓ କାର୍ତ୍ତିକ ସ୍ୱାଇଁ। ପ୍ରଚ୍ଛଦ ପ୍ରତୀକାତ୍ମକ। ଅଷ୍ଟଭୁଜା ମା'ଙ୍କର ପାପୁଲି ନାହିଁ, ଅସ୍ତ୍ର ନାହିଁ; ମୁକୁଟିତ ମୁଣ୍ଡ ବି କାହିଁ?

### ମୌସୁମୀ



**ସଂପାଦକ:** ଶ୍ରୀଧର ସାମଲ
ଏ/୪ ଡିମାଇ ସାଇଜ୍, ପୃ: ୧୨୦, **ମୂଲ୍ୟ:** ଟ.୧୨୦/-

କେନ୍ଦ୍ରାପଡ଼ାର 'ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ' ପକ୍ଷରୁ 'ମୌସୁମୀ'ର ଶାରଦୀୟ ବିଶେଷାଙ୍କ ପ୍ରକାଶପାଇଛି। ଗଳ୍ପରେ ଅଛନ୍ତି ଗିରୀଶ ଚନ୍ଦ୍ର ସାହୁ, ରବି ପଣ୍ଡା ଓ ଯଶୋବନ୍ତ ସାମଲ; କବିତାରେ ଶତ୍ରୁଘ୍ନ ପାଣ୍ଡବ, ଶ୍ରୀରାମ ଦାଶ, ପ୍ରେମାନନ୍ଦ ଖଣ୍ଡୁଆଳ, ବିରଜା ରାଉତରାୟ, ସରୋଜ କୁମାର ମହାନ୍ତି ଓ ମୋନାଲିସା ସିଂହ ପ୍ରମୁଖ। କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସହ ସାକ୍ଷାତ୍‌କାରରେ ଅଛନ୍ତି ପତ୍ରିକାର ସମ୍ପାଦକ ଶ୍ରୀ ସାମଲ।

### ବାଣୀଚିତ୍ର



**ସଂପାଦକ:** ଭାସ୍କର ଜେନା
କ୍ରାଉନ୍ ସାଇଜ୍, ପୃ:୨୩୬, **ମୂଲ୍ୟ:** ଟ.୧୦୦/-

'ବାଣୀଚିତ୍ର'ର ପ୍ରତିଷ୍ଠାତା ପରୀକ୍ଷିତ ଜେନାଙ୍କ ଦେହାନ୍ତ ପରେ ତାଙ୍କ ସାନଭାଇ ସୁଲେଖକ ଭାସ୍କର ଜେନାଙ୍କ ଦ୍ୱାରା ସଂପାଦିତ ହୋଇ ପ୍ରକାଶ ପାଇଛି ପତ୍ରିକାର ୫୪ତମ ପୂଜା ବିଶେଷାଙ୍କ। 'ବାଣୀଚିତ୍ର' ମୂଳତଃ ଏକ ସିନେମା ପତ୍ରିକା ହୋଇଥିଲେ ବି ଏଥିରେ ସୃଜନଶୀଳ ସାହିତ୍ୟ ଯଥା: ନାଟକ, କବିତା ଓ ଗଳ୍ପ ଆଦି ସ୍ଥାନ ପାଇଛି। ଅନୁବାଦ ଗଳ୍ପ ଓ ପୁସ୍ତକ ସମୀକ୍ଷା ସହ ରହିଛି ସିନେମା, ଟେଲିଭିଜନ, ସଂଗୀତ ଓ ଅଭିନୟ ଜଗତର ବହୁ ନେପଥ୍ୟ କଥା।

### ଯୁଗଶ୍ରୀ ଯୁଗନାରୀ



**ସଂପାଦିକା:** ମମତା ମହାପାତ୍ର
ଏ/୪ ଡିମାଇ ସାଇଜ୍, ପୃ: ୨୫୬, **ମୂଲ୍ୟ:** ଟ.୮୦/-

ସଂପାଦକୀୟଟି ଗଣକବି ବୈଷ୍ଣବ ପାଣିଙ୍କ ଜୀବନ ଓ ସୃଷ୍ଟି ଆଧାରିତ। ଲେଖିକାମାନଙ୍କ ରଚନା ପ୍ରତି ଲେଖକ ଯତ୍ନଶୀଳ ଏହି ପତ୍ରିକାଟିରେ ବହୁ ପ୍ରତିଷ୍ଠିତ ଲେଖକ ସେମାନଙ୍କ କବିତା, ଗଳ୍ପ ଓ ପ୍ରବନ୍ଧ ଲେଖି ପତ୍ରିକାର ମାନ ବୃଦ୍ଧିରେ ସହାୟକ ହୋଇଛନ୍ତି। କବିତାରେ ରମାକାନ୍ତ ରଥ, ମନୋରମା ବିଶ୍ୱାଳ ମହାପାତ୍ର, ଅଶ୍ୱିନୀ ମିଶ୍ର, ବିମଳ ଜେନା, ରଞ୍ଜିତା ନାୟକ, ବୀଣାପାଣି ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ; ଗଳ୍ପରେ ବିଭୂତି ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବନଜ ଦେବୀ, ଗାୟତ୍ରୀ ସରାଫ୍, ଜୟନ୍ତୀ ରଥ, ପୀତବାସ ରାଉତରାୟ, ରୁମ୍‌ଝୁମ୍ ନାୟକ ଓ କମଳା ଶତପଥୀ ପ୍ରମୁଖ ରହିଥିବା ବେଳେ ଅନୁବାଦରେ ଅଛନ୍ତି ଶକୁନ୍ତଳା ବଳିୟାରସିଂ, ନିରୁପମା ଆଚାର୍ଯ୍ୟ ଓ କନକମଞ୍ଜରୀ ସାହୁ। ବିଜୟିନୀ ସିଂହଙ୍କ ଦ୍ୱାରା ପ୍ରଚ୍ଛଦ-ପ୍ରସଙ୍ଗରେ ସ୍ଥାନିତା ଲେଖିକା ସୁସ୍ମିତା ବାଗ୍‌ଚୀ।

### ସାହିତ୍ୟ ଚର୍ଚ୍ଚା



**ସଂପାଦକ:** ନିହାର ରଂଜନ ଶତପଥୀ
କ୍ରାଉନ୍ ସାଇଜ୍, ପୃ:୬୮, **ମୂଲ୍ୟ:** ଟ.୩୦/-

ଏହା ଏକ ଭିନ୍ନ ସ୍ୱାଦର ସାହିତ୍ୟ ପତ୍ରିକା। ଯାହା ସାହିତ୍ୟ ସୃଷ୍ଟି ନୁହେଁ, ସାହିତ୍ୟ ଚର୍ଚ୍ଚାକୁ ପ୍ରାଧାନ୍ୟ ଦିଏ, ଯଦିଓ 'ସୃଜନ' ଉପେକ୍ଷିତ ନୁହେଁ। ଏହି ସଂଖ୍ୟାରେ ଓଡ଼ିଶାର ସପ୍ତମାତୃକା ଉପାସନା ଉପରେ ଲେଖିଛନ୍ତି ଡ. ଅନ୍ତର୍ଯ୍ୟାମୀ ମିଶ୍ର। 'ଶକ୍ତିବାଦର ଗହନ କଥା' ଲେଖିଛନ୍ତି ଡ. ଦୋଳଗୋବିନ୍ଦ ବିଶୀ ଓ 'ଗୀତଗୋବିନ୍ଦ'ର ସମୀକ୍ଷା କରିଛନ୍ତି ଡ. ପ୍ରଫୁଲ୍ଲ କୁମାର ସାହୁ। 'ସାହିତ୍ୟରେ ପ୍ରଭାବବାଦ' ପ୍ରବନ୍ଧ ଲେଖିଛନ୍ତି ଡ. ବସନ୍ତ କୁମାର ପଣ୍ଡା। 'ରମ୍ୟ ରଚନା'ରେ ଅଛନ୍ତି ଡ. ଅଜୟ କୁମାର ମିଶ୍ର। ତାଙ୍କ ଲେଖାର ଶୀର୍ଷକ 'ବିଶ୍ୱ ଗାଳି-ଦିବସ'। ଅନୁବାଦ ଓ ଧାରାବାହିକ ପ୍ରବନ୍ଧ ଆଦିରେ ବହୁ ନୂତନ ସମ୍ଭାବନା ଉଜାଗର ହୋଇଛି।

### ଶତଦ୍ରୁ



**ସଂପାଦକ:** ଉପେନ୍ଦ୍ର ପ୍ରସାଦ ନାୟକ
୧/୮ ଡିମାଇ ସାଇଜ୍, ପୃ:୨୯୬, **ମୂଲ୍ୟ:** ଟ.୭୦/-

'ଓଡ଼ିଶାର ବିଦଗ୍ଧ କଳା: ପାଲା' ଶୀର୍ଷକ ସଂପାଦକୀୟରେ ସଂପାଦକ 'ପାଲା' ପରି ଏକ ଲୋକକଳାକୁ ବଞ୍ଚାଇ ରଖିବା ଦିଗରେ ସରକାରୀ ଉତ୍ସାହ ଓ ଅନୁଦାନର ଅପରିହାର୍ଯ୍ୟତା ବିଷୟ ସୂଚାଇଛନ୍ତି। 'ସ୍ମରଣୀୟ ଗଳ୍ପ'ରେ ଅଖିଳ ମୋହନ ପଟ୍ଟନାୟକ ଓ 'ସ୍ମରଣୀୟ କବିତା'ରେ ରବି ସିଂଙ୍କ କବିତା 'ଏମାନେ ହଟିବେ ନାହିଁ' ସ୍ଥାନିତ ହୋଇଛି। ଅଖିଳଙ୍କ ଗଳ୍ପଟି ହେଉଛି 'ଗୋଟିଏ ହୋଟେଲର ନକ୍ସା'। କବିତାରେ ରମାକାନ୍ତ ରଥ, ହରିହର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଫନୀ ମହାନ୍ତି, ରବିନାରାୟଣ ସେନାପତି, ଗୌତମ ଜେନା ଓ ରମେଶ ପତି ରହିଥିବା ବେଳେ ଗଳ୍ପରେ ଅଛନ୍ତି ବିଭୂତି ପଟ୍ଟନାୟକ, ସଂଯୁକ୍ତା ରାଉତ, ଇନ୍ଦିରା ଦାଶ, ଅର୍ଚ୍ଚନା ନାୟକ ଓ ଭାସ୍କର ଜେନା ପ୍ରମୁଖ। ପ୍ରବନ୍ଧ ଲେଖିଛନ୍ତି ଡ. ଉଦ୍ଧବ ଚରଣ ନାୟକ ଓ ନକୁଳ ଚନ୍ଦ୍ର ସାହୁ। ବ୍ୟଙ୍ଗ ଓ ଅନୁବାଦ ସାହିତ୍ୟ ସାଙ୍ଗକୁ ରହିଛି ଶାନ୍ତନୁ ଆଚାର୍ଯ୍ୟଙ୍କ ସହ ସାକ୍ଷାତ୍‌କାର।

## ଆଇଡିବିଆଇର ଉତ୍ସବ ଅଫର

ନୂଆଦିଲ୍ଲୀ: ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ 'ଅମୃତ ମହୋତ୍ସବ' ଜମା ଉପରେ ଉତ୍ସବ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ୟାଙ୍କ ପକ୍ଷରୁ ଏକ ସୀମିତ ଅବଧି ଅଫର ଭାବେ ଏକ ସ୍ୱତନ୍ତ୍ର ୫୫୫ଦିନିଆ ଜମା ଉପରେ ୬.୯୦%ର ଶୀର୍ଷ ସୁଧ ହାର ଘୋଷଣା କରାଯାଇଛି। ସେହିଭଳି ବ୍ୟାଙ୍କର ବିଭିନ୍ନ ମାଚ୍ୟୁରିଟିର ମିଆଦୀ ଜମା ଉପରେ ସୁଧ ହାରକୁ ବୃଦ୍ଧି କରାଯାଇଛି। ବିଶେଷକରି ଏହା ୨୦୨୨ ଅକ୍ଟୋବର ୨୧ରୁ ଲାଗୁ କରାଯାଇଛି। ଏକ ବର୍ଷିଆ ଜମା ଉପରେ ସୁଧ ହାରକୁ ୬.୭୫% କୁ ବୃଦ୍ଧି କରାଯାଇଥିବା ବେଳେ ୨ ବର୍ଷିଆ ଜମା ଉପରେ ୬.୮୫%ର ଶୀର୍ଷ ସୁଧ ହାର ପ୍ରଦାନ କରାଯାଉଛି।

# ରିଲାଏନ୍ସ ଡିଜିଟାଲରେ ଦୀପାବଳି ସ୍ୱତନ୍ତ୍ର ଅଫର




ନୂଆଦିଲ୍ଲୀ,୨୧।୧୦

ଚଳିତ ବର୍ଷ ଦୀପାବଳି ଉପଲକ୍ଷେ ରିଲାଏନ୍ସ ଡିଜିଟାଲ ପକ୍ଷରୁ 'ଫେଷ୍ଟିଭାଲ୍ ଅଫ୍ ଇଲେକ୍ଟ୍ରୋନିକ୍ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ମାଧ୍ୟମରେ ଗ୍ରାହକ ୧୦%ର ତୁରନ୍ତ ଡିସ୍କାଉଣ୍ଟ ସହ ଅଗ୍ରଣୀ ବ୍ୟାଙ୍କଗୁଡ଼ିକର କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ରିହାତି ସୁବିଧା ସାଙ୍ଗକୁ ସହଜ ଇଏମ୍ଆଇ ଓ ଇନ୍‌ଷ୍ଟା ଡେଲିଭରି ସୁବିଧା ରହିଛି। ସେହିପରି ଏହା ସହିତ ଅତିରିକ୍ତ ୧୦% ଡିସ୍କାଉଣ୍ଟ ଭାଉଚର ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି ଯାହାକୁ ପରବର୍ତ୍ତୀ କ୍ରୟରେ ମଧ୍ୟ ରିଡେମ୍ କରାଯାଇପାରିବ। ପାର୍ବଣର ଶୁଭ ଅବସରରେ ନୂତନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର ଓ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ରିଲାଏନ୍ସ ଡିଜିଟାଲ.ଇନ୍‌ରେ ମଧ୍ୟ ଗ୍ରାହକ ସେମାନଙ୍କର ପସନ୍ଦର ସାମଗ୍ରୀକୁ ଫେଷ୍ଟିଭ ଅଫର ସହ କାରବାର କରିପାରିବେ ବୋଲି କୁହାଯାଇଛି। ଅପରପକ୍ଷରେ ଦୀପାବଳି ପାଇଁ ସ୍ୱତନ୍ତ୍ର ଭାବେ ମଧ୍ୟ ବିଭିନ୍ନ ଉତ୍ପାଦ ଯଥା ଆକର୍ଷଣୀୟ ଗେମିଂ ଲାପ୍‌ଟପ୍, ଫ୍ରଣ୍ଟ ଲୋଡ୍- ୱାଶିଂମେଶିନ, ଜେବିଏଲ୍ ସାଉଣ୍ଡ ବାର୍, ଆଇଫୋନ୍, ସ୍ମାର୍ଟୱାଚ, ସ୍ମାର୍ଟଫୋନ୍, ଟାବ୍‌ଲେଟ୍, ଭାକ୍ୟୁମ କ୍ଲିନର ଓ ସିଙ୍ଗିଲ ଡୋର ରେଫ୍ରିଜରେଟର, ଟିଭି ଏବଂ ସାଇଡ-ବାଏ-ସାଇଡ୍ ରେଫ୍ରିଜରେଟର ଭଳି ଅନେକ ପ୍ରକାର ଗୃହୋପକରଣ ସାମଗ୍ରୀ ରିଲାଏନ୍ସ ଡିଜିଟାଲରେ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଆକ୍ସିସ୍ ବ୍ୟାଙ୍କର ୫,୩୩୦ କୋଟି ଲାଭ

ନୂଆଦିଲ୍ଲୀ,୨୧।୧୦

ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କର ନେଟ୍ ଲାଭ ୭୦% ବୃଦ୍ଧି ପାଇ ୫,୩୩୦ କୋଟି ଟଙ୍କା ହୋଇଛି। ବିଶେଷକରି ୨୦୨୧-୨୨ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ତା'ର ପରିମାଣ ୩,୧୩୩ କୋଟି ଟଙ୍କା ଥିଲା। ସେହିଭଳି ବ୍ୟାଙ୍କ୍ ନେଟ୍ ସୁଧ ଆୟ ୩୧% ବୃଦ୍ଧି ପାଇ ୧୦,୩୬୦ କୋଟି ଟଙ୍କା ହୋଇଛି। ଗତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ତାହା ୯,୩୮୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩.୯୬% ବୃଦ୍ଧି ପାଇଛି। କାସା ଅନୁପାତ ୪୬% ରହିଛି। ବ୍ୟାଙ୍କର ପରିଚାଳନା ରାଜସ୍ୱ ୨୨% ବୃଦ୍ଧି ପାଇ ୧୪,୩୦୧ କୋଟି ଟଙ୍କା ହୋଇଛି। ଗତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୧୧,୬୯୯ କୋଟି ଟଙ୍କା ଥିଲା। ସେହିପରି ୨୦୨୨ସେପ୍ଟେମ୍ବର ୩୦ ସୁଦ୍ଧା ବ୍ୟାଙ୍କର ମୋଟ୍ ଏନ୍‌ପିଏ ଓ ନେଟ୍ ଏନ୍‌ପିଏ ହାର ଯଥାକ୍ରମେ ୨.୫୦% ଓ ୦.୫୧% ରହିଛି। ବ୍ୟାଙ୍କର ଫି'ରୁ ଆୟ ୨୦% ବୃଦ୍ଧି ପାଇ ୩,୮୬୨ କୋଟି ଟଙ୍କା ହୋଇଛି। ରିଟେଲ୍ ଫି'ରେ ୨୮% ବୃଦ୍ଧି ହୋଇଛି ଓ ବ୍ୟାଙ୍କର ମୋଟ ଫି'ରେ ତାହାର ଭାଗ ୬୮% ରହିଛି। ବ୍ୟାଙ୍କର ମୋଟ ପୁଞ୍ଜି ସ୍ୱଚ୍ଛଳତା ହାର ୧୭.୭୨% ରହିଛି।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅମିତାଭ ଚୌଧୁରୀ କହିଛନ୍ତି, ଗତ ବର୍ଷକ ମଧ୍ୟରେ ଆମେ ସମସ୍ତ ଚିହ୍ନିତ ଅଗ୍ରାଧିକାର କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହାସଲ କରିଛୁ। ଗ୍ରାହକ ଓ ଡିଜିଟାଇଜେଶନ ଉପରେ ଗୁରୁତ୍ୱ ଆମର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି।

# ନାଲ୍‌କୋ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ୨.୦



ଅନୁଗୋଳସ୍ଥିତ ନାଲ୍‌କୋ ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗ ଓ ୱେଲ୍‌ନେସ୍ ସେଣ୍ଟରର କାର୍ଯ୍ୟକ୍ଷମ ପରେ ଯୋଗାଭ୍ୟାସ କରାଯାଉଛି।

ଭୁବନେଶ୍ୱର,୨୧।୧୦

ଚଳିତ ବର୍ଷ ଅକ୍ଟୋବର ୨ରୁ ନାଲ୍‌କୋର ସମସ୍ତ କାର୍ଯ୍ୟାଳୟ ଓ ୟୁନିଟ୍‌ରେ ସ୍ୱତନ୍ତ୍ର ଅଭିଯାନ ୨.୦ (ସ୍ପେଶାଲ କ୍ୟାମ୍ପେନ୍ ୨.୦) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି ଏହା ଅନ୍ତର୍ଗତ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଅସମାହିତ ମାମଲାର ଯଥା ସମୟରେ ସମାଧାନ, ରେକର୍ଡ ପରିଚାଳନା, ଅଫିସ ପରିସରକୁ ଦକ୍ଷତାର ସହ ସୁବ୍ୟବହାର ଏବଂ ପ୍ଲାଷ୍ଟିକ୍‌ର ଏକକ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ଇତ୍ୟାଦି କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷକରି ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଏହି ସ୍ୱତନ୍ତ୍ର ଅଭିଯାନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟାବଳୀର ନିୟମିତ ଅନୁଧ୍ୟାନ କରୁଛନ୍ତି। ସେହିଭଳି ଭୁବନେଶ୍ୱରସ୍ଥିତ ନାଲ୍‌କୋର କର୍ପୋରେଟ କାର୍ଯ୍ୟାଳୟ ଏବଂ ଉତ୍ପାଦନ କ୍ଷେତ୍ର ତଥା ରାଷ୍ଟ୍ରବ୍ୟାପୀ ଏହାର ଅନ୍ୟ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକର ମଧ୍ୟ ପାତ୍ର ନେତୃତ୍ୱ ନେଉଛନ୍ତି। ସେହିପରି ଏହି ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବେ ଅନୁଗୋଳଠାରେ ଥିବା ନାଲ୍‌କୋର ସ୍ମେଲ୍ଟର ଏବଂ ପାୱାର କମ୍ପ୍ଲେକ୍ସରେ ଅବସ୍ଥିତ ସୁନିଆ ମୁଣ୍ଡା ହ୍ରଦ ପରିଷ୍କୃତ କରାଯିବା ସହ ଏହାର ପ୍ରଶିକ୍ଷଣ କେନ୍ଦ୍ରଠାରେ ଏକ ଯୋଗ ଓ ୱେଲ୍‌ନେସ୍ ସେଣ୍ଟର କାର୍ଯ୍ୟକ୍ଷମ କରାଯାଇଛି।

# ମାଲାବାରର 'ଦିୱାଲି ଫେଷ୍ଟିଭ କଲେକ୍ସନ'



ଭୁବନେଶ୍ୱର,୨୧।୧୦

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର 'ଦିୱାଲି ଫେଷ୍ଟିଭ କଲେକ୍ସନ'ର ଶୁଭାରମ୍ଭ କରାଯାଇଛି। ଏପରିକି ଦୀପାବଳି ଉପଲକ୍ଷେ ଏକ ସ୍ୱତନ୍ତ୍ର ଅଭିଯାନ 'ହାର ତ୍ୟୋହାର କେ ସାଙ୍ଗ୍ ମାଲାବାର' (ଉତ୍ସବ ସହ ମାଲାବାର) ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ପ୍ରତିଷ୍ଠାନର ଏହି ସର୍ବଭାରତୀୟ ଅଭିଯାନ ଚଳିତ ବର୍ଷ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଜାରି ରହିବ। ସେହିଭଳି ଏହି ଅଭିଯାନ କ୍ରମରେ ମାଲାବାର ପକ୍ଷରୁ ଉଭୟ ହୀରା ଓ ସୁନାଗହଣା ଉପରେ ଗୁଣାତ୍ମକ ଏବଂ ମୂଲ୍ୟ ଦୃଷ୍ଟିରୁ ସ୍ୱତନ୍ତ୍ର ଅଫର ମଧ୍ୟ ପ୍ରଦାନ କରାଯାଉଛି। ବିଶେଷକରି ସୁନା, ହୀରା ଓ ଅନ୍ୟ ମୂଲ୍ୟବାନ ପଥର ଖଚିତ ସୁନ୍ଦର ଡିଜାଇନର ଅଳଙ୍କାର ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତିଟି ଭାରତୀୟଙ୍କ ପାଇଁ ଦୀପାବଳି ହେଉଛି ଏକ ଆନନ୍ଦ, ଉଲ୍ଲାସ ଓ ଆଲୋକର ପର୍ବ ଏବଂ ଏହା ଆମ ଭାବନା ସହ ଜଡିତ ରହିଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ମାଲାବାର ଏକ ଛୋଟ ପ୍ରୟାସ କରିଛି। ନିଜ ଗ୍ରାହକମାନଙ୍କ ମନରେ ଆସ୍ଥା,ବିଶ୍ୱାସ ଓ ଭଲପାଇବା ପାଇଁ ଏଭଳି ଏକ ଅଭିଯାନର ପରିକଳ୍ପନା କରାଯାଇଛି। ଅପରପକ୍ଷରେ ୫% ଅଗ୍ରିମ ଦେଇ ଗ୍ରାହକ ନିଜର ଅଳଙ୍କାର ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ବୁକିଂ ସହ ସୁରକ୍ଷିତ ରଖିପାରିବେ ବୋଲି ମାଲାବାର ପକ୍ଷରୁ କୁହାଯାଇଛି।

# ରିଲାଏନ୍ସ ଜିଓର ନେଟ୍ ଲାଭ ୪,୫୧୮ କୋଟି




ନୂଆଦିଲ୍ଲୀ,୨୧।୧୦

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଶେଷ ହୋଇଥିବା ୨୦୨୨-୨୩ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୪,୫୧୮ କୋଟି ଟଙ୍କାର ନେଟ୍ ଲାଭ ସହ ବାର୍ଷିକ ଭିତ୍ତିରେ କମ୍ପାନୀର ନେଟ୍ ଲାଭ ୨୮% ବୃଦ୍ଧି ଘଟିଛି। ସେହିଭଳି ଗତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭ ୩୫୨୮ କୋଟି ଟଙ୍କା ଥିଲା। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୦.୨% ବୃଦ୍ଧି ପାଇ ୨୨,୫୨୧ କୋଟି ଟଙ୍କା ହୋଇଛି। ଗତ ବର୍ଷର ଏହି ସମୟ ମଧ୍ୟରେ ପରିଚାଳନାଗତ ରାଜସ୍ୱ ପରିମାଣ ୧୮,୭୩୫ କୋଟି ଟଙ୍କା ଥିଲା।

ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜିଓ ଦେଶରେ ବଡ଼ ଧରଣର ୫ଜି ମୁତୟନ ଜାରି ରଖିଛି, ଯାହା ଭାରତରେ ହାଇସ୍ପିଡ୍ ଇଣ୍ଟରନେଟ୍‌ର ଏକ ନୂଆ ଯୁଗ ଆରମ୍ଭ କରିବ। ଚଳିତ ମାସରେ ଜିଓ ପକ୍ଷରୁ ଦେଶର ୪ଟି ସହର ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀର କିଛି ନିର୍ଦ୍ଦିଷ୍ଟ ଗ୍ରାହକଙ୍କୁ ନେଇ ୫ଜି ସେବାର ବିଟା ପରୀକ୍ଷଣ ଆରମ୍ଭ କରାଯାଇଛି।

# ସିସିବିର ଦାୟିତ୍ୱ ଗ୍ରହଣକଲେ ପ୍ରଭାତ



ପ୍ରଭାତ ଚନ୍ଦ୍ର କାନୁନ୍‌ଗୋ

କଟକ,୨୧।୧୦

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ (ସିସିବି)ର ନବନିର୍ବାଚିତ ସଭାପତି ପ୍ରଭାତ ଚନ୍ଦ୍ର କାନୁନ୍‌ଗୋ ଶୁକ୍ରବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେ ଆସନ୍ତା ୫ବର୍ଷ ପାଇଁ ଉକ୍ତ ପଦବୀରେ ରହି କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ପ୍ରଭାତ ବ୍ୟାଙ୍କର ଗତ ପରିଚାଳନା ପରିଷଦର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ କଟକ ଜିଲାର ସମସରପୁର କୃଷି ସେବା ସମବାୟ ସମିତିର ସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ସେ ଜଣେ ମିଷ୍ଟଭାଷୀ, ଯୁବ ପ୍ରତିଭାବାନ୍ ସମବାୟବିତ୍ ଏବଂ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସିଇଓଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା ପରିଷଦର ନୂତନ ସଭାପତି ଓ ଅନ୍ୟ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଏପରିକି ବ୍ୟାଙ୍କ ପରିଚାଳନା ପରିଷଦର ଅନ୍ୟ ୧୪ ଜଣ ନବନିର୍ବାଚିତ ସଦସ୍ୟ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ପ୍ରମୁଖ ସମବାୟ ବ୍ୟାଙ୍କ ଭାବେ ସିସିବି ଓଡ଼ିଶାରେ ବେଶ୍ ପରିଚିତ। ୧୯୫୬ରୁ ବ୍ୟାଙ୍କ କଟକ, ଜଗତ୍‌ସିଂହପୁର, ଯାଜପୁର ଓ କେନ୍ଦ୍ରାପଡ଼ା ଭଳି ଜିଲାରେ କାର୍ଯ୍ୟ କରୁଛି। ଏପରିକି ବ୍ୟାଙ୍କର ୩୮ଗୋଟି ଶାଖା ୪୬୮ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ପରିଚାଳିତ ହେଉଛି। ବିଶେଷକରି ଉପରୋକ୍ତ ଶାଖା ଓ ସମିତି ଜରିଆରେ ବ୍ୟାଙ୍କ କୃଷକ, ବୁଣାକାର, କାରିଗର, ଅଣକୃଷି କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୧।୧୦

କ୍ରମାଗତ ୬ଷ୍ଠ ଦିନ ଲାଗି ଷ୍ଟକ୍ ବଜାର କାରବାର ଭଲ ରହିଛି। ଫଳରେ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ୫ମ ଦିନର ବଜାର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୦୪ (୧୦୪.୨୫) ପଏଣ୍ଟ ବୃଦ୍ଧି ପାଇ ୫୯,୩୦୭ (୫୯,୩୦୭.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨ (୧୨.୩୫) ପଏଣ୍ଟ ବଢ଼ି ୧୭,୫୭୬ (୧୭,୫୭୬.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୁରୁବାର ଦଲାଲ ଷ୍ଟ୍ରିଟ୍‌ରେ ବିଶେଷକରି ବ୍ୟାଙ୍କ, ଅଟୋ ଶିଳ୍ପ, ଆଇଟି, ଏଫ୍‌ଏମ୍‌ସିଜି ଏବଂ ମେଟାଲ ଭଳି କ୍ଷେତ୍ରର ନିବେଶକଙ୍କ ପାଇଁ ବଜାର ଫଳାଫଳ ଭଲ ରହିଥିଲା। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ସତ୍ତ୍ୱେ ଶେୟାର ବଜାର କାରବାର ପୂର୍ବ ସପ୍ତାହ ଅପେକ୍ଷା ଭଲ ରହିଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ୪ଜି ସାଉଣ୍ଡବକ୍ସ

ନୂଆଦିଲ୍ଲୀ,୨୧।୧୦

ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ୪ଜି ସାଉଣ୍ଡବକ୍ସ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଦେଶର ସମସ୍ତ କିରାନା ଷ୍ଟୋର, ଖୁଚୁରା ବ୍ୟବସାୟୀ ସାଙ୍ଗକୁ ଯେଉଁମାନେ ଦୋକାନରେ ନଗଦ କିମ୍ବା କ୍ୟୁଆର୍ କୋଡ୍ ଜରିଆରେ ଦେୟ ବା ପେମେଣ୍ଟ ଗ୍ରହଣ କରୁଛନ୍ତି ସେମାନଙ୍କ ପାଇଁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସାଉଣ୍ଡବକ୍ସ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ଏବଂ ଡିଜିଟାଲ ପେମେଣ୍ଟ ଗ୍ରହଣ କରିବା ଲାଗି ରହିଥିବା ସେମାନଙ୍କ ବିଶ୍ୱାସ ବୃଦ୍ଧି ପାଇବ। ଏହି ସାଉଣ୍ଡବକ୍ସ ଜରିଆରେ ବ୍ୟାଙ୍କ ଏହାର ଡିଜିଟାଲ୍ ପେମେଣ୍ଟକୁ ଅଧିକ ପରିବ୍ୟାପ୍ତ କରିବା ଉପରେ ଗୁରୁତ୍ୱାରୋପ କରୁଛି। ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍‌ର ସାଉଣ୍ଡବକ୍ସ ହେଉଛି ଏକ ପୋର୍ଟେବଲ୍ ସ୍ପିକର ଯେଉଁଥିରେ ଏକ ଉତ୍ସର୍ଗୀକୃତ ୪ଜି ସିମ୍ କାର୍ଡ ସ୍ଲଟ୍ ରହିଛି ଯାହା ଡାଟା ସଂଯୋଗ ପ୍ରଦାନ କରିବ। ଯେକୌଣସି କମ୍ପାନୀର ୪ଜି ସିମ୍‌କୁ ଏଥିରେ ବ୍ୟବହାର କରି ହେବ। ଫଳରେ ସେମାନଙ୍କୁ ଆଉ ପ୍ରତି କାରବାର ପାଇଁ ଏସ୍‌ଏମ୍‌ଏସ୍ ପଢ଼ିବାକୁ ପଡ଼ିବ ନାହିଁ ଓ ସେ ସୁରୁଖୁରୁରେ ବ୍ୟବସାୟ ଜାରି ରଖିପାରିବେ। ଇଣ୍ଡସ୍‌ଇଣ୍ଡ ସାଉଣ୍ଡବକ୍ସ ୧୧ଟି ଆଞ୍ଚଳିକ ଭାଷାରେ ଉପଲବ୍ଧ ହେଉଥିବାରୁ ସାରା ଦେଶର କ୍ଷୁଦ୍ର ବ୍ୟବସାୟୀ ତାହାକୁ ବ୍ୟବହାର କରିପାରିବେ। ଏଥିରେ ରହିଥିବା ୨୬୦୦ ଏମ୍‌ଏଏଚ୍‌ର ବ୍ୟାଟେରିକୁ ଥରେ ଚାର୍ଜ କଲେ ତାହା ୩୦୦୦ ପେମେଣ୍ଟର ସୂଚନା ଦେଇପାରିବ।

ଏ ସମ୍ପର୍କରେ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ମୁଖ୍ୟ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଓ ଷ୍ଟ୍ରାଟେଜି (ଏକ୍‌ଜିଷ୍ଟିଂ ବିଜ୍‌ନେସ୍) ଚାରୁ ସଚ୍ଚଦେବ ମାଥୁର କହିଛନ୍ତି, କ୍ଷୁଦ୍ର ବ୍ୟବସାୟୀମାନେ ଭାରତୀୟ ଅର୍ଥନୀତିର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆମେ ସର୍ବଦା ବିଶ୍ୱାସକରୁ। ସେହି ଭାବନାକୁ ନଜରରେ ରଖି ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସାଉଣ୍ଡବକ୍ସକୁ ଉନ୍ମୋଚନ କରିଥିବାରୁ ଆମେ ଅତ୍ୟନ୍ତ ଉଲ୍ଲସିତ ଯାହା ଦେଶର ଲକ୍ଷ ଲକ୍ଷ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀଙ୍କୁ ସେମାନଙ୍କ ଇଣ୍ଡସଇଣ୍ଡ ବ୍ୟାଙ୍କ୍ ଖାତାରେ ଆସିଥିବା ପେମେଣ୍ଟର ତତ୍କାଳ ସୂଚନା (ନୋଟିଫିକେଶନ) ପ୍ରଦାନ କରିବ।

# ଗୋଦ୍‌ରେଜ୍‌ର ନ୍ୟୁ ମାଇକ୍ରୋ ଓଭେନ୍ ଉନ୍ମୋଚିତ

ନୂଆଦିଲ୍ଲୀ,୨୧।୧୦

ଚଳିତ ପାର୍ବଣ ଉପଲକ୍ଷେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ନ୍ୟୁ ମାଇକ୍ରୋ ଓଭେନ୍‌ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏଥିରେ ଥିବା ଅଏଲ୍-ଫ୍ରି ହେଲ୍‌ଦି ଫ୍ରାଏ ମୋଡ୍ ଏହାକୁ ଏକ ଠିକ୍ ୨-ଇନ୍-୧ ମେଶିନରେ ପରିଣତ କରିଛି। ଏହାଦ୍ୱାରା ନିଜ ପସନ୍ଦର ଖାଦ୍ୟ ତିଆରି କରିବା ଲାଗି ଏକାଧିକ ଆପ୍ଲାଏନ୍‌ସେସ୍ ବ୍ୟବହାର କରିବାକୁ ପଡ଼ିବ ନାହିଁ। ଏହାର ଉନ୍ନତ କୁକିଂ ପ୍ରଯୁକ୍ତି ଆପଣମାନଙ୍କୁ ପସନ୍ଦର ଫ୍ରାଏଡ୍ ଫୁଡ୍ ଯଥା ଫ୍ରେଞ୍ଚ ଫ୍ରାଇଜ୍, ସମୋସା, ପକୋଡା ଏବଂ କଟ୍‌ଲେଟ୍ ଆଦି ରୋଷେଇ କରିବାର ସୁବିଧା ପ୍ରଦାନ କରିବ ଏବଂ ପାରମ୍ପରିକ ରୋଷେଇ ପଦ୍ଧତି ତୁଳନାରେ ଏଥିରେ ୯୦% କମ୍ ତେଲ ଖର୍ଚ୍ଚ ହେବ। ମାଇକ୍ରୋୱେଭ୍ ଓଭେନ୍‌ର କ୍ୟାବିନେଟ୍‌ର କ୍ଷମତା ଅଧିକ ଥିବାରୁ ୩ଗୁଣା ଅଧିକ ଖାଦ୍ୟ ଏଥିରେ ରୋଷେଇ କରି ହେଉଛି ଏବଂ ୩୩% କମ୍ ସମୟ ଲାଗୁଛି। ଏଥିରେ ବିଭିନ୍ନ ପ୍ରକାରର ମୋଡ୍ ଏବଂ ପ୍ରି-ସେଟ୍ ମେନୁ ରହିଛି ଯାହା ଫ୍ରାଏ, ଗ୍ରିଲ୍, ବେକିଂ, ରୋଷ୍ଟିଂ, ଟୋଷ୍ଟିଂ, ଷ୍ଟିମିଂ ଏବଂ ବଏଲିଂ ଆଦି କାର୍ଯ୍ୟ ପାଇଁ ବେଶ୍ ଉପଯୁକ୍ତ।

ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ଓ କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀ କହିଛନ୍ତି, କୋଭିଡ୍ ମହାମାରୀ ପରେ ଭାରତୀୟମାନେ ସାଧାରଣରେ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇପଡ଼ିଛନ୍ତି। ଏହା ସେମାନଙ୍କ କିଣାକିଣି ଏବଂ ପସନ୍ଦରେ ହୋଇଥିବା ପରିବର୍ତ୍ତନରୁ ଜଣାପଡ଼ିଛି। ଏପରିକି ମହାମାରୀ ପରେ ଏକ ବର୍ଗ ଭାବେ ମାଇକ୍ରୋଓଭେନ୍‌ରେ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷରେ ଏହି ବର୍ଗରେ ଆମେ ୧୫%ରୁ ଅଧିକ ବୃଦ୍ଧି ଆଶା କରୁଛୁ। ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ରେ ଆମେ ଚିନ୍ତାଶୀଳ ଭାବେ ପ୍ରସ୍ତୁତ ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ଏହା ଗ୍ରାହକମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣରେ ଉନ୍ନତି ଆଣିପାରିବ। ଆମର ପାରମ୍ପରିକ ମାଇକ୍ରୋଓଭେନ୍‌ରେ ଥିବା ଅଏଲ୍-ଫ୍ରି ହେଲ୍‌ଥ ଫ୍ରାଏ ମୋଡ୍ ତା'ର ହେଉଛି ଏକ ସ୍ପଷ୍ଟ ଉଦାହରଣ।


## ମନେ ପଡ଼ନ୍ତି

ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ଚତୁର୍ଥ ବର୍ଷ)



ସ୍ୱର୍ଗତା ସ୍ନେହଲତା ମହାନ୍ତି

ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୭୦୨୯୪

## CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## REQUIREMENT

Post: Accountant
Experience: Minimum 1 Year
Qualification: Graduation with Tally
Only Male Candidate
**CARE TRANSFORMER**
Mancheswar Industrial Estate, Bhubaneswar
Mob:9861140540

## WANTED

ଘରେ କାମ କରିବା ପାଇଁ ପୁରୁଷ ପିଲା ଆବଶ୍ୟକ
ରହିବା ଖାଇବା ସହ ଦରମା Rs.10,000/-
9437079727

## ଆବଶ୍ୟକ

କଟକ, ଭୁବନେଶ୍ୱରରେ (Well & Pile) ବ୍ରିଜ କାର୍ଯ୍ୟ ପାଇଁ Experience Engineer, Supervisor, Security Incharge, Accountant, Site Incharge & Cooker ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Computer Operator, Office Manager, Driver & Other Staff ଆବଶ୍ୟକ।
Ph:9937199625

## REQUIRED

Wanted Caretaker for Ananda Ashraya, Khordha
Salary Negotiable
Contact:
9861290226, 9938020070

## ଭାରତୀୟ ଜନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା

ନିମ୍ନ ଲିଖିତ ତାଲିକା ଅନୁଯାୟୀ ପଦବୀ ଗୁଡ଼ିକ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଗ୍ରାମୀଣ କ୍ଷେତ୍ରରେ ଭର୍ତ୍ତି କରାଯିବ।

| | | | |
|---|---|---|---|
| 1. | ଡାକ୍ତରୀ ଅଧିକାରୀ | ଗ୍ରାଜୁଏସନ୍ | ୩୪,୬୦୦ - ୪୪,୦୦୦ |
| 2. | ଡାକ୍ତରୀ ସହାୟକ | ଗ୍ରାଜୁଏସନ୍ | ୩୨,୩୦୦ - ୪୮,୦୦୦ |
| 3. | ଡାକ୍ତରୀ କର୍ମଚାରୀ | ଦ୍ୱାଦଶ | ୨୮,୦୦୦ - ୪୨,୦୦୦ |
| 4. | କମ୍ପ୍ୟୁଟର ଅପରେଟର | ଦଶମ, ଡିପ୍ଲୋମା | ୨୭,୦୦୦ -୩୮,୦୦୦ |
| 5. | ଷ୍ଟୋର୍‌କିପର | ଦଶମ ପାସ୍ | ୨୨,୬୦୦ - ୩୪,୦୦୦ |
| 6. | GNM, ANM | ଦ୍ୱାଦଶ, ଡିପ୍ଲୋମା | ୨୭,୦୦୦ - ୪୨,୦୦୦ |
| 7. | ଡ୍ରାଇଭର | ଅଷ୍ଟମ ପାସ୍ | ୧୮,୦୦୦ - ୨୮,୦୦୦ |

ଆବେଦନ ଫର୍ମ କେବଳ ଅନଲାଇନ୍ ମାଧ୍ୟମରେ ଭରିବେ (ଫର୍ମ କଦାପି ଫାଙ୍କା ଛାଡନ୍ତୁ ନାହିଁ) ୱେବ୍‌ସାଇଟ୍ : www.bjsry.in, ବୟସ ସୀମା (୧୮ ରୁ ୪୨) ସମସ୍ତ ଜାତି ପାଇଁ ଅଟେ। Last Date : 30/10/2022

## JOB VACANCY

CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Cuttack, Berhampur, Sambalpur, Balasore and Rourkela.
*Positions available:*
A. Delivery Boy with Two-Wheeler Earn upto Rs.20,000/- | B. Fitter for number plate affixing with two wheeler. Earn upto Rs.24,000/-
Walk in interview only in Bhubaneswar city.
Address: Plot No: 137, Chandrasekharpur District Center, Near Katos Gym, Monday to Saturday - 10 A.M. to 3 P.M.
Other cities call in number given below:
Contact number:9874799124 / 6292266575
Email Id :sailee@celex.co.in

## ଧରିତ୍ରୀ DHARITRI Oriya daily

### ଆବଶ୍ୟକ କରୁଛି

**ଡ୍ରାଇଭର**
ଗାଡ଼ି ଚଳାଇବା ପାଇଁ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଫୋନ୍ ନଂ. : (୦୬୭୪) ୨୫୮୦୧୦୧
(ସମୟ ଅପରାହ୍ନ ୪ଟାରୁ ରାତ୍ର ୯ ଘଟିକା)

## APPOINTMENT

**COLLEGE OF MANAGEMENT & TECHNOLOGY, PURI**
( A Professional College )
Recognised by Govt. of Odisha & Affiliated to Utkal University
Invites Application for
LECTURER in Computer Science & Management
Clerk, Lady Cook, Office Peon & Warden
*The Interested candidates may apply for the same by* ***27.10.2022***
Balighat, Puri-Konark Marine Drive Road, Puri-752002
Ph: 06752-356040, 9937159194, Email: cmt_puri@rediffmail.com
PRINCIPAL

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, P.O.: BAIROI, DIST.: CUTTACK, ODISHA
Ref. No. AD 6B 38/07/2022 Date: 20.10.2022

### WALK-IN-INTERVIEW

Applications are invited from the qualified and experienced **RCI Registered Rehabilitation Professionals** to teach the Students of Community Based Inclusive Development (CBID) Programme. The appointment is completely on hiring basis and the remuneration will be paid as follows:
**Details of the Recruitment Criteria for the full time faculty:**
1. No. of Posts : 02
2. Tenure : 06 Months
3. Essential Qualification : RCI Registered Rehabilitation Professional
4. Experience : 2 years experience in CBR
5. Remuneration : Rs.30,000/- per month

Interested candidates may submit their applications as per prescribed proforma which can be downloaded from the SVNIRTAR website: **www.svnirtar.nic.in** alongwith a self-attested passport size photograph, copies of certificates and mark sheets in support of their age, educational qualification, experience etc. with valid RCI Registration Certificate at the time of **Walk in Interview** scheduled to be held on **11th November, 2022 at 10.30 A.M.** in the Office of the Director, SVNIRTAR, Bairoi, Cuttack - 754010. The candidates are also required to bring their original certificates/documents for necessary verification before the Walk in Interview.
**Sd./- Director (Offg.)**

## ଧରିତ୍ରୀ DHARITRI Oriya daily

### ଆବଶ୍ୟକ କରୁଛି

**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


THINK BIG.THINK RAJ
RAJ ELECTRONICS
The one and only house hold name in every family of Odisha since 44 years.
ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ
ସମସ୍ତ ଓଡିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ
ଧନ୍‌ତେରାସ୍ ଏବଂ ଶୁଭ ଦୀପାବଳି ର
ହାର୍ଦ୍ଦିକ ଶୁଭକାମନା
Dhanteras & Diwali Sale
BUY 1 GET 2 FREE
UPTO 40% ଇନଷ୍ଟାଣ୍ଟ ଡିସକାଉଣ୍ଟ*
UPTO 20000 କ୍ୟାସବ୍ୟାକ୍*
0 ଡାଉନ୍ ପେମେଣ୍ଟ*
NO COST EMI On Major Credit Cards
Diwali OFFERS
BUMPER PRIZE* 5 Maruti Suzuki Brezza SUVs
GRAND PRIZES* DIOS Refrigerator, Front Load WM, LED TV, Air Conditioner, Dish Washer
SAMSUNG Galaxy S22 Ultra worth ₹109999*
FREE* SOUNDBAR worth up to ₹64990* (With select OLED TVs)
SAMSUNG Galaxy A32 worth ₹21490*
SPECIAL PRICE at ₹2990* On all LG OLED TVs
BAJAJ FINSERV CASH BACK upto ₹10000*
IDFC FIRST Bank GIFT VOUCHER upto ₹2 Lakhs*
HDB FINANCIAL SERVICES CASH BACK upto 15%*
HDFC BANK CASH BACK upto 22.5%*
EMI : ₹1666/-#
EMI : ₹1,125/-#
EMI : ₹1999/-#
LG OLED
EMI : ₹2999/-#
Up to 20% Cashback (On select debit/credit cards)
5 YEAR* ASSURANCE
EMI : ₹5500/-#
Up to 30% OFF
3 YEARS WARRANTY
SAMSUNG Neo QLED
EMI : ₹1990/-#
UP TO 15% CASH BACK
3 YEAR* WARRANTY
EMI : ₹2990/-# 10 years warranty
EMI : ₹2999/-# 10 years warranty
MINI BAR
EMI : ₹1599/-#
EMI : ₹799/-#
BOSCH HAR DIN MUHURAT Exchange & Save Upto Rs.4000*
EMI : ₹1050/-#
32" LED EMI : ₹990/-#
40" LED EMI : ₹1800/-#
43" LED EMI : ₹990/-#
55" LED EMI : ₹1990/-#
65" LED EMI : ₹3125/-#
Get 32inch LED free with any INVERTER AC
1.0T 3* Invt. EMI : ₹2540/-#
1.5T 5* EMI : ₹2525/-#
1.5Ton 3* Invt. EMI : ₹2525/-#
Price Starts ₹6,990
Cont.: 9583384064
SOLO EMI : ₹700/-#
GRILL EMI : ₹990/-#
CONV. EMI : ₹999/-#
CANON : 8249483622
NOW AVAIL EMI ON SMALL APPLIANCES
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
# Price Including Cash back
* T&C Apply. Offer applicable on selected products only. Pictures are indicative only
ଆଜି ହିଁ ଆସନ୍ତୁ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Ph : 0674-2355155 Mob : 9238365729
PATIA : Opp. Idea Office, Ph : 0674- 2726216 Mob : 9238365755
NAYAPALLY : Opp. Hotel Presidency, Ph : 0674- 2565717, Mob : 9238365515
BAPUJI NAGAR : (Old Showroom) 0674- 2597016
BAPUJI NAGAR : ( Premium ) Ph : 0674- 2598852 Mob : 9238365728
ANGUL Near TATA Motors Nalco Square Ph : 9777353320 9437181284
CUTTACK Link Road, Madhupatna, Ph : 0671- 2342999 Mob : 9238365721
ROURKELA Udit Nagar, Infront Of Vishal Mega Mart, Ph : 9238365730 7787967372
TALCHER Sharma Chhak, Near Indusind Bank Ph : 06760- 241515, Mob : 9937752362
BALASORE Near Hotel Suraj, Sahadev Khunta, Mob : 8118052732
JHARSUGUDA Near Bus Stand, Kali Mandir Road, Jharsuguda Ph : 06645-295450, Mob : 9438355513
JAJPUR ROAD Chorda Traffic Chhak, By-Pass Road Mob : 9937475155
BISWAL SALES
JAJPUR ROAD : Bus Stand-Bypass, Ph : 9238320655, 9238365722, JAJPUR TOWN : Medical Road, Ph : 06728 - 222701, 9238365724, BHADRAK : Chapulia, Ph:06784 - 250566, 9238365720
LG | SAMSUNG | SONY | Panasonic | LLOYD | Godrej | VOLTAS · beko | Whirlpool | VOLTAS | HITACHI | Carrier | BLUE STAR | BOSCH | Haier | IFB | KENT | EUREKA FORBES | HAVELLS | BAJAJ | Symphony | Canon | airtel | TATA Sky

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୨/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, October 22/2022 | Page 20 | ପୃଷ୍ଠା-୧




### ଗେରାଥ ଡେଲାନି ପ୍ଲେୟର ଅଫ୍ ଦି ମ୍ୟାଚ

ଆୟର୍ଲାଣ୍ଡର ଗେରାଥ ଡେଲାନି ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୦୮ ୦୭

### ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ପେନି ମୋର୍ଡଣ୍ଟ

ବ୍ରିଟେନ୍ ହାଉସ୍ ଅଫ୍ କମନ୍ସ ଲିଡର ପେନି ମୋର୍ଡଣ୍ଟ ଶୁକ୍ରବାର ପ୍ରଧାନମନ୍ତ୍ରୀ ଦୌଡ଼ରେ ସାମିଲ ହୋଇଛନ୍ତି।



**ଘୃଣା ମନ୍ତବ୍ୟ: ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ**

# କାର୍ଯ୍ୟାନୁଷ୍ଠାନ ନ ନେଲେ ଅଦାଲତ ଅବମାନନା

ନୂଆଦିଲ୍ଲୀ,୨୧।୧୦

ଦେଶରେ ଦିନକୁ ଦିନ ଘୃଣିତ ମନ୍ତବ୍ୟ ଘଟଣା ବଢୁଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଏକବିଂଶ ଶତାବ୍ଦୀ, ଅଥଚ ଧର୍ମ ନାମରେ ଆମେ କେଉଁଠି ପହଞ୍ଚିଲେଣି ବୋଲି ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ପ୍ରଶ୍ନ କରିବା ସହ ଘୃଣିତ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ଏଭଳି ଘଟଣାରେ ଆନୁଷ୍ଠାନିକ ଅଭିଯୋଗକୁ ଅପେକ୍ଷା ନ କରି ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସର୍ବୋଚ୍ଚ ଅଦାଲତ ସରକାର ଓ ପୋଲିସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଲାଗୁ ହେବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି। ଦେଶର ଧର୍ମନିରପେକ୍ଷ ଚରିତ୍ରକୁ ସଂରକ୍ଷିତ ରଖିବାକୁ ହେଲେ ଏଭଳି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଘୃଣିତ ମନ୍ତବ୍ୟ ଭାରତ ଭଳି ଏକ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦେଶରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଖଣ୍ଡପୀଠ ମତ ଦେଇଛନ୍ତି।

ଘୃଣିତ ମନ୍ତବ୍ୟ ବନ୍ଦ କରିବା ଏବଂ ଏଭଳି ମନ୍ତବ୍ୟ ଦେଉଥିବା ରାଜନେତାମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଗତ ୯



ତାରିଖରେ ଭାଜପା ଏମ୍‌ପି ପର୍ଭେଶ ବର୍ମା ଓ ଅନ୍ୟମାନେ ଦିଲ୍ଲୀରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଏହି ମାମଲାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରପୂର୍ବ ଦିଲ୍ଲୀରେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣାକୁ ନେଇ ବିକ୍ଷୋଭ ବେଳେ ଏକ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ବାସନ୍ଦ କରିବା ଲାଗି ପର୍ଭେଶ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଆୟୋଜକ ବିଶ୍ୱ ହିନ୍ଦୁ ପରିଷଦ ଓ ଅନ୍ୟମାନଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଦାଏର କରିଛି।

ତିନିଦିନିଆ ଭାରତ ଗସ୍ତରେ ଆସିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଦେଶରେ ମାନବାଧିକାର ଉଲ୍ଲଂଘନ ରେକର୍ଡ ଏବଂ ଘୃଣିତ ମନ୍ତବ୍ୟକୁ ନିନ୍ଦା କରିଥିଲେ। ଏହାର ଦୁଇଦିନ ପରେ ସୁପ୍ରିମକୋର୍ଟ ଘୃଣିତ ମନ୍ତବ୍ୟକୁ ନେଇ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ସମ୍ବିଧାନରେ ଭାରତକୁ ଧର୍ମନିରପେକ୍ଷ ରାଷ୍ଟ୍ର ଏବଂ ନାଗରିକମାନଙ୍କ ମଧ୍ୟରେ ଭ୍ରାତୃଭାବ ସେମାନଙ୍କ ମର୍ଯ୍ୟାଦାକୁ ସୁରକ୍ଷିତ ରଖିଥିବା କଥା କୁହାଯାଇଛି। ଦେଶର ଏକତା ଓ ସଂହତି ଏହାର ମାର୍ଗଦର୍ଶକ ସିଦ୍ଧାନ୍ତ ବୋଲି ସମ୍ବିଧାନର ପ୍ରସ୍ତାବନାରେ ଉଲ୍ଲେଖ ଥିବା ବିଚାରପତି କହିଛନ୍ତି। ଅଥଚ ବିଭିନ୍ନ ଦଣ୍ଡବ୍ୟବସ୍ଥା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ମୌଳିକ ଅଧିକାରର ସୁରକ୍ଷା କେବଳ ଅଦାଲତଙ୍କ ଦାୟିତ୍ୱ ନୁହେଁ, ସମ୍ବିଧାନର ସୁରକ୍ଷା ମଧ୍ୟ ଏହାର କାର୍ଯ୍ୟ ବୋଲି ☞ପୃଷ୍ଠା-୫

# ଉପକୂଳରୁ ୨୦୦ କି.ମି. ଦୂର ଦେଇ ଯିବ ବାତ୍ୟା

- ଓଡ଼ିଶା ଆଶ୍ୱସ୍ତ
- ୨୪, ୨୫ରେ ୭ ଜିଲାରେ ବର୍ଷା ସମ୍ଭାବନା
- ଦୋକାନ ବଜାରରେ ଭିଡ଼ ନ କରିବାକୁ ଏସ୍‌ଆର୍‌ସିଙ୍କ ପରାମର୍ଶ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଶନିବାର ଅବପାତ ଓ ୨୩ତାରିଖ ସୁଦ୍ଧା ଗଭୀର ଅବପାତରେ ପରିଣତ ହେବ। ୨୪ ତାରିଖରେ ଏହା ସାମୁଦ୍ରିକ ଝଡ଼ର ରୂପ ନେବ। ଏହି ସମ୍ଭାବ୍ୟ ବାତ୍ୟା ଉତ୍ତର ଓ ଉତ୍ତର-ପୂର୍ବ ଦିଗରେ ଓଡ଼ିଶା ଉପକୂଳର ୨୦୦କିମି ଦୂରରେ ସମାନ୍ତରାଳ ଭାବେ ଗତି କରି ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ବାଂଲାଦେଶ ଉପକୂଳ ଛୁଇଁବ। ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାର କୌଣସି ସମ୍ଭାବନା ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ବାତ୍ୟାର ବେଗ କେତେ ହେବ ଅବପାତରେ ପରିଣତ ହେବା ପରେ ଅଧିକ ସ୍ପଷ୍ଟ ହେବ। ସାମୁଦ୍ରିକ ଝଡ଼ ପ୍ରଭାବରେ ଉପକୂଳବର୍ତ୍ତୀ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ୨୪ ଓ ୨୫ ତାରିଖ ଦୁଇଦିନ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ☞ପୃଷ୍ଠା-୫



ପୁଲିଜର ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଡାନିସ୍ ସିଦ୍ଦିକିଙ୍କ ୬ ବର୍ଷୀୟ ପୁଅ ୟୁନୁସ୍ ସିଦ୍ଦିକି(ମଝି)ଙ୍କ ସହ ଅନ୍ୟ ବିଜେତାମାନେ ନ୍ୟୁୟର୍କର କଲମ୍ବିଆ ୟୁନିଭର୍ସିଟିରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି। ଭାରତୀୟ ଫଟୋଜର୍ନାଲିଷ୍ଟ ଡାନିସ୍ ସିଦ୍ଦିକି ୨୦୨୧ ଜୁଲାଇ ୧୬ରେ ଆଫଗାନିସ୍ତାନ-ପାକିସ୍ତାନ ସୀମାରେ କାର୍ଯ୍ୟରତ ଥିବାବେଳେ ତାଲିବାନ୍ ଗୁଳିରେ ନିହତ ହୋଇଥିଲେ। ୨୦୧୫ରେ ରୋହିଙ୍ଗ୍ୟା ଶରଣାର୍ଥୀ ସଙ୍କଟ ଉପରେ ଖବର ସଂଗ୍ରହ ପାଇଁ ପ୍ରଥମ ପୁଲିଜର ପୁରସ୍କାର ପାଇଥିଲେ। କୋଭିଡ୍-୧୯ ମହାମାରୀ ଉପରେ ଫଟୋ ଡକ୍ୟୁମେଣ୍ଟ ପାଇଁ ଡାନିସ୍‌ଙ୍କୁ ୨୦୨୨ରେ ମରଣୋତ୍ତର ଭାବେ ଦ୍ୱିତୀୟ ଥର ଲାଗି ଏହି ପୁରସ୍କାର ପ୍ରଦାନ କରାଯାଇଛି, ଯାହାକୁ ୟୁନୁସ୍ ଗ୍ରହଣ କରିଛନ୍ତି।

## ପ୍ରାଚୀର ନିର୍ମାଣକୁ ନେଇ ଜନସ୍ୱାର୍ଥ ମାମଲା

**ପରିକ୍ରମା ପ୍ରକଳ୍ପ ବିବାଦ**

ପୁରୀ ଅଫିସ,୨୧।୧୦

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ବେଆଇନ ଭାବେ ନୂତନ ପ୍ରାଚୀର ନିର୍ମାଣ କରାଯାଉଥିବା ଅଭିଯୋଗ ଅଣାଯାଇ ଶୁକ୍ରବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଏହି ମାମଲା (ନଂ. ୨୭୯୫୮/୨୦୨୨) ଦାଏର କରିଛନ୍ତି। ଏଥିରେ ଆବେଦନକାରୀ ଦର୍ଶାଇଛନ୍ତି ଯେ, ପରିକ୍ରମା ପ୍ରକଳ୍ପକୁ ମିଳିଥିବା ଅନୁମତି ମଧ୍ୟରେ ପ୍ରାଚୀରକୁ ଅନୁମତି ମିଳିନାହିଁ। ଏଣୁ ଏହା ବେଆଇନ ଭାବେ ନିର୍ମାଣ ଚାଲିଛି। ଆମ୍‌ସାର୍ ଆକ୍ଟ-୧୯୫୮, ୨(ଏ)କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ଏଭଳି ନିର୍ମାଣ କରାଯାଉଛି। ସମ୍ପ୍ରତି ୫ ଫୁଟ୍‌ର ପ୍ରାଚୀର ନିର୍ମାଣ ଚାଲିଛି। ଯଦି ଏହି ପ୍ରାଚୀର ସମ୍ପୂର୍ଣ୍ଣ ରୂପେ ନିର୍ମାଣ ସରିଯିବ ଓ ପରବର୍ତ୍ତୀ ସମୟରେ ଭଙ୍ଗାଯିବ ତେବେ ସରକାରଙ୍କ ଅଯଥା ଅର୍ଥ ବରବାଦ ହେବ। ☞ପୃଷ୍ଠା-୫

# ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଗିରଫ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ବଡ଼ବଡିଆ ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ହନିଟ୍ରାପ୍‌ରେ ଫସାଇ ବିପୁଳ ଅର୍ଥ ହଡ଼ପ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲରେ ଅଛନ୍ତି ରହସ୍ୟମୟୀ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ। ଏହି ମାମଲାକୁ ନେଇ ରାଜନୈତିକ ଚାପ ଓ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ କମିଶନରେଟ ପୋଲିସ ଏହାର ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଛି। ଅର୍ଚ୍ଚନାଙ୍କ କଳା କାରନାମାର ମୁଖ୍ୟ ସହଯୋଗୀ ଥିବା ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଶୁକ୍ରବାର ପୋଲିସ ତାଙ୍କ ସତ୍ୟବିହାରସ୍ଥିତ ବାସଭବନରୁ ଗିରଫ କରିଛି। ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅର୍ଚ୍ଚନା ଗିରଫ



- ଅର୍ଚ୍ଚନା, ଜଗବନ୍ଧୁ ପରେ ଏବେ ଖଗେଶ୍ୱରଙ୍କ ପାଳି
- ଯାହାର ସମ୍ପୃକ୍ତି ଥିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ: ଡିସିପି

ହେବାର ୧୫ ଦିନ ପରେ ଜଗବନ୍ଧୁଙ୍କ ପାଖରେ ପୋଲିସ ପହଞ୍ଚିବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ☞ପୃଷ୍ଠା-୫





**Showrooms: Bhubaneswar:** Trinity Motors: 1800 1038 001; **Jamshedpur:** Imperial Vehicles: 1800 1237 499/9771432900/6572200214; **Ranchi:** Singhania Motors: 9153882021; **Dhanbad:** Singhania Motors: 9153999040; **Kolkata** (AJC Bose Road, Mullick Bazar): Global Motocorp LLP: 1800 1230 737; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 8045810939/8453541151/8453541152; **Patna** (Bailey Road): SV Autowheels: 7281072810

**Branches: Kolkata** (VIP Road, Baguiati): Global Motocorp LLP: 1800 1230 737; (Howrah): Global Motocorp LLP: 1800 1230 737; **Siliguri:** Global Motocorp LLP: 1800 1230 737; **Rourkela:** Durgesh Motors: 1800 1038 001; **Sambhalpur:** Durgesh Motors: 1800 1038 001; **Patna** (Kankarbagh Main Road): SV Autowheels: 7281072810; **Muzaffarpur:** SV Autowheels: 7281072810

**Service Centres: Bhubaneswar:** Trinity Motors: 9937563247; **Jamshedpur:** Imperial Vehicles: 9835180208; **Ranchi:** Singhania Motors: 9153999038; **Dhanbad:** Singhania Motors: 9153881370; **Kolkata:** Global Motocorp LLP: 033-24433316/17/18/19; **Guwahati** (VIP Road, Hengrabari Kamrup): SSB Automobiles Pvt. Ltd.: 9387130711; **Patna** (Rajnagar): SV Autowheels: 7281072810

**Compact Workshop: Siliguri:** Global Motocorp LLP: 1800 1230 737; **Muzaffarpur:** SV Autowheels: 7281072810

Book your ŠKODA

*T&C Apply. Offer valid for deliveries in Oct'22. Credit at the sole discretion of the financer. 3 Months Low EMI scheme starting from ₹100/Lac, Full EMI (4th EMI onwards) will start from Jan'23 onwards. ** Additional Benefits Includes Corporate/Loyalty/HDFC Credit card & Exchange upto 50 000 on select Model & Variants. Corporate or Loyalty or HDFC Credit card offer cannot be clubbed together. *Offer valid on select HDFC Credit Cards. All finance offers available are subject to fulfilment of eligibility criteria laid down by the respective finance company/bank. Delivery of the car is subject to stock availability. This image is created using computer graphics and no real car is used while creating this image. #Selected variants of ŠKODA KUSHAQ registered under CSD. Specifications given differ from model to model. Accessories shown may not be a part of standard equipment. Always insist on genuine ŠKODA AUTO parts and accessories available at authorised sales and service centres. Information relating to colours, prices, construction, technical details and equipment was valid at the time of issuance and these are subject to changes without any prior notice. Warranty - 4 years [2 years standard warranty, promotional offer on 3rd and 4th year up to 1 00 000 km] along with 5th and 6th year extended warranty; Roadside Assistance - 4 years or unlimited km (extendable upto 9th year roadside assistance optional); *ŠKODA Maintenance Package - 4 years/60 000 km. 4-year periodic maintenance services at an interval of 15 000 km or 1 year (whichever occurs first from the date of delivery). All disputes are subject to Mumbai courts only.

**ଚାକିରିରୁ ବାହାର କରିଦେବାରୁ ଚୋରି, ଯୁବକ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ)- ଚାକିରିରୁ ବାହାର କରିଦେବାରୁ ଅଫିସ୍‌ରେ ପଶି ଚୋରି କରିବା ଅଭିଯୋଗରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ବିହାରର ଏମ୍.ଡି ମୁନତାଜ (୨୪)। ତାଙ୍କଠାରୁ ଗୋଟିଏ ପମ୍ପ, ଗ୍ୟାସ୍ ରିକୋଭେରି ୟୁନିଟ, ଜେଟ ପମ୍ପ, ସିଲିଣ୍ଡର ଆଦି ଜବତ କରାଯାଇଛି। ସୂଚନାଯୋଗ୍ୟ, ମୁନ୍‌ତାଜ ଇଭିଏସ୍ ଇଞ୍ଜିନିୟରିଂ ପ୍ରୋଜେକ୍ଟସ ପ୍ରା.ଲିରେ କାମ କରୁଥିଲେ।



# ଖୋଲା ଆକାଶ ତଳେ ପିଲାଛୁଆ ଧରି ବସ୍ତିବାସିନ୍ଦା

## ସତ୍ୟକାଳୀ ବସ୍ତି ଉଚ୍ଛେଦ ପରେ...ବର୍ଷା, ବାତ୍ୟାକୁ ନେଇ ଚିନ୍ତା ଘାରିଲା

ଭୁବନେଶ୍ୱର, ୨୧।୧୦ (ବ୍ୟୁରୋ)

ନୋଟିସ୍ ନାହିଁ କି କିଛି ସୂଚନା ବି ନାହିଁ। ହଠାତ୍ ଆସିଲେ, ଆଉ ଆମ ଘର ଭାଙ୍ଗିଦେଲେ। ପିଲାଛୁଆ ଧରି ଗୁରୁବାର ରାତିରୁ ବାହାରେ ପଡ଼ିଛୁ। ଆମେ ସିନା ବଡ଼ ଲୋକ ଯାହା ଯେମିତି ରହିଯିବୁ, ହେଲେ କଅଁଳା ଛୁଆମାନେ ଖୋଲା ଆକାଶ ତଳେ କେମିତି ରହିବେ। ଆଗକୁ ବର୍ଷା ଆସୁଛି, ଏହା ଜାଣି ମଧ୍ୟ ଆମ ମୁଣ୍ଡ ଉପରୁ ପ୍ରଶାସନ ଛାତ ଛଡ଼ାଇ ନେଇଛି। କୋଳରେ ଛୋଟ ଛୁଆ ଧରି ଏବେ ଲୋକମାନେ କାନ୍ଦୁଛନ୍ତି। ହଠାତ୍ ଉଚ୍ଛେଦ ହୋଇଥିବାରୁ ଲୋକେ ଘରୁ ଜିନିଷ ବାହାର କରିବାକୁ ବି ସମୟ ପାଇ ନ ଥିବା କୋହଭରା କଣ୍ଠରେ ଅଭିଯୋଗ କରିଛନ୍ତି ସତ୍ୟକାଳୀ ବସ୍ତି ବାସିନ୍ଦା। ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ସତ୍ୟନଗର ଲେକ୍ ନ୍ୟୁଟ୍ରାଲ ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିପାଇଁ ସ୍ମାର୍ଟସିଟିର ଅନୁରୋଧକ୍ରମେ ବିଡିଏ ପକ୍ଷରୁ ଗୁରୁବାର ସତ୍ୟକାଳୀ ବସ୍ତି ଉଚ୍ଛେଦ କରାଯାଇଥିଲା। ବସ୍ତି ବାସିନ୍ଦାଙ୍କ ତୀବ୍ର ବିରୋଧ ସତ୍ତ୍ୱେ ପ୍ରଶାସନ କିଛି ଶୁଣି ନ ଥିଲା। ପ୍ରତିରୋଧ କରିବାରୁ ପୋଲିସ ସେମାନଙ୍କୁ ମାଡ ମାରିଥିଲା। କେତେଜଣଙ୍କୁ ବଳପୂର୍ବକ ଉଠାଇ ନେଇଥିଲା। ପରେ ଗୋଟିଏ ପରେ ଗୋଟିଏ ଘର ଉପରେ ଡୋଜର ଚଢ଼ାଇ ମାଟିରେ ମିଶାଇ ଦିଆଯାଇଥିଲା। ଦିନ ୧୧ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଭଙ୍ଗାରୁଜା ଚାଲିଥିଲା। ଘଟଣା ସମ୍ପର୍କରେ ବିଡିଏର ଜଣେ ଅଧିକାରୀ କହିଛନ୍ତି, ହଠାତ୍ କିଛି ହୋଇନାହିଁ। ପୂର୍ବରୁ ଆମେ ସେମାନଙ୍କୁ ନୋଟିସ୍ ଦେଇଥିଲୁ। ସେହି ବସ୍ତିରେ ପ୍ରଥମ କରି ଏହି ଉଚ୍ଛେଦ ହୋଇନାହିଁ। ପୂର୍ବରୁ ୫ଥର ପର୍ଯ୍ୟାୟକ୍ରମେ ଉଚ୍ଛେଦ ହୋଇଥିଲା। ଗୁରୁବାର ଶେଷଥର ପାଇଁ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ହଟାଯାଇଛି। ରେ’ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ବସ୍ତି ବାସିନ୍ଦାମାନଙ୍କୁ ଘର ପ୍ରଦାନ କରାଯାଇଛି। ସେମାନେ ସେଠାକୁ ସ୍ଥାନାନ୍ତର ହୋଇପାରିବେ। ତେବେ ଥଇଥାନର ଦାୟିତ୍ୱ ବିଡିଏର ନୁହେଁ। ନନ୍ ରେ’ମାନଙ୍କ ଥଇଥାନ କଥା ବିଏମ୍‌ସି ବୁଝିବ। ସୂଚନାଯୋଗ୍ୟ, ୨୦୦୧ରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି ଅଞ୍ଚଳରେ ଘର କରି ରହୁଥିଲେ। ସେମାନଙ୍କ ମଧ୍ୟରେ କେତେଜଣଙ୍କୁ ‘ରେ’ (ରାଜୀବ ଆବାସ ଯୋଜନା)ରେ ଘର ମିଳିଥିବାବେଳେ ଆଉ କେତେଜଣ ନନ୍ ରେ’ରେ ଅଛନ୍ତି। ବସ୍ତିରେ ରହୁଥିବା ପରିବାରର ପୁରୁଷମାନେ ମୂଲ ମଜୁରି କରୁଥିବାବେଳେ ମହିଳାମାନେ ପର ଘରେ ବାସନ ମାଜିବା ସହ ଅନ୍ୟ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ଦୀର୍ଘବର୍ଷ ଧରି ପିଲାଛୁଆ ପରିବାର ସହ ରହି ଆସୁଥିବାବେଳେ ହଠାତ୍ ପ୍ରଶାସନ ସେମାନଙ୍କୁ ବେଘର କରି ଦେଇଛି। ହେଲେ କିଛି ଥଇଥାନ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ସେମିତି ଭଙ୍ଗା ଘର ନିକଟରେ ଦିନରାତି କାଟୁଛନ୍ତି।



### ବିଧାୟକ କହିଛନ୍ତି କହି ଭାଙ୍ଗିଥିଲେ ଘର

ଉଚ୍ଛେଦ ହେବା ଜାଣିବା ପରେ ଗୁରୁବାର ସକାଳେ ବସ୍ତି ବାସିନ୍ଦା ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପାଖକୁ ଯାଇଥିଲେ। ସବୁ ଶୁଣିବା ପରେ ବସ୍ତି ଭଙ୍ଗା ହେବନି ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର କିଛି ସମୟ ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବାରୁ ବସ୍ତିର ଲୋକେ ବିଧାୟକଙ୍କ ପ୍ରତିଶ୍ରୁତିର କଥା କହିଥିଲେ। ହେଲେ ଉଚ୍ଛେଦକାରୀ ଟିମ୍ ବିଧାୟକ କହିଛନ୍ତି କହି ଘର ଭାଙ୍ଗିବା ଆରମ୍ଭ କରିଥିଲେ ବୋଲି ବସ୍ତିର କେତେଜଣ ଲୋକ କହିଛନ୍ତି।

### ଆହାର ଦେଇ ବୁଝାଇଲେ, କଅଁଳା ଶିଶୁ ଭୋକରେ

ଘର ଭାଙ୍ଗିବା ପରେ ମାଗଣାରେ ଖାଇବାକୁ ଦେଇ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରାଯାଇଥିଲା। ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶରେ ଗୁରୁବାର ରାତି ୯ଟାରେ ଆହାର କେନ୍ଦ୍ରରୁ ଭାତ, ଡାଲମା ବସ୍ତିବାସିନ୍ଦାଙ୍କୁ ବଣ୍ଟା ଯାଇଥିଲା। ପରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ପରେ ପୁଣି ଆହାର କେନ୍ଦ୍ରରୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ତେବେ ବସ୍ତିରେ ରହୁଥିବା ଛୋଟ ଛୋଟ ପିଲାଙ୍କ ଖାଦ୍ୟ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭାତ ଖାଇବା ଭଳି ସେମାନଙ୍କର ବୟସ ହୋଇ ନ ଥିବାବେଳେ ଘରେ ଥିବା ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଫଳରେ ଦୁଇଦିନ ହେବ ଶିଶୁମାନେ ଭୋକ ଉପାସରେ ରହିଛନ୍ତି।



### ରାସ୍ତାକୁ ଓହ୍ଲାଇଲେ, ଭଣ୍ଡେଇଦେଲେ ଅଧିକାରୀ



ବସ୍ତି ଉଚ୍ଛେଦକୁ ବିରୋଧ କରି ଶୁକ୍ରବାର ସତ୍ୟନଗର ଜନପଥ ରାସ୍ତାକୁ ଅବରୋଧ କରାଯାଇଥିଲା। ଟାୟାର ଜାଳିବା ସହିତ ଦୀର୍ଘ ସମୟ ଧରି ଯାତାୟାତ ବନ୍ଦ କରାଯାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ କମିଶନରଙ୍କ ସହ ଆଲୋଚନା କରାଯିବ କହି ସେମାନଙ୍କୁ ବିଏମ୍‌ସି ଅଫିସ୍‌କୁ ଅଣାଯାଇଥିଲା। କିନ୍ତୁ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ସେମାନଙ୍କ ସହ କଥା ହୋଇଥିଲେ। କମିଶନର ନ ଥିବାରୁ ସେ କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ ବୋଲି କହିଥିଲେ। ସେହିପରି ସ୍ମାର୍ଟସିଟି ଯୋଜନାରେ ବସ୍ତି ଉଚ୍ଛେଦ କରାଯାଇଥିବାରୁ ସ୍ମାର୍ଟସିଟି ଅଧିକାରୀଙ୍କୁ ଭେଟିବାକୁ କମିଶନର କହିଥିଲେ। ଅପରପକ୍ଷେ କମିଶନର ନ ଥିଲେ ଆଲୋଚନା ହୋଇ ପାରିବ ନାହିଁ ବୋଲି ସ୍ମାର୍ଟସିଟି ଅଧିକାରୀ କହିଥିଲେ। ତେଣୁ ଜାଣିଶୁଣି ଏଭଳି ଚକ୍ରାନ୍ତ କରାଯାଉଥିବା ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି। ସ୍ୱର୍ଣ୍ଣପ୍ରଭା ସାହୁଙ୍କ ନେତୃତ୍ୱରେ ବିରୋଧ କାର୍ଯ୍ୟକ୍ରମ ହୋଇଥିଲା।

### ପୋଲିସ ଲଗାଇ ମାଡ଼ ମାରିଲେ

“ ସ୍ୱେରେଜ କାମ ପାଇଁ ଗୋଟିଏ ବା ଦୁଇଟି ଘର ଭଙ୍ଗାଯିବ କହିଥିଲେ। କିନ୍ତୁ ବସ୍ତିବାସିନ୍ଦାଙ୍କୁ ଘରୁ ଜିନିଷ ବାହାର କରିବାକୁ ମଧ୍ୟ ସମୟ ନ ଦେଇ ଘରସବୁକୁ ମାଟିରେ ମିଶାଇ ଦେଲେ। ଯେତେ ନେହୁରା ହେଲେ ବି ଅଧିକାରୀମାନେ ଶୁଣି ନ ଥିଲେ। ଏମିତିକି ପୋଲିସ ଲଗାଇ ଆମକୁ ମାଡ ମାରିଲେ। ସେମାନଙ୍କୁ ଧର୍ମ ସହିବନି।

–ମଲିକା ଜେନା, ବସ୍ତିବାସିନ୍ଦା

### ଲାଇନ୍ କାଟିଦେଲେ, ଷ୍ଟ୍ରିଟ୍ ଲାଇଟ୍ ଖୋଲି ନେଇଗଲେ

“ ଛୋଟ ଛୋଟ ପିଲାଙ୍କୁ ଧରି ଆମେ ଖୋଲା ଆକାଶ ତଳେ ପଡି ରହିଛୁ। ଆଗକୁ ବାତ୍ୟା ହେବ ବୋଲି ଶୁଣାଯାଉଛି। ଘର ଭାଙ୍ଗି ମନ ବୁଝିଲାନି ଯେ ଲାଇନ୍ କାଟି ଦେଇଛନ୍ତି। ଏପରିକି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଖୋଲି ନେଇ ଯାଇଛନ୍ତି। ରାତିରେ ଏମିତି ବାହାରେ ଝିଅବୋହୂଙ୍କୁ ନେଇ ଆମେ କେତେ ସୁରକ୍ଷିତ ରହିବୁ ?

–ସୁକାନ୍ତ ପ୍ରଧାନ, ବସ୍ତିବାସିନ୍ଦା

### ୨ଦିନରେ ୨ଥର ଖାଇବାକୁ ଦେଇଛନ୍ତି

“ ବିନା ସୂଚନାରେ ଗରିବ ଲୋକଙ୍କ ଘରଗୁଡ଼ିକ ଭାଙ୍ଗି ଦିଆଗଲା। ଥଇଥାନ କଥା ଦୂରେ ଥାଉ ଅସ୍ଥାୟୀ ଭାବେ ଆଶ୍ରୟସ୍ଥଳର ବନ୍ଦୋବସ୍ତ ମଧ୍ୟ କରାଗଲା ନାହିଁ। ରାଜୀବ ଆବାସ ଯୋଜନା ହିତାଧିକାରୀ ଥିଲେ ମଧ୍ୟ କୌଣସି ବାସସ୍ଥାନ ପ୍ରଦାନ କରାଯାଇ ନାହିଁ। ୨ଦିନରେ ୨ ଥର ରନ୍ଧା ଖାଦ୍ୟ ଦେଇଛନ୍ତି। ତାହା ଶିଶୁ, ବୃଦ୍ଧ ଓ ରୋଗୀ ଖାଇ ଖୋଲା ଆକାଶ ତଳେ ପଡ଼ିରହିବା ସମ୍ଭବ ନୁହେଁ।

–ପୁଷ୍ପାଞ୍ଜଳି ଜେନା, ବସ୍ତିବାସିନ୍ଦା

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଟୁରିଜମ ଡେଭେଲପମେଣ୍ଟ କର୍ପୋରେଶନ(ଓଟିଡିସି) ପକ୍ଷରୁ ଓଡ଼ିଶା ପ୍ରାତଃ ଭ୍ରମଣର ଉଦ୍‌ଘାଟନ, ମୁକ୍ତେଶ୍ୱର ମନ୍ଦିର, ସକାଳ ୭ଟା।
- ମା’ ଦକ୍ଷିଣକାଳୀ ଠାକୁରାଣୀଙ୍କ ପୀଠରେ ୪୩ତମ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ, ବରମୁଣ୍ଡା, ସକାଳ ୯ଟାରୁ ଆରମ୍ଭ।
- ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟ ପକ୍ଷରୁ ଭୁବନେଶ୍ୱର ରନ୍‌ୱେ ୱିକ ସିଜନ-୭, ୱେଲକମ୍ ହୋଟେଲ, ଆଇଟିସି ହୋଟେଲ, ଅପରାହ୍ନ ୪ଟା ୩୦।
- ଜୟ କିରଣ ଟ୍ରଷ୍ଟ ପକ୍ଷରୁ ଜୟ କିରଣ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ୪ର୍ଥ ଲାସ୍ୟ ଲାବଣ୍ୟ ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ଶ୍ରୀସାଇ ଭକ୍ତିମୟ ସାଂସ୍କୃତିକ ସମ୍ମେଳନ, ସୂଚନା ଭବନ, ସନ୍ଧ୍ୟା ୭ଟା।

## ରେଭେନ୍‌ସା ବିଶ୍ୱବିଦ୍ୟାଳୟର କଟକଣା ବିଜ୍ଞପ୍ତି ରଦ୍ଦ

କଟକ ଅଫିସ,୨୧।୧୦- ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଶାସନ ଆଣିବା ପାଇଁ କର୍ତ୍ତୃପକ୍ଷ ୨୪ଟି ନିୟମାବଳୀ ଗୁରୁବାର ଲାଗୁ କରିଥିଲେ। ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିପାରିବେ ନାହିଁ। କୌଣସି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିପାରିବେ ନାହିଁ। କ୍ୟାମ୍ପସ ପରିସରରେ ନିଶା ସେବନ, ହଷ୍ଟେଲ ନିୟମ ଉଲ୍ଲଂଘନ, ଶ୍ରେଣୀଗୃହରେ ଛାତ୍ରୀଛାତ୍ର ଅଡିଓ କିମ୍ବା ଭିଡ଼ିଓ ରେକର୍ଡିଂ, ବିଶ୍ୱବିଦ୍ୟାଳୟ ପରିସରରେ କାହାକୁ ଦୁର୍ବ୍ୟବହାର କଲେ, ସୁରକ୍ଷାରେ ଆଞ୍ଚ ଆଣିଲେ, ହିଂସାତ୍ମକ ଆଚରଣ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବିଜ୍ଞପ୍ତିକୁ ଛାତ୍ରୀଛାତ୍ର ତୀବ୍ର ବିରୋଧ କରି ଶୁକ୍ରବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିସହ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର କିଛି ସମୟ ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କରାଯାଇଛି। ହେଲେ ନୂଆ ବିଜ୍ଞପ୍ତିରେ ୨୦ ତାରିଖ ଉଲ୍ଲେଖ ରହିଛି। ହଠାତ୍ କାହିଁକି ଏଭଳି ବିଜ୍ଞପ୍ତି ଜାରି ହେଲା ତାହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ କୃତୀ ଛାତ୍ରଛାତ୍ର।

ବାଳକାଟୀ,୨୧।୧୦(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଳକାଟୀସ୍ଥିତ ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ–୨୦୨୨ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ନାରାୟଣ ଚନ୍ଦ୍ର ନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ମୌସୁମୀ ମହାନ୍ତି, ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମହାରୀ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି କେଲୁଚରଣ ବେହେରା, ପ୍ରଧାନ ଶିକ୍ଷକ ଶାନ୍ତନୁ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୦ଟି କ୍ଲଷ୍ଟରର କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରାୟ ୨୫୦ଜଣ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିବା ବେଳେ ସଙ୍ଗୀତରେ ଓଏଭି ବେଣ୍ଟପୁର ବିଦ୍ୟାଳୟର କନିଷ୍ଠ ପ୍ରତିଯୋଗିତାରେ ସାଇନ୍ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବାଲିଅନ୍ତା ତହସିଲଦାର ସରୋଜ କୁମାର ପଣ୍ଡା ଓ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ସଂଗ୍ରାମ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ଗୋଟିଏ ଦିନ ବଢ଼ିଲା ମୃତ୍ତିକା ହସ୍ତଶିଳ୍ପ ପ୍ରଦର୍ଶନୀ



ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ୟୁନିଟ୍–୩ସ୍ଥିତ ଏକାମ୍ର ହାଟଠାରେ ଚାଲିଛି ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ। ଦର୍ଶକ ଓ ଗ୍ରାହକଙ୍କ ଆଗ୍ରହ ତଥା ଉତ୍କଣ୍ଠାକୁ ଦୃଷ୍ଟିରେ ରଖି ଏହି ପ୍ରଦର୍ଶନୀକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ଏହା ଗତ ୧୫ ତାରିଖରୁ ଆରମ୍ଭ ହୋଇ ୨୨ ତାରିଖ ଶନିବାର ପର୍ଯ୍ୟନ୍ତ ଚାଲିବାକୁ ଥିଲା। ଏବେ ୨୩ ତାରିଖରେ ସରିବ। ରବିବାର ମଧ୍ୟ ଲୋକେ ପ୍ରଦର୍ଶନୀ ବୁଲିବା ସହ କିଣାକିଣି କରିବାର ସୁଯୋଗ ପାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଦର୍ଶନୀରେ ମାଟିର ସୁନ୍ଦର ସୁନ୍ଦର ରଙ୍ଗବେରଙ୍ଗର ଦୀପ, ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି, ମାଟି ତିଆରି କଣ୍ଡେଇ, ହାଣ୍ଡି, ନିତ୍ୟ ବ୍ୟବହାର୍ଯ୍ୟ ତଥା ଘର ସଜାଇବା ସାମଗ୍ରୀ ଇତ୍ୟାଦି ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ରଖାଯାଇଛି।

## ବନ୍ଧୁଙ୍କୁ ଫୋନ କରି ନଦୀକୁ ଡେଇଁଲେ ଅଭିନେତା

- ଅଗ୍ନିଶମ ବାହିନୀ ଉଦ୍ଧାର କଲେ
- ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)



ଅଗ୍ନିଶମବାହିନୀ ବାପି ପଟ୍ଟନାୟକଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଉଛନ୍ତି।

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ୍ ଉପରୁ ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ସମୟରେ ଜଣେ ମଞ୍ଚ ଅଭିନେତା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ବାପି ପଟ୍ଟନାୟକ (୩୭)। ଖବରପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ବାପି ଶୁକ୍ରବାର ରାତି ସାଢ଼େ ୧୧ଟାରେ ବାଇକ୍ ନେଇ ଘରୁ ବାହାରିଥିଲେ। ହେଲେ କୁଆଖାଇ ବ୍ରିଜ୍ ପାଖକୁ ଆସି ତାଙ୍କ ବନ୍ଧୁ ଜ୍ଞାନରଞ୍ଜନ ଶତପଥୀଙ୍କୁ ଫୋନ କରି ପରିବାର ଉପରେ ଅସନ୍ତୁଷ୍ଟ ଥିବା କହିବା ସହ ଅଚାନକ ନଦୀକୁ ଡେଇଁ ଆତ୍ମହତ୍ୟା କରିବା କଥା କହି କାଟିଦେଇଥିଲେ। ପାଣିରେ ପଡ଼ିବା ଶବ୍ଦ ଶୁଣି ଜ୍ଞାନରଞ୍ଜନ ତତ୍କ୍ଷଣାତ କୁଆଖାଇ ବ୍ରିଜ୍ ପାଖକୁ ଆସିଥିଲେ। ସେଠାରେ ବାପିଙ୍କ ବାଇକ୍, ଜୋତା ଥିବାବେଳେ ନଦୀକୁ ଦେଖିବା ବେଳେ ବାପି ଭାସୁଥିଲେ। ଏ ନେଇ ସ୍ଥାନୀୟ ଲୋକ ପୋଲିସ ଓ ଅଗ୍ନିଶମ ଟିମ୍‌କୁ ଜଣାଇଥିଲେ। ପୋଲିସ ଓ କଳ୍ପନା ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଅଫିସର ମନୋରଞ୍ଜନ ରାଉତଙ୍କ ସମେତ ୮ ଜଣିଆ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ବାପି ନଦୀ ମଝିରେ ଭାସି ଯାଉଥିବା ବେଳେ ୪ ଜଣ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ତାଙ୍କୁ ଆହତ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ହସ୍ପିଟାଲକୁ ନେବା ସମୟରେ ସେ ମରିଯିବି ବୋଲି କହୁଥିଲେ। ଖବରପାଇ ପରେ ତାଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପାରିବାରିକ ଅଶାନ୍ତି ପାଇଁ ବାପି ଏଭଳି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ବନ୍ଧୁ ଜ୍ଞାନରଞ୍ଜନଙ୍କଠାରୁ ସୂଚନା ମିଳିଛି। ଅନ୍ୟପଟେ ବାପି ବ୍ରିଜ୍‌ରେ ଥିବା ସମୟରେ ନିଶାସକ୍ତ ଅବସ୍ଥାରେ ଥିଲେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

### କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ଶୁକ୍ରବାର ରାତିରେ ଏକ ଅଘଟଣ ଘଟିଛି । ନିଶାସକ୍ତ ଅବସ୍ଥାରେ ଥିବା ଜଣେ ଯୁବକ କୂଅ ଭିତରେ ଖସି ପଡି ଯିବାରୁ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ପ୍ରଭାତ ଦାସ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରଦୀପ ମଦ୍ୟପାନ କରି ରାସ୍ତାରେ ଯାଉଥିଲେ। ବେହେରା ସାହି ନିକଟରେ ଥିବା କୂଅ ପାଖରେ କିଛି ସମୟ ବସିଥିଲେ। ପରେ ସେଠାରୁ ଉଠିକି ଯିବା ସମୟରେ ହଠାତ୍ କୂଅ ଭିତରେ ପଡ଼ିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀର କମର୍ଚାରୀମାନେ ପହଞ୍ଚି ବହୁ ଉଦ୍ୟମ କରି କୂଅରୁ ପ୍ରଭାତଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବିଏମ୍‌ସିର ଟିକସ ରେକର୍ଡ, ସେପ୍ଟେମ୍ବର ସୁଦ୍ଧା ୪୮ କୋଟି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

୨୦୨୨–୨୩ ଆର୍ଥିକ ବର୍ଷରେ ଟିକସ ଆଦାୟରେ ଲକ୍ଷ୍ୟ ହାସଲ ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ୨୦୨୧ ସେପ୍ଟେମ୍ବର ସୁଦ୍ଧା ବିଏମ୍‌ସି ୨୨କୋଟି ୯୪ଲକ୍ଷ ଟଙ୍କା ଟିକସ ଆଦାୟ କରିଥିବାବେଳେ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଏହାର ଦୁଇଗୁଣାରୁ ଅଧିକ ଅର୍ଥାତ୍ ୪୮କୋଟି ଟଙ୍କା ଟିକସ ଆଦାୟ କରିସାରିଛି। ୨୦୨୨–୨୩ରେ ମୋଟ୍ ୨୭୭ କୋଟି ୭୪ଲକ୍ଷ ଟଙ୍କାର ଟିକସ ଆଦାୟ ଲକ୍ଷ୍ୟ ରଖାଯାଇଛି। କେବଳ ସେପ୍ଟେମ୍ବର ମାସରେ ହୋଲ୍ଡିଂ ଟିକସ ବାବଦରେ ୨୩ କୋଟି ୫୬ ଲକ୍ଷ ଟଙ୍କା ଆଦାୟ ହୋଇଥିବାବେଳେ ଅନ୍ୟାନ୍ୟ ଟିକସ ବାବଦକୁ ୨୪ କୋଟି ୪୪ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଅନ୍‌ଲାଇନ୍ ବ୍ୟବସ୍ଥା ପାଇଁ ଏହି ରେକର୍ଡ ହୋଇଛି।

## ୩୪ ଛାତ୍ରୀଛାତ୍ରଙ୍କୁ ‘ବ୍ରହ୍ମଗୁପ୍ତ ଗଣିତ ମେଧା ସମ୍ମାନ’

ବାରଙ୍ଗ, ୨୧।୧୦ (ଡି.ଏନ୍.ଏ.)



ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ପଞ୍ଚାୟତର ଦାରୁଠେଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ‘ବ୍ରହ୍ମଗୁପ୍ତ ଗଣିତ ମେଧା ସମ୍ମାନ’ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଙ୍ଗଠନ ସମ୍ପର୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତଥା ସାମାଜିକ କର୍ମୀ ତ୍ରିଲୋଚନ ବେଉରା ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ସୁଶାନ୍ତ କୁମାର ରାଉତରାୟ, ସୁଶାନ୍ତ କୁମାର ସାହୁ, ସ୍କୁଲର ପ୍ରଧାନ ଶିକ୍ଷକ ସିବିଲ କୁମାର ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ନିଜ ଜ୍ଞାନର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଅଂଶଗ୍ରହଣ କରିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ଦାରୁଠେଙ୍ଗ ଅଞ୍ଚଳର ଯୁବ ସାମାଜିକ କର୍ମୀ ରେଶବ ରାଉତରାୟଙ୍କ ସ୍ମୃତିରେ ଅନୁଷ୍ଠିତ ବ୍ରହ୍ମଗୁପ୍ତ ଗଣିତ ମେଧା ଅନ୍ୱେଷଣ ପ୍ରତିଯୋଗିତାର ୩୪ ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅତିଥିମାନେ ଈପ୍‌ସିତା ମହାରଣାଙ୍କୁ ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ଅନ୍ୟ ୫ଜଣ ଛାତ୍ରୀଛାତ୍ରଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡାଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମାଇଣ୍ଡ୍ ଏମ୍ପାୱାରମେଣ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ମନୋଜ ପ୍ରଧାନ ଓ ସହଯୋଗୀଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ମାଇଣ୍ଡ୍ ଏମ୍ପାୱାରମେଣ୍ଟ କାର୍ଯ୍ୟକ୍ରମ କରାଯାଇଥିଲା।

**ଟ୍ରକ୍ ଧକ୍କାରେ ଯୁବକ ମୃତ**

**ଭୁବନେଶ୍ୱର,(ବ୍ୟୁରୋ):** ୧୬ନଂ. ଜାତୀୟ ରାଜପଥ ଖଣ୍ଡଗିରି ଓଭରବ୍ରିଜ ଉପରେ ଶୁକ୍ରବାର ଅପରାହ୍ନ ୩ଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ସୁବାସନଗରରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଅଞ୍ଚଳର ସୁଶାନ୍ତ ବିଶ୍ୱାଳ (୨୨)। ସୁଶାନ୍ତ ବାଇକ୍‌ରେ ବରମୁଣ୍ଡାରୁ ଘରକୁ ଫେରୁଥିବାବେଳେ ପଛରୁ ଆସୁଥିବା ଏକ ଗ୍ୟାସ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସୁଶାନ୍ତ ଗାଡିରୁ ପଡିଯିବାବେଳେ ଟ୍ରକଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୀବନଜ୍ୟୋତି



@ ଦେବାଶିଷ



@ ଲୟେଶ



@ ଦିଗନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ଇଣ୍ଡିଆ କ୍ରାଫ୍ଟ ଗ୍ୟାଲେରି

# ପାରମ୍ପରିକ ଚିତ୍ରକଳାରେ ଓଡ଼ିଆ ସଂସ୍କୃତିର କଥା

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଓଡ଼ିଶାର ପଟ୍ଟଚିତ୍ର ବିଶ୍ୱବିଖ୍ୟାତ। ଏବେ ସମୟ ବଦଳୁଥିବାବେଳେ ପାରମ୍ପରିକ ପଟ୍ଟଚିତ୍ରରେ ଆଧୁନିକତାର ସ୍ପର୍ଶ ଦେଖିବାକୁ ମିଳୁଛି। କଳାକୃତି ହେଉ କି ଭାସ୍କର୍ଯ୍ୟ, ସବୁଥିରେ ନୂତନତ୍ୱ ବାରି ହୋଇପଡୁଛି। ନୂଆର ଆଦର ବଢ଼ିଲେ ପୁରୁଣା ଜନମାନସରୁ ଧୀରେ ଧୀରେ ଉଭେଇ ଯିବାକୁ ବସେ। ହେଲେ ଓଡ଼ିଶାକୁ ପରିଚୟ ଦେଇଥିବା ପାରମ୍ପରିକ ଚିତ୍ରକଳା, ଭାସ୍କର୍ଯ୍ୟକୁ ବଞ୍ଚାଇ ରଖିବା ସହ ଦେଶ ତଥା ବିଶ୍ୱରେ ଏହାର ପ୍ରଚାର ପ୍ରସାର ପାଇଁ ପ୍ରୟାସ ଜାରି ରଖିଛି ଓଡ଼ିଶା ଇଣ୍ଡିଆ କ୍ରାଫ୍ଟ (ଓଆଇସି) ଗ୍ୟାଲେରି। କଳିଙ୍ଗ ନଗରଠାରେ ଥିବା ଏହି ଗ୍ୟାଲେରିରେ ବିଭିନ୍ନ ଚିତ୍ରକଳା ସହ ମୂର୍ତ୍ତି ଓ କଳାକୃତି ସଂଗୃହୀତ କରି ରଖାଯାଇଛି। ପାରମ୍ପରିକ ପଟ୍ଟଚିତ୍ର ସହ ପାମ୍ ଲିଫ୍, ସଉରା ଟ୍ରାଇବାଲ୍, ଢୋକ୍ରା ଚିତ୍ରକଳାରେ ଓଡ଼ିଶା କଳା ଓ ସଂସ୍କୃତି ବାରିହୋଇପଡୁଛି। ଟସର ପଟି, କାନଭାସ୍ ପଟ୍ଟଚିତ୍ର ଉପରେ ବୋଇତ ବନ୍ଦାଣ, ରାଧାକୃଷ୍ଣ ଲୀଳା, ବାହନ ସିଂହ ଉପରେ ବାସ୍ତୁ ଗଣେଶ, କନ୍ଦର୍ପ ହସ୍ତୀ, କନ୍ଦର୍ପ ରଥ, ଯାତ୍ରୀ ପଟିର ବିଷୟବସ୍ତୁ ଓଡ଼ିଆ ଶିଳ୍ପୀଙ୍କ ନିଖୁଣ କଳାର ପ୍ରମାଣ ଦେଉଛି। ଏଥିସହ ମୂର୍ତ୍ତିକଳା, ପୋଷ୍ଟର ପେଣ୍ଟିଙ୍ଗ, ଷ୍ଟ୍ର' ଆର୍ଟ ରହିଛି। ବିଶିଷ୍ଟ ଚିତ୍ରଶିଳ୍ପୀ ଲଲାଟ ପଟ୍ଟନାୟକ, ଗୋକୁଳ ବିହାରୀ ପଟ୍ଟନାୟକ, କାଶୀନାଥ ଜେନାଙ୍କ ଚିତ୍ରକଳା ସହ ରଘୁରାଜପୁରର ହସ୍ତଶିଳ୍ପ ଏଠାରେ ଦେଖିବାକୁ ମିଳୁଛି। ଚାନ୍ଦୁଆରେ ଏପ୍ଲିକ କାମ, ଖଞ୍ଜାକାମ, ଗ୍ରାନାଇଟ୍ ଷ୍ଟୋନ୍ କାମ, ଶାଣ ପଥର କାମ ଆଦ ଗ୍ୟାଲେରିର ଶୋଭାବର୍ଦ୍ଧନ କରୁଛି। ରାଧାକୃଷ୍ଣ, ନଟରାଜ, ବୁଦ୍ଧ ମୂର୍ତ୍ତି ଓଡ଼ିଆ ଶିଳ୍ପୀଙ୍କ ନିଖୁଣ କାରିଗରି ଓ ମୂର୍ତ୍ତିକଳାର ଅନନ୍ୟ ନିଦର୍ଶନ ସାଜିଛି। ଆର୍ଟ ମଗ୍, କେଟ୍‌ଲିରେ ଆକର୍ଷଣୀୟ ଚିତ୍ରକଳା ପାରମ୍ପରିକ ସହ ଆଧୁନିକତାର କଥା କହୁଛି। ଗ୍ୟାଲେରିରେ 'ଇଚ୍ ୱାନ୍ ଅଫ୍ ଅସ୍ ଇଜ୍ ଆନ୍ ଆର୍ଟିଷ୍ଟ' ନାମକ ଏକ ବୋର୍ଡ ରହିଛି। ଗ୍ୟାଲେରି ବୁଲିବାକୁ ଯାଉଥିବା ଦର୍ଶକ ଓ କଳାପ୍ରେମୀ ଉକ୍ତ ବୋର୍ଡରେ ଚିତ୍ରକଳା ଆଙ୍କି ରଖିବାକୁ ଗ୍ୟାଲେରିରେ ସୁଯୋଗ ଦିଆଯାଉଛି, ଯାହା ସେମାନଙ୍କୁ ଏକ ଭିନ୍ନ ଅନୁଭୂତି ଦେଉଛି। ବର୍ତ୍ତମାନ ସମୟର ଚିତ୍ରକଳା ଓ କଳାକୃତି ଆକର୍ଷଣ ସାଜିଛି। ଏସବୁ ପ୍ରଦର୍ଶନ ସହ ବିକ୍ରିର ବ୍ୟବସ୍ଥା ରହିଛି। ଅନଲାଇନ୍ ମାଧ୍ୟମରେ ମଧ୍ୟ କିଣିବାର ସୁବିଧା ଉପଲବ୍ଧ ଥିବା ଗ୍ୟାଲେରିର ପ୍ରତିଷ୍ଠାତା ଧୀରେନ ଦାସ କହିଛନ୍ତି। ସେ କହିଛନ୍ତି, ପାରମ୍ପରିକ ଚିତ୍ରକଳାକୁ ଦେଶ ବିଦେଶରେ ପହଞ୍ଚାଇବା ଗ୍ୟାଲେରିର ମୁଖ୍ୟ ଲକ୍ଷ୍ୟ। ୧୦ ବର୍ଷ ଧରି ଗ୍ୟାଲେରି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଭଳି ସହରରେ ଓଡ଼ିଶା ଚିତ୍ରକଳାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଛି। ଓଡ଼ିଶାର ଚିତ୍ରକଳା ସବୁଠି ଲୋକପ୍ରିୟ ହେଉଛି। ଏହାକୁ ଅଧିକରୁ ଅଧିକ ଲୋକଙ୍କ ପାଖେ ପହଞ୍ଚାଇବାର ପ୍ରୟାସ ସମସ୍ତେ ଜାରି ରଖିବା ଦରକାର। ଏହି ଗ୍ୟାଲେରି ସକାଳ ୧୦ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଖୋଲା ରହୁଛି।



ଚିତ୍ରକଳା ସହ ଗ୍ୟାଲେରିର ପ୍ରତିଷ୍ଠାତା ଧୀରେନ ଦାସ।



# ପ୍ରକାଶ ପାଇଲା 'ଐତିହ୍ୟର ଓଡ଼ିଶା'




**ପୁରୀ ଅଫିସ, ୨୧।୧୦**

ଲେଖକ ତଥା ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ରଚିତ 'ଐତିହ୍ୟର ଓଡ଼ିଶା' ପୁସ୍ତକ ସମ୍ପ୍ରତି ପ୍ରକାଶ ପାଇଛି। 'ଧରିତ୍ରୀ'ରେ ଐତିହ୍ୟର ଓଡ଼ିଶା ଶୀର୍ଷକରେ ୨୦୧୬ ଫେବୃୟାରୀରୁ ୨୦୧୯ ଜୁନ୍ ପର୍ଯ୍ୟନ୍ତ ଧାରାବାହିକ ଭାବେ ଡ. ମିଶ୍ରଙ୍କର ୧୨୨ଟି ଆଲେଖ୍ୟ ପ୍ରକାଶିତ ହୋଇଥିଲା। ଏଥିସହ ଆନୁଷଙ୍ଗିକ ଛଅଟି ଆଲେଖ୍ୟ ସଂଯୋଗ କରାଯାଇ ମୋଟ ୧୨୮ଟି ଆଲେଖ୍ୟରେ 'ଐତିହ୍ୟର ଓଡ଼ିଶା' ପୁସ୍ତକ ପ୍ରକାଶିତ ହୋଇଛି।

ଏହି ପୁସ୍ତକଟି ଐତିହାସିକ, ଆବେଗାତ୍ମକ, ସମାଲୋଚନାତ୍ମକ ଓ ବିବରଣୀମୂଳକ ଆଲେଖ୍ୟରେ ସମୃଦ୍ଧ। ଏହା ହେଉଛି ଓଡ଼ିଶାର ଗୌରବମୟ ଐତିହ୍ୟର ଇତିହାସ। ଇତିହାସ ମଧ୍ୟରେ କେବଳ ଗୌରବର ଭାବନା ନ ଥାଏ ; ସେଥିରୁ ଜାତି, ଜାତୀୟତା ଓ ଅତୀତକୁ ନୂଆ କରି ଦେଖିହୁଏ। ବାଚନିକ ଇତିହାସ ପାଇଁ ମଣିଷର ବିଶ୍ୱାସ ସହିତ ଚଳଣିକୁ ଯୋଡ଼ିବାକୁ ହୋଇଥାଏ। ବାସ୍ତବରେ ଓଡ଼ିଶାର ଗୌରବ ଗାଥାକୁ ସଜାଡ଼ିଛନ୍ତି ଐତିହ୍ୟ ବିଶାରଦ ଡ. ମିଶ୍ର। ୪୬୪ ପୃଷ୍ଠା ସମ୍ବଳିତ ତାଙ୍କର ଏହି ନୂତନ ପୁସ୍ତକକୁ କଟକର 'ଆଦିତ୍ୟ ଭାରତ' ପ୍ରକାଶନ ପ୍ରକାଶ କରିଥିବାବେଳେ ପୁରୀର ସାଂବିଦୀ ପ୍ରକାଶନ ଏହାର ବିତରକ ଦାୟିତ୍ୱରେ ରହିଛି। ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଡ. ମିଶ୍ର ଆଶା ପୋଷଣ କରିଛନ୍ତି।

# ୨୭ରୁ ନବମ ସମ୍ମେଟିଭ-୧ ପରୀକ୍ଷା

**କଟକ ଅଫିସ,୨୧।୧୦:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ନବମ ଶ୍ରେଣୀ ସମ୍ମେଟିଭ ଆସେସ୍‌ମେଣ୍ଟ(ଏସ୍‌ଏ)-୧ ପରୀକ୍ଷା ଆସନ୍ତା ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ପ୍ରାୟ ୮,୯୭୦ ସ୍କୁଲର ୫ ଲକ୍ଷ ୭୪ ହଜାର ୭୦୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଅକ୍ଟୋବର ୩୧ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୧୧ରୁ ୧୭ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମାର୍କ ଅପ୍‌ଲୋଡ୍ କରାଯିବ। ଏହି ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ୪୧୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ସଂସ୍କୃତ ମଧ୍ୟମାରେ ୧୩୪ ସ୍କୁଲର ୩,୨୦୫ ଜଣ ନବମ ଶ୍ରେଣୀ ଛାତ୍ରୀଛାତ୍ର ୭୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ୨୭ ତାରିଖରେ ଇଂଲିଶ ପରୀକ୍ଷା ହେବ। ସେହିପରି ୨୮ରେ ପ୍ରଥମ ଭାଷା, ୨୯ରେ ତୃତୀୟ ଭାଷା, ୩୧ରେ ଗଣିତ, ନଭେମ୍ବର ୧ରେ ସାଧାରଣ ବିଜ୍ଞାନ ଓ ୨ ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ।




# 'ଅମର ଯବାନଙ୍କ ନିକଟରେ ଚିରକୃତଜ୍ଞ ରହିବୁ'



ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ ଅବସରରେ ଶୁକ୍ରବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପରିସରସ୍ଥ ଶହୀଦ ସ୍ତମ୍ଭଠାରେ ଡିଜିପି ସୁନୀଲ ବଂଶଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**କଟକ ଅଫିସ,୨୧।୧୦**

## ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ

ଅପରାଧ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଆତଙ୍କବାଦ ଓ ବାମପନ୍ଥୀ ଉଗ୍ରବାଦ ଦମନ, ସମାଜରେ ଶାନ୍ତି ରକ୍ଷା ପାଇଁ ଅନେକ ପୋଲିସ ଅଧିକାରୀ ଏବଂ କର୍ମଚାରୀ ପ୍ରାଣବଳୀ ଦେଇଛନ୍ତି। ନିଜ ଜୀବନକୁ ବଳିଦାନ ଦେଇଥିବା ସେହି ଅମର ଯବାନଙ୍କ ନିକଟରେ ଚିରକୃତଜ୍ଞ ରହିବୁ ବୋଲି ଡିଜିପି ସୁନୀଲ ବଂଶଲ ମତବ୍ୟକ୍ତ କରିଛନ୍ତି। କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟରେ ୬୩ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ ଶୁକ୍ରବାର ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିପି ବଂଶଲ ଯୋଗଦେଇ ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀର ଯବାନ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ନେଇ ସେ କହିଥିଲେ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପୋଲିସ୍‌ର ସ୍ୱତନ୍ତ୍ର ସ୍ଥାନ ରହିଛି। ଲୋକଙ୍କ ଧନଜୀବନ ସୁରକ୍ଷା, ଆଇନଶୃଙ୍ଖଳା ନିୟନ୍ତ୍ରଣ, ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ପୋଲିସ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଚଳିତବର୍ଷ ଦେଶର ବିଭିନ୍ନ କେନ୍ଦ୍ରୀୟ ପୋଲିସ୍ ବଳ ଓ ରାଜ୍ୟ ପୋଲିସ୍‌ର ୨୬୫ ଜଣ ଆରକ୍ଷୀ ପ୍ରାଣବଳୀ ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶାରୁ ଶହୀଦ ହୋଇଥିବା ୩ ଜଣ ବୀର ଯବାନ ଛତ୍ରପୁର ଓଏସ୍‌ଏପି ୮ମ ବାଟାଲିୟନ୍‌ର ମାଝୀ କୈବର୍ତ୍ତ, ରାୟଗଡ଼ା ଜିଲା ୨ୟ ଆଇଆର୍‌ବିଏନ୍, ଭାମିନୀର ସୂର୍ଯ୍ୟକାନ୍ତ ଚମ୍ପତି ଏବଂ ଓଏସ୍‌ଏପି ୬ଷ୍ଠ ବାଟାଲିୟନ୍‌ର ସିପାହି ସୀତାରାମ ମୁର୍ମୁଙ୍କ ସମ୍ପର୍କରେ ଡିଜିପି କହିଥିଲେ। ଏଥିସହ ଶହୀଦ ବୀର ଯବାନଙ୍କ ପରିବାରବର୍ଗ ପ୍ରତି ସେ ସମବେଦନା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶହୀଦଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ତୋପସଲାମି ଦିଆଯିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୮ରୁ କଳିଙ୍ଗ ପୁସ୍ତକ ମେଳା

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଚଳିତବର୍ଷ କଳିଙ୍ଗ ପୁସ୍ତକ ମେଳାକୁ ୨୫ତମ ବର୍ଷ ପୂରିବ। ଏହି ଅବସରରେ କଳିଙ୍ଗ ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହ ଆସନ୍ତା ୨୮ ତାରିଖରୁ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହେବାକୁ ଯାଉଛି। ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୁସ୍ତକ ମେଳା ପ୍ରତ୍ୟେକ ଦିନ ଅପରାହ୍ନ ୨ ଘଟିକାରୁ ଆରମ୍ଭ ହୋଇ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ସାରାଦେଶରୁ ଏବର୍ଷ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶକ, ବିତରକ, ବିକ୍ରେତାଙ୍କ ସହ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ସହ ଜଡ଼ିତ ଅନୁଷ୍ଠାନମାନ ମଧ୍ୟ ଯୋଗଦେବେ। ପ୍ରତିବର୍ଷ ଭଳି ଏଥର ମଧ୍ୟ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯିବ। ପ୍ରତ୍ୟହ ସାଂସ୍କୃତିକ ମଞ୍ଚରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆସର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରତିବର୍ଷ ପରି ଓଡ଼ିଆ ସାହିତ୍ୟର ୧୧ ଟି ବିଭାଗରେ ୧୨ଟି ଯୋଗ୍ୟ ବିବେଚିତ ପୁସ୍ତକର ଲେଖିକାଲେଖକଙ୍କୁ 'ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ପ୍ରତିଭାସମ୍ପନ୍ନ ମହିଳାମାନଙ୍କୁ 'କଳିଙ୍ଗ ପୁସ୍ତକ ମେଳା ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦିକା ରେଣୁକା ମିଶ୍ର ସୂଚନା ଦେଇଛନ୍ତି। ପୂର୍ଣ୍ଣେନ୍ଦୁ ମିଶ୍ର ସ୍ମୃତି ସ୍ମାରକୀ ସମ୍ମାନ' ରେ ଲେଖକ ମନୋରଞ୍ଜନ ପାଣିଗ୍ରାହୀ, ଅଶୋକ କୁମାର ଆଚାର୍ଯ୍ୟ, ଗିରିଶ ରଞ୍ଜନ ସାହୁ, ଲେଖିକା ବନ୍ଦନା ପଣ୍ଡା, ଲେଖକ ସୁରେଶ ନାୟକ, ବାଉରିବନ୍ଧୁ ଲେଙ୍କା, ଗୋଲକ ବିହାରୀ ନାୟକ, ପ୍ରଭାସିନୀ ବରାଡ, ସୁନୀତା ଶତପଥୀ, ଡ. ରାମଚନ୍ଦ୍ର ଦେଓ, ତାପସ କୁମାର ସାହା, କମଳା ପ୍ରସାଦ ମହାପାତ୍ରଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯିବ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଅକ୍ଟୋବର, ୨୦୨୨

## ତାଜ୍ ମାମଲାରେ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ଜନସ୍ୱାର୍ଥ ନୁହେଁ, ପ୍ରଚାର ସ୍ୱାର୍ଥ ମାମଲା

ନୂଆଦିଲ୍ଲୀ,୨୧।୧୦: ତାଜମହଲ ଇତିହାସର ତଥ୍ୟାନ୍ୱେଷୀ ଅନୁଧାନ ସହ ଏହା ପରିସରରେ ଥିବା ୨୨ଟି ପ୍ରକୋଷ୍ଠକୁ ଖୋଲିବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହା ଜନସ୍ୱାର୍ଥ ମାମଲା ନୁହେଁ ପ୍ରଚାର ସ୍ୱାର୍ଥ ମାମଲା ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ସୂଚନାଯୋଗ୍ୟ ଆବେଦନକାରୀ ଭାଜପା ଅଯୋଧ୍ୟା ଶାଖାର ଗଣମାଧ୍ୟମ ପ୍ରଭାରୀ ରଜନୀଶ ସିଂ ତାଙ୍କ ପିଟିଶନ ପଛରେ ରହିଥିବା ନ୍ୟାୟିକ କିମ୍ବା ସାମ୍ବିଧାନିକ ଅଧିକାର ଉପରେ ଯୁକ୍ତି ଦର୍ଶାଇ ନ ପାରିବାରୁ ଗତ ମେ' ୧୨ରେ ହାଇକୋର୍ଟ ତାଜ୍‌ମହଲ ସମ୍ପର୍କିତ ମାମଲାକୁ ଖାରଜ କରିଦେଇଥିଲେ।





ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଥିବା ଏକ ଘରୋଇ କମ୍ପାନୀର ଚୂନପଥର ଖଣି ସମ୍ପ୍ରସାରଣ ସକାଶେ ଆବଶ୍ୟକ ହେଉଥିବା ଜମି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରି ଅନେକ ଶହ ଆଦିବାସୀ ମହିଳା ପୁରୁଷ ୬୫ କି.ମି. ପଦଯାତ୍ରାରେ ଆସି ଶୁକ୍ରବାର ସୁନ୍ଦରଗଡ଼ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ହତ୍ୟା

**କୁଆଁରମୁଣ୍ଡା,୨୧।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅନ୍ତର୍ଗତ ଦଲକି ଗ୍ରାମପଞ୍ଚାୟତ କଲୋନୀପଡ଼ା ବସ୍ତିରେ ଶୁକ୍ରବାର ସକାଳେ କଲେବର ପ୍ରଧାନ (୬୨) ନାମକ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେ କନଷ୍ଟେବଲ ଭାବରେ କାର୍ଯ୍ୟ କରୁଥିଲେ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଲୋନୀପଡା ନିବାସୀ କଲେବର ଗୁରୁବାର ସନ୍ଧ୍ୟାରେ ତାଙ୍କ ସାଙ୍ଗ ସମୀର କିଷାନଙ୍କ ସହିତ ମିଶି ନିଶାସେବନ କରିଥିଲେ। ରାତିରେ କଲେବରଙ୍କ ଘରେ ସମୀର ରହିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ସାମାନ୍ୟ ଝଗଡ଼ା ହୋଇଥିଲା। ଭୋର ପ୍ରାୟ ପାଞ୍ଚଟାରେ ଶୋଇଥିବା ଅବସ୍ଥାରେ କଲେବରଙ୍କୁ ଏକ ଟାଙ୍ଗିଆରେ ସମୀର ଆକ୍ରମଣ କରିଥିଲେ। କଲେବର ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ। ପାଟି ଶୁଣି କଲେବରଙ୍କ ପରିବାର ଲୋକେ ଆସିବାରୁ ସମୀର ଫେରାର୍ ହୋଇଯାଇଥିଲେ। ଖବରପାଇ ରାଏବଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କଲେବରଙ୍କୁ ଚିକିତ୍ସା ନିମନ୍ତେ ବୁର୍ଲା ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଲେବରଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସମୀରଙ୍କୁ ରାଏବଗା ପୋଲିସ ଦଲକି ବ୍ରିଜ ନିକଟରୁ ଗିରଫ କରି ଥାନାକୁ ଆଣି ପଚରାଉଚରା କରୁଛି। ସୁନ୍ଦରଗଡ଼ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅଧିକ ତଦନ୍ତ ଚଳାଇଛି।

---

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**

No.O-1163:

email- serwsbd2003@yahoo.com

No. Date:

**e- Procurement Notice for bridge works**

1. Name of the Work : Construction of bridges as per Annexure (5 Nos.)
2. Class of Contractor : "B" & "A" Class of (Odisha PWD) or relevant class of other licensing authority.
3. Estimated Cost : Varies from Rs.214.17 Lakhs to Rs.530.58 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-27/ 2022-23 | 28.10.2022 at 11.00 A.M. | 15.11.2022 upto 5.30 P.M. | 14.11.2022 upto 2.00 P.M. | 16.11.2022 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0036/2223 **Sd./- Chief Construction Engineer, Rural Works Circle, Sunabeda**

---

**OFFICE OF THE COLLECTOR & DISTRICT MAGISTRATE, PURI**

**(SSEPD Section)**

**No.2281/SSEPD, Date:21.10.2022**

**TENDER NOTICE**

Sealed tenders in prescribed format are invited from Registered Manpower Service Providers having valid license, statutory clearance, GST Registration, EPF & ESI Registration, PASARA Registration No. etc. to provide 8 Nos. of Security Guard at Integrated Infrastructure Complex (IIC), Bangar, Gop, Puri. To get details please visit Puri district website www.puri.nic.in.

**Sd./- Additional District Magistrate, Puri**

---

**GOVERNMENT OF ODISHA**

**OFFICE OF THE CDO-cum-EO, ZILLA PARISHAD, BALANGIR**

**Procurement Notice**

E-mail ID- ori-dbolangir@ nic.com

No. XXIV/01/2022/(civil) 5279 /Dated: 21.10.2022

**No.CAD-2266:**1. The CDO-Cum-EO,Zilla Parishad ,PR&DW Deptt.,Balangir on behalf of Government of odisha invites percentage Rate bids in double cover in off line mode for construction of Seasonal Hostel Building works at Nunhad UPS under Belpada Block & Ramod UGHS under Turekela Block as detail in the DTCN for eligible Class of contractor.

2. Nos. of works :- 2 Nos
3. Tender paper cost :-Rs.10000/-
4. Class of contractor :-B&A Class
5. Date, time available in web Portal 10 Hrs. of Dt.25.10.2022 to 16 Hrs of Dt.14.11.22.
6. Date of opening of tender dt.15.11.2022 at 11.30 Hrs. Venue :- Zilla Parishad (DRDA) Conference Hall, Balangir.
7. The bidder have to participate in OFF LINE bidding only. Further detail can be seen from the Web portal (http://www.balangir.nic.in)
8. Any Corrigendum/ Addendum will be displayed in the above web portal.

**Sd./- CDO-cum-EO, Zilla Parishad, Balangir**

OIPR-19248/11/0002/2223

---

**OFFICE OF THE NOTIFIED AREA COUNCIL KODALA, GANJAM**

**Phone No.06810-268335,**

**E-mail Id:nackodala@gmail.com**

**Letter No.2481 Date:21.10.2022**

**EXPRESSION OF INTEREST**

**No.C-1447:**The Executive Officer, N.A.C., Kodala on behalf of N.A.C., Kodala invites "Expression of Interest" from Comptroller & Auditor General Empanelled Audit firms for auditing of annual accounts for the year 2020-21 of NAC, Kodala Dist-Ganjam. The Expression of Interest should indicate the audit fees, taxes, T.A./D.A. and accommodation charges, if any, separately with detail Bio-data of the firm and it should reach in the above mentioned address in sealed envelopes through registered/speed post on or before 31 Oct by 12.P.M. noon. The minimum fee of audit and criterion for selection is given hereunder. The EOI will be opened in the same day at 3.30 P.M..The interested party on their authorized representative may attend the same.

The authority reserves all the right to accept / reject any or all the "EOI" without assigning any reason thereof.

**TECHNICAL CRITERIA FOR SELECTION**

| CRITERIA | MARKS |
|---|---|
| Nos. of CA in the firm | Upto 10 nos.-10 marks |
| | 11 to 20 nos.-20 marks |
| Nos. of years of establishment of firm | Upto 15 years - 10 marks |
| | 15-25 years -15 marks |
| | 25-35 years -20 marks |
| | above 35 years - 25 marks |
| Turnover per annum | Up to 20 lakh - 10 marks |
| | 21 to 40 lakh -15 marks |
| | Above 40 lakh - 20 marks |
| Audit experience (maximum 30 marks) | Govt. Audit each organization -5 marks |
| | PSU, Audit each organization -5 marks |
| Head office in Odisha | 5 marks |

**SCOPE OF WORKS**

Preparation of financial statements i.e. income & expenditure account, Balance sheet, all schedules to income and expenditure and balance sheet, Receipt payment account and trial balance etc. and Bank reconciliation statement audited from 2020-21 (Year wise).

**Terms & Conditions**

1. Audit fees per year - Rs.30,000/-(Rupees Thirty thousand)
2. Necessary documents such as GSTN/PAN/Registration of firm/ CAG empanelled certificate or documents should be attached.
3. All documents should be attached as indicate in the criteria for selection.

**Sd./- Executive Officer, N.A.C.,Kodala (Gm.)**

OIPR-13203/11/0004/2223

---

**Bhubaneswar Municipal Corporation**

*Progress through Partnership for better Bhubaneswar*

**Notice No. 49844 Date: 21.10.2022**

**File No.: XXII(L) 18/22**

**Corrigendum - 1: Pre-bid meeting for the work "Dismantling and removal of illegal advertisement hoardings installed on Pvt./Govt. land, rooftops of high-rise buildings etc. within jurisdiction of BMC"**

No. C-1448: BMC issued a short tender call notice for the work "Dismantling and removal of illegal advertisement hoardings installed on Pvt./Govt. lands, rooftops of high-rise building etc. within jurisdiction of BMC" vide Notice No. 49072 dated 18.10.2022. The document is available on the website **bmc.gov.in** from 19.10.2022. The last date of receipt of proposals is till 5.00 P.M. 31.10.2022. However, in order to address the queries of the intending bidders, it is decided to conduct a pre-bid meeting which is scheduled to be held on 26.10.2022 at 4 P.M. in the Mini Conference Hall, BMC. All interested bidders are requested to send their queires related to the terms and conditions laid down in the tender prior to the pre-bid meeting i.e., before 1 P.M. 26.10.2022 on **bmcpmu@bmc.gov.in**.

**Sd./- Deputy Commissioner (Revenue)**
**Bhubaneswar Municipal Corporation**

OIPR-13002/11/0138/2223

---

**GOVERNMENT OF ODISHA** No. B-733

**"e" - PROCUREMENT NOTICE**

**WORKS DEPARTMENT**

**E-mail: ceworldbankprojects@gmail.com**

**Bid Identification No. CE-W.B.P.(O) - 21/2022-23**

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Bridge/Road Works
3. No. of Work : 02 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the website : From 10.00 A.M. of 27.10.2022 to 5.00 P.M. of 15.11.2022
7. Date of Opening of Bid : Dt.16.11.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/ cancellation of tender can also be seen in the said website.

**Sd./- Chief Engineer**
**World Bank Project, Odisha**

OIPR-34003/11/0044/2223

---

**OFFICE OF THE CHIEF CONSTRUCTION ENGINEER NATIONAL HIGHWAY CIRCLE, KEONJHAR**

**E-mail: senhkeonjhar@gmail.com, Phone No.06766-251046**

**No.729, Dt.18.10.2022**

**2nd Corrigendum to Office Order No. 04 dt. 27.09.2022**

**No.b-22:**Name of the work " Providing C.C Paver block to road berm at Stretches of N.H.-220 from km 36/000 to 71/120 km for the year 2022-23.

Bid Ref No - 03 CCE-NHC-KJR of 2022-23.

The following changes are made to the tender invited vide Bid Identification No.03-CCE-NHC-KJR of 2022-23 Dt.27.09.2022.

1. As per the Description of work in the uploaded BoQ in Serial No. 1 the unit may be read as Cubic Meter instead of Metre.
2. As per the Description of work in the uploaded BoQ in Serial No.2 the unit may be read as Cubic Meter instead of Square Metre
3. As per the Description of work in the uploaded BoQ in Serial No.3 the unit may be read as Cubic Meter instead of Numbers
4. As per the Description of work in the uploaded BoQ in Serial No.4 the unit may be read as Square Meter instead of Numbers

All other terms and condition remain unchanged.

**Sd./- Chief Construction Engineer, N.H. Circle, Keonjhar**

OIPR-34145/11/0003/2223

---

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**(ଶିଶୁ ସୁରକ୍ଷା ୟୁନିଟ)**

ପତ୍ର ସଂଖ୍ୟା: DCPU/JPR/୯୫୦/୨୨, ତାରିଖ ୨୦/୧୦/୨୦୨୨

**ବିଜ୍ଞପ୍ତି**

**No.g-62:**ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା.୧୫.୦୯.୨୦୨୨ ରିଖରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଥାନା ଅଧିନସ୍ଥ ରାସ୍ତା କଡରୁ ଭାରପ୍ରାପ୍ତ ଅଧିକାରୀ, କଳିଙ୍ଗ ନଗର ଥାନାଙ୍କ ଦ୍ୱାରା ଏକ ଶିଶୁକୁ ଉଦ୍ଧାର କରାଯାଇ ଚାଇଲ୍ଡ ଲାଇନ, ଯାଜପୁରଙ୍କୁ ହସ୍ତାନ୍ତର କରାଯାଇଥିଲା । ଚାଇଲ୍ଡଲାଇନ, ଯାଜପୁର ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ । ଚିକିତ୍ସା ପରେ ଶିଶୁଟିକୁ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଉକ୍ତ ପିଲାଟିକୁ "ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଯାଜପୁର" ଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି । ଯଦି ଉକ୍ତ ଶିଶୁଟିର ନିକଟ ସ୍ୱଜନ କିମ୍ବା ଅଭିଭାବକ/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ-୨୨୨୧୩୧, ମୋ-୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ୍-୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ପତ୍ର ଦାଖଲ କରି ଉକ୍ତ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ । ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନକରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ ନମ୍ବର ଓ ତାରିଖ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ସମର୍ଥ | ପୁଅ | ୪ ମାସ | କଳିଙ୍ଗ ନଗର ଥାନା ନିକଟସ୍ଥ ରାସ୍ତାକଡରୁ | ୧୮୯୫/ ୧୫.୦୯.୨୦୨୨ | "ଉତ୍କଳ ବାଳାଶ୍ରମ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଯାଜପୁର" |  |

OIPR-33033/11/0004/2223 **ଜିଲ୍ଲାପାଳ, ଯାଜପୁର**

---

**GOVERNMENT OF ODISHA**
**DEPARTMENT OF WATER RESOURCES**

**Office of the Chief Engineer & Basin Manager, Tel Basin, Bhawanipatna-766001**

**E-Mail-ID-cetelbasinbhp@gmail.com / Phone No. 06670-230209**

**NOTICE INVITING TENDER**

**e - Procurement Notice No. CE&BM, TEL - 06/2022-23**

**PERCENTAGE RATE e-TENDER**

**No.A-636:1.**The Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.

**2. Table - 1: Details of critical dates, Details of Works, bid Security.**

| Sl. No. | Bid ID No. | Name of Work | Approx. value of work (Rs. in Lakhs) (Excluding GST) | Period of Completion | Class of Contractor | Bid Security /EMD (in Rs.) | Cost of BID document (in Rs.) (ON-Line) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | **CETEL-(BID) 03/2022-23** | Construction of F.P.E. on Sonegarh right from Pipalpadar to Siletkani RD. 00m to 8500m. | Rs.8,89,28,476.00 (Excluding G.S.T.) | 15 (Fifteen) Calendar Months | 'A' & 'Special' Class only | Declaration is to be furnished in the prescribed form | 10000/- |
| 2 | **CETEL-(BID) 04/2022-23** | Construction of F.P.E. on Mayabati right from Meherpali to Mayaberha RD.00m to 12500m. | Rs.11,21,50,361.00 (Excluding G.S.T.) | 15 (Fifteen) Calendar Months | 'A' & 'Special' Class only | | 10000/- |

**3. (Two Nos. of Works only.)**

| | |
|---|---|
| Tender documents available on website. | Can be downloaded from Website (http://www.tendersodisha.gov.in) |
| Bid documents available Date and Time. | 26.10.2022 at 11.00 Hrs |
| Bid clarification start date & closing date. | 26.10.2022 to 09.11.2022 during office hours |
| On Line Bid submission closing date and time. | 11.11.2022 at 17.00 Hrs |
| Date, Time and Venue of opening of bid online. | 14.11.2022 at 11.00 Hrs. office of the Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date / Time of Opening of Financial Bid | To be intimated after evaluation of Technical Bid. |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Sd./- Chief Engineer & Basin Manager**
**Tel Basin, Bhawanipatna**

OIPR-32317/11/0008/2223

---

**NOTICE** No. G-31:

**DIRECTORATE OF MINES AND GEOLOGY**

**STEEL AND MINES DEPARTMENT, GOVT. OF ODISHA, BHUBANESWAR**

**No. MI (b) - 10/2021/268/DoMG Dt.21.10.2022**

**To**

**Sri Routray Murmu**
**Mining Officer (Under Suspension)**
**Headquarters, Directorate of Mines & Geology**
**Odisha, Bhubaneswar**

**Sub.: Inquiry into the charges framed against you vide Steel & Mines Deptt. Memorandum No. 952/SM Dt.28.01.2021.**

**Sir,**

It is informed through this notice that after your suspension from Govt. service with effect from **11.08.2009** (being arrested on 11.08.2009 in Balasore Vigilance P.S. Case No. 35 Dt.10.08.2009) vide Steel & Mines Department Office Order No. 5106/SM Dt.14.08.2009, your headquarters during suspension was fixed at Directorate of Mines, Bhubaneswar and not leave the headquarters without obtaining prior permission of the Competent Authority. After released from the judicial custody, you were reported at Headquarters, Directorate of Mines, Bhubaneswar on Dt.25.08.2009.

One disciplinary Proceedings had been drawn up against your u/r 15 of O.C.S. (C.C & A) Rules, 1962 vide Steel & Mines Department Memorandum No. 952/SM Dt.28.01.2021 **due to your unauthorised absent from headquarters since August - 2013 without intimating your address/whereabouts to the controlling authority, failed to report at headquarters in spite of issue of notices even after paper publication, and not appearing the Court of Inquiry before the Commissioner for Departmental Inquiries (C.D.I.). As such, charged with gross misconduct, failed to discharge duties and disobedience of orders of higher authority and avoiding to co-operate the Departmental Inquiries.**

In spite of taking several steps taken to serve the Memorandum and relevant documents in support of the charges by sending through Speed Post in your native address & Paper publication Dt.19.03.2021, you have not reported at headquarters, Directorate of Mines, Bhubaneswar, which has been deemed served on you as per terms of reference to notice.

Subsequently, the Govt. in Steel & Mines Department vide Office Order No. 8029/SM Dt.29.09.2021 have appointed the Inquiring Officer, Presenting Officers & Addl. Presenting Officer to enquire in to the charges initiated against you vide above Memorandum. But, the order sent to you in your native address has returned undelivered with postal remarks Dt.08.10.2021 that **"refused by addressee, returned to sender"**. Moreover, you have not reported at headquarters to recieve the order even after paper publication of notice twice on Dt.29.10.2021 & 11.06.2022. As such, it is considered to deemed served on you as per the stipulation mentioned in the notices.

You were initmated to attend inquiry fixed by the Inquiring Officer on Dt.07.09.2022 at 3.30 P.M. through Speed Post in your native address vide letter No. 8421/SM Dt.30.8.2022. But, the same returned underlivered with postal remarks Dt.09.09.2022 that **"refused by addressee, returned to sender"**.

Subsequently, steps were taken to serve the letter on you to appear the inquiry on further date fixed by the Inquiring Officer 15.10.2022 at 3.30 P.M. to Inquire into the charges vide Letter No. 8660/SM Dt.09.09.2022 along with copy of memorandum through special messenger in your native address as per Steel & Mines Department Letter No. 8659/SM Dt.09.09.2022. But due to your absent in your native address, the letters hanged in front of your hosue. Moreover, the above Govt. Letter No. 8660/SM Dt.09.09.2022 sent through Speed Post in your native address has returned underlivered with postal remarks Dt.28.09.2022 that **"refused by addressee and hence returned to sender"**.

The Inquiring Officer has fixed the next date of inquiry on **02.11.2022 at 3.30 P.M.** vide Letter No. 9872/SM Dt.18.10.2022 i.e. the last change of hearing in to the charges framed against you vide Memorandum No. 952/SM Dt.28.01.2021.

Accordingly, you are intimated through publication of this notice to report at headquarters, Directorate of Mines & Geology (the composite Directorate after merger of Directorate of Mines and Directorate of Geology) within 31.10.2022 during working hours and receive the Govt. Letter No. 9872/SM Dt.18.10.2022 to appear before the inquiring officer in Steel room of Steel & Mines Department on the schedule date & time **(02.11.2022 at 3.30 P.M.)** to defend your case in the enquiry, failing which, it will deemed to be served on you and ex-party decision will be taken as per law.

OIPR-30028/11/0002/2223 **Sd./- Director of Mines & Geology, Odisha**

**ସିବିଆଇକୁ ଜେନେରାଲ କନ୍‌ସେଣ୍ଟ୍ ଦେଲେ ଶିନ୍ଦେ ସରକାର**

ମହାରାଷ୍ଟ୍ରରେ କୌଣସି ମାମଲାର ସିବିଆଇ ତଦନ୍ତ ଲାଗି ରାଜ୍ୟ ସରକାରଙ୍କ ସାଧାରଣ ସ୍ୱୀକୃତିକୁ ଏକନାଥ ଶିନ୍ଦେ ସରକାର କାଏମ ରଖିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ପୂରଣ ଲାଗି କେନ୍ଦ୍ର ସରକାର ସିବିଆଇର ଦୁରୁପଯୋଗ କରୁଥିବା ଅଭିଯୋଗ କରି ୨୦୨୦ ଅକ୍ଟୋବର ୨୧ରେ ଉଦ୍ଧବ ଠାକରେଙ୍କ ମହାବିକାଶ ଅଘାଡ଼ି ସରକାର ଏହାକୁ ପ୍ରତ୍ୟାହାର କରିନେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଗୃହ ବିଭାଗ ପୂର୍ବ ନିଷ୍ପତ୍ତିରେ ପରିବର୍ତ୍ତନ ଲାଗି ଆଣିଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶିନ୍ଦେ ମଞ୍ଜୁରୀ ଦେଇଛି। ତେଣୁ ସିବିଆଇକୁ ତଦନ୍ତ ଲାଗି ଆଉ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ ନାହିଁ।

# ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ପେନି ମୋର୍ଡାଣ୍ଟ

➡ବ୍ରିଟେନ ପ୍ରଧାନମନ୍ତ୍ରୀ ପଦରୁ ଲିଜ୍ ଟ୍ରସ୍‌ଙ୍କ ଇସ୍ତଫା ପରେ ଶୁକ୍ରବାର ଏହି ଦୌଡ଼ରେ ସାମିଲ ହେବା ପାଇଁ ହାଉସ୍ ଅଫ୍ କମନ୍ସ ଲିଡର ପେନି ମୋର୍ଡାଣ୍ଟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଗତ ସେପ୍ଟେମ୍ବର ୫ରେ ଆସିଥିବା ପୂର୍ବ ପ୍ରତିଦ୍ୱନ୍ଦ୍ୱିତାର ଫଳାଫଳ ଅନୁସାରେ ଟ୍ରସ୍ ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ ପରେ ମୋର୍ଡାଣ୍ଟ ତୃତୀୟ ସ୍ଥାନରେ ଥିଲେ।

➡ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଦୃଢ଼ ସମର୍ଥକ ରୂପେ ଜଣାଶୁଣା ପ୍ରତିରକ୍ଷା ମନ୍ତ୍ରୀ ବେନ୍ ୱାଲେସ୍ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ ହେବାକୁ ମନା କରିଦେଇଛନ୍ତି। ବେନ୍ କହିଛନ୍ତି, ଋଷି ସୁନକ ବୋରିସ୍‌ଙ୍କ ବିରୋଧରେ ପ୍ରାର୍ଥୀ ହେବା ନେଇ କ'ଣ କହୁଛନ୍ତି ତାହା ଜାଣିବାକୁ ସେ ଆଗ୍ରହୀ।

➡ଭାରତୀୟ ବଂଶୋଦ୍ଭବ ପ୍ରାକ୍ତନ ଚାନ୍‌ସେଲର ଋଷି ସୁନକ ପ୍ରାର୍ଥୀ ହେବା ସମ୍ପର୍କରେ କିଛି ସ୍ପଷ୍ଟ କରି ନ ଥିଲେ ମଧ୍ୟ କ୍ୟାବିନେଟ ମନ୍ତ୍ରୀ ସାଇମନ କ୍ଲାର୍କ ଏବଂ ଜାକୋବ୍ ରେସ୍-ମୋଗ୍ ତାଙ୍କୁ ସମର୍ଥନ କରିଛନ୍ତି।

➡ପ୍ରଧାନମନ୍ତ୍ରୀ ଆଶାୟୀମାନଙ୍କୁ ଲିଜ୍ ଟ୍ରସ୍‌ଙ୍କ ଉତ୍ତରାଧିକାରୀ ଦୌଡ଼ରେ ସାମିଲ ହେବା ପାଇଁ ସୋମବାର ଅପରାହ୍ନ ୨ଟା ସୁଦ୍ଧା ଶାସକ କଞ୍ଜରଭେଟିଭ୍ ପାର୍ଟିର ଅନ୍ୟୂନ ୧୦୦ ଏମ୍‌ପିଙ୍କ ସମର୍ଥନ ଯୋଗାଡ଼ କରିବାକୁ ପଡ଼ିବ।

> ବ୍ରିଟେନର ଜାତୀୟ ସ୍ୱାର୍ଥ ଲାଗି ଏକ ନୂଆ ସରକାର ଓ ନୂତନ ନେତାଙ୍କୁ ଚାହୁଁଥିବା ସହକର୍ମୀମାନଙ୍କ ସମର୍ଥନ ପାଇ ମୁଁ ଉତ୍ସାହିତ। କଞ୍ଜରଭେଟିଭ୍ ପାର୍ଟି ନେତା ଓ ଦେଶର ପ୍ରଧାନମନ୍ତ୍ରୀ ହୋଇ ବ୍ରିଟେନକୁ ଏକାଠି କରିବି। ଆମ ପ୍ରତିଶ୍ରୁତିଗୁଡ଼ିକୁ ରକ୍ଷା କରିବି ଏବଂ ଆଗାମୀ ସାଧାରଣ ନିର୍ବାଚନ ମଧ୍ୟ ଜିତିବି।
> –ପେନି ମୋର୍ଡାଣ୍ଟ,
> ବ୍ରିଟେନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ



# ବର୍ଷକୁ ପେନ୍‌ସନ କୋଟିଏ ଟଙ୍କା

## ଟ୍ରସ୍ ଦେଢ଼ମାସିଆ ପ୍ରଧାନମନ୍ତ୍ରୀ



ଲଣ୍ଡନ,୨୧।୧୦

ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ୪୫ ଦିନ ପରେ ନିଜ ପଦରୁ ଗୁରୁବାର ଇସ୍ତଫା ଦେଇଥିବା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ଲିଜ୍ ଟ୍ରସ୍ ବାର୍ଷିକ ୧୧୫,୦୦୦ ପାଉଣ୍ଡ (ପ୍ରାୟ ୧.୦୫ କୋଟି ଟଙ୍କା) ପେନ୍‌ସନ ପାଇବେ। 'ଇଣ୍ଡିପେଣ୍ଡେଣ୍ଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଟ୍ରସ୍‌ଙ୍କ କାର୍ଯ୍ୟକାଳ ବ୍ରିଟେନ ଇତିହାସରେ ସବୁଠୁ ସଂକ୍ଷିପ୍ତ ହୋଇଥିଲେ ମଧ୍ୟ ୧୯୯୧ରେ ପ୍ରଣୀତ ପବ୍ଲିକ୍ ଡ୍ୟୁଟି କଷ୍ଟସ ଆଲାଓ୍ୱେନ୍ସ(ପିଡିସିଏ) ଅନୁସାରେ ସେ ଜୀବିତ ଥିବା ଯାଏ ପେନ୍‌ସନ ପାଇବାକୁ ଯୋଗ୍ୟ। ୧୯୯୧ ମାର୍ଚ୍ଚରେ ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ଇସ୍ତଫା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜନ୍ ମେଜର ଏହି ପେନ୍‌ସନ ସମ୍ପର୍କରେ ଘୋଷଣା କରିଥିଲେ। ୨୦୨୦-୨୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜନ୍ ମେଜର ଓ ଟୋନି ବ୍ଲେୟାର ସର୍ବାଧିକ ଭତ୍ତା ପାଇଥିଲେ। ଗୋର୍ଡନ ବ୍ରାଉନ୍ ୧୧୪,୭୧୨ ପାଉଣ୍ଡ (୧,୦୫,୬୩,୪୨୮ ଟଙ୍କା), ଡେଭିଡ୍ କାମେରୁନ ୧୧୩,୪୨୩ ପାଉଣ୍ଡ (୧,୦୪,୪୪,୭୨୯ ଟଙ୍କା) ଏବଂ ଥେରେସା ମେ' ୫୭,୮୩୨ ପାଉଣ୍ଡ (୫୩,୨୫,୫୪୭ ଟଙ୍କା) ପାଇଥିଲେ। ଟ୍ରସ୍ ଏହି ପେନ୍‌ସନ ସ୍କିମ୍‌ରୁ ଭତ୍ତା ପାଉଥିବା ଅନ୍ୟ ୬ ଜୀବିତ ପ୍ରଧାନମନ୍ତ୍ରୀଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏବେ ଏହି ବାବଦକୁ ବ୍ରିଟେନ ଟିକସଦାତାଙ୍କ ଅର୍ଥରୁ ବାର୍ଷିକ ୮ ଲକ୍ଷ ପାଉଣ୍ଡ ବା ୭.୩୭ କୋଟି ଟଙ୍କା ଖର୍ଚ୍ଚ ହେବ।

**ସଂକ୍ଷେପରେ**

## ଗ୍ରେ ଲିଷ୍ଟରୁ ପାକ୍ ମୁକ୍ତ

ଇସ୍‌ଲାମାବାଦ,୨୧।୧୦: ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ଗ୍ରେ ଲିଷ୍ଟ ବା ଧୂସର ତାଲିକାରୁ ୪ ବର୍ଷ ପରେ ବାଦ୍ ପଡ଼ିଛି ପାକିସ୍ତାନ। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ମନି ଲଣ୍ଡରିଂ ଅଭିଯୋଗରେ ପାକିସ୍ତାନ ଏହି ତାଲିକାରେ ସାମିଲ ହୋଇଥିଲା। କୌଣସି ଦେଶ ଗ୍ରେ ଲିଷ୍ଟରେ ରହିଲେ ତାକୁ ଅନ୍ତର୍ଜାତୀୟ ସହାୟତା ଓ ପାଣ୍ଠି ମିଳି ନ ଥାଏ। ଘୋର ଆର୍ଥିକ ସଙ୍କଟ ଦେଇ ଗତିକରୁଥିବା ପାକିସ୍ତାନ ଇତିମଧ୍ୟରେ ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ଏହି ତାଲିକାରୁ ବାଦ୍ ଦିଆଯାଇଥିବା ଏଫ୍‌ଏଟିଏଫ୍ ପକ୍ଷରୁ କୁହାଯାଇଛି। ପ୍ୟାରିସରେ ଅକ୍ଟୋବର ୧୮ରେ ଆରମ୍ଭ ହୋଇଥିବା ଏଫ୍‌ଏଟିଏଫ୍ ବୈଠକ ଶୁକ୍ରବାର ଶେଷ ହୋଇଛି। ପାକିସ୍ତାନ ମୋଟ ୩୪ ସର୍ତ୍ତ ମଧ୍ୟରୁ ୨୭ଟି ପୂରଣ କରିଥିବା ଜଣାପଡ଼ିଛି।

## ସେନା ଗୁଳିରେ ୬୦ ନିହତ

ଏନ୍‌ଜାମେନା(ଚାଦ୍),୨୧।୧୦: କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ଚାଦ୍‌ରେ ସରକାର ବିରୋଧୀ ଆନ୍ଦୋଳନ ହିଂସ୍ର ହେବାରେ ଲାଗିଛି। ଗଣତାନ୍ତ୍ରିକ ଶାସନ ଦାବିରେ ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀମାନେ ରାଜଧାନୀ ଏନ୍‌ଜାମେନାରେ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଥିବାବେଳେ ସେନା ପକ୍ଷରୁ ଲୁହବୁହା ବାଷ୍ପ ସହ ମାରଣାସ୍ତ୍ର ପ୍ରୟୋଗ କରାଯାଇଛି। ସୁରକ୍ଷା ବଳର ଆଖିବୁଜା ଗୁଳିମାଡ଼ରେ ଅନ୍ୟୂନ ୬୦ ବିକ୍ଷୋଭକାରୀ ନିହତ ହୋଇଛନ୍ତି। ରାସ୍ତାଗୁଡ଼ିକରେ ଟାୟାର ଜଳୁଛି। ପୋଲିସ ବ୍ୟାରିକେଡ୍ କରି ରାସ୍ତା ଅବରୋଧ କରିଛି। ଲୁଟ୍‌ପାଟ୍‌କୁ ଏଡ଼ାଇବା ପାଇଁ ଦୋକାନବଜାର ବନ୍ଦ ରହିଛି। ସୁରକ୍ଷା ବଳ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିବା ପ୍ରଧାନମନ୍ତ୍ରୀ ସାଲେହ କେବ୍‌ଜାଓ ସୂଚନା ଦେଇଛନ୍ତି। ମଧ୍ୟବର୍ତ୍ତୀକାଳୀନ ନେତା ମହମଦ୍ ଇଡ୍ରିସ୍ ଡେବିଙ୍କ କାର୍ଯ୍ୟକାଳ ଦୁଇବର୍ଷ ବଢ଼ାଯିବା ପ୍ରତିବାଦରେ ମୁଣ୍ଡ ଟେକିଥିବା ଏହି ଆନ୍ଦୋଳନକୁ ଦୃଷ୍ଟିରେ ରଖି ଅନେକ ସହରରେ କର୍ଫ୍ୟୁ ଜାରି କରାଯାଇଛି। ଫ୍ରାନ୍ସ ଓ ଆଫ୍ରିକୀୟ ସଂଘ ସେନାର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି।

# ୪ ବର୍ଷୀୟାଙ୍କୁ ବଳାତ୍କାର: ସ୍କୁଲରେ ତାଲା

ହାଇଦ୍ରାବାଦ,୨୧।୧୦



ହାଇଦ୍ରାବାଦସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଥିବା ଜଣେ ୪ ବର୍ଷୀୟା ଛାତ୍ରୀ ୨ ମାସ ଧରି ବଳାତ୍କାରର ଶିକାର ହୋଇଥିଲେ। ଉକ୍ତ ବିଦ୍ୟାଳୟକୁ ଦିଆଯାଇଥିବା ସରକାରୀ ସ୍ୱୀକୃତିକୁ ତୁରନ୍ତ ରଦ୍ଦ କରି ସେଠାରେ ତାଲା ଝୁଲାଇବାକୁ ତେଲଙ୍ଗାନା ଶିକ୍ଷାମନ୍ତ୍ରୀ ସବିତା ଇନ୍ଦ୍ର ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଭଳି ଘଟଣାକୁ ଏଡ଼ାଇବା ପାଇଁ କ'ଣ ସବୁ ସୁରକ୍ଷା ପଦକ୍ଷେପ ନିଆଯାଇଛି ସେନେଇ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କମିଟିରେ ସ୍କୁଲ ଶିକ୍ଷା ନିର୍ଦ୍ଦେଶକ, ମହିଳା ଓ ଶିଶୁ ବିକାଶ ସଚିବ ଓ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନ ପୋକ୍ସୋ ମାମଲାଗୁଡ଼ିକର ତଦନ୍ତ କରୁଥିବା ଜଣେ ବରିଷ୍ଠ ଅଧିକାରୀ ରହିବେ। ଏହି କମିଟି ସପ୍ତାହେ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବ। ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବଞ୍ଜାରା ହିଲ୍ସ ଅଞ୍ଚଳରେ ଥିବା ଏହି ସ୍କୁଲକୁ ସବୁ ଦିନ ପାଇଁ ବନ୍ଦ କରିଦିଆଯାଇଛି। ନାବାଳିକାଙ୍କୁ ସ୍କୁଲରେ ୨ ମାସ ଧରି ବଳାତ୍କାର କରିଥିବା ପ୍ରିନ୍ସିପାଲଙ୍କ ଡ୍ରାଇଭର ବୁଧବାର ଗିରଫ ହୋଇଛନ୍ତି। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନ ନେଇ ଉପହାସ କରିଥିବା ପ୍ରିନ୍ସିପାଲଙ୍କୁ ମଧ୍ୟ ଅଭିଭାବକଙ୍କ ବିକ୍ଷୋଭ ପରେ ବଞ୍ଜାରା ହିଲ୍ସ ପୋଲିସ ଗିରଫ କରିଛି। ସ୍କୁଲର ସିସିଟିଭି କ୍ୟାମେରା କାମ କରୁ ନ ଥିବା ଏବଂ ଡ୍ରାଇଭର ଅନେକ ସମୟରେ ପିଲାଙ୍କୁ ପାଠ ପଢ଼ାଉଥିବା ତଦନ୍ତରୁ ଜଣାପଡ଼ିଛି। ସ୍ଥାୟୀ ଭାବେ ସ୍କୁଲ ବନ୍ଦ ହେବା ପରେ ସେଠାରେ ପଢୁଥିବା ୭୦୦ ଛାତ୍ରୀଛାତ୍ରଙ୍କ ନାମ ଶିକ୍ଷାବର୍ଷ ମଝିରେ ଅନ୍ୟତ୍ର ଲେଖାଇବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

# ପୁରୁଣା ପେନ୍‌ସନ ଯୋଜନା ଲାଗୁକଲେ ପଞ୍ଜାବ ସରକାର

ଚଣ୍ଡିଗଡ଼,୨୧।୧୦



ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ପଞ୍ଜାବର ସରକାରୀ କର୍ମଚାରୀମାନଙ୍କ ଲାଗି ଦିୱାଲି ଭେଟି ସ୍ୱରୂପ ପୁରୁଣା ପେନ୍‌ସନ ଯୋଜନା ପୁନର୍ବାର କାର୍ଯ୍ୟକାରୀ କରିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ କ୍ୟାବିନେଟରେ ନୀତିଗତ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଘୋଷଣା କରିଛନ୍ତି। ପୁରୁଣା ପେନ୍‌ସନ ଯୋଜନା ଲାଗୁ ହେଲେ ରାଜ୍ୟର ଲକ୍ଷାଧିକ କର୍ମଚାରୀ ଉପକୃତ ହେବେ। କର୍ମଚାରୀମାନଙ୍କୁ ପୁରୁଣା ପେନ୍‌ସନ ଯୋଜନାରେ ସାମିଲ ହେବା ଲାଗି ବିକଳ୍ପ ଦିଆଯିବ। ୨୦୦୪ରୁ ବନ୍ଦ ରହିଥିବା ପୁରୁଣା ପେନ୍‌ସନ ଯୋଜନାକୁ ପୁନର୍ବାର ଲାଗୁ କରିବା ସରକାରୀ କର୍ମଚାରୀମାନଙ୍କର ବଡ଼ ଦାବି ରହିଥିଲା। ପଞ୍ଜାବରେ ଏଏପି କ୍ଷମତାକୁ ଆସିଲେ ଉକ୍ତ ଯୋଜନା ପୁନର୍ବାର ଲାଗୁ ହେବ ବୋଲି ଗତବର୍ଷ ଅଗଷ୍ଟରେ ଦଳର ବରିଷ୍ଠ ନେତା ତଥା ବର୍ତ୍ତମାନର ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ପ୍ରତିଶ୍ରୁତି ଦେଇଥିଲେ। ପଞ୍ଜାବ ସରକାରଙ୍କ ନିଷ୍ପତ୍ତିକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ସ୍ୱାଗତ କରିଛନ୍ତି। ଗୁଜରାଟ ଓ ହିମାଚଳପ୍ରଦେଶରେ ଦଳ କ୍ଷମତାକୁ ଆସିଲେ ପୁରୁଣା ପେନ୍‌ସନ ଯୋଜନା ଲାଗୁ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ: ୫ ମୃତ

ନୂଆଦିଲ୍ଲୀ,୨୧।୧୦

ଅରୁଣାଚଳପ୍ରଦେଶର ଉପର ସିଆଙ୍ଗ ଜିଲାରେ ଶୁକ୍ରବାର ଭାରତୀୟ ସେନାର ଲଢୁଆ ହେଲିକପ୍ଟର ରୁଦ୍ର ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ପାଇଲଟଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ନିର୍ମିତ ଅତ୍ୟାଧୁନିକ ହାଲୁକା ହେଲିକପ୍ଟର ଶୁକ୍ରବାର ସକାଳେ ଲିକାବାଲି ସହରରୁ ୫ ଜଣଙ୍କୁ ନେଇ ଉଡ଼ାଣ କରିବାର କିଛି ସମୟ ପରେ ଏକ ଦୁର୍ଗମ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ସମସ୍ତ ୫ ଜଣଙ୍କ ମୃତଦେହ ଠାବ କରିଛି। ଦୁର୍ଘଟଣାସ୍ଥଳକୁ ଯିବା ଲାଗି ରାସ୍ତା ନ ଥିବାରୁ ଉଦ୍ଧାରକାରୀ ଟିମ୍ ହେଲିକପ୍ଟର ଯୋଗେ ସେଠାରେ ପହଞ୍ଚିଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ଦୁର୍ଘଟଣା ସମ୍ପର୍କରେ ଜଣାଇବା ପରେ ସେନା ସେମାନଙ୍କ ପରିଚୟ ସାଧାରଣରେ ପ୍ରକାଶ କରିବ।

# ରାଷ୍ଟ୍ରପତି ହେବା ଲାଗି ଆବେଦନ

## ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୨୧।୧୦

ଭାରତର ରାଷ୍ଟ୍ରପତି ନିଯୁକ୍ତ ହେବା ଲାଗି କିଶୋର ଜଗନ୍ନାଥ ସାୱନ୍ତ ନାମକ ବ୍ୟକ୍ତିଙ୍କ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଭବିଷ୍ୟତରେ ତାଙ୍କର ଏଭଳି ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ ନ କରିବାକୁ ଅଦାଲତ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ସାୱନ୍ତଙ୍କ ଆବେଦନ ମୂଲ୍ୟହୀନ ଓ ଏହା ଅଦାଲତଙ୍କ ସମୟ ବରବାଦ କରୁଥିବା ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ କହିଛନ୍ତି। ଏଭଳି ପିଟିଶନ ଅପମାନଜନକ ବୋଲି ଅଦାଲତ ମତ ଦେଇଛନ୍ତି। ସାୱନ୍ତ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇ ତାଙ୍କୁ ନିକଟରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ଲାଗି ଅନୁମତି ଦିଆଯାଇ ନ ଥିବା ଅଭିଯୋଗ କରିଥିଲେ। ସେ ଜଣେ ପରିବେଶବିତ୍ ବୋଲି ଦାବି କରିବା ସହ ସବୁ ଖରାପ ସ୍ଥିତିରେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ।

# ଦିଲ୍ଲୀରେ ଚାଇନା ମହିଳା ଗିରଫ



ନୂଆଦିଲ୍ଲୀ,୨୧।୧୦

ନେପାଳୀ ସାଧ୍ୱୀ ପରିଚୟ ଦେଇ ଦିଲ୍ଲୀର ତିବ୍ବତୀୟ ଶରଣାର୍ଥୀ କଲୋନିରେ ରହୁଥିବା ଜଣେ ଚିନିଜ୍ ମହିଳାଙ୍କୁ ପୋଲିସ ଗିରଫ କରିଛି। ସେ ବୌଦ୍ଧ ସନ୍ନ୍ୟାସିନୀ ଛଦ୍ମବେଶରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିଲେ। କାଗଜପତ୍ରରେ ତାଙ୍କ ନାଁ ଡୋଲ୍‌ମା ଲାମା ଓ ଘର ନେପାଳ ରାଜଧାନୀ କାଠମାଣ୍ଡୁ ଦର୍ଶାଯାଇଥିବାବେଳେ ପ୍ରକୃତ ନାମ କାଇ ରୁଓ ବୋଲି ପୋଲିସ କହିଛି। ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ ଅଧିକାରୀଙ୍କ ରେକର୍ଡ ଯାଞ୍ଚ ପରେ ସେ ୨୦୧୯ରେ ଚାଇନା ପାସ୍‌ପୋର୍ଟ ବଳରେ ଭାରତ ଆସିଥିବା ଜଣାପଡ଼ିଥିଲା। ଚାଇନା କମ୍ୟୁନିଷ୍ଟ ପାର୍ଟି ତାଙ୍କୁ ମାରିଦେବାକୁ ଚାହୁଁଥିବାରୁ ସେ ଛଦ୍ମବେଶରେ ରହୁଥିଲେ ବୋଲି କହିଛନ୍ତି।

# ରୋଗୀଙ୍କୁ ପ୍ଲାଟେଲେଟ୍ ବଦଳରେ ଦେଇଥିଲେ ପ୍ଲାଜ୍‌ମା: ୧୦ ଗିରଫ

ଲକ୍ଷ୍ନୌ,୨୧।୧୦

ବ୍ଲଡ୍ ପ୍ଲାଜ୍‌ମା (ରକ୍ତ କଣିକାରେ ଥିବା ରଙ୍ଗହୀନ ଅଂଶ)କୁ ପ୍ଲାଟେଲେଟ୍ (ରକ୍ତାଣୁଚକ୍ରିକା) କହି ବିକ୍ରି କରିବା ଅଭିଯୋଗରେ ଉତ୍ତର ପ୍ରଦେଶର ପ୍ରୟାଗରାଜ ପୋଲିସ ଶୁକ୍ରବାର ୧୦ ଜଣଙ୍କୁ ଗିରଫ କରିଛି। ବ୍ଲଡ୍‌ରେ ଥିବା ପ୍ଲାଜ୍‌ମା ଓ ପ୍ଲେଟ୍‌ଲେଟ ଉଭୟ ମଣିଷ ରକ୍ତର ଉପାଦାନ ହୋଇଥିଲେ ହେଁ ଉଭୟଙ୍କ ବ୍ୟବହାର ଅଲଗା। ଡେଙ୍ଗୁ ରୋଗୀଙ୍କ କ୍ଷେତ୍ରରେ ପ୍ଲାଟେଲେଟ୍ ବ୍ୟବହାର କରାଯାଏ। ପ୍ରୟାଗରାଜ ଡାକ୍ତରଖାନରେ ଡେଙ୍ଗୁ ରୋଗୀଙ୍କୁ ପ୍ଲାଟେଲେଟ୍ ବଦଳରେ ମୌସମ୍ବି (ଦେଶୀ କମଳା) ଜୁସ୍ ଦେବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀଙ୍କୁ ପ୍ଲାଟେଲେଟ୍ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ପରେ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ରୋଗୀଙ୍କୁ ପ୍ଲାଜ୍‌ମା ବଦଳରେ ମୌସମ୍ବି ଜୁସ୍ ତଥା କେମିକାଲ ମିଶ୍ରିତ ମିଠା ତରଳ ପଦାର୍ଥ ଦିଆଯାଇଥିବା ଘରୋଇ ହସ୍ପିଟାଲ ଡାକ୍ତର ସ୍ପଷ୍ଟ କରିବାପରେ ମୃତକଙ୍କ ପରିବାର କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଡାକ୍ତରଖାନାକୁ ସିଲ୍ କରାଯିବା ସହ ପ୍ଲାଟେଲେଟ୍ ବ୍ୟାଗ୍‌କୁ ପରୀକ୍ଷା ପାଇଁ ଲାବ୍ ପଠାଯାଇଥିଲା।

# କେଦାରନାଥ, ବଦ୍ରିନାଥ ଦର୍ଶନ କଲେ ମୋଦି



ନୂଆଦିଲ୍ଲୀ,୨୧।୧୦(ପିଆଇବି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରାଖଣ୍ଡ ଯାଇ ପ୍ରଥମେ କେଦାରନାଥ ଓ ପରେ ବଦ୍ରିନାଥ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ସେ ଗର୍ଭଗୃହକୁ ଯାଇ ରୁଦ୍ରାଭିଷେକ କରିଥିଲେ। ଏହି ଅବସରରେ ସେ ସେଠାରେ ଚାଲିଥିବା ମନ୍ଦାକିନୀ ଆସ୍ଥାପଥ ଓ ସରସ୍ୱତୀ ଆସ୍ଥାପଥର ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ ଓ କେଦାରନାଥ ଧାମ ପ୍ରକଳ୍ପର ଶ୍ରମିକମାନଙ୍କ ସହ କଥା ହୋଇଥିଲେ। ଏଥିସହିତ ସେଠାରେ ଥିବା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମାଧିସ୍ଥଳରେ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ରାଜ୍ୟପାଳ ଗୁର୍‌ମିତ ସିଂ ଉପସ୍ଥିତ ଥିଲେ।

## ଦୀପାବଳି ପୂର୍ବ ସନ୍ଧ୍ୟାରେ ଅଯୋଧ୍ୟା ଯିବେ

ଦୀପାବଳିର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ରବିବାର ସନ୍ଧ୍ୟାରେ ଅଯୋଧ୍ୟା ଯାଇ ରାମମନ୍ଦିରରେ ପୂଜାର୍ଚ୍ଚନା କରିବେ। ସେଠାରେ ଭଗବାନ ରାମଙ୍କ ପ୍ରତୀକାତ୍ମକ ରାଜ୍ୟାଭିଷେକ କରାଇବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସନ୍ଧ୍ୟା ୬ଟା ୩୦ରେ ପ୍ରଧାନମନ୍ତ୍ରୀ ସରଯୂ ନଦୀ କୂଳରେ ଆଳତି କରିବା ସହ ଦୀପୋତ୍ସବର ଶୁଭାରମ୍ଭ କରିବେ। ଚଳିତ ବର୍ଷ ଷଷ୍ଠ ଦୀପୋତ୍ସବରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ଲାଗି ବ୍ୟକ୍ତିଗତ ଭାବେ ଏଥିରେ ଭାଗନେବେ। ଏହି ଅବସରରେ ୧୫ ଲକ୍ଷରୁ ଅଧିକ ଦୀପ ଜଳାଯିବ। ସରଯୂ କୂଳରେ ମ୍ୟୁଜିକ୍ ଲେଜର ଶୋ' ସହ ରାମ କୀ ପୌଡ଼ିର ହୋଲୋଗ୍ରାଫିକ ପ୍ରୋଜେକ୍‌ଶନ ମ୍ୟାପିଂ ଶୋ'କୁ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିବେ।

# ୧୭୦ କି.ମି. ବ୍ୟାପ୍ତ ମେଗାସିଟି 'ନେଓମ୍'

## ଫ୍ଲାଇଂ ଟାକ୍ସି ସୁବିଧା, ଘରେ ଘରେ ରୋବୋ

ରିୟାଧ, ୨୧।୧୦



ବିଶ୍ୱର ସବୁଠାରୁ ବିରାଟ ବାଲି ମରୁଭୂମି ଭାବେ ଜଣାଯାଉଥିବା ସାଉଦି ଆରବ ବର୍ତ୍ତମାନ ତେଲ କିମ୍ବା ଓଢ଼ଣାରେ ରହୁଥିବା ମହିଳାଙ୍କ ପାଇଁ ନୁହେଁ ବରଂ ମେଗା ସହର ଲାଗି ବିଶ୍ୱରେ ପରିଚିତି ହାସଲ କରିବାକୁ ଯାଉଛି। ୧୭୦ କି.ମି ପରିମିତ ଜାଗାରେ ଏହି ବିଶାଳ ସହର ତିଆରି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ମେଗା ସହରର ନାମ ନେଓମ୍ ରଖାଯାଇଥିବାବେଳେ ତାବୁକ ପ୍ରଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ଏହା ନିର୍ମାଣ କରାଯାଉଛି। ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଏହାର ନିର୍ମାଣ କରାଯିବ, ଯେଉଁଠାରେ ଫ୍ଲାଇଂ ଟାକ୍ସି ସାଙ୍ଗକୁ ଘର ସହାୟକ ଭାବେ ରୋବୋମାନେ କାର୍ଯ୍ୟ କରିବେ। ୨୦୧୭ରେ ସାଉଦି ଆରବ ସରକାର ପ୍ରଥମଥର ପାଇଁ ଏହି ମେଗା ପ୍ରୋଜେକ୍ଟ ବାବଦରେ ଘୋଷଣା କରିଥିଲେ। ବହୁ ଆର୍କିଟେକ୍ ଓ ଅର୍ଥନୀତିଜ୍ଞ ମେଗାସିଟି ନିର୍ମାଣକୁ ନେଇ ବହୁ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ବର୍ତ୍ତମାନ ନେଓମ୍‌ର ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଆରମ୍ଭ ହୋଇଯାଇଥିବାବେଳେ ଏହାର ଭିଡିଓ ମଧ୍ୟ ଜାରି କରାଯାଇଛି। ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଏହି ଭିଡିଓ ଉତ୍ତୋଳନ କରାଯାଇଥିବାବେଳେ ଅନେକଗୁଡ଼ିଏ ଟ୍ରକ୍ ବିଭିନ୍ନ ପ୍ରକାର ମେଶିନ୍ ସହର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଛି। ନେଓମ୍‌ରେ ସୋଲାର, ୱାଇଣ୍ଡ ଏବଂ ହାଇଡ୍ରୋଜେନ୍ ଏନର୍ଜି ବ୍ୟବହାର କରାଯିବା ସହ ଉକ୍ତ ସୁବିଧା ଉପଲବ୍ଧରେ ଏହା ବିଶ୍ୱର ପ୍ରଥମ ସହର ସାବ୍ୟସ୍ତ ହେବ ବୋଲି ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ କହିଛନ୍ତି। ପ୍ରିନ୍ସ ସଲମାନ୍ ନେଓମ୍‌ରେ ଦୁଇଟି ନଭଚୁମ୍ବୀ କୋଠା ତିଆରି କରିବାର ଯୋଜନା କରିଛନ୍ତି। ଏହି ବିଲ୍ଡିଂର ଉଚ୍ଚତା ୫୦୦ ମିଟର ଅର୍ଥାତ୍ ୧,୬୪୦ ଫୁଟ୍ ରଖାଯିବ। ଏହି ମେଗାସିଟିର ପ୍ରସ୍ଥ ୨୦୦ ମିଟର ରଖାଯାଇଥିବାବେଳେ ଲମ୍ବ ୧୭୦ କିଲୋମିଟର ରହିବ। ସେହିପରି ସମୁଦ୍ର ପତନଠାରୁ ଏହାର ଉଚ୍ଚତା ୫୦୦ ମିଟର ରଖାଯିବା ଜଣାପଡ଼ିଛି। ତେବେ ଏହି ସହରରେ କୌଣସି ସଡ଼କ ରଖାଯିବ ନାହିଁ। ସହରରେ ୧୦୦% ରିନ୍ୟୁଏବୁଲ ଏନର୍ଜିରେ ପରିଚାଳିତ ହେବାକୁ ଥିବାବେଳେ ୯୫% ଲ୍ୟାଣ୍ଡ ପ୍ରକୃତି ପାଇଁ ପ୍ରିଜର୍ଭ କରି ରଖାଯିବାର ଯୋଜନା ରହିଛି। କୃତ୍ରିମ ଜହ୍ନର ଆଲୋକରେ ଏହି ବିରାଟ ସହର ଆଲୋକିତ ହେବ। ସହରଟି ଏକ ପ୍ଲେଗ୍ରାଉଣ୍ଡର ଅନୁଭୂତି ହେବ ବୋଲି କୁହାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୨/୨୦୨୨ Bhubaneswar, Saturday, October 22/ 2022

# ପ୍ରଥମ ଥର ସୁପର-୧୨ରେ ଜିମ୍ବାୱେ

**ହୋବାର୍ଟ, ୨୧।୧୦(ପି.ଟି.)**

ଜିମ୍ବାୱେ ଏହାର କ୍ରିକେଟ ଇତିହାସରେ ପ୍ରଥମଥର ଟି୨୦ କ୍ରିକେଟ ବିଶ୍ୱକପ ସୁପର-୧୨ରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ଅନ୍ତିମ ମ୍ୟାଚରେ ଏହି ଦଳ ୫ ଉଇକେଟରେ ସ୍କଟଲାଣ୍ଡକୁ ହରାଇ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। କେବଳ ସେତିକି ନୁହେଁ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ଜିମ୍ବାୱେ ଗ୍ରୁପ୍ 'ବି'ର ନମ୍ବର ୱାନ ଦଳ ହେବାର ସୌଭାଗ୍ୟ ପାଇଛି। ଦ୍ରୁତ ବୋଲର ଟେଣ୍ଡାଇ ଚତରାଙ୍କ ଚମତ୍କାର ବୋଲିଂ (୪-୧-୧୪-୨) ବଳରେ ଜିମ୍ବାୱେ ପ୍ରତିପକ୍ଷ ସ୍କଟଲାଣ୍ଡକୁ ୨୦ ଓଭରରେ ୧୩୨/୬ ମଧ୍ୟରେ ସୀମିତ ରଖିଥିଲା। ଜିମ୍ବାୱେର ପ୍ରଥମ ବୋଲରଭାବେ ଚତରା ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ୫୦ ଉଇକେଟ ମଧ୍ୟ ପୂରଣ କରିଥିଲେ। ବାମହାତୀ ପେସର ରିଚାର୍ଡ ଏନ୍‌ଗର୍ଭା ମଧ୍ୟ ୨୮ ରନରେ ୨ଟି ଉଇକେଟ ନେଇ ସ୍କଟଲାଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ସ୍କଟଲାଣ୍ଡ ପକ୍ଷରୁ ଜର୍ଜ ମୁନ୍‌ସେ ସର୍ବାଧିକ ୫୪ ରନ କରିଥିଲେ। ପରେ ଅଧିନାୟକ କ୍ରେଗ୍ ଇର୍ଭିନଙ୍କ ଅର୍ଦ୍ଧଶତକ ବଳରେ ଜିମ୍ବାୱେ ୧୩୩ ରନର ବିଜୟ ଲକ୍ଷ୍ୟକୁ ୧୮.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଇର୍ଭିନ ୫୮ ଓ ସିକନ୍ଦର ରାଜା ୪୦ ରନକରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଗୋଟିଏ ଉଇକେଟ ନେବାସହ ମାତ୍ର ୨୩ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୪୦ ରନକରି ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଇଥିବାରୁ ସିକନ୍ଦର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୯ତମ ଓଭରରେ ର୍ୟାନ ବୁର୍ଲ ବିଜୟ ସୂଚକ ଶଟ୍ ମାରିବା ସହ ଜିମ୍ବାୱେ ଶିବିର ଏବଂ ପ୍ରଶଂସକଙ୍କ ମହଲରେ ଉତ୍ସବ ପରିବେଶ ସୃଷ୍ଟି ହୋଇଥିଲା।


ବିଜୟ ସୂଚକ ଶଟ୍ ମାରିବା ପରେ ର୍ୟାନ ବୁର୍ଲଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୨୦ ଓଭରରେ ୧୩୨/୬ (ଜର୍ଜ ମୁନ୍‌ସେ-୫୪, କାଲୁମ ମ୍ୟାକଲଡ-୨୫, ଟେଣ୍ଡାଇ ଚତରା-୨/୧୪, ରିଚାର୍ଡ ଏନ୍‌ଗର୍ଭା-୨/୨୮, ବ୍ଲେସିଂ ମୁଜାରାବାନି-୧/୩୪, ସିକନ୍ଦର ରାଜା-୧/୨୦)। ଜିମ୍ବାୱେ ୧୮.୩ ଓଭରରେ ୧୩୩/୫ (କ୍ରେଗ୍ ଇର୍ଭିନ-୫୮, ସିକନ୍ଦର ରାଜା-୪୦, ଜୋଶ୍ ଡାଭେ-୨/୧୬, ବ୍ରାଡ୍‌ହ୍ୱିଲ-୧/୨୬, ମାର୍କ ୱାଟ-୧/୧୯, ମାଇକେଲ ଲିଆସକ-୧/୩୬)।

# ଯୋଗ୍ୟତା ଅର୍ଜନରେ ୱେଷ୍ଟଇଣ୍ଡିଜ ବିଫଳ

**ହୋବାର୍ଟ, ୨୧।୧୦(ପି.ଟି.)**

ଟି୨୦ କ୍ରିକେଟ ବିଶ୍ୱକପ୍‌ର ସବୁଠାରୁ ସଫଳ ଦଳ ୱେଷ୍ଟଇଣ୍ଡିଜ ଚଳିତ ସଂସ୍କରଣରେ ସୁପର-୧୨ ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହିଁ। ଅଧିନାୟକ ନିକୋଲସ ପୁରନଙ୍କ ଏକାଧିକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଦଳ ପାଇଁ ମହଙ୍ଗା ପଡ଼ିଛି। ଫଳରେ ଏହି ଦଳର ଅଭିଯାନ ଯୋଗ୍ୟତା ପର୍ଯ୍ୟାୟରୁ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଆୟର୍ଲାଣ୍ଡ ୯ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇ ଟୁର୍ନାମେଣ୍ଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ୨୦୧୨ ଓ ୨୦୧୬ରେ ଚାମ୍ପିୟନ ହୋଇଥିବା ୱେଷ୍ଟଇଣ୍ଡିଜ ଏଥର ପ୍ରଭାବହୀନ ପ୍ରଦର୍ଶନ କରି ବିଦାୟ ନେଇଛି। ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍ 'ଏ'ରୁ ଶ୍ରୀଲଙ୍କା ଓ ନେଦରଲାଣ୍ଡ୍ସ ଏବଂ ଗ୍ରୁପ୍ 'ବି'ରୁ ଜିମ୍ବାୱେ ଓ ଆୟର୍ଲାଣ୍ଡ ଶୀର୍ଷ ଦୁଇ ଦଳ ଭାବେ ମୁଖ୍ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୭ମ ଥର ବିଶ୍ୱକପ୍ ଖେଳୁଥିବା ଆୟର୍ଲାଣ୍ଡ ଏହାକୁ ମିଶାଇ ଦ୍ୱିତୀୟ ଥର ପାଇଁ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ପୂର୍ବରୁ ୨୦୦୯ରେ ଦଳ ସୁପର-୮ରେ ପ୍ରବେଶ କରିଥିଲା। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇ ଯାଇଥିବାରୁ ସୁପର-୧୨ ଲାଇନ୍‌ଅପ୍ ହୋଇଯାଇଛି। ଗ୍ରୁପ୍-୧ରେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ରହିଛନ୍ତି। ଗ୍ରୁପ୍-୨ରେ ଭାରତ, ବାଂଲାଦେଶ, ନେଦରଲାଣ୍ଡ୍ସ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୫ ଉଇକେଟ ହରାଇ ୧୪୬ ରନ କରିଥିବାବେଳେ ଆୟର୍ଲାଣ୍ଡ ୧୭.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା। ଅର୍ଥାତ୍ ୱେଷ୍ଟଇଣ୍ଡିଜ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବହୀନ ରହିଥିଲା। ଆୟର୍ଲାଣ୍ଡ ଲେଗ୍ ସ୍ପିନର ଗେରାଥ ଡେଲାନି ୪ ଓଭରରେ ମାତ୍ର ୧୬ ରନ ବିନିମୟରେ ୩ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ ବଡ଼ ସ୍କୋର କରିପାରି ନ ଥିଲା। ତେଣୁ ଡେଲାନିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସିମି ସିଂ ମଧ୍ୟ ଭଲ ବୋଲିଂ କରି ୨ ଓଭରରେ ମାତ୍ର ୧୧ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ୱେଷ୍ଟଇଣ୍ଡିଜ ବ୍ୟାଟର ବ୍ରେଣ୍ଡନ କିଙ୍ଗ ୪୮ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୬୨ ରନକରି ଅପରାଜିତ ରହିଥିଲେ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଆୟର୍ଲାଣ୍ଡ ଚମତ୍କାର ଆରମ୍ଭ କରିଥିଲା। ପଲ୍ ଷ୍ଟିର୍ଲିଂ ଓ ଅଧିନାୟକ ଆଣ୍ଡି ବଲ୍‌ବର୍ଣ୍ଣି ଓପନିଂ ଯୋଡ଼ିରେ ୪୫ ବଲ୍‌ରୁ ୭୩ ରନ ଯୋଗକରି ଦଳ ପାଇଁ ବିଜୟ ପଥ ପ୍ରସ୍ତୁତ କରିଥିଲେ। ବଲ୍‌ବର୍ଣ୍ଣି ୩୭ ରନକରି ଆଉଟ ହୋଇଥିବାବେଳେ ଷ୍ଟିର୍ଲିଂ ୪୮ ବଲ୍‌ରୁ ୬୬ (୬ ଚୌକା, ୨ ଛକା) ଓ ଲୋର୍କାନ ଟୁକର ୩୫ ବଲ୍‌ରୁ ୪୫ ରନରେ ଅପରାଜିତ ରହି ୧୫ ବଲ୍ ବାକିଥାଇ ଆୟର୍ଲାଣ୍ଡକୁ ବିଜୟ ମଣ୍ଡିତ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେବଳ ଆକେଲ ହୋସେନ ଗୋଟିଏ ଉଇକେଟ ପାଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ ୩ ମ୍ୟାଚ ଖେଳିଥିବାବେଳେ କେବଳ ଜିମ୍ବାୱେକୁ ହରାଇବାରେ ସକ୍ଷମ ହୋଇଥିଲା। ସ୍କଟଲାଣ୍ଡ ଓ ଆୟର୍ଲାଣ୍ଡଠାରୁ ପରାଜିତ ହୋଇଥିଲା। ଫଳରେ ୪ ଦଳ ବିଶିଷ୍ଟ ଗ୍ରୁପ୍‌ର ନିମ୍ନରେ ରହିଥିଲା।

**ଟି୨୦ ବିଶ୍ୱକପ୍ ସୁପର-୧୨ ଗ୍ରୁପିଂ**

**ଗ୍ରୁପ-୧:** ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଇଂଲଣ୍ଡ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା।
**ଗ୍ରୁପ୍-୨:** ଭାରତ, ବାଂଲାଦେଶ, ନେଦରଲାଣ୍ଡ୍ସ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ।


ଉଇକେଟ ନେବାପରେ ଗେରାଥ ଡେଲାନି(ମଝି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୬/୫ (ବ୍ରେଣ୍ଡନ କିଙ୍ଗ୍-୬୨*, ଜନସନ ଚାର୍ଲ୍ସ-୨୪, ଗେରାଥ ଡେଲାନି-୩/୧୬, ବାରି ମ୍ୟାକକାର୍ଥି-୧/୩୩, ସିମି ସିଂ-୧/୧୧)। ଆୟର୍ଲାଣ୍ଡ ୧୭.୩ ଓଭରରେ ୧୫୦/୧ (ପଲ୍ ଷ୍ଟିର୍ଲିଂ-୬୬*, ଲୋର୍କାନ ଟୁକର-୪୫*, ଆଣ୍ଡି ବଲବର୍ଣ୍ଣି-୩୭, ଆକେଲ ହୋସେନ-୧/୩୮)।


ଜିମ୍ବାୱେ ଟି୨୦ ବିଶ୍ୱକପ ସୁପର-୧୨ରେ ପ୍ରବେଶ କରିଥିବାରୁ ଖେଳାଳି ଓ ପ୍ରଶଂସକଙ୍କ ଆନନ୍ଦ ଉଲ୍ଲାସ।

# ପ୍ରୋ-ଲିଗ୍ ବିଜେତାଙ୍କୁ ଏଣିକି ବିଶ୍ୱକପ୍, ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୨୧।୧୦ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୩-୨୪ ସିଜନରେ ଉଭୟ ପୁରୁଷ ଓ ମହିଳା କାଟେଗୋରି ବିଜେତା ୨୦୨୬ ବିଶ୍ୱକପ୍ ଓ ୨୦୨୮ ଅଲିମ୍ପିକ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବେ। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ସିଇଓ ଥିଏରୀ ୱିଲ ଶୁକ୍ରବାର ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଏଫ୍‌ଆଇଏଚ୍ ସିଜନ ୨୦୨୨-୨୩ରୁ ପ୍ରୋ-ଲିଗ୍‌ରେ ବ୍ୟାପକ ପରିବର୍ତ୍ତନ ଆଣିବା ଲାଗି ଯୋଜନା କରାଯାଇଛି। ରିଲିଗେଶନ ଓ ପ୍ରମୋଶନ ବ୍ୟବସ୍ଥା ପ୍ରଚଳନ କରାଯିବ। ପୁରୁଷ ଓ ମହିଳା ପ୍ରତିଯୋଗିତା ସିଜନ ଶେଷରେ ଅନ୍ତିମ ସ୍ଥାନ ଅଧିକାର କରିଥିବା ଦଳ ନିମ୍ନ ପାହ୍ୟାକୁ ଖସି ନେଶନ୍ସ କପ୍ ଖେଳିବେ। ନେଶନ୍ସ କପ୍ ବିଜେତା ପ୍ରୋ-ଲିଗ୍‌କୁ ଉନ୍ନୀତ ହେବେ। ପ୍ରୋଲିଗ୍‌ର ୪ର୍ଥ ସଂସ୍କରଣ କ୍ଷୁଦ୍ର କରିଦିଆଯିବ। ଏହା ଅକ୍ଟୋବର ୨୮ରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ସେଦିନ ଆୟୋଜକ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବ। କୋଭିଡ୍ ଜନିତ ଗମନାଗମନ କଟକଣା ଯୋଗୁ ନ୍ୟୁଜିଲାଣ୍ଡ ହକି ଦଳର ଏକ ବର୍ଷ ପରେ ପ୍ରୋ-ଲିଗ୍‌କୁ ଫେରିଛି। ଭାରତ ଓ ନ୍ୟୁଜିଲାଣ୍ଡ ବ୍ୟତୀତ ଏହି ଗ୍ରୁପ୍‌ରେ ତୃତୀୟ ଦଳ ସ୍ପେନ ରହିଛି।

# ଭାରତୀୟ ଦଳରେ ଓଡ଼ିଶାର ନକୁଳ ବଡ଼ନାୟକ

**ବେଙ୍ଗାଲୁରୁ, ୨୧।୧୦ (ପି.ଟି.):** ଦୃଷ୍ଟିବାଧିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ତୃତୀୟ ସଂସ୍କରଣରେ ଖେଳିବା ଲାଗି ଶୁକ୍ରବାର ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ନକୁଳ ବଡ଼ନାୟକ ସ୍ଥାନ ପାଇଛନ୍ତି। ଡିସେମ୍ବର ୬ରୁ ୧୭ ପର୍ଯ୍ୟନ୍ତ ଭାରତରେ ହେବାକୁଥିବା ବିଶ୍ୱକପ୍‌ରେ ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ଦେଶ ଭାଗ ନେବେ। ଆନ୍ଧ୍ରର ଦୁଇ ଖେଳାଳି ଆଇ. ଅଜୟ କୁମାର ରେଡ୍ଡୀ ଓ ଭେଙ୍କଟେଶ୍ୱର ରାଓ ଡୁନାଙ୍କୁ ଯଥାକ୍ରମେ ଦଳର ଅଧିନାୟକ ଓ ଉପଅଧିନାୟକ କରାଯାଇଛି। ଓପନିଂ ମ୍ୟାଚ ଡିସେମ୍ବର ୬ରେ ଗତଥରର ଚାମ୍ପିୟନ ଭାରତ ଓ ନେପାଳ ମଧ୍ୟରେ ହେବ। ଭାରତର ପୂର୍ବତନ ବ୍ୟାଟର ଯୁବରାଜ ସିଂଙ୍କୁ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି। ଟୁର୍ନାମେଣ୍ଟର ପୂର୍ବ ଦୁଇ ସଂସ୍କରଣ ୨୦୧୨ ଓ ୨୦୧୭ରେ ଭାରତରେ ଆୟୋଜିତ ହୋଇଥିଲା। ସେଥିରେ ଆୟୋଜକ ଦେଶ ଚାମ୍ପିୟନ ହୋଇଥିଲା।



**ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ୍**

# ଜାତୀୟ ସେଲିଂରେ ନାରାୟଣଙ୍କୁ ବ୍ରୋଞ୍ଜ

**ପାରାଦୀପ, ୨୧।୧୦ (ସ୍ୱ.ପ୍ର.):** ମୁମ୍ବାଇର ମାରଭେଠାରେ ଗତ ୧୬ ରୁ ଚାଲିଥିବା ଜାତୀୟ ସେଲିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ନାରାୟଣ ମୁଣ୍ଡା ଶୁକ୍ରବାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଖେଳରେ ସେ ତୃତୀୟ ସ୍ଥାନ ପାଇଛନ୍ତି ବୋଲି ଓଡିଶା ୟାଚିଂ କ୍ଲବର ମୁଖ୍ୟ ସବୀର ବକ୍ସ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ନାରାୟଣ ଗତ ଅଗଷ୍ଟରେ ମହୀଶୂରଠାରେ ଅନୁଷ୍ଠିତ ଜାତୀୟ ସେଲିଂରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିଥିଲେ। ସୂଚନାଯୋଗ୍ୟ, ରାଉରକେଲାର ୧୭ ବର୍ଷୀୟ ନାରାୟଣ ପାରାଦୀପର ମହାନଦୀ ମୁହାଣରେ ଏହି ଖେଳ ପାଇଁ ଅଭ୍ୟାସ କରିଥିଲେ।



ବ୍ରୋଞ୍ଜ ପଦକ ବିଜୟୀ ନାରାୟଣ ମୁଣ୍ଡା (ମଝି)।

# ଆମେରିକାକୁ ହରାଇ ସେମିରେ ନାଇଜେରିଆ

**ଭୁବନେଶ୍ୱର, ୨୧।୧୦ (କ୍ରୀଡ଼ା ପ୍ରତିନିଧି)**

ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପରେ ଶୁକ୍ରବାର ବଡ଼ ବିପର୍ଯ୍ୟୟ ଘଟାଇଛି ନାଇଜେରିଆ। ବିଶ୍ୱର ନମ୍ବରୱାନ ଦଳ ଆମେରିକାକୁ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି ଏହି ଆଫ୍ରିକୀୟ ଦଳ। ପୂର୍ବରୁ ୩ଥର ୨୦୧୦, ୨୦୧୨ ଓ ୨୦୧୪ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିବା ନାଇଜେରିଆ ପ୍ରଥମଥରପାଇଁ ଏହି ମେଗା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଆମେରିକା-ନାଇଜେରିଆ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ରହିଥିଲା। ମ୍ୟାଚର ୨୨ତମ ମିନିଟରେ ପେନାଲ୍ଟି ଏରିଆରେ ଆମେରିକାର ରିଲେ ଜ୍ୟାକସନ ଫାଉଲ୍ କରିବାରୁ ନାଇଜେରିଆକୁ ପେନାଲ୍ଟି ମିଳିଥିଲା। ୨୬ତମ ମିନିଟରେ ଓମାମୁଜୋ ଏଡାଫେ ଗୋଲ ଦେଇ ନାଇଜେରିଆକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ୪୦ତମ ମିନିଟରେ ଆମେରିକାର ଆମାଲିଆ ଭିଲାରିଲ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଆମେରିକା ପକ୍ଷରୁ ଇମେରି ଆଡାମ୍ସ, ଟେଲର ସୁଆରେଜ, ମିଆ ଭୁଟା ଏବଂ ନାଇଜେରିଆର ଇଡିଡଙ୍ଗ ଇଟିମ, ଇଡେଟ ଓଫିଅଙ୍ଗ, ମିରାକଲ ଉସାନି ଓ ଓମାମୁଜୋ ଇଡାଫେ ଗୋଲ ସ୍କୋର କରିଥିଲେ।




**ବ୍ରାଜିଲ୍‌କୁ ବିଦାକଲା ଜର୍ମାନୀ**

ଅନ୍ୟ ଏକ ସେମିଫାଇନାଲରେ ବ୍ରାଜିଲକୁ ୨-୦ ଗୋଲରେ ହରାଇ ଜର୍ମାନୀ ସେମିରେ ପହଞ୍ଚିଛି। ୨୩ତମ ମିନିଟରେ ମାରି ଷ୍ଟେନରଙ୍କ ଗୋଲ ବଳରେ ଜର୍ମାନୀ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ରେ ଅଗ୍ରଣୀ ରହିଥିଲା। ୯୦+୫ ମିନିଟରେ ଏହି ଦଳର ମେଲିନା କ୍ରୁଗେର ଦ୍ୱିତୀୟ ଗୋଲଟି ଦେଇଥିଲେ। କରୋନାରେ ଆକ୍ରାନ୍ତ ହୋଇଥିବାରୁ ଜର୍ମାନୀ ମୁଖ୍ୟ କୋଚ୍ ଫ୍ରିଡେରିକ୍ କ୍ରମ୍ପ ମ୍ୟାଚରୁ ଦୂରେଇ ରହିଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ପ୍ରଥମ କୋଭିଡ୍ କେସ୍।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### କାର୍ ପଛକୁ ଧକ୍କା ଦେଲା କାର୍



ନିରାକାରପୁର,୨୧।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ବଡପୋଖରିଆ ଛକ ୧୬ ନମ୍ବର ଜାତୀୟ ରାଜପଥରେ ଦୁଇ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଚାଳକଙ୍କ ସମେତ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ କାରକୁ ଜବତ କରି ଥାନାକୁ ଆଣିବା ସହିତ ଆହତଙ୍କୁ ମେଡିକାଲକୁ ପଠାଇଥିଲା। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ୧ଟାରେ ଏକ କାର ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ପଛପଟୁ ଅନ୍ୟ ଏକ କାର୍ ଆସି ଧକ୍କା ଦେଇଥିଲା। ଫଳରେ ଉଭୟ କାର ଭାଙ୍ଗିରୁଜି ଯାଇଥିଲା।

### ଦିବ୍ୟାଙ୍ଗଙ୍କୁ ମିଳିଲା ସହାୟକ ଉପକରଣ

ବୋଲଗଡ଼,୨୧।୧୦(ଡି.ଏନ୍.ଏ.): ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ଜନଶୁଣାଣି ଅବସରରେ ଜିଲାପାଳଙ୍କୁ ସହାୟକ ଉପକରଣ ପାଇଁ ଆବେଦନ କରିଥିବା ପଞ୍ଜୀକୃତ ଦିବ୍ୟାଙ୍ଗଙ୍କୁ ଏହା ପ୍ରଦାନ କରାଯାଇଛି। ବିଡିଓ ଧୋବେଇ ନାୟକଙ୍କ ଆବାହକତ୍ୱରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମକୁ ଏବିଡିଓ ଡ. ରତିକାନ୍ତ ମିଶ୍ର, ବିଏସଏସଓ କାମଦେବ ନାୟକ, ପ୍ରସନ୍ନ ବେହେରା, ମିତା ପ୍ରଧାନ, ଶ୍ରୀକାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ୨୫ ଜଣଙ୍କୁ ଟ୍ରାଇସାଇକେଲ, ୧୮ ଜଣଙ୍କୁ ହ୍ୱିଲ ଚେୟାର, ୧୮ ଜଣଙ୍କୁ ୱାକିଙ୍ଗ୍ ଷ୍ଟିକ୍, ଓ ୧୨ ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ଅତିଥିଭାବେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସମିତିସଭ୍ୟ ମଣ୍ଟୁ ଲେଙ୍କା, ଚିତ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପ୍ରଧାନ, ସୁଶାନ୍ତ ପାଇକରାୟ ପ୍ରମୁଖଙ୍କ ସମେତ ବ୍ଲକର ୧୯ଟି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

### ଆଲୁମ୍ନି କମିଟି ବୈଠକ

ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୦(ଡି.ଏନ୍.ଏ.): ଦ୍ୱିତୀୟ ପର୍ଯ୍ୟାୟରେ ୫-ଟି ରେ ରୂପାନ୍ତରିତ ହୋଇଥିବା ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଶୁକ୍ରବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମାର୍ଟ କ୍ଲାସ ରୁମ୍‌ରେ ଇଣ୍ଟରନେଟ ସଂଯୋଗ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେନ୍‌ଡ୍ରାଇଭ୍ ଯୋଗାଇବା, ଅଗ୍ନିନିର୍ବାପକ ଯନ୍ତ୍ର, ବଜ୍ରପାତ ନିରୋଧ ବ୍ୟବସ୍ଥା, ଇନଭର୍ଟର ଲଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଆଲୁମ୍ନି କମିଟି ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ବିଜୟ ରାଉତ, ସରପଞ୍ଚ କିଶୋର ବେହେରା, ଖବରଦାତା ରଘୁନାଥ ସାହୁ, ଆଇନଜୀବୀ ଅଶ୍ୱିନୀ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଭଉଣୀଭାଇଙ୍କ ସମେତ ୬ ଗିରଫ

**୫୦ଗ୍ରାମ ବ୍ରାଉନସୁଗାର, ୧୩.୬୮ଲକ୍ଷ ଟଙ୍କା, ୨୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ**

ଖୋର୍ଦ୍ଧା ଅଫିସ,୨୧।୧୦

ବ୍ରାଉନସୁଗାର କାରବାରର ହବ୍ ପାଲଟିଛି ଖୋର୍ଦ୍ଧା ସହର। କୋଲକାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡ଼ୋଶୀ ଜିଲା ସହିତ ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବ୍ରାଉନସୁଗାର କାରବାର ଥମୁନି। ଖୋର୍ଦ୍ଧା ସହରକୁ ନିଶାମୁକ୍ତ ଲାଗି ଖୋର୍ଦ୍ଧା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ ହ୍ୱାଇଟ ସ୍ୱାଇଡରକୁ ମିଳିଛି ସଫଳତା। ଶୁକ୍ରବାର ଠେଙ୍ଗାହାଟ ଛକରେ ଚଢ଼ାଉ କରି ୫୦ ଗ୍ରାମ ବ୍ରାଉନସୁଗାର, ୫୧୧.୬୭୦ ଗ୍ରାମ ସୁନା, ୮୩୦ଗ୍ରାମ ରୁପା, ୧୩ଲକ୍ଷ ୬୮ହଜାର ଟଙ୍କା ଜବତ କରିଥିବା ବେଳେ ଏକ ପରିବାରର ୪ ଭଉଣୀଭାଇଙ୍କ ସମେତ ୬ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାମନ୍ତରାପୁର ଠେଙ୍ଗାହାଟର କାନି ବେହେରା(୩୮), ସ୍ୱର୍ଣ୍ଣଲତା ବେହେରା(୪୦), ଦମୟନ୍ତୀ ନାୟକ (୪୦), ଭାଲିଆବଡିର ବିରେନ୍ଦ୍ର ବେହେରା ଓରଫ ନନ୍ଦୁ(୨୭), ଏବଂ ସଦର ଥାନା ଗୁଡୁମ ଗ୍ରାମର କୁଳମଣି ବେହେରା ଓରଫ କୁଳ(୩୦), ନୀଳମଣି ବେହେରା। କାନିଙ୍କ ଠାରୁ ୩୦ ଗ୍ରାମ ଏବଂ ସ୍ୱର୍ଣ୍ଣଲତାଙ୍କ ଠାରୁ ୨୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି।



ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

ଜବତ ବ୍ରାଉନସୁଗାର ମୂଲ୍ୟ ୫ ଲକ୍ଷ ଟଙ୍କା ଏବଂ ସୁନାଅଳଙ୍କାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏନଡିପିଏସ ଆକ୍ଟ ୨୧(ବି)/୨୯ରେ ମାମଲା (ନଂ.୫୨୧/୨୨) ରୁଜୁ ହୋଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ଡିଏସ୍‌ପି ଅଚ୍ୟୁତ ରାଉତ, ସଦର ଏସ୍‌ଡିପିଓ ଦିଲୀପ ଦାସ, ଥାନା ଅଧିକାରୀ ତାରିକ ଅହମ୍ମଦ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

#### ଏନ୍‌ଡିପିଏସ୍‌ରେ ଗିରଫ ସଂଖ୍ୟା ୪୩

ଏସ୍‌ପିଙ୍କ ସୂଚନା ମୁତାବକ, ଖୋର୍ଦ୍ଧା ସହର ବ୍ରାଉନସୁଗାର ହବ୍ ପାଲଟିଛି। ବିଭିନ୍ନ ସ୍ଥାନରୁ ଏଠାକୁ ଆସିବା ପରେ ଚାରିଆଡେ ପଠାଯାଉଛି। ଗୁରୁଜଙ୍ଗ, ଠେଙ୍ଗାହାଟ, ସାମନ୍ତରାପୁର ଆଦି ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଏହା ଉପରେ ଖୋର୍ଦ୍ଧା ପୋଲିସର ନଜର ରହିଛି। ଏଥିଲାଗି ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୨୫ଟି ଏନଡିପିଏସ୍ ଆକ୍ଟ କେଶ କରାଯାଇଛି। ସେଥିରୁ ୧୮ଟି ବ୍ରାଉନସୁଗାର ଏବଂ ୭ଟି ଗଞ୍ଜେଇ କେଶ। ଏଥିରେ ସମ୍ପୃକ୍ତି ନେଇ ୪୩ ଜଣଙ୍କୁ ଗିରଫ କରାଯାଇଛି। ସେଥିରୁ ୩୯ଜଣ ପୁରୁଷ ଓ ୪ଜଣ ମହିଳା ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧କେଜି ୩ ଶହ ଗ୍ରାମ ବ୍ରାଉନସୁଗାର ଏବଂ ୨୧୮କେଜି ଗଞ୍ଜେଇ ଜବତ କରାଯାଇଛି।

#### ସମ୍ପତ୍ତି ବାଜ୍ୟାପ୍ତି କରାଯିବ

ନିଶା କାରବାରରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଫାଇନାନ୍ସିଆଲ ଆସେସମେଣ୍ଟ (ସମ୍ପତ୍ତି ତାଲିକା) କରାଯିବ। ବେଆଇନ ଭାବେ ଗଚ୍ଛିତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବା ସହ ସରକାରୀ ଜାଗାକୁ ବେଆଇନ ଭାବେ ଅକ୍ତିଆର କରି ସେଠାରେ ନିଶା କାରବାର ଚଳାଉଥିବା ପ୍ରମାଣ ମିଳିଲେ, ପ୍ରଶାସନର ସହଯୋଗରେ ଉଚ୍ଛେଦ କରାଯିବ। ନିକଟରେ ୩ ଅଭିଯୁକ୍ତଙ୍କ ସରକାରୀ ଜାଗାରେ ନିଶା କାରବାର ଚଳାଇଥିବା ପ୍ରମାଣ ହସ୍ତଗତ ପରେ ସେମାନଙ୍କ ଜାଗା ଉଚ୍ଛେଦ କରାଯାଇଛି।

#### ଜେଲ ଫେରନ୍ତାଙ୍କ ଉପରେ ନଜର

ଖୋର୍ଦ୍ଧା ସହରରେ ନିଶା କାରବାରରେ ଲିପ୍ତ ଥାଇ ଜେଲରେ ଥିବା ଅଭିଯୁକ୍ତଙ୍କ ଲିଙ୍କ, ଜେଲ ଫେରନ୍ତାଙ୍କ ଉପରେ ନଜର ରଖାଯାଉଛି। ସେମାନେ କେଉଁଠିକି ଯାଉଛନ୍ତି, କାହା ସହିତ ଡିଲ କରୁଛନ୍ତି, ସେମାନଙ୍କ ସମସ୍ତ କାର୍ଯ୍ୟ ଉପରେ ପୋଲିସର ନଜର ରହିଛି।

#### ସାମିଲ ଥିଲା ୧୧ ଜଣିଆ ଟିମ୍

ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଆଦର୍ଶ ଥାନାଧିକାରୀ ତାରିକ୍ ଅହମ୍ମଦ, ଅତିରିକ୍ତ ଆଇଆଇସି ଚନ୍ଦ୍ରଶେଖର ଜେନା, ଏସ୍‌ଆଇ ସୁକାନ୍ତ ଦଳାଇ, ସସ୍ମିତା ବେହେରା, ଏଏସଆଇ ପି.କେ ପ୍ରଧାନ, କନଷ୍ଟେବଳ ପ୍ରଦୀପ ହରିଚନ୍ଦନ, ଏ.ଏମ୍. ମାସି ଖାନ, ଅନିତା ତରାଇ, ସୁଧାକର ପାଇଶାଣି ଏବଂ ଏସ୍.ହାନ୍ତଲାଙ୍କୁ ନେଇ ଗଠିତ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

### ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କର୍ଯ୍ୟକ୍ରମ



ବୋଲଗଡ଼,୨୧।୧୦(ଡି.ଏନ୍.ଏ.)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ପ୍ରତିଷ୍ଠାନ ପକ୍ଷରୁ ପିପୁଲସ କଲଚରାଲ ସେଣ୍ଟର (ପିକକ୍) ଦ୍ୱାରା ରାଜସୁନାଖଳା ଠାରେ ସରପଞ୍ଚଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫-ଟି ଓ ମୋ ସରକାର, ଅର୍ଥ ଆୟୋଗ ଅନୁଦାନ, ଗ୍ରାମ ପଞ୍ଚାୟତ ଆର୍ଥିକ ପରିଚାଳନା, ପାନୀୟ ଜଳଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇ-ପ୍ରଶାସନ ଓ ଅନଲାଇନ ସେବା, ବିପର୍ଯ୍ୟୟ ପରିଚାଳନାରେ ପଞ୍ଚାୟତର ଭୂମିକା ଓ ସାମାଜିକ ଗଣମାଧ୍ୟମର ଭୂମିକା ଆଦି ପ୍ରସଙ୍ଗ ଉପରେ ପ୍ରଶିକ୍ଷଣ ଓ ଆଲୋଚନା କରାଯାଇଥିଲା। ଟ୍ରେନର ସୁବ୍ରତ କୁମାର ପଟ୍ଟନାୟକ, ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ବୋଲଗଡ ଓ ବେଗୁନିଆ ବ୍ଲକର ୪୦ଜଣ ସରପଞ୍ଚ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦେଇଥିଲେ। ପିକକ୍‌ର ପ୍ରୋଗ୍ରାମ ଅଫିସର ଜ୍ୟୋତି ଶଙ୍କର ମହାନ୍ତି ଓ ବ୍ଲକ ସଂଯୋଜକ ବାମଦେବ ଜେନା ଶିବିର ପରିଚାଳନା କରିଥିଲେ।

## ଉତ୍ତମ ବ୍ୟବହାର କଲେ ସମ୍ମାନ ମିଳିବ



ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ ଅବସରରେ ପୋଲିସ ଅଧିକାରୀମାନେ।

ଖୋର୍ଦ୍ଧା ଅଫିସ,୨୧।୧୦

ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ୬୩ତମ ଶହୀଦ ସ୍ମୃତି ଦିବସ ତରତୁଆ ସ୍ଥିତ ସଂରକ୍ଷିତ ପୋଲିସ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ସହ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସାରା ଭାରତରେ ଶହୀଦ ହୋଇଥିବା ପୋଲିସ, ଯବାନଙ୍କ ନାମ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଏସ୍‌ପି ଏସ୍.କେ ମୁର୍ମୁ କହିଥିଲେ ଯେ, କର୍ତ୍ତବ୍ୟ ପାଳନ ସମୟରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଶ ପାଇଁ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମୃତି ଦିବସ ପାଳନ କରାଯାଉଛି। ୧୯୫୮ ଅକ୍ଟୋବର ୨୧ ସିଆଚେନ ସୀମାନ୍ତ ହଟ ସ୍ପ୍ରିଙ୍ଗ ଠାରେ ସିଆରପିଏଫ ଏକ ଟୋଲି ପାଟ୍ରୋଲିଂ କରୁଥିବା ସମୟରେ ଚାଇନା ସୀମା ପଟୁ ଅତର୍କିତ ଆକ୍ରମଣ ହୋଇଥିଲା। ସେହି ସମୟରେ ଦେଶ ମାତୃକା ପାଇଁ ଲଢେଇ କରି ଯବାନମାନେ ଶହୀଦ ହୋଇଥିଲେ। ୧୯୫୯ ମସିହାରେ ଦିଲ୍ଲୀ ଠାରେ ହୋଇଥିବା ବରିଷ୍ଠ ପୋଲିସ ଅଫିସରଙ୍କ ସମ୍ମିଳନୀରେ ସବସମ୍ମତିକ୍ରମେ ଅକ୍ଟୋବର ୨୧ ତାରିଖକୁ ଶହୀଦ ଦିବସ ଭାବେ ପାଳନ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ୧୯୬୦ ମସିହାରୁ ଯେଉଁ ଯବାନମାନେ କର୍ତ୍ତବ୍ୟ ସମୟରେ ଆତ୍ମବଳୀ ଦେଇଥାନ୍ତି, ସେମାନଙ୍କ ସ୍ମୃତିରେ ଏହି ଦିନକୁ ପୋଲିସ ଶହୀଦ ଦିବସ ଭାବେ ସାରା ଭାରତରେ ପାଳନ କରାଯାଉଛି। ପୋଲିସ ନିଜ ଦାୟିତ୍ୱ, କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇ ଆସୁଛି। ଜନତାଙ୍କ ସୁରକ୍ଷା, ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ପାକୃତିକ ବିପର୍ଯ୍ୟୟ, ମାଓ ଦମନ ଆଦି କାର୍ଯ୍ୟରେ ନିୟୋଜିତ ରହିଛି। ଏଥିଲାଗି ଜନତାଙ୍କ ସହଯୋଗ ଜରୁରୀ। ଜନତାଙ୍କ ଉପରେ ଆସ୍ଥାଭାଜନ ହେବାକୁ ହେଲେ ପୋଲିସ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବାକୁ ପଡିବ। ସାମ୍ପ୍ରତିକ ପରିସ୍ଥିତିରେ ପୋଲିସର ଏକ ପ୍ରମୁଖ ଭୂମିକା ରହିଛି। ଜନତାଙ୍କ ସୁରକ୍ଷା, ଉତ୍ତମ ବ୍ୟବହାର କଲେ ସମାଜର ପ୍ରତ୍ୟେକ ବର୍ଗ ସମ୍ମାନ ଦେବା ସହ ପୋଲିସ ଉପରେ ବିଶ୍ୱାସ ରଖିବେ ବୋଲି ସେ କହିଥିଲେ। ଅପରାଧ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା, କରୋନା ସମୟରେ ପୋଲିସର ପ୍ରମୁଖ ଭୂମିକା ରହିଥିଲା। ଆମ ପୋଲିସ ଗଠନ କରାଯାଇ ଲୋକଙ୍କ ନିକଟତର ହୋଇପାରିଛି ବୋଲି ସେ କହିଥିଲେ। ଏସ୍‌ପି, ଅତିଥି ସମସ୍ତ ପୋଲିସ ଅଧିକାରୀ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରିଥିଲେ। ଜିଲାର ସମସ୍ତ ପୋଲିସ ଅଧିକାରୀ, ପୂର୍ବତନ ସେନା, ସାମାରିକ ବାହିନୀ ଅଧିକାରୀ, ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

ଜଟଣୀ,୨୧।୧୦(ଡି.ଏନ୍.ଏ.)

ସାମାଜିକ ଅନୁଷ୍ଠାନ 'ସୁରକ୍ଷା ମଞ୍ଚ-ଜଟଣୀ' ପକ୍ଷରୁ ପ୍ରାଣ ବିନ୍ଦୁ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରକ୍ତଦାନ ଏବଂ ଦାନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବ ପ୍ରସାଦ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏହି ଶିବିର ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଥିଲା। ଡା. ସୌରଭ ରାୟଙ୍କ ତତ୍ତ୍ୱାବଧାନରେ ୬୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଡା.ଗୁଞ୍ଜନ ଏବଂ ସାଥୀଙ୍କ ଦ୍ୱାରା ୬୫ ଜଣଙ୍କ ମାଗଣା ଦନ୍ତ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସନାତନ ନାୟକ, ଅତିଥିଭାବେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା, ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ମହାପାତ୍ର, ବ୍ରଜକିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୧ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସୁରକ୍ଷା ମଞ୍ଚର ସଭାପତି ଶିବୁ ରତନ ଯୋଶୀ, ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଲାବଣ୍ୟେନ୍ଦୁ ଦଳାଇ, ସୁଶାନ୍ତ ମଙ୍ଗରାଜ, ଚକ୍ରଧର ବେହେରା, ପ୍ରିତମ ମିଶ୍ର, ସୁରେନ୍ଦ୍ର ମୁଦୁଲି, ଚିତ୍ତରଞ୍ଜନ ସ୍ୱାଇଁ, ରାଜକିଶୋର ବାରିକ, ଧୀରେନ୍ଦ୍ର ଜେନା, ସୁରେଶ ଚନ୍ଦ୍ର ବେହେରା, ଅରବିନ୍ଦ ପରିଡା, ପ୍ରମୋଦ ପ୍ରଧାନ, ରାମଚନ୍ଦ୍ର ସାହୁ, ହୃଷିକେଶ ସେଠୀ, ଜୀବନ ବଲ୍ଲଭ ମହାନ୍ତି, ଅଶୋକ ସାହୁ, ସୁଧାଂଶୁ ଶେଖର ସାମନ୍ତରାୟ, ସନ୍ତୋଷ ସ୍ୱାଇଁ, ବିଜୟ ହରିଚନ୍ଦନ, ପ୍ରଶାନ୍ତ ସାହୁ, ଶିବ ଝୁନଝୁନୱାଲା, ରାଜକିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଛାତ୍ରୀ ଆତ୍ମହତ୍ୟା ଘଟଣା: ଆଉ ୨ ଗିରଫ

ନିରାକାରପୁର,୨୧।୧୦(ଡି.ଏନ୍.ଏ.)

ଅଶ୍ଳୀଳ ଫଟୋ ଭାଇରାଲ ଧମକ ଓ ମାନସିକ ନିର୍ଯାତନା ସହି ନ ପାରି ଗତ ୧୫ ତାରିଖରେ ଜଣେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ଏନେଇ ମୃତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ନିରାକାରପୁର ଥାନା ପୋଲିସ ଏକ ମାମଲା (ନଂ.୧୯୭/୨୨) ରୁଜୁକରି ମୁଖ୍ୟ ଅଭିଯୁକ୍ତଙ୍କ ସହ ତାଙ୍କ ପରିବାରର ୬ ସଦସ୍ୟଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୋଲିସ ଶୁକ୍ରବାର ଆଉ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁଲେମାନ ସାହା, ରେହେମାନ ସାହା। ତେବେ ଏହି ଘଟଣାରେ ମୋଟ୍ ଗିରଫଙ୍କ ସଂଖ୍ୟା ୯ରେ ପହଞ୍ଚିଛି।

### ନ୍ୟାୟ ଦାବିରେ ଜମାକାରୀଙ୍କ ରାସ୍ତାରୋକୋ

ବୋଲଗଡ଼,୨୧।୧୦(ଡି.ଏନ୍.ଏ.)

ରାଜସୁନାଖଳା ସ୍ଥିତ ଏକ ଘରୋଇ ଫାଇନାନ୍ସ ସଂସ୍ଥାର ଶାଖା କାର୍ଯ୍ୟାଳୟରେ ଅର୍ଥ ଜମା କରିଥିବା ଜମାକାରୀ ଏବଂ ସଂସ୍ଥାର ମହିଳା ଏଜେଣ୍ଟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଜମାକରୀମାନେ ଶୁକ୍ରବାର ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ସମ୍ମୁଖ ରାଜସୁନାଖଳା-ଧଳାପଥର ପୂର୍ତ୍ତ ବିଭାଗ ରାସ୍ତାକୁ ଦୁଇଘଣ୍ଟା ଧରି ଅବରୋଧ କରିଥିଲେ। ମ୍ୟାଚୁରିଟି ଅର୍ଥ ଫେରି ପାଇବାରେ ବିଳମ୍ବ ଘଟିବାରୁ ଜଣେ ବରିଷ୍ଠ ଜମାକରୀ ସମ୍ପୃକ୍ତ ମହିଳା ଏଜେଣ୍ଟଙ୍କୁ ପଚାରିବାରୁ ବଚସା ହୋଇଥିଲା। ଏହାକୁ ନେଇ ଏଜେଣ୍ଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ପ୍ରତିବାଦରେ ଆଖପାଖ ଅଞ୍ଚଳର ଅନେକ ଜମାକାରୀ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ସମାଧାନ କରିବାରେ ବିଫଳ ହେବାରୁ ଜମାକାରୀ ନ୍ୟାୟ ଦାବିରେ ରାସ୍ତାରୋକୋ କରିଥିଲେ। ଖବରପାଇ ବୋଲଗଡ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ଜମାକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

### ଖାଣ୍ଡେଲାଇଟ୍ ପଥର ଚୋରି ମାମଲାରେ ୭ ଗିରଫ

ନିରାକାରପୁର,୨୧।୧୦(ଡି.ଏନ୍.ଏ.)

ଖାଣ୍ଡେଲାଇଟ ପଥର ଚୋରି ମାମଲାରେ ଜଙ୍କିଆ ଥାନା ପୋଲିସ ଶୁକ୍ରବାର ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଶହୀନଗର ଅଞ୍ଚଳର ଦିବ୍ୟରଞ୍ଜନ ସାହୁ(୩୩), ବେଙ୍ଗାଲୁରର ଆୟାଜ୍ ପାସା(୫୪), ଜଙ୍କିଆ ଥାନା ଅନ୍ତର୍ଗତ ହାଡପଦା ଗ୍ରାମର ଶ୍ରମିକ ପ୍ରଶାନ୍ତ କୁମାର ବେହେରା(୨୫), ପଶ୍ଚିମବଙ୍ଗର ସଞ୍ଜୟ ରାମ(୩୨), ବେଗୁନିଆ ଥାନା ଅନ୍ତର୍ଗତ ଗୋପୀନାଥପୁରର ଜ୍ୟୋତିରଞ୍ଜନ ବଳିଆରସିଂହ(୨୯), ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧ ଅଞ୍ଚଳର ମାଲିକ ହଜାରି ଭଜୁବଳ(୩୬), ବିଜୟ ସାମନ୍ତସିଂହାର। ଏମାନଙ୍କ ନିକଟରୁ ୪ଟି ଗାଡି ଜବତ ହୋଇଛି। ତେବେ ଏହି ପଥରଗୁଡିକ ହାଡପଦା ଶରଧାପୁର ଅଞ୍ଚଳରେ ହୋଇଥିବା ବେଳେ ଏକ ମୂର୍ତ୍ତି ତିଆରି କାରଖାନାକୁ ପଠାଯାଉଥିଲା। ଲୋଡ ହୋଇଥିବା ପିକଅପ ଭ୍ୟାନକୁ ଧରି ପଚରାଉଚରା କରିବା ପରେ ଏଥିରେ ସମ୍ପୃକ୍ତ ଥିବା ଗାଡି ମାଲିକ, ଚାଳକ, ହେଲପରଙ୍କୁ ଧରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୫୪/୨୨) ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି।



ଗିରଫ ୭ ଅଭିଯୁକ୍ତ।

# ୨୯.୯୧% ଶ୍ରମିକ ପାଇଛନ୍ତି କର୍ମନିଯୁକ୍ତି

ଖୋର୍ଦ୍ଧା ଅଫିସ,୨୧।୧୦

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ରେ ଶ୍ରମିକଙ୍କୁ କାମ ଦେବା ପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ହେଲେ ପ୍ରଶାସନର ଅବହେଳା ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ଆଖିଦୃଶିଆ ସଫଳତା ମିଳି ନ ଥିବା ଶୁକ୍ରବାର ଅନୁଷ୍ଠିତ ଏମ୍‌ଜିଏନ୍‌ଆର୍‌ଇଜିଏସ ଜନଶୁଣାଣିର ତଥ୍ୟରୁ ଜଣାପଡ଼ିଛି। ଖୋର୍ଦ୍ଧା ବ୍ଲକ ଅଧୀନରେ ବର୍ତ୍ତମାନ ସୁଦ୍ଧା ମୋଟ ୨୯.୯୧ ପ୍ରତିଶତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହୋଇଛି। ମାର୍ଚ୍ଚ ମଧ୍ୟରେ ଟାର୍ଗେଟ ପୂରଣ କରିବା ସହ ଯେପରି ପ୍ରତ୍ୟେକ ଶ୍ରମିକ ୧୦୦ ଦିନ କାର୍ଯ୍ୟ ପାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରତ୍ୟେକ ପଞ୍ଚାୟତ ଅଧିକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ପାଇଁ ବିଶ୍ରାମାଗାର, ପାନୀୟଜଳର ବ୍ୟବସ୍ଥା ସହିତ ମହିଳା ଶ୍ରମିକଙ୍କ ପିଲାଙ୍କ ପାଇଁ କ୍ରେଚର ବ୍ୟବସ୍ଥା, ପିଲାଙ୍କୁ ଦେଖାରଖା କରିବା ନିମନ୍ତେ ଜଣେ କର୍ମଚାରୀ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ତେବେ ନରଣଗଡ଼ ପଞ୍ଚାୟତରେ ଶ୍ରମିକଙ୍କ ପାଇଁ ୯୨୭୫ଟି ଶ୍ରମିକ ଦିବସ ଥିବା ବେଳେ ୩୧ ପ୍ରତିଶତ ଅର୍ଥାତ ୨୯୩୨ଟି ଶ୍ରମଦିବସ ପ୍ରଦାନ କରାଯାଇଛି। ଗୋଳବାଇ ପଞ୍ଚାୟତରେ ୮୩୫୧ଟି ଶ୍ରମଦିବସରୁ ୫୧୦୮ଟି ଶ୍ରମଦିବସ ପ୍ରଦାନ କରାଯାଇଛି। ଯାହାକି ୬୧ପ୍ରତିଶତ। ଗୋଡିପଡା ପଞ୍ଚାୟତରେ ୯୩୩୭ଟି ଶ୍ରମ ଦିବସରୁ ୨୫୭୬ଟି ଶ୍ରମ ପ୍ରଦାନ କରାଯାଇଛି ଅର୍ଥାତ ୨୭ ପ୍ରତିଶତ।

#### ଖୋର୍ଦ୍ଧା ବ୍ଲକ୍

ବ୍ରଜମୋହନପୁର ପଞ୍ଚାୟତର ୮୭୧୩ଟି ଶ୍ରମଦିବସ ମଧ୍ୟରୁ ୨୨୩୪ଟି ଶ୍ରମଦିବସ ପ୍ରଦାନ କରାଯାଇଛି ଯାହାକି ୨୫ ପ୍ରତିଶତ। କାଇପଦର ପଞ୍ଚାୟତରେ ୯୯୪୭ଟି ଶ୍ରମଦିବସ ମଧ୍ୟରୁ ୩୩୦୨ ଶ୍ରମଦିବସ ପ୍ରଦାନ କରାଯାଇଛି ଯାହାକି ୩୩ ପ୍ରତିଶତ। ସେହିପରି ଓରବରସିଂ ପଞ୍ଚାୟତରେ ୯୯୦୩ ରୁ ୨୮୧୨ ଶ୍ରମଦିବସ ପ୍ରଦାନ କରାଯାଇଛି ଯାହାକି ୨୮ ପ୍ରତିଶତ। ନନ୍ଦପୁର ପଞ୍ଚାୟତର ୯୫୦୪ ମଧ୍ୟରୁ ୧୩୬୬ଟି ଶ୍ରମଦିବସ ପ୍ରଦାନ କରାଯାଇଛି ଯାହାକି ୧୪.୩୭ ପ୍ରତିଶତ। ବାଜପୁର ପଞ୍ଚାୟତର ୯୭୭୫ ମଧ୍ୟରୁ ୧୭୦୭ଟି କର୍ମଦିବସ ପ୍ରଦାନ କରାଯାଇଛି ଯାହାକି ୧୭.୪୬ ପ୍ରତିଶତ। କୁରାଢମଲ ପଞ୍ଚାୟତର ୯୯୪୬ଟି କର୍ମଦିବସ ମଧ୍ୟରୁ ୬.୩୬ ପ୍ରତିଶତ ଅର୍ଥାତ ୬୩୩ଟି କର୍ମ ଦିବସ ପ୍ରଦାନ କରାଯାଇଛି। ସେହିପରି ପଲତାତପଡ଼ା ପଞ୍ଚାୟତର ୧୨୮୦୫ କର୍ମ ଦିବସରୁ ୬୬୦ଟି କର୍ମଦିବସ ପ୍ରଦାନ କରାଯାଇଛି ଏହା ୫.୧୫ ପ୍ରତିଶତ। ସେହିପରି ଗଡ଼ହଳଦିଆ ପଞ୍ଚାୟତର ୨୦୯୦୮ ଶ୍ରମ ଦିବସରୁ ୨୦୨୧୫ଟି କର୍ମ ଦିବସ ଦିଆହୋଇଛି ଯାହାକି ୯୬.୬୯ ପ୍ରତିଶତ। ବରସାହି ପଞ୍ଚାୟତର ୨୧.୧୭ ପ୍ରତିଶତ କାର୍ଯ୍ୟ ହୋଇଥିବା ବେଳେ କେରାଙ୍ଗ ପଞ୍ଚାୟତରେ ୨୯.୧୫ ପ୍ରତିଶତ ଶ୍ରମ ଦିବସ ପ୍ରଦାନ କରାଯାଇଛି। ମାଳିପୁର ପଞ୍ଚାୟତର ୧୨.୦୬ ପ୍ରତିଶତ, ଟାଙ୍ଗିଆପଡା ୩୨.୧୦ ପ୍ରତିଶତ, କାନପୁର ୧୬.୪୩ ପ୍ରତିଶତ, ବଙ୍ଗିଦା ୧୯.୫୮ ପ୍ରତିଶତ, ଧଉଳିମୁଁହ ୭.୩୫ ପ୍ରତିଶତ, ଜଙ୍କିଆ ୪୭.୧୭ ପ୍ରତିଶତ, ପୁବୁସାହି ୨୬.୫୮ ପ୍ରତିଶତ, ନେଳିପଡା ଅର୍ଜୁନପୁର ୨୩.୧୪ ପ୍ରତିଶତ, ନିଜିଗଡ଼ ଟାପଙ୍ଗ ପଞ୍ଚାୟତରେ ୧୯.୭୦ ପ୍ରତିଶତ କର୍ମ ଦିବସ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ବ୍ଲକର ଗଡ ହଳଦିଆ ପଞ୍ଚାୟତରେ ସର୍ବାଧିକ ୯୬.୬୯ ପ୍ରତିଶତ କର୍ମଦିବସ ପ୍ରଦାନ କରିଥିବା ବେଳେ ପଲତାତପଡ଼ା ପଞ୍ଚାୟତ ୫.୧୫ ପ୍ରତିଶତ ସର୍ବନିମ୍ନ କର୍ମଦିବସ ପ୍ରଦାନ କରାଯାଇଛି। ତେବେ ସରକାର ୨ ଲକ୍ଷ ୩୫ ହଜାର ୨୭୪ଟି କର୍ମଦିବସ ଖୋର୍ଦ୍ଧା ବ୍ଲକକୁ ପ୍ରଦାନ କରିଥିବା ବେଳେ ସେଥିମଧ୍ୟରୁ ୨୨ଟି ପଞ୍ଚାୟତର ୭୦ ହଜାର ୩୭୫ ଜଣ କର୍ମନିଯୁକ୍ତି ପାଇଛନ୍ତି। ମୋଟ୍ ୨୯.୯୧ ପ୍ରତିଶତ ଶ୍ରମିକ କର୍ମ ନିଯୁକ୍ତି ପାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

**ବେଆଇନ ବାଣ ବିକ୍ରି: ୨ ଗିରଫ**

ପୁରୀ ଅଫିସ : ବେଆଇନ ଭାବେ ବାଣ ରଖି ବିକ୍ରି କରିବା ଅଭିଯୋଗରେ ବାସେଲିସାହି ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଲିସାହି ପାଣିକାତ ଲେନ୍‌ର ସୁମନ ମୋହନ ପାଢ଼ୀ ଓ ବାବୁନା ପୃଷ୍ଟି। ପୋଲିସ ଏ ନେଇ ଏକ କେସ୍ (ନଂ. ୨୫୨/୨୨) ରୁଜୁ କରିଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ୧୮୮ କେଜି ବାଣ ଜବତ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।




| | |
|---|---|
| ୨୧।୧୦।୨୦୨୨ | |
| ୪,୨୩,୬୯୭ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

# ଜୁଏଲେରି ଦୋକାନରେ ଜିଏସ୍‌ଟି ଚଢ଼ାଉ

- ୧୧ ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ
- ହାତଲେଖା ରସିଦକୁ ନେଇ ବଢ଼ୁଛି ସନ୍ଦେହ

ପୁରୀ ଅଫିସ,୨୧।୧୦

ଧନତେରସ ପୂର୍ବରୁ ଶୁକ୍ରବାର ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗ ପକ୍ଷରୁ ପୁରୀ ସହରର ଏକ ଜୁଏଲେରି ଦୋକାନ ଓ ଏହାର ମାଲିକଙ୍କ ଘରେ ଚଢ଼ାଉ କରାଯାଇଛି। ବିଭାଗୀୟ ଅଧିକାରୀମାନେ ଦିନତମାମ ଯାଞ୍ଚ ଜାରି ରଖିଥିବାବେଳେ ଉକ୍ତ ଦୋକାନରେ ଜିଏସ୍‌ଟି ଅନିୟମିତତା ନେଇ ତଥ୍ୟ ମିଳିଥିବା କୁହାଯାଉଛି। ତେବେ ଦୋକାନ ମାଲିକଙ୍କ ବାସଭବନରୁ ସେପରି କୌଣସି ତଥ୍ୟ ମିଳି ନ ଥିବା ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗର ୪ଜଣ ଲେଖାଏ ଅଧିକାରୀଙ୍କୁ ନେଇ ୨ଟି ଟିମ୍ କରାଯାଇଥିଲା। ଏହି ଟିମ୍ ପୃଥକ ଭାବେ ଚଢ଼ାଉ କରି ଦୋକାନର କାଗଜପତ୍ର ଯାଞ୍ଚ କରିଥିଲେ। ସୁନା କେଉଁଠାରୁ ଓ କେତେ ଦରରେ କିଣାଯାଇଛି, ଏବେ କେତେ ଗହଣା ଅଛି, କ୍ରୟ ବେଳର ରସିଦ, ଗ୍ରାହକଙ୍କୁ ବିକ୍ରି ବେଳର ରସିଦ ଓ ଅନ୍ୟ ଖରିଦ ସାମଗ୍ରୀର ଜିଏସ୍‌ଟି ବିଲ୍‌କୁ ଅଧିକାରୀମାନେ ଯାଞ୍ଚ କରିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ୧୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାଞ୍ଚ ଚାଲିଥିଲା। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁଯାୟୀ, ଅଧିକାଂଶ ଜୁଏଲେରି ହାତଲେଖା ରସିଦ ମାଧ୍ୟମରେ ବିକ୍ରି କରାଯାଇଛି। ଫଳରେ ଜିଏସ୍‌ଟିରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ କରାଯାଉଛି। ଜଣେ ଅଧିକାରୀ କହିଛନ୍ତି, ସବୁସୁନା ଅଳଙ୍କାର ଓ ସେଗୁଡ଼ିକର ରସିଦକୁ ମେଳ କରାଯାଉଛି। ସମସ୍ତ କାଗଜପତ୍ରକୁ ତନ୍ନତନ୍ନ ଯାଞ୍ଚ କରାଯିବା ପରେ ଯାହା କିଛି ସ୍ପଷ୍ଟ ଭାବେ କୁହାଯାଇପାରିବ।


୯ ଦଫା ଦାବି ନେଇ ଭାରତ ମୁକ୍ତି ମୋର୍ଚ୍ଚା ପୁରୀ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଜିଲା ଜଜ୍‌ଙ୍କ ନିମାପଡ଼ା ଜେଲ ପରିଦର୍ଶନ

ନିମାପଡ଼ା,୨୧।୧୦(ଡି.ଏନ୍.ଏ.)

ପୁରୀ ଜିଲା ଜଜ୍ ଧନେଶ୍ୱର ମଲ୍ଲିକ ଶୁକ୍ରବାର ନିମାପଡ଼ା ଉପକାରାଗାର ପରିଦର୍ଶନ କରିଛନ୍ତି। ପରିଦର୍ଶନରେ ଜଜ୍ ମଲ୍ଲିକ ଜେଲ୍‌ର ବିଭିନ୍ନ ୱାର୍ଡ ବୁଲି ଦେଖିଥିବା ବେଳେ ଜେଲ୍‌ର ପରିବେଶ, ପରିଚ୍ଛନ୍ନତା, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଅନ୍ତେବାସୀଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟାବସ୍ଥା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଜେଲରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜଜ୍ ମଲ୍ଲିକ ଜେଲ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ ପୁରୀ ଜିଲା ଡିପିଏଚ୍‌ଓ ବିରଜା ଶଙ୍କର ରଥ, ଜେଲ୍‌ର ସ୍ମିତା ମହାନ୍ତି, ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶହୀଦଙ୍କ ବଳିଦାନ ଆମ ପାଇଁ ପ୍ରେରଣା


ଶହୀଦ ସ୍ତମ୍ଭରେ ଏସ୍‌ପି କନଓ୍ୱର ବିଶାଲ ସିଂ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**୬୩ ତମ ଜିଲାସ୍ତରୀୟ ପୋଲିସ ଶହୀଦ ଦିବସ**

ପୁରୀ ଅଫିସ, ୨୧।୧୦

ଶହୀଦଙ୍କ ତ୍ୟାଗ ଓ ବଳିଦାନ ଆମ ପାଇଁ ପ୍ରେରଣାର ଉତ୍ସ। ଦେଶମାତୃକା ଲାଗି ବଳିଦାନ ଦେଇଥିବା ଶହୀଦମାନେ ହେଉଛନ୍ତି ଦେଶର ଆଦର୍ଶ ବୋଲି ୬୩ତମ ପୁରୀ ଜିଲାସ୍ତରୀୟ ପୋଲିସ ଶହୀଦ ଦିବସ ଅବସରରେ ଶୁକ୍ରବାର ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ଉତ୍ସବରେ ଏସ୍‌ପି ଡ. କନଓ୍ୱର ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଶହୀଦ ସ୍ତମ୍ଭରେ ଏସ୍‌ପି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହ ପରେଡ ଅଭିଭାଦନ ଗ୍ରହଣ କରିଥିଲେ। ଏସ୍‌ପି କହିଥିଲେ, ପୋଲିସ ବାହିନୀ ସର୍ବଦା ସାହସିକତାର ପରିଚୟ ଦେଇ ଜନସାଧାରଣଙ୍କ ସେବା କରି ଆସିଛି। ପୋଲିସ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ସେମାନଙ୍କ ଆସ୍ଥା ଭାଜନ ହୋଇପାରିଲେ ତାହା ଶହୀଦଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସେହିପରି ପୋଲିସ କର୍ମଚାରୀମାନେ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି, ଏସ୍‌ଡିପିଓଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କା ଦେଲା ବାଇକ୍

ପିପିଲି,୨୧।୧୦(ସ୍ୱ.ପ୍ର.): ପିପିଲି - ଜଟଣୀ ମୁଖ୍ୟ ରାସ୍ତାରେ ଶୁକ୍ରବାର ରାତି ୮ଟା ୩୦ମି ସମୟରେ ଏକ କେଟିଏମ୍ ବାଇକ୍ ସ୍ପିଡ୍‌ରେ ଆସି ଏକ ସ୍କୁଟିକୁ ଧକ୍କା ଦେଇଛି। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଥିବା ସ୍କୁଟି ଚାଳକଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିବା ବେଳେ କେଟିଏମ୍ ଚାଳକ ଦୁର୍ଘଟଣାସ୍ଥଳରୁ ଗାଡି କିଛିବାଟ ଆଗକୁ ନେଇ ଗେଟ୍ ଛକରେ ଗାଡି ଛାଡି ଫେରାର ହୋଇଯାଇନ୍ତି। ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପିପିଲି-ଜଟଣୀ ମୁଖ୍ୟରାସ୍ତା ଜଟଣୀରୁ ପିପିଲି ଅଭିମୁଖେ ଏକ ସ୍କୁଟି (ଓଡି୦୨ବି ୦୫୪୭) ଆସୁଥିଲା। ଏହି ସମୟରେ ପିପିଲିରୁ ଜଟଣୀ ଅଭିମୁଖେ ଏକ ଦ୍ରୁତଗାମୀ କେଟିଏମ୍ (ଓଡି୦୫ଏନ୍ ୪୩୪୨) ଗାଡି ପିପିଲି ଗେଟ ଛକରେ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଏକ ୪୦୭ ଗାଡି ସମ୍ମୁଖକୁ ଆସିଯାଇଥିଲେ। ତେବେ ୪୦୭ ଚାଳକଙ୍କ ତୁରନ୍ତ ଗାଡିକୁ ଅଟକାଇବାରୁ ସ୍କୁଟି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟଙ୍କ ନାମ ଜଣାପଡି ନ ଥିବାବେଳେ ସ୍କୁଟି ଚାଳକ ଜଣକ ସ୍ଥାନୀୟ ଷଣ୍ଢବଟ ଗ୍ରାମର ବୋଲି ଜଣାପଡିଛି।

### ଲକ୍ଷ୍ମୀବଜାର ସମ୍ପାଦକ ପ୍ରାଣକୃଷ୍ଣଙ୍କ ପରଲୋକ

ଅସ୍ତରଙ୍ଗ/ କାକଟପୁର,୨୧।୧୦ (ଡି.ଏନ୍.ଏ.): କାକଟପୁର ଅଞ୍ଚଳର ଲକ୍ଷ୍ମୀବଜାର କମିଟିର ସମ୍ପାଦକ ପ୍ରାଣକୃଷ୍ଣ (ପାଣୁଭାଇ )(୫୭)ଙ୍କର ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ଘଟିଛି। ଖବରପାଇ ପରିବାର ଓ ବ୍ୟବସାୟୀ ବନ୍ଧୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସେ ଲକ୍ଷ୍ମୀବଜାର କମିଟି କରି ସମସ୍ତ ବ୍ୟବସାୟୀ ବନ୍ଧୁଙ୍କୁ ଏକାଠି ରଖିବା ପଛରେ ତାଙ୍କର ପ୍ରଚ୍ଛନ୍ନ ଭୂମିକା ଥିଲା। ସେ କଂଗ୍ରେସରେ ମିଶି ଦଳୀୟ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ବିଜୟ ଦାସ, ଦୁର୍ଗା ମିଶ୍ର, ଅଭୟ ଦୀକ୍ଷିତ ଓ ଅନ୍ୟ ସହପାଠୀମାନେ ପ୍ରକାଶ କରିଛନ୍ତି। ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ ସେ କର୍କଟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ପାର୍ଥିବ ଶରୀର କାକଟପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ସାନଭାଇ ହାଣ୍ଡୁ, ଲକ୍ଷ୍ମୀ ବଜାର ସଭାପତି ରତିକାନ୍ତ ବେହେରା, ନିରୋଦ ବରଣ ମହାନ୍ତି, ସୁବାସ, ନଣ୍ଡା, ବାବୁ, ନଟ, ପିଣ୍ଟୁ, ମିଟୁ, ମୁନୁ, ଲୁଟିଆ, ଶ୍ୟାମ, ଅଶୋକ, ବନ୍ଧୁବର୍ଗ ଓ ମଙ୍ଗଳା କ୍ରିକେଟ କ୍ଲବ ସଭ୍ୟମାନେ ଶେଷଦର୍ଶନ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନେଇ ବଜାର ପରିକ୍ରମା କରି କଲେଜ ଛକସ୍ଥିତ ଶ୍ମଶାନରେ ଦାହ କରାଯାଇଥିଲା। ଏକମାତ୍ର ପୁତ୍ର ଅଭିନାଶ ମୁଖାଗ୍ନି ଦେଇଥିଲେ।

## ପୋଷଣଯୁକ୍ତ ଚାଉଳ, ମିଲେଟ୍ ସଂକ୍ରାନ୍ତ ଆଲୋଚନା

ପୁରୀ ଅଫିସ, ୨୧।୧୦

କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ବିଭାଗ ଆନୁକୂଲ୍ୟରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ମଣ୍ଡଳ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ଏବଂ ଅନ୍ତର୍ଜାତୀୟ ମିଲେଟ ବର୍ଷ-୨୦୨୩ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ସଭାଗୃହରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଖାଦ୍ୟ ନିଗମ, ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ମଣ୍ଡଳ ପ୍ରବନ୍ଧକ ରାମଫୁଲ ମୀଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କଲ୍ୟାଣୀ ମିଶ୍ର, ପୁରୀ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ, ଜିଲା ସମବାୟ ସମୂହର ସହକାରୀ ନିବନ୍ଧକ ଏସ୍.କେ. କର ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତାର ୭୫ବର୍ଷ ପରେ ଦେଶରେ କୃଷି ଓ ଖାଦ୍ୟ ଉତ୍ପାଦନରେ ଅଭିବୃଦ୍ଧି ଘଟିଛି ଏବଂ ଏଥିରେ ଏଫ୍‌ସିଆଇର ଯଥେଷ୍ଟ ଅବଦାନ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ବୈଜ୍ଞାନିକ ପଦ୍ଧତିରେ ପୋଷଣଯୁକ୍ତ ଚାଉଳର ଉତ୍ପାଦନ, ଗୁଣାତ୍ମକ ମାନ ନିର୍ଦ୍ଧାରଣ, ସଂଗ୍ରହ ତଥା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବିତରଣ ତଥା ମିଲେଟ୍‌ର ଉତ୍ପାଦନ, ଗୁଣବତ୍ତା ଏବଂ ଉପଯୋଗିତା ସମ୍ପର୍କରେ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଭୁବନେଶ୍ୱର ଏଫ୍‌ସିଆଇ, ମଣ୍ଡଳ କାର୍ଯ୍ୟାଳୟ ପ୍ରବନ୍ଧକ ଚରଣ ସାହୁ ଆଲୋଚନା କରିଥିଲେ। ସଭାରେ ସହଗୁଣବତ୍ତା ପ୍ରବନ୍ଧକ ଇନ୍ଦ୍ରଜିତ, ପ୍ରବନ୍ଧକ କୃଷ୍ଣଚନ୍ଦ୍ର ସେଠୀ, ପ୍ରବନ୍ଧକ ସୁଶାନ୍ତ କୁମାର ଓଝା, ସହାୟକ କର୍ମଚାରୀ ଅମିତ କୁମାର, ପୁରୀ ଏବଂ ଖୋର୍ଦ୍ଧା ଜିଲାର ସମସ୍ତ ଯୋଗାଣ ଅଧିକାରୀ, ମିଲର୍ସ, କୃଷକ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ। କର୍ମଶାଳାକୁ ଏଫ୍‌ସିଆଇ ପ୍ରବନ୍ଧକ ଚରଣ ସାହୁ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଳଙ୍ଗା,୨୧।୧୦ (ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ କଲେଜ ପଢୁଥିବା ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା(ନଂ.୧୬୯/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅପହୃତା ନାବାଳିକାଙ୍କ ବାପା ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୟାୟୀ, ଗୁରୁବାର ରାତିରେ ତାଙ୍କ ଝିଅ ପରିବାର ଲୋକଙ୍କ ସହ ଖାଇ ସାରି ଶୋଇଥିଲେ। ରାତି ୩ଟା ସମୟରେ ଝିଅର ମା' ଉଠି ଦେଖିବା ବେଳକୁ ଝିଅ ଘରେ ନ ଥିଲେ। ବହୁତ ଖୋଜାଖୋଜି କରି ନିରାଶ ହେବାପରେ ଶେଷରେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଝିଅକୁ ବିବାହର ପ୍ରଲୋଭନ ଦେଖାଇ ଏହି ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି।

## ୫ ଲକ୍ଷର ବ୍ରାଉନ ସୁଗାର ଜବତ, ୨ ଗିରଫ

ଡେଲାଙ୍ଗ,୨୧।୧୦(ଡି.ଏନ୍.ଏ.)

ଡେଲାଙ୍ଗ ପୋଲିସ ଶୁକ୍ରବାର ୨ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିବା ସହିତ ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ତିରୁମଲ୍ଲ ଗ୍ରାମର ନିହାର ରଞ୍ଜନ ବିଶ୍ୱାଳ(୨୯), ସନ୍ତୋଷ ବିଶ୍ୱାଳ(୨୮)। ଏ ନେଇ ଥାନାରେ ନଂ.୨୯୮/୨୨ରେ ଏ.ଡି.ପି.ଏସ ମାମଲା ରୁଜୁ କରାଯାଇଛି। ଘଟଣା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଡେଲାଙ୍ଗ ଥାନା ଅଧୀନ ତିରୁମଲ୍ଲ ଦୟା ବ୍ରିଜ୍ ନିକଟରେ ୨ଜଣ ଯୁବକ ବ୍ରାଉନ ସୁଗାର କାରବାର କରିବା ପାଇଁ ଠିଆ ହୋଇଥିବାର ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନିକଟରେ ଖବର ପହଞ୍ଚି ଥିଲା। ଆଇଆଇସି ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ ଲିଜା ମଲ୍ଲିକ୍, ପ୍ରଭୁଦତ୍ତ ବିଶ୍ୱାଳ, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ଧନପତି ପିଙ୍ଗ୍, ସିପାହି ପ୍ରଶାନ୍ତ ପ୍ରଧାନ, ସଦାଶିବ ମଲ୍ଲିକ, ମଧୁ ବିଶ୍ୱାଳ, ଗୃହରକ୍ଷୀ ପ୍ରମୋଦ ସେଠୀ, ଭାସ୍କର ବିଶ୍ୱାଳ ପ୍ରମୁଖ ସଦଳବଳେ ଚଢାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ୫୨ଗ୍ରାମର ବ୍ରାଉନସୁଗାର, ୨ ମୋବାଇଲ ଫୋନ,୧ ବାଇକ୍, ୯ଶହ ଟଙ୍କା, ସିଲଭର ଫଏଲ ପେପର ଜବତ କରାଯାଇଛି। ଚଢାଉ ସମୟରେ ପୋଲିସ ଓ ଅଭିଯୁକ୍ତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ସିପାହି ପ୍ରଶାନ୍ତଙ୍କ ଅଣ୍ଟା ଓ ଗୋଡରେ ଆଘାତ ଲାଗିଛି।

## ଗ୍ରାମୀଣ ବ୍ୟାୟାମଶାଳା ଓ ଯୋଗକେନ୍ଦ୍ର ଉଦ୍‌ଘାଟିତ

**ଜିଲାରେ ପ୍ରଥମ**

ପିପିଲି,୨୧।୧୦ (ସ୍ୱ.ପ୍ର.)

ପୁରୀ ଜିଲାରେ ପ୍ରଥମ କରି ଗ୍ରାମୀଣ ବ୍ୟାୟାମଶାଳା ଓ ଯୋଗକେନ୍ଦ୍ର ଶୁକ୍ରବାର ପିପିଲିରେ ଉଦ୍‌ଘାଟନ ହୋଇଯାଇଛି। ପିପିଲି ବ୍ଲକ ଓରକଲ ପଞ୍ଚାୟତର ଧାନପୁର ଗ୍ରାମରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ରଶ୍ମିତା ନାଥ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଓରକଲ ସରପଞ୍ଚ ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ଶାରୀରିକ ବ୍ୟାୟାମ ଓ ଯୋଗ ଦ୍ୱାରା ଶରୀର ସୁସ୍ଥ ଓ ସୁନ୍ଦର ସହ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଏହାର ଏକ ପ୍ରୟାସ କରାଯାଇଛି। ଆଗାମୀ ଦିନରେ ପିପିଲି-ଡେଲାଙ୍ଗ ବ୍ଲକର ୪୬ଟି ପଞ୍ଚାୟତରେ ଏହି ଗ୍ରାମୀଣ ବ୍ୟାୟାମଶାଳା ଓ ଯୋଗକେନ୍ଦ୍ର ଖୋଲାଯିବ ବୋଲି ବିଧାୟକ ମହାରଥୀ କହିଥିଲେ। ଏଥିରେ ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଣବ ପ୍ରକାଶ ସାହୁ, ଏମ୍‌ପି ପ୍ରତିନିଧି ନାରାୟଣ ସ୍ୱାଇଁ, ସନ୍ତୋଷ ସାହୁ, ଦେବାଶିଷ ନନ୍ଦ, ଶ୍ରୀଧର ପ୍ରଧାନ, ସମବାୟବିତ୍ ପର୍ଶୁରାମ ମହାପାତ୍ର, ପୂର୍ବତନ ଜିଲା ପରିଷଦ କିଶୋର ଛୋଟରାୟ, ଦିଲୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବ୍ୟାୟାମଶାଳା ଓ ଯୋଗକେନ୍ଦ୍ରକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରୁଛନ୍ତି।

## ଶିଶୁ ଭବନ ପ୍ରତିଷ୍ଠାତା ବାମନ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୨୧।୧୦ (ଡି.ଏନ୍.ଏ/ସ୍ୱ.ପ୍ର)

ଆଚାର୍ଯ୍ୟ ହରିହର ଶିଶୁ ଭବନର ପ୍ରତିଷ୍ଠାତା ସ୍ୱର୍ଗତ ବାମନ ଚରଣ ଦାଶଙ୍କ ୧୪ତମ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଶିଶୁ ଭବନରେ ପାଳିତ ହୋଇଯାଇଛି। ଅନ୍ତେବାସୀଙ୍କ ପକ୍ଷରୁ ଆୟୋଜିତ ସଭାରେ ଅନୁଷ୍ଠାନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା ସଭାପତିତ୍ୱ କରିଥିଲେ। ପରିଚାଳନା ପରିଷଦର ସଭ୍ୟ ବାମନ ଚନ୍ଦ୍ର ବରାଳ, ସଭ୍ୟା ରାଜଲକ୍ଷ୍ମୀ ଦାଶ, ପ୍ରମୋଦ କୁମାର ରଥ, ମୀନାକ୍ଷୀ ବାରିକ, ଜ୍ୟୋତିରାଣୀ ମିଶ୍ର, ଶୁଭ୍ରଜିତା ଶୁଭଦର୍ଶିନୀ, କବିତା ପାତ୍ର, ଶାନ୍ତନୁ କୁମାର ସାହୁ, ଶାନ୍ତିଲତା ଚୌଧୁରୀ, ସ୍ୱର୍ଣ୍ଣଲତା ନାୟକ, ପ୍ରମୋଦ କୁମାର ଜେନା ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅନ୍ତେବାସୀଙ୍କୁ ପରାମର୍ଶ ଦେଇଥିଲେ। ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଭର୍ଚୁଆଲ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ


ଓସାନ ଭର୍ଚୁଆଲ ସମ୍ମିଳନୀ କକ୍ଷକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ ଉଦ୍‌ଘାଟନ କରୁଛନ୍ତି।

ଅସ୍ତରଙ୍ଗ,୨୧।୧୦ (ଡି.ଏନ୍.ଏ.)

ଅସ୍ତରଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓସାନ ଭର୍ଚୁଆଲ ସମ୍ମିଳନୀ କକ୍ଷର ନବୀକରଣ ପରେ ଶୁକ୍ରବାର ସମିତି ଅଧ୍ୟକ୍ଷା ଆରତି ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସମ୍ମାନିତ ଅତିଥି ଭାବେ ବିଡିଓ ତୁଷାର ଜ୍ୟୋତି ରଞ୍ଜନ, ସମିତି ଉପାଧ୍ୟକ୍ଷ ଦୁର୍ଯ୍ୟୋଧ ମିଶ୍ର, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ନାୟକ, ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। କକ୍ଷର ନବୀକରଣ ପରେ ସମସ୍ତ କାର୍ଯ୍ୟ ସହଜରେ ସମ୍ପାଦନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଝାଡଲିଙ୍ଗର ସମିତିସଭ୍ୟ ଶିବ ପରିଡା, ନଈଗୁଆଁ ସରପଞ୍ଚ ପ୍ରତିନିଧି ପ୍ରତାପ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଥିବା କମ୍ପ୍ୟୁଟର ରୁମ୍ ଅନ୍ୟ ଗୃହକୁ ସ୍ଥାନାନ୍ତର ପରେ ଏହାକୁ ମରାମତି କରାଯାଇ ଭର୍ଚୁଆଲ ସମ୍ମିଳନୀ କକ୍ଷ ନାମରେ ନାମିତ କରାଯାଇଛି।

## ପାଥେରପୁରୀରେ ବିଶ୍ୱକବିଙ୍କ ସ୍ମୃତି ରକ୍ଷା ଦାବି ତେଜିଲା

ପୁରୀ ଅଫିସ, ୨୧।୧୦

ପୁରୀରେ ଥିବା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସାଧନା ପୀଠ ପାଥେରପୁରୀର ସ୍ମୃତି ରକ୍ଷା ପାଇଁ 'ଦି ବେଲ୍' ୟୁଥ ଫୋରମ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ସେମାନେ ମିଳିତ ଭାବେ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ହୋଇଛି, ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ ସ୍ୱାଗତଯୋଗ୍ୟ, ମାତ୍ର ଉକ୍ତ ସ୍ଥାନର ଐତିହ୍ୟ ଓ ସ୍ମୃତିପୀଠକୁ ଧ୍ୱଂସ କରା ନ ଯାଉ। ଟାଗୋରଙ୍କ ସ୍ମୃତିରକ୍ଷା ଲାଗି ପ୍ରସ୍ତାବିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରକୁ ତାଙ୍କ ନାମରେ ନାମିତ କରାଯାଉ। ଏହାର ମୂଳ ଢାଞ୍ଚା ଆକୃତିରେ ନୂତନ ଢାଞ୍ଚା ନିର୍ମାଣ ହେଉ। ପାଥେରପୁରୀ ପରିସରରେ ବିଶ୍ୱକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ପ୍ରସ୍ତାବିତ ଛାତ୍ରାବାସକୁ ପାଥେରପୁରୀ ନାମରେ ନାମିତ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଫୋରମର ସଦସ୍ୟ ସତ୍ୟନାରାୟଣ ସାହୁ, ଓମ୍‌ପ୍ରକାଶ ମହାନ୍ତି, ଶିଶୁ ସମାଚାରର ସୁକାନ୍ତ ପଣ୍ଡା, ଉତ୍କଳ ବିଦ୍ୱତ ପରିଷଦର ମନୋଜ ରଥ, ଆମେ ଶ୍ରୀକ୍ଷେତ୍ରବାସୀର ଶଙ୍କର ପଣ୍ଡା, ଶ୍ରୀ ସାଇ ଉଦୟଲକ୍ଷ୍ମୀ ଟ୍ରଷ୍ଟର ରାଜକିଶୋର ପାତ୍ର, ଗ୍ରୀନ ଅମ୍ବ୍ରେଲାର ରତିକାନ୍ତ ପ୍ରତିହାରୀ, ସମର୍ପଣର ବ୍ରଜ କିଶୋର ସାହୁ, ସଂକଳ୍ପ ଫାଉଣ୍ଡେଶନର ସୁଚରିତା ପାଢ଼ୀ, ବୋଧିଚକ୍ରର ଉମେଶ ଦାସ, ଦି ମିରରର ସଞ୍ଜୟ ପ୍ରଧାନଙ୍କ ସହ ଛାତ୍ରୀ ବିଜୟଲକ୍ଷ୍ମୀ ବରାଳ, ଲିପ୍ସା ଗୁରୁ, ଶୁଭଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ପାଇଁ ଆସିଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ।

## ଅର୍ଚ୍ଚନା ନାଗ କେଳେଙ୍କାରିର ରହସ୍ୟ ଉନ୍ମୋଚନ କରାଯାଉ



ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଉଛି।

- ଏସ୍‌ପି ଅଫିସ ଘେରିଲା ଜିଲା ଯୁବ କଂଗ୍ରେସ
- ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପୁରୀ ଅଫିସ, ୨୧।୧୦

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ କେଳେଙ୍କାରିର ରହସ୍ୟ ଉନ୍ମୋଚନ, ଏହାପଛରେ ଥିବା ବ୍ୟକ୍ତିମାନଙ୍କ ପର୍ଦ୍ଦାଫାଶ, ସରକାରୀ କଳର ଦୁରୁପଯୋଗ ଓ କଳାଧନ କାରବାର ଆଦିର ନିରପେକ୍ଷ ତଦନ୍ତ ଦାବିକରି ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ବିକ୍ଷୋଭ ପ୍ରଦର୍ଶନ ପରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଦଳ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀ, ବିଧାୟକ, ସରକାରୀ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଅର୍ଚ୍ଚନାଙ୍କ ସମ୍ପର୍କ ରହିଥିବା ନେଇ ଅନେକ ତଥ୍ୟ ଲୋକଲୋଚନକୁ ଆସିଛି। ଏପରିକି ଥାର୍ଡ ଫ୍ଲୋରକୁ ମଧ୍ୟ ଅର୍ଚ୍ଚନାଙ୍କ ଅବାଧ ପ୍ରବେଶ ଅନୁମତି ରହିଥିବା ଅଭିଯୋଗ ହେଉଛି। ଅର୍ଚ୍ଚନାଙ୍କ ପଛରେ ସରକାରୀ କଳର ଅପବ୍ୟବହାର କରାଯିବା ଓ ବହୁ କଳାଧନ ବିନିଯୋଗ ହୋଇଥିବା ଶୁଣିବାକୁ ମିଳୁଛି। ତେଣୁ ଘଟଣାର ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଣୁ ପୋଲିସ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉ। ସେହିପରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜିଲା ଯୁବ କଂଗ୍ରେସ ଦାବି କରିଛି। ଏହି ଆନ୍ଦୋଳନରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରେମଜିତ୍ ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ଆଲୋକ କୁମାର ସାହୁ, ରଞ୍ଜିତ କୁମାର ସାହୁ, କାଳି ପ୍ରସାଦ ନାୟକ, ଆଦର୍ଶ ମିଶ୍ର, ସ୍ମୃତିରଞ୍ଜନ ପତିଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୨ ଅକ୍ଟୋବର, ୨୦୨୨



**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ନରସିଂହପୁର,(ସ୍ୱ.ପ୍ର.): ନରସିଂହପୁର ସଦର ମହାକୁମାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଏଥିରେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦେଇଥିଲେ। ଶିବିରରେ ମୋଟ୍ ୬୮୩ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିଲେ। ଏହି ଅବସରରେ ୩୦ ଭିନ୍ନକ୍ଷମଙ୍କୁ ବସ୍‌ପାସ ସହ ୨ ଜଣ ଛାତ୍ରଙ୍କୁ ପାଠପଢ଼ା ବୃତ୍ତି ପାଇଁ ବାଣୀଶ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି ସଂଯୋଜକ ସ୍ମୃତିରଞ୍ଜନ ସାହୁ କହିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ମିଶନ ନିଯୁକ୍ତି କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତିପତ୍ର ବଣ୍ଟନ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।
- ଇଚ୍ଛାମୟୀ ରାଉତରାୟଙ୍କ ପୁଣ୍ୟତିଥି, ଇଚ୍ଛାତୀର୍ଥ ନିଳୟମ, ସେକ୍ଟର-୯, ସିଡିଏ, ପୂର୍ବାହ୍ନ ୧୧ଟା ୩୦ ।

## ମହିଳାଙ୍କ ଆତ୍ମହତ୍ୟା

**ଫୁଲନଖରା,୨୧।୧୦(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମର ରୁବି ପ୍ରଧାନ ନାମ୍ନୀ ମହିଳା ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ଅଭିଯୋଗ ଅନୁଯାୟୀ, ଦୁଇବର୍ଷ ତଳେ ରୁବି ଏହି ଗ୍ରାମର ଅଶୋକ ପ୍ରଧାନଙ୍କୁ ବିବାହ କରିଥିଲେ। ଗତ ମାସରେ ରୁବି ଏକ ବିକଳାଙ୍ଗ ଶିଶୁକୁ ଜନ୍ମ ଦେଇ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ସେଥିପାଇଁ ଗୁରୁବାର ବିଳମ୍ବିତ ରାତିରେ ରୁବି ଆତ୍ମହତ୍ୟା କରିଥିବା ତାଙ୍କ ଭିଣୋଇ ଭୁବନେଶ୍ୱର ଦାରୁଠେଙ୍ଗ ଗ୍ରାମର ପ୍ରଦୀପ ଗଜେନ୍ଦ୍ର କଟକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୦/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଗଣ୍ଡଗୋଳ, ୨ ଆହତ

**ଚୌଦ୍ୱାର,୨୧।୧୦(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ବଜ୍ରକୋଟ ଗ୍ରାମରେ ଜମି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଗୋଟିଏ ପରିବାର ଜଣଙ୍କ ଆକ୍ରମଣରେ ଅନ୍ୟ ପରିବାରର ଦମ୍ପତି ଆହତ ହୋଇଛନ୍ତି। ଜମି ଭାଗବଣ୍ଟାକୁ ନେଇ କାଳନ୍ଦୀ ବାରିକ ଓ ବିକ୍ରମ ବାରିକଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ବିକ୍ରମ ଗୁରୁବାର ରାତିରେ କାଳନ୍ଦୀଙ୍କ ଘରକୁ ଯାଇ ଏକ କଇଁଚିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ କାଳନ୍ଦୀଙ୍କ ନାକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ଘଟଣାସ୍ଥଳରେ ପହଞ୍ଚି ଯିବାରୁ ବିକ୍ରମ ତାଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିଲେ। ଏ ନେଇ ସ୍ୱର୍ଣ୍ଣଲତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୯୨/୨୨) ରୁଜୁ କରି ବିକ୍ରମଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ଆହତ ଦମ୍ପତିଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

## କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ

**କଟକ ଅଫିସ, ୨୧।୧୦:** କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଅରୁଣୋଦୟ ନଗରଠାରେ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା. ଯୁଧିଷ୍ଠିର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କଳୀୟ ଲୋକକଳା ଓ ସଂସ୍କୃତିକୁ ସୁରକ୍ଷା ଦେବାରେ କବି ମଞ୍ଜୁଳଙ୍କ ଉଦ୍ୟମ ସ୍ମରଣୀୟ। ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ତୀର୍ଥଙ୍କିଙ୍କର ଭଞ୍ଜ ମୁଖ୍ୟବକ୍ତା, ପରମେଶ୍ୱର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ସାହୁ, ସପନ ଘୋଷ, ଲକ୍ଷ୍ମୀଧର ଦାଶ, ଅଲେଖ ରାଉତ, ମିନାକ୍ଷୀ ଘୋଷ, ସୋନାଲି ଘୋଷ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସମରେନ୍ଦ୍ର ଘୋଷ ଧନ୍ୟବାଦ ଦେଇଥିଲେ।

## ଗର୍ଭବତୀ ମହିଳା, ଶିଶୁଙ୍କ ଯତ୍ନ ନେବାକୁ ପରାମର୍ଶ

**ଖୁଣ୍ଟୁଣୀ,୨୧।୧୦(ଡି.ଏନ୍.ଏ.):** ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ମହିଳା ମାସରେ ଗୋଟିଏ ଥର ଏଠାରେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ପାଇଁ ସଚେତନ କରାଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ମନୋରଞ୍ଜନ ଦାସ କହିଥିଲେ, ଜଣେ ଗର୍ଭବତୀ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଜଣାପଡିଲେ ଅଲଟ୍ରାସାଉଣ୍ଡ ସାଙ୍ଗକୁ ଆବଶ୍ୟକ ପଡ଼ିଲେ ରକ୍ତ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆସୁଥିବା ଗର୍ଭବତୀଙ୍କୁ ସହଜ ଓ ସୁବିଧାରେ ସେମାନଙ୍କ ପିଲାଙ୍କ ଯତ୍ନ ନେବାକୁ ଉପସ୍ଥିତ ଆଶା ଓ ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ପରାମର୍ଶ ଦିଆଯାଇଥିଲା। ଖୁଣ୍ଟୁଣୀ, କଣ୍ଡରେଇ, ତାଳଭାଗ, ରାଧାକିଶୋରପୁର ଓ ରାଧାକୃଷ୍ଣପୁର ଅଞ୍ଚଳରୁ ୩୨ ଜଣ ଗର୍ଭବତୀ ମହିଳା ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶିକା ନିର୍ମଳା ଦାସ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କବିତାରାଣୀ ଦାସଙ୍କ ସମେତ ୩୨ ଜଣ ଗର୍ଭବତୀ ମହିଳା ଉପସ୍ଥିତ ଥିଲେ।

# ଜବାବ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ନୋଟିସ

**ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟରେ ଡମ୍ପିଂୟାର୍ଡକୁ ନେଇ ମାମଲା**

- ବେଆଇନ ଭାବେ ଚାଲିଛି ଲୋଡିଂ-ଅନ୍‌ଲୋଡିଂ
- ପ୍ରଦୂଷିତ ହେଉଛି ଗ୍ରାମ୍ୟ ପରିବେଶ



**କଟକ ଅଫିସ,୨୧।୧୦**

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟରେ ଡମ୍ପିଂୟାର୍ଡକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏଠାରେ ବେଆଇନ ଭାବେ ଡମ୍ପିଂୟାର୍ଡ କରାଯିବା ଫଳରେ ବିଲତେରୁଆଁ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ପରିବେଶ ପ୍ରଦୂଷିତ ହେଉଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ଗ୍ରାମବାସୀ ହାଇକୋର୍ଟରେ ଆବେଦନ କରିଛନ୍ତି। ବିଚାରପତି ଅରିନ୍ଦମ ସିହ୍ନାଙ୍କ ଖଣ୍ଡପୀଠ ଗୁରୁବାର ଉକ୍ତ ମାମଲାର ଶୁଣାଣି କରି ରେଲୱେ ରିଜିଓନାଲ ମ୍ୟାନେଜର, ଓଡ଼ିଶା ମାଇନିଂ କର୍ପୋରେଶନର ମ୍ୟାନେଜିଂ ଡାଇରେକ୍ଟର, ଦୁଇଟି ଟ୍ରାନ୍ସପୋର୍ଟ ସଂସ୍ଥାକୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତ୍ରିଲୋଚନ ବାରିକ, ରମେଶ ଚନ୍ଦ୍ର ଭୋଇ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏ. କେ. ଶର୍ମା ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ନିର୍ଗୁଣ୍ଡି ରେଳଷ୍ଟେଶନ ନିକଟ ରେଲୱେ ସାଇଡିଂରେ କୋଇଲା ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ବେଆଇନ ଭାବେ ପକାଇ ଡମ୍ପିଂ କରାଯାଉଛି। ସେଗୁଡ଼ିକୁ ଲୋଡିଂ ଓ ଅନ୍‌ଲୋଡିଂ କରାଯିବାବେଳେ ବହୁ ପରିମାଣର ଧୂଳି ଉଡ଼ି ବିଲତେରୁଆଁ ଗ୍ରାମ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ପରିବେଶ ପ୍ରଦୂଷିତ ହେଉଛି। ଲୋକମାନଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ତେଣୁ ତୁରନ୍ତ ଏସବୁ ବନ୍ଦ କରାଯିବା ସହ ସେଠାରେ ସରକାରୀ ଜମିରେ ଚାଲିଥିବା ବେଆଇନ ରାସ୍ତା ଓ ନିର୍ମାଣକୁ ରୋକିବା ଦିଗରେ ଆଦେଶ ପ୍ରଦାନ କରିବାକୁ ବିଳାସ ଚନ୍ଦ୍ର ଭୋଇଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ସମେତ ଓଡ଼ିଶା ମାଇନିଂ କର୍ପୋରେଶନର ମାନେଜିଂ ଡାଇରେକ୍ଟର, ନିର୍ଗୁଣ୍ଡି ଷ୍ଟେଶନ ମାଷ୍ଟର, କଟକ ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚେୟାରମ୍ୟାନ, କଟକ ଜିଲାପାଳ, ରେଲୱେ ରିଜିଓନାଲ ମ୍ୟାନେଜର, ଦୁଇଟି ଟ୍ରାନ୍ସପୋର୍ଟ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।



**ଆସୁଛି ଦୀପାବଳି:** କଟକ ଖାନ୍‌ନଗର ରିଂରୋଡ୍ ପାର୍ଶ୍ୱରେ ଥିବା ଦୋକାନରୁ ଗ୍ରାହକ ଦୀପ କିଣୁଛନ୍ତି।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ୨୪ ଘଣ୍ଟା ନ ପୂରୁଣୁ ବିଜ୍ଞପ୍ତି ରଦ୍ଦ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ,୨୧।୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଶାସନ ଆଣିବା ପାଇଁ କର୍ତ୍ତୃପକ୍ଷ ୨୪ଟି ନିୟମାବଳୀ ଗୁରୁବାର ଲାଗୁ କରିଥିଲେ। ହେଲେ ଏହାକୁ ଛାତ୍ରୀଛାତ୍ରମାନେ ତୀବ୍ର ବିରୋଧ କରିଥିଲେ। ଫଳରେ ୨୪ ଘଣ୍ଟା ନ ପୂରୁଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଛାତ୍ରୀଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର ଏକ ବିଜ୍ଞପ୍ତି ଜାରି କରିଥିଲେ। ସେଥିରେ ଉଲ୍ଲେଖ କରାଯାଇଥିଲା, ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିପାରିବେ ନାହିଁ। କୌଣସି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କ୍ୟାମ୍ପସ ପରିସରରେ ନିଶାଦ୍ରବ୍ୟର ସେବନ ଉପରେ କଟକଣା ଜାରି କରାଯାଇଛି। ହଷ୍ଟେଲ ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଶ୍ରେଣୀଗୃହରେ ଛାତ୍ରୀଛାତ୍ର ଅଡିଓ କିମ୍ବା ଭିଡ଼ିଓ ରେକର୍ଡିଂ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ପରିସରରେ କାହାକୁ ଦୁର୍ବ୍ୟବହାର କଲେ, ବିଶ୍ୱବିଦ୍ୟାଳୟ ସୁରକ୍ଷାରେ ଆଞ୍ଚ ଆଣିଲେ, ହିଂସାତ୍ମକ ଆଚରଣ କଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତିକୁ ଛାତ୍ରୀଛାତ୍ରମାନେ ତୀବ୍ର ବିରୋଧ କରି ଶୁକ୍ରବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିସହ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର କିଛି ସମୟ ପରେ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ ପାଇଁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହି ବିଜ୍ଞପ୍ତିରେ ୨୦ ତାରିଖ ଉଲ୍ଲେଖ ରହିଛି। ତେବେ ହଠାତ୍ କାହିଁକି ଏଭଳି ବିଜ୍ଞପ୍ତି ଜାରି କରାଗଲା ତାହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଓଡ଼ିଶା ପ୍ରଗତି ମଞ୍ଚ ଆବାହକ ତଥା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି କହିଛନ୍ତି, ରେଭେନ୍‌ଶା ହେଉଛି ଶିକ୍ଷାର ଅନ୍ତୁଡିଶାଳ। ଏଠାରେ ଛାତ୍ରୀଛାତ୍ରମାନେ କେବଳ ପାଠ ପଢନ୍ତିନି, ସର୍ବଗୁଣସମ୍ପନ୍ନ ହୋଇ ବାହାରନ୍ତି। ଏଠିକାର ଛାତ୍ରୀଛାତ୍ରମାନେ ଓଡ଼ିଶାର ଗର୍ବ। ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ ନେଇ ଖେଳୁଥିବା କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ଆବଶ୍ୟକ।

## ରକ୍ତଦାନ ଶିବିର

**କଟକ ଅଫିସ, ୨୧।୧୦**

କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରକୁ ଯୁବ ରେଡ୍‌କ୍ରସ ଅଧିକାରୀ ଡ. ଆନନ୍ଦିନୀ ପଣ୍ଡା, ସଦସ୍ୟା ଡ. ଗାୟତ୍ରୀ କର, ଡ. ମେନକା ରାଣୀ ସାହୁ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଯୋଗ ଦେଇଥିଲେ।

## ସ୍କୁଲଘର ଭଙ୍ଗାକୁ ନେଇ ବିବାଦ

**କଟକ ସଦର,୨୧।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଦଧିବାମନପୁର ପଞ୍ଚାୟତ ଅନ୍ତର୍ଗତ ପାର୍ବତୀ ବିଦ୍ୟାପୀଠର ପୁରୁଣା ଘର ଓ ବାତ୍ୟା ଆଶ୍ରୟସ୍ଥଳ ଛାତ ଭଙ୍ଗାକୁ ନେଇ ବିବାଦ ଦେଖାଦେଇଛି। ସ୍କୁଲ ପରିଚାଳନା କମିଟିର ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଘରର ଛାତ ଭଙ୍ଗା ଯାଇଥିବା ନେଇ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୪୨ ମୌଜା ମଣ୍ଡଳ ଭାଜପା ସଭାପତି ପୀୟୁଷ ରଞ୍ଜନ ପରିଡ଼ା ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏହାର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟ ୫– ଟିରେ ସାମିଲ ହୋଇ ଉନ୍ନତୀକରଣ କରାଯିବ। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷ ଚାପର ବଶବର୍ତ୍ତୀ ହୋଇ ଘର ଛାତ ଭାଙ୍ଗିବା ଯଥାର୍ଥ ନୁହେଁ। ନିୟମ ଅନୁଯାୟୀ ଏହା ବିପଦସଙ୍କୁଳ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଘୋଷଣା କଲା ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଭଙ୍ଗା ଯାଇଥାନ୍ତା। ହେଲେ ଏହି ନିୟମକୁ ଏଠାରେ ପାଳନ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଦିଲ୍ଲୀପ ବେହେରା କହିଛନ୍ତି, ବିଦ୍ୟାପୀଠ ପରିଚାଳନା କମିଟି ନିଷ୍ପତ୍ତିକ୍ରମେ ଓ ସମସ୍ତ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇ ଛାତ ଭଙ୍ଗାଯାଇଛି।

## ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତାମାନେ।

**ଆଠଗଡ,୨୧।୧୦(ସ୍ୱ.ପ୍ର.)**

ଆଠଗଡ ଏନ୍‌ଏସିରେ ବିଜେଡି ଆନୁକୂଲ୍ୟରେ ୨ ଦିନ ଚାଲିଥିବା ପଦଯାତ୍ରା ଶୁକ୍ରବାର ଶେଷ ହୋଇଯାଇଛି। ଦ୍ୱିତୀୟ ଦିନରେ ଏନ୍‌ଏସିର ୪ନଂ, ୧୪ନଂ ୱାର୍ଡ ଓ କଣ୍ଟୋଲ ଗ୍ରାମ ୧୦, ୧୧, ୧୨, ୧୩, ୧୭ନଂ ୱାର୍ଡରେ ଜନ ସମ୍ପର୍କ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ଆଠଗଡ ଏନ୍‌ଏସିର ୧୪ ନଂ.ୱାର୍ଡ ନୃସିଂହ ପାଟଣା ଶବର ସାହିସ୍ଥିତ ତ୍ରିନାଥ ମନ୍ଦିରରୁ ବାହାରି ମେଡିକାଲ ରୋଡ, ଦଳିତ ବସ୍ତି, ହରିଶରଣପୁର ଓ କଣ୍ଟୋଲ ଗ୍ରାମ ଦେଇ ଆଠଗଡ ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣ ଚଣ୍ଡୀପୀଠରେ ଶେଷ ହୋଇଥିଲା। ଏନ୍‌ଏସି ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୁବନେତା ପ୍ରକାଶ ଚନ୍ଦ୍ର ରାଉତ ସଂଯୋଜନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ମନ୍ତ୍ରୀ ରଣେନ୍ଦ୍ରପ୍ରତାପ ସ୍ୱାଇଁଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପତ୍ରିକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ସମେତ ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ମହିଳା ସଭାନେତ୍ରୀ ସୁଷମା ପରିଡା, ଯୁବ ସଭାପତି ଶିବ ଶଙ୍କର ଜେନା, ଛାତ୍ର ସଭାପତି ଖଲିଦ ମହମ୍ମଦ,ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ପ୍ରଦୀପ୍ତ କୁମାର ଦାସ, ରାକେଶ ଦାଶ, ମମତା ଦାଶ ଓ ପୂର୍ଣ୍ଣିମା ବେହେରା ପ୍ରମୁଖ ଯୋଗଦେଇଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକସଭା



**କଟକ ଅଫିସ, ୨୧।୧୦**

ସମ୍ବାଦପତ୍ର ବିକ୍ରେତା ସଂଘ କଟକର ପୂର୍ବତନ କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ପଟ୍ଟନାୟକଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ଏ ନେଇ ସଂଘ ପକ୍ଷରୁ ବକ୍ସିବଜାରଠାରେ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଲକ୍ଷାଧିକ ଟଙ୍କାର ବାଣ ଜବତ : ବ୍ୟବସାୟୀ ଗିରଫ

**ଫୁଲନଖରା,୨୧।୧୦(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ସାଇଁଶୋ ଗ୍ରାମ ଦାଶସାହିର ସୁବାସ ଚନ୍ଦ୍ର ଦାଶଙ୍କ ଘର ନିକଟରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ବେଆଇନ ଭାବେ ବାଣ ତିଆରି କରି ବିକ୍ରି କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ସୁବାସ ନିଜ ଘର ପଛପଟେ ଏକ କୁଡ଼ିଆ କରି ବେଆଇନ ଭାବେ ବାଣ ତିଆରି କରି ବିକ୍ରି କରୁଥିଲେ। ଖବରପାଇ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୪୬୯/୨୨) ରୁଜୁ ହୋଇଛି।

## ଦୁର୍ନୀତିର ତଦନ୍ତ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ

**ମଙ୍ଗୁଳି,୨୧।୧୦(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ପଞ୍ଚାୟତରେ ୨୦୧୭ରୁ ୨୦୨୧ମଧ୍ୟରେ ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଥିଲା। ବିଶେଷକରି ଉକ୍ତ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ଉପଭୋକ୍ତାଙ୍କୁ ଦିଆଯାଇଥିବା ପାଇଖାନାରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଏ ନେଇ ୨୦୨୧ ଡିସେମ୍ବର ୧୨ରେ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ୧୦ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ନୀତିର ତଦନ୍ତ କରାଯାଇନାହିଁ। ଫଳରେ ଯୁବ ସଙ୍ଗଠକ ତଥା ଅବସରପ୍ରାପ୍ତ ସୈନିକ ଅଭୟ ବାରିକଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ ଲୋକ ଶୁକ୍ରବାର ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଦୁର୍ନୀତିର ତଦନ୍ତ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଭୟ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ ଆଶୁତୋଷ ମିଶ୍ର କହିଛନ୍ତି, ଆସନ୍ତା ୭ ଦିନ ମଧ୍ୟରେ ତଦନ୍ତ କରାଯିବ। ଦାବିପତ୍ର ପ୍ରଦାନବେଳେ କେଦାରନାଥ ଦାସ, ଯଶବନ୍ତ ରାଉତ, ଅଜୟ କୁମାର ଖିଲାର, ମନୋଜ କୁମାର ବାନାରା, ସୁକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ମଲ୍ଲିକ, ସୁନୀଲ ସୁତାର, ମନୋଜ ରାଉତ, ଗଗନ ବାରିକ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ମରାମତି ଦାବିରେ ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ଓରନ୍ଦା ଗ୍ରାମବାସୀ।

**ଖୁଣ୍ଟୁଣୀ,୨୧।୧୦(ଡି.ଏନ୍.ଏ.)**

୫୫ ନଂ. ଜାତୀୟ ରାଜପଥର ଓରନ୍ଦାଠାରୁ ବାଳୀ କପୁରସିଂ ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୩ ବର୍ଷ ହେବ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଫଳରେ ଓରନ୍ଦା ଗ୍ରାମର ଶତାଧିକ ଜନସାଧାରଣ ରାସ୍ତା ମରାମତି ଦାବିରେ ଶୁକ୍ରବାର ସକାଳ ସାଢେ ୭ଟାରୁ ସ୍ଥାନୀୟ ବଜାରଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ।

ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ଯାଇଥିବା ୪ ଲେନ୍ ରାସ୍ତାର ଅନେକ ସ୍ଥାନ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଅଧିକ ମାତ୍ରାରେ ଧୂଳି ଉଡିବା ଯୋଗୁ ପଥଚାରୀମାନେ ଅତିଷ୍ଠ ହୋଇପଡିଛନ୍ତି। ଏପରିକି ଧୂଳି ପ୍ରଭାବରେ ଶିଶୁଙ୍କଠାରୁ ଆରମ୍ଭ କରି ଲୋକମାନେ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି ପାଇଁ ଓରନ୍ଦା ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କୁ ଦାବିପତ୍ର ଦେଇଥିଲେ। ଏନେଇ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଯାନବାହନ ଅଟକି ରହିଥିଲା। ଗୁରୁଡିଝାଟିଆ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉପଜିଲାପାଳ

**ପ୍ରତିଶ୍ରୁତି ପରେ କାମ ଆରମ୍ଭ ହେଲା**

ହେମନ୍ତ କୁମାର ସ୍ୱାଇଁ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଡକାଇଥିଲେ। ଉପଜିଲାପାଳ ସ୍ୱାଇଁ, ରାଜପଥର ପ୍ରୋଜେକ୍ଟ ଇଞ୍ଜିନିୟର ସୌମ୍ୟଜିତ୍ ସାମଲ ଓ ଅଶୋକ କୁମାର ସାହୁ ପହଞ୍ଚି ରାସ୍ତାରୋକୋ କରିଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ରାସ୍ତା କାମ ଅଧାପନ୍ତରିଆ ଥିବା ଘଟଣାକୁ ସେମାନେ ସ୍ୱୀକାର କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱ ପିଚୁ କାର୍ଯ୍ୟ ସମ୍ପନ୍ନ କରାଯିବା ସହ ବର୍ତ୍ତମାନଠାରୁ କାର୍ଯ୍ୟ ଆରମ୍ଭ ହେଲା ବୋଲି ଘୋଷଣା କରିବା ପରେ ପୂର୍ବାହ୍ନ ସାଢେ ୧୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଓରନ୍ଦା ଗ୍ରାମ ସଭାପତି ଇଂ. ପ୍ରତାପ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରେମାନନ୍ଦ ବେଉରା, ଗୌତମ ବେହେରା, ଅରୁଣୀ ସାମଲ, ରଞ୍ଜିତ ପ୍ରଧାନ, ଅଭୟ ସାମଲ, ଗତିକୃଷ୍ଣ ବେଉରା, ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ।

